ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଫେବୃୟାରୀ ୭/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, February 7/2022 | ★★★★★★
୪୮ଶ ଭାଗ ୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

# ସବୁ ଭାରିଆଣ୍ଟ ପାଇଁ 'ଅଭିସ୍କୋଭାକ୍'

- ■ ଟିକା ବିକଶିତ କରିଥିବା ଭାରତୀୟ ବୈଜ୍ଞାନିକଙ୍କ ଦାବି
- ■ ଉଦ୍ଭାବନରେ ଭୁବନେଶ୍ୱର ଆଇଆଇଏସ୍ଇଆର୍ ଗବେଷକ

**ନୂଆଦିଲ୍ଲୀ,୬।୨**

ଭାରତୀୟ ବୈଜ୍ଞାନିକମାନେ କୋଭିଡ୍ ମହାମାରୀର ସବୁ ଭାରିଆଣ୍ଟକୁ ପ୍ରତିହତ କରିବା ଭଳି ଏକ ଭାକ୍ସିନ ବିକଶିତ କରିଥିବା ଦାବି କରିଛନ୍ତି। ନୂଆ ଟିକାର ନାମ 'ଅଭିସ୍କୋଭାକ୍' ରଖାଯାଇଛି। ଏହି ଗବେଷଣାରେ ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେଶନ ଆଣ୍ଡ ରିସର୍ଚ୍ଚ (ଆଇଆଇଏସ୍ଇଆର୍)ର ବୈଜ୍ଞାନିକମାନେ ସାମିଲ ଅଛନ୍ତି।

ସେମାନଙ୍କ ଗବେଷଣାକୁ ଜର୍ନାଲ ଅଫ୍ ମୋଲେକ୍ୟୁଲାର ଲିକ୍ୱିଡ୍ସରେ ପ୍ରକାଶନ ଲାଗି ଗ୍ରହଣ କରାଯାଇଛି। ସାର୍ସ-କୋଭ୍-୨ ଭାଇରସ୍‌ର ନୂଆ ଭାରିଆଣ୍ଟଗୁଡ଼ିକ ବିଶ୍ୱବ୍ୟାପୀ ଆତଙ୍କ ସୃଷ୍ଟି କରିଥିବାବେଳେ ପଶ୍ଚିମବଙ୍ଗର ଆସନସୋଲସ୍ଥିତ କାଜି ନଜ୍‌ରୁଲ ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ଆଇଆଇଏସ୍ଇଆର୍‌ର ବୈଜ୍ଞାନିକମାନେ ଏକ ପେପ୍‌ଟାଇଡ୍ (ଆମିନୋ ଅମ୍ଳର ଛୋଟ ଶୃଙ୍ଖଳା ସମ୍ବନ୍ଧୀୟ) ଭାକ୍ସିନ ବିକଶିତ କରିଛନ୍ତି। ଏହି ଟିକା ଭବିଷ୍ୟତରେ କୋଭିଡ୍-୧୯ର ସମସ୍ତ ପ୍ରକାର ସମ୍ଭାବ୍ୟ




ଭୂତାଣୁରୁ ଲୋକଙ୍କୁ ସୁରକ୍ଷା ଦେବ ବୋଲି ଗବେଷକମାନେ କହିଛନ୍ତି। ସେମାନଙ୍କ ମତରେ ଏହି ଗବେଷଣାରେ ଇମ୍ୟୁନୋଇନ୍‌ଫର୍ମେଟିକ୍ ଉପାୟ ଆପଣାଯାଇଥିଲା। ଅଭିସ୍କୋଭାକ୍ ଟିକା କରୋନାର ଅଦ୍ୟାବଧି ଦେଖାଦେଇଥିବା ୬ ପ୍ରକାର ଭୂତାଣୁରୁ ସୁରକ୍ଷା ଦେବା ପାଇଁ ସକ୍ଷମ। ସେଗୁଡ଼ିକ ହେଲା ଏଚ୍‌କୋଭ୍-୨୨୯ଇ, ଏଚ୍‌କୋଭ୍-ଏଚ୍‌କେୟୁ୧, ଏଚ୍‌କୋଭ୍-ଓସି୪୩, ସାର୍ସ-କୋଭ୍, ଏମ୍ଇଆର୍ଏସ୍-କୋଭ୍ ଏବଂ ସାର୍ସ-କୋଭ୍-୨। ☞ପୃଷ୍ଠା-୪

## ଭାରତରେ ସ୍ପୁଟ୍‌ନିକ ଲାଇଟ୍ ଟିକାକୁ ମଞ୍ଜୁରୀ

ନୂଆଦିଲ୍ଲୀ,୬।୨: ରୁଷିଆର ସିଙ୍ଗଲ୍ ଡୋଜ୍ କୋଭିଡ୍ ଟିକା ସ୍ପୁଟ୍‌ନିକ ଲାଇଟ୍‌କୁ ଭାରତରେ ଜରୁରୀ ବ୍ୟବହାର ଲାଗି ଅନୁମତି ମିଳିଛି। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ଏହାକୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ରବିବାର ସୂଚନା ଦେଇଛନ୍ତି। ଶନିବାର ବିଶେଷଜ୍ଞ କମିଟି ଉକ୍ତ ଟିକାକୁ ଅନୁମତି ଦେବା ନିମନ୍ତେ ସୁପାରିସ କରିଥିଲା। ଭାରତରେ ବ୍ୟବହାରିକ ମଞ୍ଜୁରୀ ପାଇବାରେ ଏହା ନବମ କୋଭିଡ୍ ଟିକା। ଦେଶର ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ସ୍ପୁଟ୍‌ନିକ ଲାଇଟ୍ ସହାୟକ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

# ଆଜିଠୁ ଖୋଲିବ ଶିକ୍ଷାନୁଷ୍ଠାନ

- ■ କଲେଜ, ବିଶ୍ୱବିଦ୍ୟାଳୟ ହଷ୍ଟେଲ ଖୋଲିଲା
- ■ ୧୪ରୁ ପ୍ରଥମରୁ ସପ୍ତମ ଶ୍ରେଣୀ ପାଠପଢ଼ା

**ଭୁବନେଶ୍ୱର, ୬।୨(ବ୍ୟୁରୋ)**

କୋଭିଡ୍ କଟକଣା ସହ ରାଜ୍ୟରେ ସୋମବାରଠାରୁ ଶିକ୍ଷାନୁଷ୍ଠାନ ଖୋଲିବ। ସରକାରୀ ଓ ଘରୋଇ ସ୍କୁଲରେ ଅଷ୍ଟମରୁ ଦଶମ ଛାତ୍ରୀଛାତ୍ର ଶ୍ରେଣୀ ଗୃହରେ ବସି ପାଠ ପଢ଼ିବେ। ଏଥିସହିତ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ବୈଷୟିକ ଓ ପ୍ରଫେଶନାଲ ଶିକ୍ଷାନୁଷ୍ଠାନଗୁଡ଼ିକରେ ମଧ୍ୟ ଅଫ୍‌ଲାଇନ୍ କ୍ଲାସ୍ ଆରମ୍ଭ ହେବ। ନବମରୁ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ସମୟ ପୂର୍ବଭଳି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୪ଟା ରହିଥିବାବେଳେ ଅଷ୍ଟମ ଶ୍ରେଣୀ ପାଇଁ ସକାଳ ୯ଟାରୁ ଅପରାହ୍ନ ୧ଟା ରହିଛି। ତେବେ ସ୍କୁଲରେ ମଧ୍ୟାହ୍ନଭୋଜନ ପାଇଁ ଅନୁମତି ଦିଆଯାଇ ନାହିଁ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**
ହିଜାବ ପ୍ରସଙ୍ଗ

# ପଣ୍ଡିତ ଦାମୋଦର ହୋତାଙ୍କ ପରଲୋକ


ପଣ୍ଡିତ ଡ. ଦାମୋଦର ହୋତା

**ଭୁବନେଶ୍ୱର, ୬।୨ (ବ୍ୟୁରୋ)**

ବିଶିଷ୍ଟ ହିନ୍ଦୁସ୍ତାନୀ ସଙ୍ଗୀତ ଗାୟକ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପଣ୍ଡିତ ଡ. ଦାମୋଦର ହୋତାଙ୍କ ଶନିବାର ରାତି ପ୍ରାୟ ୧୨ଟା ୧୫ରେ ନୟାପଲ୍ଲୀସ୍ଥିତ ବାସଭବନରେ ପରଲୋକ ଘଟିଛି। ତାଙ୍କୁ ୮୭ବର୍ଷ ହୋଇଥିଲା। ସେ ପାରମ୍ପରିକ ଓଡ଼ିଶୀ ବା ଉତ୍ତ୍ରପଦ୍ଧତୀୟ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ଓ ଗବେଷକ ଥିଲେ। ତାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୋକବ୍ୟକ୍ତ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରି ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଦାମୋଦରଙ୍କ ଅବଦାନକୁ ଆଗାମୀ ପିଢ଼ି ମନେ ରଖିବ ବୋଲି କହିଛନ୍ତି। ଏଥିସହିତ ସେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଅନୁରୂପ ଭାବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି। (ଅଧିକ ବିବରଣୀ: ପୃଷ୍ଠା-୨)












# ସଙ୍ଗୀତ ସାଧକ ଦାମୋଦର



୧୯୩୫-୨୦୨୨

ପଣ୍ଡିତ ଡ. ଦାମୋଦର ହୋତା ୧୯୩୫ ଡିସେମ୍ବର ୨୫ରେ ପୁରୀଠାରେ ପିତା ଗୋପୀନାଥ ହୋତା ଓ ମାତା ଦଣ୍ଡିମଣୀ ଦେବୀଙ୍କ କୋଳମଣ୍ଡନ କରିଥିଲେ। ଗୋପୀନାଥ ଜଣେ ଉଚ୍ଚକୋଟୀର ମର୍ଦ୍ଦଳ ବାଦକ ଥିଲେ। ମାତା ଦଣ୍ଡିମଣୀ ଦେବୀ ଛାନ୍ଦ, ଚଉତିଶା ଶିଳ୍ପୀ ଥିଲେ। ଏଣୁ ପିଲାଟି ଦିନରୁ ତାଙ୍କର ସଂଗୀତ ଶିକ୍ଷା ଘରୁ ହିଁ ଆରମ୍ଭ ହୋଇଥିଲା। ପିତାଙ୍କ ନିକଟରୁ ସେ ପ୍ରାଥମିକ ସଙ୍ଗୀତ ଶିକ୍ଷା ପରେ ପଣ୍ଡିତ ନୃସିଂହନାଥ ଖୁଣ୍ଟିଆଙ୍କଠାରୁ ଉତ୍ର ପଦ୍ଧତିଆଧାରିତ ଓଡ଼ିଶୀ ସଙ୍ଗୀତ ଓ ହିନ୍ଦୁସ୍ତାନୀ ସଙ୍ଗୀତ ଶିଖିଥିଲେ। ଏଥିସହ ଗୁରୁ କାଶୀନାଥ ବାରିକଙ୍କ ନିକଟରୁ ତବଲା ଓ ମର୍ଦ୍ଦଳ ଶିକ୍ଷା ଲାଭ କରିଥିଲେ। ତେବେ ହିନ୍ଦୁସ୍ତାନୀ ସଙ୍ଗୀତଜ୍ଞ ଡ. ହୋତା ଗ୍ୱାଲିୟର୍ ଘରାନାର ଜଣେ ପ୍ରସିଦ୍ଧ ଗାୟକ ଥିଲେ। ସେ ଏହି ଘରାନାର ପ୍ରବୀଣ ଗୁରୁ ପଣ୍ଡିତ ଓଙ୍କାରନାଥ ଠାକୁର ଏବଂ ପଣ୍ଡିତ ବଲବନ୍ତ ରାଏ ଭଟ୍ଟଙ୍କ ଶିଷ୍ୟତ୍ୱ ଲାଭ କରିଥିଲେ। ଏଥିସହ ସେ ବିଶିଷ୍ଟ ସଂଗୀତ ଗବେଷକ ଡ. ପ୍ରେମଲତା ଶର୍ମାଙ୍କ ଠାରୁ ମଧ୍ୟ ସଂଗୀତ ସମ୍ବନ୍ଧୀୟ ଉଚ୍ଚତର ଶିକ୍ଷା ଲାଭ କରିଥିଲେ। ପରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ବୃତ୍ତି ପାଇ ୧୯୫୪ରୁ ୬୦ ପର୍ଯ୍ୟନ୍ତ ପଣ୍ଡିତ ଓମ୍‌କାରନାଥ ଠାକୁର ଓ ପଦ୍ମଶ୍ରୀ ବଲବନ୍ତ ରାୟଭଟ୍ଟଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମୁମ୍ବାଇସ୍ଥିତ ଅଖିଳ ଭାରତୀୟ ଗାନ୍ଧର୍ବ ମହାବିଦ୍ୟାଳୟରୁ ସେ ଡକ୍ଟରେଟ ଡିଗ୍ରୀ ହାସଲ କରିଥିଲେ। ଜଣେ ଶାସ୍ତ୍ରୀୟ ସଙ୍ଗୀତ ଗବେଷକ, ବିଶେଷ କରି ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତର ଗବେଷକ ଭାବରେ ଓଡ଼ିଶା ତଥା ବାହାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କ୍ଷେତ୍ରରେ ଦୂରଦର୍ଶନ ଓ ଆକାଶବାଣୀର ଟପ୍ ଗ୍ରେଡ୍ ଆର୍ଟିଷ୍ଟର ମାନ୍ୟତା ଲାଭ କରିଥିଲେ। ତାଙ୍କ ଦ୍ୱାରା ରଚିତ ୧୭ଟି ସଙ୍ଗୀତ ଭିତ୍ତିକ ପୁସ୍ତକ ମଧ୍ୟରେ 'ହିନ୍ଦୁସ୍ତାନୀ ସଙ୍ଗୀତ ଲହରୀ', 'ସଙ୍ଗୀତ ଶାସ୍ତ୍ର, 'ଭାରତୀୟ ସଙ୍ଗୀତର ଇତିହାସ', 'ଉତ୍ର ପଦ୍ଧତୀୟ ମେଳ : ରାଗ, ତାଳ ଓ ପ୍ରବନ୍ଧ ଲକ୍ଷଣ', 'ଲକ୍ଷଣା ଓ ସ୍ୱରମାଳିକା ଲହରୀ', 'ଉତ୍ର ପଦ୍ଧତୀୟ ଶିଶୁ ସଙ୍ଗୀତ ଲହରୀ', 'କିଶୋର ଚନ୍ଦ୍ରାନନ ଚମ୍ପୁ ଲହରୀ', 'ପାରମ୍ପରିକ ଓଡ଼ିଶୀ ସଙ୍ଗୀତ', 'ଉତ୍ର ପଦ୍ଧତୀୟ ସଙ୍ଗୀତ' ବେଶ୍ ଲୋକପ୍ରିୟ ହୋଇପାରିଛି। ଏହା ମଧ୍ୟରୁ ଅନେକ ପାଠ୍ୟପୁସ୍ତକ ଭାବେ ଆଦୃତ ହୋଇଛି। ଏହା ବ୍ୟତୀତ ସେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମ୍ବନ୍ଧିତ ଉଚ୍ଚତର ଗବେଷଣା ପାଇଁ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଉଭୟ କନିଷ୍ଠ ଓ ବରିଷ୍ଠ ଫେଲୋସିପ୍ ପାଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ୧୯୯୪-୯୫ରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ଗାୟନ ପାଇଁ ସମ୍ମାନିତ ହେବା ସହ ୨୦୧୩-୧୪ରେ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ପୁରସ୍କାର' ପାଇଥିଲେ। ପଣ୍ଡିତ ହୋତାଙ୍କ ବିୟୋଗରେ ସଙ୍ଗୀତ ଜଗତରେ ଶୋକର ଛାୟା ଖେଳି ଯାଇଛି। ପୁରାତନ ଛାତ୍ରୀଛାତ୍ର ଓ ସଙ୍ଗୀତ ପ୍ରେମୀ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

## ଓଡ଼ିଆ ଭାଷା, ଓଡ଼ିଶୀ ସଙ୍ଗୀତ ପାଇଁ ତାଙ୍କର ବଡ଼ ଅବଦାନ ଥିଲା



ପଣ୍ଡିତ ଡ. ଦାମୋଦର ହୋତା ଓଡ଼ିଶାର ସର୍ବଶ୍ରେଷ୍ଠ ସଙ୍ଗୀତଜ୍ଞ ଥିଲେ। ତାଙ୍କ ଚିନ୍ତାଧାରା ଭିନ୍ନ ପ୍ରକାରର ଥିଲା। ଓଡ଼ିଶା ପାଇଁ କିଛି କରିବାକୁ ଆମେ ଦୁହେଁ ସର୍ବଦା ଚାହୁଁଥିଲୁ। ସେ ଚାଲିଗଲା ପରେ ମୋତେ କିପରି ଲାଗୁଛି ତାହା ଭାଷାରେ ବର୍ଣ୍ଣନା କରିପାରିବିନି। ତାଙ୍କ ପରେ ଆଉ କାହା ସହ ଅନ୍ତରଙ୍ଗ ଭାବେ କିଛି ଆଲୋଚନା ପର୍ଯ୍ୟାଲୋଚନା କରିପାରିବି ନାହିଁ। ତାଙ୍କୁ ହରାଇ ମୁଁ ବଡ଼ ଦୁଃଖିତ। ଓଡ଼ିଆ ଭାଷା, ଓଡ଼ିଶୀ ସଙ୍ଗୀତ ପାଇଁ ତାଙ୍କର ବହୁତ ଦାନ ରହିଥିଲା।

**-ଗୁରୁ ଗୋପାଳ ଚନ୍ଦ୍ର ପଣ୍ଡା, ପ୍ରତିଷ୍ଠାତା ସଭାପତି, ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ**

## ସେ ନଡ଼ିଆ ଭଳି, ବାହାରୁ ଟାଣ ଭିତରୁ ନରମ



ପିଲାଟିଦିନରୁ ତାଙ୍କ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଶୁଣୁଥିଲି। ଆମ ପରିବାର ସହିତ ତାଙ୍କର ଭଲ ସମ୍ପର୍କ ଥିଲା। ମୋ ବଡ଼ ଭଉଣୀ ଓ ସେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ମିଶି କାମ କରୁଥିଲେ। ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରେ ଡ. ହୋତାଙ୍କଠାରୁ ଓଡ଼ିଶୀ ସଙ୍ଗୀତ ଶିଖିବାର ସୁଯୋଗ ମିଳିଥିଲା। ତାଙ୍କ ସହ ଆକାଶବାଣୀରେ କାମ କରିଥିଲି। ଓଡ଼ିଶୀ ନୃତ୍ୟ ପାଇଁ ସେ ମଧ୍ୟ ନିର୍ଦ୍ଦେଶନା ଦେଇଛନ୍ତି। ଅଧିକାଂଶ ଲୋକଙ୍କ ସହ ମିଶନ୍ତି ନାହିଁ। ତାଙ୍କୁ ଦେଖିଲେ ଅନେକ ଲୋକ ଡରନ୍ତି। ମାତ୍ର ସେ ନଡ଼ିଆ ଭଳି ବାହାରୁ ଟାଣ ଭିତରୁ ଭାରି ନରମ। ତାଙ୍କଠାରୁ ଗୁରୁଶିଷ୍ୟର ସମ୍ପର୍କ ଶିଖିବାର ଅଛି। ଦେବେନ୍ଦ୍ର ଶତପଥୀ ଓ ଚିତ୍ତରଞ୍ଜନ ପାଣିଙ୍କ ଭଳି ଶିଷ୍ୟ ସେ ତିଆରି କରିଛନ୍ତି। ସଙ୍ଗୀତରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା। ଗଳା ଠିକ୍ ରହିବା ପାଇଁ ସେ ତମ୍ବା ଡାଲରେ ଘିଅ ରଖି ପିଅନ୍ତି। ସେହିଭଳି ବହୁତ ଭଲ ମର୍ଦ୍ଦଳ ମଧ୍ୟ ବଜାନ୍ତି।

**-ସଙ୍ଗୀତା ଗୋସାଇଁ, କଣ୍ଠଶିଳ୍ପୀ**

## ଛାତ୍ରବତ୍ସଳ ଗୁରୁଜୀ ଥିଲେ



୧୯୭୪ରୁ ଆଜି ପର୍ଯ୍ୟନ୍ତ ଡ. ହୋତାଙ୍କ ସାନିଧ୍ୟ ଲାଭ କରିଛି। ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ତାଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତ ଲାଭ କରିଥିଲି। ତାଙ୍କ ଆଶୀର୍ବାଦରୁ ୧୯୮୦ରେ ଜାତୀୟସ୍ତରୀୟ ଛାତ୍ର ବୃତ୍ତି ପାଇଥିଲି। ଗୁରୁଜୀ ଏକାଧାରରେ ଅତ୍ୟନ୍ତ ଛାତ୍ରବତ୍ସଳ ଥିଲେ। ସାଧନା ବଜାୟ ରଖିବା ପାଇଁ ଉତ୍ସାହିତ କରୁଥିଲେ। ଯେତେ ପ୍ରତିବନ୍ଧକ ଆସିଲେ ବି ସେ ଓଡ଼ିଶାରେ କିପରି ଶାସ୍ତ୍ରୀୟ ସଙ୍ଗୀତର ପ୍ରଚାର, ପ୍ରସାର ହେବ ସେଥିପାଇଁ କାର୍ଯ୍ୟ କରୁଥିଲେ। ଏପରିକି 'ହିନ୍ଦୁସ୍ତାନୀ ସଙ୍ଗୀତ ଲହରି' ଭଳି ଅନେକ ଉପାଦେୟ ପୁସ୍ତକ ରଚନା କରିଛନ୍ତି। ଉତ୍ର ପଦ୍ଧତିର ଗବେଷଣା କରି ପାରମ୍ପରିକ ସଙ୍ଗୀତରୁ ୧ଶହରୁ ଊର୍ଦ୍ଧ୍ୱ ରାଗ ଉଦ୍ଧାର କରି ପରମ୍ପରା ସୃଷ୍ଟି କରିଥିଲେ। ତାଙ୍କ ବିଷୟରେ ଯେତେ ବର୍ଣ୍ଣନା କଲେ ବି କମ୍ ହେବ। ସେ ସର୍ବଭାରତୀୟ ସ୍ତରରେ ଯେ କୌଣସି ସଙ୍ଗୀତଜ୍ଞଙ୍କ ସହ ସମାନ ଥିଲେ। ତାଙ୍କ ଜ୍ଞାନର ଆକଳନ କରିବା କଷ୍ଟକର।

**-ଦେବେନ୍ଦ୍ର ଶତପଥୀ, ଶାସ୍ତ୍ରୀୟ ସଙ୍ଗୀତ କଣ୍ଠଶିଳ୍ପୀ**

## ଅତ୍ୟନ୍ତ ଜ୍ଞାନୀ, ଗୁଣୀ ସଙ୍ଗୀତ ସାଧକ ଥିଲେ



ଦୀର୍ଘ ୪୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ତାଙ୍କ ସହ ମୋର ସମ୍ପର୍କ। ସେ ଅତ୍ୟନ୍ତ ଜ୍ଞାନୀ, ଗୁଣି ସଙ୍ଗୀତ ସାଧକ ଥିଲେ। ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ପରେ ସେ ହିନ୍ଦୁସ୍ତାନୀ ସଙ୍ଗୀତ ଶିଖିବାକୁ ବନାରସ ଯାଇଥିଲେ। ସେଠାରେ ଟପ୍ପର ହୋଇ ଓଡ଼ିଶା ଫେରିଥିଲେ। ସେ ନ ଥିଲେ ଆମକୁ ବି ହିନ୍ଦୁସ୍ତାନୀ ସଙ୍ଗୀତ ଶିଖିବାକୁ ବାହାରକୁ ଯିବାକୁ ପଡିଥାନ୍ତା। ସଙ୍ଗୀତ ମହାବିଦ୍ୟାଳୟ ବ୍ୟତୀତ ପ୍ରଥମ କରି ସେ ବିଜେବି, ରମାଦେବୀ କଲେଜରେ ସଙ୍ଗୀତ ଶିକ୍ଷା ଦାନ କରିବା ପାଇଁ ବ୍ୟବସ୍ଥା କରିଥିଲେ। ଓଡ଼ିଶୀର ପାରମ୍ପରିକ ସଙ୍ଗୀତ ଉପରେ ଗବେଷଣା କରି ଅନେକ ପୁସ୍ତକ ରଚନା କରିଛନ୍ତି।

**-ଡ. ଚିତ୍ତରଞ୍ଜନ ପାଣି, ବରିଷ୍ଠ ଶାସ୍ତ୍ରୀୟ ସଙ୍ଗୀତ ଶିଳ୍ପୀ**

## ବହୁ ଶାସ୍ତ୍ରୀୟ ସଙ୍ଗୀତ କଳାକାର ସୃଷ୍ଟି କରିଛନ୍ତି



ଗୁରୁଜୀ ଦାମୋଦର ହୋତା ଓଡ଼ିଶା ସରକାରଙ୍କଠାରୁ ସ୍କଲାରଶିପ୍ ପାଇ ହିନ୍ଦୁସ୍ତାନୀ ସଙ୍ଗୀତ ଶିକ୍ଷା ପାଇଁ ବନାରସ ଯାଇଥିଲେ। ସେ ଅଲ୍ ଇଣ୍ଡିଆ ରେଡିଓ ଓ ଦୂରଦର୍ଶନ କେନ୍ଦ୍ରର ଟପ୍ ଗ୍ରେଡ୍‌ର ଆର୍ଟିଷ୍ଟ ଥିଲେ। ହିନ୍ଦୁସ୍ତାନୀ ଓ ଉତ୍ର ପଦ୍ଧତିରେ ସେ ଗୁରୁ ଓ ଗାୟକ ଥିଲେ। ବହୁ ଶାସ୍ତ୍ରୀୟ ସଙ୍ଗୀତ କଳାକାର ସେ ସୃଷ୍ଟି କରିଥିଲେ। ରାଜ୍ୟ ବାହାରକୁ ଯାଇ ମଧ୍ୟ ସଙ୍ଗୀତ ପରିବେଷଣ କରି ଓଡ଼ିଶା ପାଇଁ ଗୌରବ ଆଣିଥିଲେ। ତାଙ୍କର ଗାୟନ ବହୁ ପ୍ରଭାବଶାଳୀ ଥିଲା। ତାଙ୍କ ତତ୍ତ୍ୱାବଧାନରେ ହିନ୍ଦୁସ୍ତାନୀ ଖୟାଲ୍ ସଙ୍ଗୀତରେ ମୁଁ ପିଏଚ୍‌ଡି କରିବାର ସୁଯୋଗ ପାଇଥିଲି।

**-ରଘୁନାଥ ସାହୁ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠଶିଳ୍ପୀ**

# ଚିଲିକାରେ ଅଟକିଲା ଯାତ୍ରୀବାହୀ ଭସାପୋଲ



କୃଷ୍ଣପ୍ରସାଦ,୬।୨(ଡି.ଏନ.ଏ): ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ସାତପଡାଠାରୁ ଜହ୍ନିକୁଦା ଅଭିମୁଖେ ରବିବାର ଆସୁଥିବା ଏକ ଯାତ୍ରୀବାହୀ ଭସାପୋଲ ଚିଲିକାର ମଝି ରାସ୍ତାରେ ଅଟକିଯାଇଥିଲା। ଫଳରେ ଯାତ୍ରୀମାନେ ପ୍ରାୟ ୨ଘଣ୍ଟା ଫସି ରହିଥିଲେ। ସୂଚନା ଥାଉକି, ଉକ୍ତ ଯାତ୍ରୀବାହୀ ଭେସେଲଟି ୨ଟି ବସ୍, ମୋଟରସାଇକେଲ, ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ସକାଳ ୭ଟା ୩୦ମିନଟ୍‌ରେ ବାହାରିଥିଲା। ଯାତ୍ରାର ଅଧ ଘଣ୍ଟାଏ ପରେ ମଏଁଷା ଗ୍ରାମ ନିକଟରେ ଚ୍ୟାନେଲକୁ ଲାଗିଥିବା ଏକ ଢିପରେ ଭେସେଲଟି ହଠାତ୍ ଅଟକି ଯାଇଥିଲା। ଡ୍ରାଇଭର ଜଣକ ବହୁ ଚେଷ୍ଟା କରି ବିଫଳ ହୋଇଥିଲା। ଦୀର୍ଘ ଦୁଇ ଘଣ୍ଟା ଯାତ୍ରୀମାନେ ଜଳବନ୍ଦୀ ହେବା ପରେ ଖବରପାଇ ଅନ୍ୟ ଭେସେଲରେ ଏକ ଜେସିବି ଆସି ଫସିଯାଇଥିବା ଭେସେଲକୁ ପାଣି ମଧ୍ୟକୁ ଟାଣି ଆଣିଥିଲା। ଏକ ମାସ ମଧ୍ୟରେ ଏଭଳି ଘଟଣା ଦୁଇଥର ଘଟିଛି। ଚିଲିକାରେ ଜଳ ହ୍ରାସ ପାଉଥିବାରୁ ଭେସେଲ ଯାଉଥିବା ଚ୍ୟାନେଲ ପୋତି ହେଉଯାଉଥିବାରୁ ଏଭଳି ଅଟକି ଯାଉଥିବା ଭେସେଲ ଚାଳକ କହିଛନ୍ତି। ଏଭଳି ଘଟଣା କିଛି ବର୍ଷ ଧରି ବାରମ୍ବାର ହେଉ ଥିବାବେଳେ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ଲୋକମାନେ ଜଳଯାତ୍ରାକୁ ସୁରକ୍ଷିତ ମଣୁନାହାନ୍ତି।

# ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କର: ଏନ୍‌ଜିଟି

**ବେଆଇନ ମେସ୍କୋ ସାଇଡିଂ ମାମଲା**

■ **ପରିବେଶଗତ କ୍ଷତିପୂରଣ ଆଦାୟ ନିର୍ଦ୍ଦେଶ**

ଯାଜପୁର ଅଫିସ,୬।୨

ଯାଜପୁର ଜିଲା କଳିଙ୍ଗନଗର ମେସ୍କୋ ଷ୍ଟିଲ କାରଖାନା ପରିସରସ୍ଥ ମେସ୍କୋ ଷ୍ଟିଲର ବେଆଇନ ରେଲୱେ ସାଇଡିଂ ଅଭିଯୋଗ ସଂକ୍ରାନ୍ତରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ପକ୍ଷରୁ ଗତ ୩ ତାରିଖରେ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି ହୋଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସପିସିବି) ଦ୍ୱାରା ଏହି ରେଲୱେ ସାଇଡିଂ ଚାଲିବାକୁ ଦେଇଥିବା ସମ୍ମତି(ସିଟିଓ) ତାରିଖ ପରେ ମଧ୍ୟ କାର୍ଯ୍ୟକ୍ଷମ ହେଉଥିବା ନେଇ ଅଭିଯୋଗକାରୀ ଏନ୍‌ଜିଟିରେ ତଥ୍ୟ ଦାଖଲ କରିଛନ୍ତି। ଏହାକୁ ଭିତ୍ତିକରି ଏନ୍‌ଜିଟି ପକ୍ଷରୁ ଜୁଡିସିଆଲ ମେମ୍ବର ବି. ଅମିତ ସ୍ଥାଲେକର ଏବଂ ସଭ୍ୟ ଶୈବାଳ ଦାସଗୁପ୍ତା ଆବଶ୍ୟକ ତଦନ୍ତ କରି ରେଲୱେ ସାଇଡିଂରେ ଚାଲିଥିବା ସମସ୍ତ କାର୍ଯ୍ୟକଳାପ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମେସ୍କୋ ବିରୋଧରେ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପରିବେଶଗତ କ୍ଷତିପୂରଣ ବାବଦକୁ ଜରିମାନା ଆଦାୟ କରିବାକୁ ଏସ୍‌ପିସିବିକୁ ନିର୍ଦ୍ଦେଶ ହୋଇଛି। ଏହିସବୁ ପଦକ୍ଷେପ ଉପରେ ଏସ୍‌ପିସିବି ଏବଂ ଏସପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କୁ ପରବର୍ତ୍ତୀ ଶୁଣାଣି ୧୫।୩।୨୦୨୨ ପୂର୍ବରୁ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି।

ମେସ୍କୋ ଷ୍ଟିଲ ପରିସରରେ ଥିବା ରେଲୱେ ସାଇଡିଂ ବିନା ଅନୁମତିରେ ଚାଲିବା ସଂକ୍ରାନ୍ତରେ ସ୍ଥାନୀୟ ଅଞ୍ଚଳବାସୀ ଏନ୍‌ଜିଟି(ନ୍ୟାଶ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍)ର ଦ୍ୱାରସ୍ଥ ହୋଇଥିଲେ। ଏହି ମର୍ମରେ ଏନ୍‌ଜିଟିରେ ୫୨/୨୦୨୧/ଇଜେଡ୍ ଅନୁସାରେ ଏକ ମାମଲା ରୁଜୁ ହୋଇଥିଲା। ୯।୭।୨୦୨୧ରେ ଏନ୍‌ଜିଟି ଏହି ମାମଲାର ଶୁଣାଣି କରି ୪ ସପ୍ତାହ ମଧ୍ୟରେ ମେସ୍କୋ ଏବଂ ଜେଏସ୍‌ଡବ୍ଲ୍ୟୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ ଜାରି କରିବାକୁ ଏସ୍‌ପିସିବିକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ଓଡ଼ିଶା ସରକାର, ଯାଜପୁର ଜିଲାପାଳ, ଏସ୍‌ପିସିବି, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ମେସ୍କୋ ଓ ଜେଏସ୍‌ଡବ୍ଲ୍ୟୁର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ପାରାଦୀପ ପରିବହନ ପ୍ରାଇଭେଟ ଲିଃକୁ ପକ୍ଷଭୁକ୍ତ କରାଯାଇଛି। ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ଅତି ପ୍ରଦୂଷଣକାରୀ ମେସ୍କୋ ରେଲୱେ ସାଇଡିଂ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଅଭିଯୋଗକାରୀ ପ୍ରତାପ ଜେନା ଏନ୍‌ଜିଟିର ଦ୍ୱାରସ୍ଥ ହୋଇଛନ୍ତି ବୋଲି କହିଛନ୍ତି। ଅଭିଯୋଗ ଅନୁସାରେ ୨୦୨୦ ଜାନୁୟାରୀରୁ ମେସ୍କୋ ଷ୍ଟିଲ କାରଖାନା ବନ୍ଦ ପଡ଼ିଛି। ତେଣୁ ଏସ୍‌ପିସିବିଠାରୁ ପରିବେଶଗତ କିମ୍ବା ଚଳାଇବାକୁ ଅନୁମତି ନ ଥାଇ ରେଲୱେ ସାଇଡିଂକୁ କାର୍ଯ୍ୟକ୍ଷମ କରାଯାଇଥିଲା। ଗତ ଜୁନ ଦ୍ୱିତୀୟ ଓ ତୃତୀୟ ସପ୍ତାହରେ ଏହି ବେଆଇନ ସାଇଡିଂ ଚାଲିଥିବା ସତ୍ତ୍ୱେ ଏସ୍‌ପିସିବି ନୀରବ ରହିଥିଲା। ଏପରିକି ୧୧।୫।୨୦୨୧ରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଉପସ୍ଥିତିରେ ଉକ୍ତ ସାଇଡିଂରେ ଫ୍ଲାଏ ଆଶ୍, ସ୍ଲାଗ, କ୍ଲିଙ୍କର, କୋଲ, ଜିପସନ ଆଦି ଅନ୍‌ଲୋଡିଂ କରିବାକୁ ଜେଏସ୍‌ଡବ୍ଲ୍ୟୁ ଲିଜ୍ ସୂତ୍ରରେ ନେଇଥିଲା, ଯାହାକି ପରିବେଶ ଅନୁମତି ବିନା ସମ୍ପୂର୍ଣ୍ଣ ଭାବେ ବେଆଇନ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଏଭଳି ବିଷାକ୍ତ ସାମଗ୍ରୀ ପରିବହନ ହେଉଥିବା ସାଇଡିଂକୁ ଲାଲ ବର୍ଗ(ରେଡ କ୍ୟାଟେଗୋରୀ) ୟୁନିଟ୍ ଭାବେ ଧରାଯାଏ। ତେଣୁ ଏସ୍‌ପିସିବିଠାରୁ ଏହି ୟୁନିଟ୍ ସ୍ଥାପନ ଓ ପରିଚାଳନା ଅନୁମତି ନିହାତି ଆବଶ୍ୟକ। ତେବେ ଏନ୍‌ଜିଟିର ମାମଲା ରୁଜୁ ହେବା ପରେ ଏସ୍‌ପିସିବି ପକ୍ଷରୁ ସର୍ତ୍ତମୂଳକ ୬ ମାସ ପାଇଁ ସାଇଡିଂ ଚଳାଇବାକୁ ଅନୁମତି ଦିଆଯାଇଥିଲା। ଇତିମଧ୍ୟରେ ସାଇଡିଂ କର୍ତ୍ତୃପକ୍ଷ ପାଣି ସିଞ୍ଚନ ପଦ୍ଧତି, ଇଟିପି ଆଦି ଆବଶ୍ୟକ ବ୍ୟବସ୍ଥା କରିବାକୁ ଅନୁମତି ପତ୍ରରେ ଏସ୍‌ପିସିବି ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। କିନ୍ତୁ ସାଇଡିଂ କର୍ତ୍ତୃପକ୍ଷ କୌଣସି ବ୍ୟବସ୍ଥା ନ କରି ସାଇଡିଂ ଚଳାଉଥିବା ପୁଣି ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ଏନ୍‌ଜିଟି ନିର୍ଦ୍ଦେଶ ଅନୁସାରେ ତଦନ୍ତ କରି ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୯,୫୨,୫୨,୩୫୬ | ୫୭,୫୫,୯୯୬ | ୩୧,୩୯,୫୫,୪୦୭ |
| ଭାରତ | ୪,୨୧,୮୮,୧୩୮ | ୫,୦୨,୦୦୮ | ୪,୦୪,୬୧,୧୪୮ |
| ଓଡ଼ିଶା | ୧୨,୬୬,୮୧୧ | ୮୭୩୪(+୫୩) | ୧୨,୩୭,୯୭୬ |

ରବିବାର ରାତି ୧୨ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଦାବିଠାରୁ ଅଧିକ ପାଉଛି ଓଡ଼ିଶା: ବୈଷ୍ଣବ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଓଡ଼ିଶା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହୃଦୟରେ ବିଶେଷ ସ୍ଥାନ ରହିଛି। ରାଜ୍ୟର ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ଲଗାତର ଭାବେ ଅଧିକରୁ ଅଧିକ ଅନୁଦାନ ଦେଇଆସୁଛନ୍ତି। ଓଡ଼ିଶା ମାଟିର ଋଣ ଶୁଝିବା, ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନର ସ୍ୱପ୍ନକୁ ସାକାର କରିବା ସହ ସାଢ଼େ ୪ କୋଟି ଓଡ଼ିଆଙ୍କ ବିକାଶ ପାଇଁ କାର୍ଯ୍ୟ କରିବା ଆମର ମୂଳ ଲକ୍ଷ୍ୟ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବଜେଟ୍ ୨୦୨୨-୨୩ ଉପରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ବୈଷ୍ଣବ କହିଛନ୍ତି, ଅତୀତରେ ଓଡ଼ିଶାର ବିକାଶ ପାଇଁ ଆବଶ୍ୟକ କେନ୍ଦ୍ରୀୟ ଆର୍ଥିକ ଅନୁଦାନ ମିଳୁ ନ ଥିଲା। ମାତ୍ର ଏବେ ଯାହା ଦାବି କରାଯାଉଛି, ତା'ଠାରୁ ଅଧିକ ଅର୍ଥ ଦିଆଯାଉଛି। ବର୍ତ୍ତମାନ ଯାହା ଅର୍ଥ ଆସିଛି ତାହା ଖର୍ଚ୍ଚ କରିପାରିଲେ ଆହୁରି ଦିଆଯିବ। ଉପା ଶାସନ କାଳରେ ୨୦୧୪ ପର୍ଯ୍ୟନ୍ତ ଓଡ଼ିଶାକୁ ରେଳ ବିଭାଗ ପାଇଁ ହାରାହାରି ୮୦୦ କୋଟି ଟଙ୍କାର ଅନୁଦାନ ଆସୁଥିଲା। ୨୦୧୪ ପରବର୍ତ୍ତୀ ମୋଦି ସରକାର ସମୟରେ ଏହି ଅନୁଦାନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଚଳିତବର୍ଷ ଉପା ସରକାର ତୁଳନାରେ ଓଡ଼ିଶାକୁ ୧୦ଗୁଣ ଅଧିକ ଅର୍ଥାତ୍ ୯,୭୩୪ କୋଟି ଟଙ୍କାର ରେଳ ବଜେଟ ଅନୁମୋଦନ ଏକ ନୂତନ ରେକର୍ଡ ସୃଷ୍ଟି କରିଛି। ତେଣୁ ମିଳିମିଶି ରେଲୱେ ପାଇଁ ଓଡ଼ିଶାକୁ ଆସିଥିବା ଅର୍ଥର ବିନିଯୋଗ କରିବା ଦରକାର। ଜମି ଅଧିଗ୍ରହଣ ଓ ଫରେଷ୍ଟ କ୍ଲିୟରାନ୍ସ ଉପରେ କାମ ନିର୍ଭର କରୁଛି।

ସେହିପରି ରାଜ୍ୟରେ ଟେଲିକମ୍ ସେକ୍ଟରକୁ ସୁଦୃଢ଼ କରିବା ନେଇ ବୈଷ୍ଣବ କହିଛନ୍ତି, ଯେପରି ଗୋଟିଏ ବି ଗାଁ ଇଣ୍ଟରନେଟ୍ ସେବା ପାଇବାରୁ ବଞ୍ଚିତ ନ ହୁଏ, ସେଥିପାଇଁ ନୂଆ ଟାୱାର ସ୍ଥାପନ ସକାଶେ ୩,୯୩୩ଟି ସ୍ଥାନ ଚିହ୍ନଟ କରାଯାଇଛି। ଓଡ଼ିଶାରେ ୬ ହଜାର ଗାଁକୁ ଇଣ୍ଟରନେଟ୍ ଅପହଞ୍ଚ ହୋଇଥିବାରୁ ଏହା ବିଶେଷ ଫଳପ୍ରଦ ହେବ। ଆସନ୍ତା ୩ ବର୍ଷ ମଧ୍ୟରେ ଅପହଞ୍ଚ ଇଲାକାରେ ଏହି ସବୁ ଟାୱାର ନିର୍ମାଣ କରାଯିବ। ଏହା ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ପରିକଳ୍ପନା। ଉପା ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ବିଏସ୍ଏନ୍ଏଲ୍ ଭଳି ସଂସ୍ଥା ଦେବାଳିଆ ହୋଇଯାଇଥିଲା। ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ବ୍ୟାପକ ସଂସ୍କାର ଆଣିବା ସହ ଗତବର୍ଷ ବିଏସ୍ଏନ୍ଏଲ୍ ଲାଭଜନକ ସଂସ୍ଥା ହୋଇପାରିଛି। ଭାରତବର୍ଷର ନିଜସ୍ୱ ଜ୍ଞାନକୌଶଳରେ ୪ଜି ଏବଂ ୫ଜି ନେଟୱର୍କର ବିକାଶ ପାଇଁ କାର୍ଯ୍ୟ ଚାଲିଛି। ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍ ପୁନରୁଦ୍ଧାର ପାଇଁ ଗତବର୍ଷ ୯୦ ହଜାର କୋଟି ଟଙ୍କା ମିଳିଛି। ଚଳିତବର୍ଷ ବିଏସ୍ଏନ୍ଏଲ୍ ଏବଂ ଏମ୍ଟିଏନ୍ଏଲ୍ ପାଇଁ ୪୫ ହଜାର କୋଟି ମିଳିଛି। ମୋଦି ସରକାରଙ୍କ ଶାସନ କାଳରେ ଖଣି କ୍ଷେତ୍ରରେ ବ୍ୟାପକ ମାତ୍ରାରେ ସଂସ୍କାର ଆସିଥିବାରୁ ବର୍ତ୍ତମାନ ଓଡ଼ିଶାର ଖଣି ଅଧ୍ୟୁଷିତ ଜିଲାଗୁଡ଼ିକରେ ୩ରୁ ୪ ହଜାର କୋଟି ପର୍ଯ୍ୟନ୍ତ ଟଙ୍କା ଗଚ୍ଛିତ ଅଛି। ଏହି ଅର୍ଥର ଠିକ୍ ଭାବେ ବିନିଯୋଗ ହେବାର ଆବଶ୍ୟକତା ରହିଛି।

ସେ ଆହୁରି କହିଛନ୍ତି ଯେ, ରାଜ୍ୟରେ ୧୨ଟି ରେଳ ଷ୍ଟେଶନ୍ ଡିଜାଇନ୍‌ର ଉନ୍ନତୀକରଣ କାର୍ଯ୍ୟ ଚାଲୁରହିଛି। ନୂଆ ରେଳ ଲାଇନ୍ ପାଇଁ ବ୍ୟବସ୍ଥା କରାଯାଇଛି। ମୟୂରଭଞ୍ଜ ଅଞ୍ଚଳରେ ୩ଟି ନୂଆ ରେଳପଥ ପାଇଁ ମଧ୍ୟ କାର୍ଯ୍ୟ କରାଯାଉଛି। ରାଜ୍ୟରେ ରେଳ ବିକାଶ ପାଇଁ ପାଣ୍ଠିର ଅଭାବ ରହିବ ନାହିଁ। କଳାହାଣ୍ଡିଠାରେ ରେଳ ୱାଗନ ଫ୍ୟାକ୍ଟ୍ରି ପ୍ରତିଷ୍ଠା ପାଇଁ ଏଯାଏ ୫୦ ପ୍ରତିଶତ ଜମି ଅଧିଗ୍ରହଣ ହୋଇଛି। ବାକି ଜମି ରାଜ୍ୟ ଦେଲେ ଖୁବ୍‌ଶୀଘ୍ର କାମ ଆରମ୍ଭ ହେବ। ଭାରତର ଭିତ୍ତିଭୂମି ବିକାଶ ପାଇଁ ନୂତନ ବ୍ଲୁ ପ୍ରିଣ୍ଟର ଅଂଶବିଶେଷ ଭାବେ ପ୍ରଧାନମନ୍ତ୍ରୀ ଗତିଶକ୍ତି ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇସାରିଛି। ଏହି ଅର୍ଥକୁ ଖର୍ଚ୍ଚ କରିବା ପାଇଁ ଆମ ସମସ୍ତଙ୍କୁ ମିଳିତ ଉଦ୍ୟମ କରିବାକୁ ପଡ଼ିବ। ଓଡ଼ିଶା ଋଣକୁ ଶୁଝିବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ବିକାଶ ପାଇଁ ରାଜନୀତି କରିବା ନାହିଁ। ଆବଶ୍ୟକ ହେଲେ ସେ ନିଜେ ଆର୍ଆଇ, ତହସିଲଦାରଙ୍କ ସହ ଆଲୋଚନା କରିବା ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ବୈଷ୍ଣବ କହିଛନ୍ତି।


ଖବରଦାତା ସମ୍ମିଳନୀରେ(ବାମରୁ) ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରାଜ୍ୟ ସମ୍ପାଦକ ଗୋଲକ ମହାପାତ୍ର।

# ଆଜିଠୁ ଖୋଲିବ ଏମ୍ସ ଓପିଡି



ଭୁବନେଶ୍ୱର, ୬।୨(ବ୍ୟୁରୋ)

ଏମ୍ସ ଭୁବନେଶ୍ୱରରେ ସୋମବାରଠାରୁ ପୁଣି ଓପିଡି ସେବା ଆରମ୍ଭ ହେବ। ସମସ୍ତ ବିଭାଗ କୋଭିଡ୍ ପ୍ରତିଷେଧକ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ପୂର୍ବରୁ ରହିଥିବା କାର୍ଯ୍ୟସୂଚୀ ଅନୁସାରେ ସୋମବାରଠାରୁ ଦୈନିକ ଓପିଡି କାର୍ଯ୍ୟ କରିବ। ନୂତନ ରୋଗୀଙ୍କ ପାଇଁ ପ୍ରତ୍ୟେକ ୱାର୍ଡରେ ୪ରୁ ୫ ଲେଖାଏ ଶଯ୍ୟା ମହଜୁଦ୍ ରଖିବାକୁ ସମସ୍ତ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ରୋଗୀଙ୍କର ନିୟମିତ ଯାଞ୍ଚ ଆଦି ସେବା ନିମନ୍ତେ ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟ ଆପ୍ ଏବଂ ଟେଲିମେଡିସିନ୍ ବ୍ୟବସ୍ଥା ଜାରି ରହିବ ବୋଲି ଏମ୍ସ ଭୁବନେଶ୍ୱର ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଏସ୍. ଏନ୍. ମହାନ୍ତି ସୂଚନା ଦେଇଛନ୍ତି। ସମସ୍ତ ଆଇପିଡି ଆଡ୍‌ମିଶନ ଏବଂ ଓଟିଗୁଡ଼ିକ ପୂର୍ବପରି କାର୍ଯ୍ୟ କରିବ। କୋଭିଡ୍ ପ୍ରସୂତି କକ୍ଷ ଏକସପ୍ତାହ ପର୍ଯ୍ୟନ୍ତ ଚାଲିବ ବୋଲି ଡା. ମହାନ୍ତି କହିଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ସଂକ୍ରମଣ ହଠାତ୍ ବୃଦ୍ଧି ଯୋଗୁ ଜାନୁୟାରୀ ୧୭ରୁ ଏମ୍ସ ଭୁବନେଶ୍ୱରରେ ସମସ୍ତ ଓପିଡି ସେବାକୁ ସାମୟିକ ବନ୍ଦ କରିଦିଆଯାଇଥିଲା। ତେବେ ଏହି ସମୟ ମଧ୍ୟରେ ରୋଗୀ ସେବାରେ କୌଣସି ବାଧା ପହଞ୍ଚି ନାହିଁ। ବନ୍ଦ ଦିନରୁ ୩ ତାରିଖ ପର୍ଯ୍ୟନ୍ତ ଏଠାରେ ୧୨,୪୧୪ଜଣ ରୋଗୀଙ୍କୁ ଚିକିତ୍ସା ପ୍ରଦାନ କରାଯାଇଥିବା ଏମ୍ସ ପକ୍ଷରୁ କୁହାଯାଇଛି।






# ସହସମ୍ପାଦିକାଙ୍କ ପିତୃ ବିୟୋଗ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ପାରାଦୀପ ବନ୍ଦରର ଅବସରପ୍ରାପ୍ତ କର୍ମଚାରୀ ରମେଶ ଚନ୍ଦ୍ର ଦାଶଙ୍କ ରବିବାର ସକାଳେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୬୮ ବର୍ଷ ହୋଇଥିଲା। ତାଙ୍କ ଘର ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ। ଭୁବନେଶ୍ୱର ଜାଗମରା ଅଞ୍ଚଳରେ ଭଡ଼ା ଘରେ ଶୋଇଥିବା ଅବସ୍ଥାରେ ରମେଶ ହୃଦ୍‌ଘାତର ଶିକାର ହୋଇଥିଲେ। ଅନ୍ତିମ ସମୟରେ ସ୍ତ୍ରୀ ଝରଣା ଦାଶ, ବଡ଼ଝିଅ ତଥା 'ଧରିତ୍ରୀ'ର ସହସମ୍ପାଦିକା ରୀତୁ ଦାଶ, ସାନଝିଅ ମିତୁ ଏବଂ ପୁଅ ଦେବାଶିଷଙ୍କ ସମେତ ଅନ୍ୟ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସେ ଜଣେ ଅତ୍ୟନ୍ତ ମେଳାପୀ ସ୍ୱଭାବର ଥିବାରୁ ତାଙ୍କ ପୈତୃକ ଗ୍ରାମ ଜଗନ୍ନାଥପୁରରେ ଶୋକର ଛାୟା ଖେଳିଯାଇଛି। ରାତିରେ ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଦେବାଶିଷ ମୁଖାଗ୍ନି ଦେଇଥିଲେ।


ରମେଶ ଚନ୍ଦ୍ର ଦାଶ

# ଦିନକରେ ୨୩ ମୃତ, ଆଉ ୨,୧୦୬ ଚିହ୍ନଟ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ରାଜ୍ୟରେ ପୁଣି ୨୩ଜଣଙ୍କ କରୋନାରେ ମୃତ୍ୟୁ ଘଟିଛି। ଫଳରେ ଏହି ମୃତ୍ୟୁ ସଂଖ୍ୟା ୮,୭୩୪କୁ ବୃଦ୍ଧି ପାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୯ଜଣ ଥିବାବେଳେ ପୁରୀରୁ ୩ଜଣ, କୋରାପୁଟ ଓ ନୟାଗଡ଼ରୁ ୨ଜଣ ଲେଖାଏ ରହିଛନ୍ତି। ସେହିଭଳି କେନ୍ଦୁଝର, କନ୍ଧମାଳ, କଳାହାଣ୍ଡି, ଜଗତ୍‌ସିଂହପୁର, ଗଞ୍ଜାମ, ବଲାଙ୍ଗୀର ଓ ଭଦ୍ରକରୁ ଜଣେ ଲେଖାଏ ଆକ୍ରାନ୍ତ ଆଖି ବୁଜିଛନ୍ତି। ଏମାନଙ୍କ ମଧ୍ୟରେ ଜଣେ ବର୍ଷକର ଶିଶୁପୁତ୍ର ଥିବା ଜଣାପଡିଛି। ତାଙ୍କ ଘର କୋରାପୁଟ ଜିଲାରେ ହୋଇଥିବାବେଳେ ସେ ମଧୁମେହ ଓ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ।

ସେପଟେ ରାଜ୍ୟରେ ହ୍ରାସ ପାଇବାରେ ଲାଗିଛି ସଂକ୍ରମଣ ସଂଖ୍ୟା। ଗତ ୨୪ ଘଣ୍ଟାରେ ୬୦,୪୮୩ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ତେବେ ୨,୧୦୬ ଜଣଙ୍କ କରୋନା ପଜିଟିଭ୍ ବାହାରିଛି ଓ ଦୈନିକ ସଂକ୍ରମଣ ହାର ୩.୪୮%କୁ ଖସି ଆସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୪୨୯ଜଣ ଥିବାବେଳେ ସୁନ୍ଦରଗଡ଼ ୨୧୯ ଓ କଟକରୁ ୧୪୫ଜଣ ରହିଛନ୍ତି। ବର୍ତ୍ତମାନ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୨,୬୬,୮୧୧ରେ ପହଞ୍ଚିଛି।

# ୧୦ ଡିଗ୍ରୀ ତଳେ ୬ ସହର ତାପମାତ୍ରା

**ଭୁବନେଶ୍ୱର, ୬।୨(ବ୍ୟୁରୋ):** ରାଜ୍ୟରେ ଶୀତ ଲହରୀ ଜାରି ରହିଛି। ରବିବାର ୬ଟି ଅଞ୍ଚଳରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଥିଲା। ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀ ରହିଥିବାବେଳେ ସୋନପୁର ୮.୮, କେନ୍ଦୁଝର ୯, ଭବାନିପାଟଣା ୯.୨, ଝାରସୁଗୁଡ଼ା ୯.୪ ଓ କୋରାପୁଟରେ ୯.୫ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଭୁବନେଶ୍ୱର ୧୨.୩ ଓ କଟକରେ ସର୍ବନିମ୍ନ ୧୨.୨ ଡିଗ୍ରୀ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଏଥିସହ ଆସନ୍ତା ଦୁଇଦିନ ବିଭିନ୍ନ ଜିଲାକୁ ଘନ କୁହୁଡ଼ି ନେଇ ସତର୍କ କରାଇଛି ପାଣିପାଗ କେନ୍ଦ୍ର। ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଅନୁଗୋଳ ଓ ଢେଙ୍କାନାଳ ଏବଂ ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି ଓ କନ୍ଧମାଳରେ ଘନ କୁହୁଡ଼ି ଦେଖାଯିବ। ସେପଟେ ଆଗକୁ ରାଜ୍ୟରେ ପୁଣି ବର୍ଷା ହେବାର ସମ୍ଭାବନା ରହିଛି। ୯ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼ ଜିଲା ଏବଂ ୧୦ ତାରିଖରେ ଉତ୍ତର ଓଡ଼ିଶାର କିଛି ଅଞ୍ଚଳରେ ସ୍ୱଳ୍ପ ଧରଣର ବର୍ଷା ହେବା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୭ ଦିନରେ ୩ କୋଟିର ସାମଗ୍ରୀ ଜବତ, ୮୩୨ ଗିରଫ

## ଅବକାରୀ ବିଭାଗର ଚଢ଼ାଉ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ଶୃଙ୍ଖଳିତ ନିର୍ବାଚନ ପାଇଁ ରାଜ୍ୟ ଅବକାରୀ ବିଭାଗର ନିର୍ଦ୍ଦେଶକ୍ରମେ ଜିଲାସ୍ତରରେ ଚଢ଼ାଉ ଓ ଧରପଗଡ଼ ଅଭିଯାନକୁ ଜୋର୍‌ଦାର କରାଯାଇଛି। ଫଳରେ ୭ଦିନ ମଧ୍ୟରେ ୩କୋଟି ଟଙ୍କାର ଅବକାରୀ ସାମଗ୍ରୀ ଜବତ ହୋଇଛି। ଏଥିସହିତ ୧,୦୫୦ ମାମଲା ରୁଜୁ କରାଯାଇ ୮୩୨ଜଣଙ୍କୁ ଗିରଫ କରାଯାଇଛି।

ବିଭାଗର ମିଳିଥିବା ସୂଚନାନୁସାରେ, ଏହି ସମୟରେ ୨୭,୨୬୬ ଲିଟର କାରଖାନା ପ୍ରସ୍ତୁତ ଦେଶୀ ମଦ, ୩,୩୩,୦୦୬ ଲିଟର ଦେଶୀ ମଦ ପ୍ରସ୍ତୁତି ସାମଗ୍ରୀ, ୬୦୪ କିଲୋ ଗଞ୍ଜେଇ, ୩୩୪ ଲିଟର ନକଲି ବିଦେଶୀ ମଦ, ୨୭ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୧୦୦ ଲିଟର ସ୍ପିରିଟ୍, ୧୩୩ ଲିଟର ଜିଞ୍ଜର, ୯୭,୨୦୦ଟି ନକଲି ହୋଲୋଗ୍ରାମ, ବିଭିନ୍ନ କମ୍ପାନୀର ୧୨ହଜାର ନକଲି ଲେବୁଲ୍, ୨ଲକ୍ଷ ଠିପି ଜବତ ହୋଇଛି। ଏଥିସହିତ ୩୮ଟି ଦୁଇ ଓ ଚାରିଚକିଆ ଯାନ ବି ଜବତ କରାଯାଇଛି। ଏହି ସମସ୍ତ ଜବତ ସାମଗ୍ରୀର ମୂଲ୍ୟ ପ୍ରାୟ ୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

ରବିବାର କଟକ ଅବକାରୀ ଟିମ୍ ନୟାଗଡ଼ ଜିଲାର ରଣପୁର ଥାନା ଅଞ୍ଚଳରେ ଚଢ଼ାଉ କରି ୩୫୦ ବୋତଲ ନକଲି ମଦ ସହ ୧୫୦ ଲିଟର ସ୍ପିରିଟ୍, ୩୦ ଲିଟର ନକଲି ବିଦେଶୀ ମଦ ଓ ୧୦୦୦ଟି ଖାଲି ମଦ ବୋତଲ ଜବତ କରିଛି। ଏଥିସହିତ ବିଦେଶୀ ମଦ ରମ୍, ହ୍ୱିସ୍କି ଆଦି ପ୍ରସ୍ତୁତ ପାଇଁ ଆବଶ୍ୟକ ବାସ୍ନାଯୁକ୍ତ ସାମଗ୍ରୀ ଏବଂ ନକଲି ବିଦେଶୀ ମଦ ପ୍ରସ୍ତୁତ ପାଇଁ ବ୍ୟବହାର ହେଉଥିବା ମେଶିନ, ୪୩୨୦ଟି ନକଲି ହୋଲୋଗ୍ରାମ ଓ ୪ହଜାର ଠିପି ଜବତ ହୋଇଛି। ଏହାପୂର୍ବରୁ କଟକ ଓ ଅନୁଗୋଳ ଅବକାରୀ ବିଭାଗ ରାଣୀଗୁଡ଼ାଠାରେ ଚଢ଼ାଉ କରି ୨ଲକ୍ଷ ନକଲି ଠିପି, ୯୬ହଜାର ନକଲି ହୋଲୋଗ୍ରାମ ଓ ୧୨୦୦ଟି ବିଭିନ୍ନ କମ୍ପାନୀର ଲେବୁଲ୍ ଜବତ କରିଥିଲା। ଗଜପତି ଅବକାରୀ ବିଭାଗ ୨୪୦ କିଲୋ ଗଞ୍ଜେଇ ସହିତ ଗୋଟିଏ ବୋଲେରୋ ଗାଡି ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୨ଲକ୍ଷ ଟଙ୍କା ଆକଳନ କରାଯାଇଛି। ଗତ ୪ ତାରିଖରେ ମୟୂରଭଞ୍ଜ ଜିଲାରୁ ୧୦୦ ଲିଟର ସ୍ପିରିଟ ଜବତ ହୋଇଥିବାବେଳେ ବ୍ରହ୍ମପୁର ଅବକାରୀ ଅଧିକାରୀମାନେ କେ.ନୂଆଗାଁ ଥାନା ଇଲାକାରୁ ୨୭୨ କିଲୋ ଗଞ୍ଜେଇ ଜବତ କରିଛନ୍ତି। ଏହିସବୁ ସାମଗ୍ରୀର ମୂଲ୍ୟ ୧୩ଲକ୍ଷ ଟଙ୍କାରୁ ଅଧିକ ହେବ। ସେହିଭଳି ବ୍ରହ୍ମପୁର ଅବକାରୀ ଟିମ୍ ୯୬୦ ବୋତଲ (ପ୍ରାୟ ୧୭୩) ନକଲି ବିଦେଶୀ ମଦ ଜବତ କରିଛି। ଭଦ୍ରକ ଅବକାରୀ ବିଭାଗ ପକ୍ଷରୁ ୬୫ ଲିଟର ଜିଞ୍ଜର ଓ ବରଗଡ଼ ଅବକାରୀ ବିଭାଗ ମୃତ୍ୟୁ ସଞ୍ଜୀବନୀ ସୁରା ନାମରେ ବିକ୍ରି ହେଉଥିବା ୧୩ଲିଟର ଜିଞ୍ଜର ଜବତ କରିଛି। ରାଜ୍ୟସ୍ତରୀୟ ଫ୍ଲାଇଂ ସ୍କ୍ୱାଡ୍ ଯାଜପୁର ଜିଲାରୁ ପ୍ରାୟ ୧୦୦ ଲିଟର ନକଲି ବିଦେଶୀ ମଦ ଜବତ କରିବା ସହିତ ଏହାକୁ ପରିବହନ କରୁଥିବା ଗୋଟିଏ ଇକୋସ୍ପୋର୍ଟସ କାର୍ ଜବତ କରିଛି।




**ଆଜିର ମନ୍ତବ୍ୟ**

"କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ମନ୍ତ୍ରମୁଗ୍ଧ କଣ୍ଠସ୍ୱର କେବଳ ଭାରତ ନୁହେଁ, ବିଶ୍ୱର ପ୍ରତ୍ୟେକ ପିଢ଼ିଙ୍କ ଜୀବନରେ ପୂର୍ଣ୍ଣତା ଭରିଦେଇଥିଲା। ସଙ୍ଗୀତ ଜଗତ ପ୍ରତି ତାଙ୍କ ଅବଦାନକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ।-**ଅମିତ୍ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଜ୍ୟୋତି
ପରିବାରବର୍ଗ


ଲକି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିନ ଦିନକର ସୁଆଗ କଥା**
**ଝୁରି ମରିବାକୁ କଲା ବିଧାତା ।**

ଖୁବ୍ ଅଳ୍ପ ସମୟ ଭିତରେ ବ୍ୟକ୍ତି ଏତେ ଭଲ କାମ କରିଥାଏ ଯେ ସେ ମୃତ୍ୟୁବରଣ କଲେ ମଧ ତା' କଥା ଭାବିବାକୁ ସମସ୍ତେ ବାଧ୍ୟ ହୁଅନ୍ତି। ତାଙ୍କ ଗୁଣଗ୍ରାମ ଏତେ ମୁଗ୍ଧକର ହୋଇଥାଏ ଯେ ସେ ମରିଗଲା ପରେ ବି ଆତ୍ମୀୟସ୍ୱଜନ ଆଖିରୁ ଲୁହ ଗଡ଼ାଇବା ସହ ବାହୁନିଥାନ୍ତି। ବିଧାତା ଭଲ ଲୋକଙ୍କୁ ବେଶି ଦିନ ରଖନ୍ତି ନାହିଁ ବୋଲି ଲୋକେ କହନ୍ତି। ସେମାନେ ଅଳ୍ପଦିନ ମଧ୍ୟରେ ବେଶି ଭଲ କାମ କରି ଭଲ ଗୁଣ ଦେଖେଇ ବାହୁଡ଼ି ଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଲେ ଦୋଷ**
**ନ ଦେଲେ ରୋଷ ।**

ଏପଟେ ଦେଲେ ସେଥିରେ ଦୋଷ ବାହାରିବା ପରି ନ ଦେଲେ ପାଇବା ଲୋକର ମନ ଊଣା ବା ରୋଷ ଅଭିମାନ। ବେଳେବେଳେ ବ୍ୟକ୍ତି ଦୋଛକିରେ ପଡ଼ିଯାଇଥାଏ। କେଉଁଟା କରିବ କେଉଁଟା ନ କରିବ ସ୍ଥିର କରି ନ ପାରି ଅଯଥା ଦ୍ୱନ୍ଦ୍ୱରେ ପଡ଼ି ଘାଣ୍ଟି ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଦୁର୍ଘଟଣାରେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ, ସ୍ତ୍ରୀ ଗୁରୁତର

**ବାଲିଗୁଡା/କ.ନୂଆଗାଁ, ୬।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କ.ନୂଆଗାଁ ବ୍ଲକ ନିକଟସ୍ଥ ଏଫ୍‌ସିଆଇ ଗୋଦାମ ନିକଟରେ ଏକ କାର୍ ଦୁର୍ଘଟଣାରେ ରବିବାର ଜଣେ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ସନ୍ତୋଷ କୁମାର ପାଣିଗ୍ରାହୀ। ସ୍ତ୍ରୀ ମଞ୍ଜୁଲତା ଗୁରୁତର ଅଛନ୍ତି। ଦାରିଙ୍ଗବାଡ଼ି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ ଏକ ଘରୋଇ ଚିକିତ୍ସା ପାଇଁ ବିଶାଖାପାଟଣାରୁ ବାଲିଗୁଡ଼ାକୁ କାର୍‌ରେ ଫେରୁଥିବା ବେଳେ ଗୋଦାମ ନିକଟରେ କାର୍‌ଟି ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଆହତ ଦମ୍ପତିଙ୍କୁ ବାଲିଗୁଡ଼ା ମେଡିକାଲ ପରେ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା।

# କୋଟିଆରେ ଆନ୍ଧ୍ରର ତାଲିମ କାର୍ଯ୍ୟକ୍ରମ

**ପଟ୍ଟାଙ୍ଗୀ,୬।୨(ଡି.ଏନ୍.ଏ.)**

କିଛି ଦିନର ନୀରବତା ପରେ ପୁଣି ଆନ୍ଧ୍ର ସରକାରୀ କର୍ମଚାରୀ ପଟ୍ଟାଙ୍ଗୀ ବ୍ଲକର ସୀମାନ୍ତ ଗ୍ରାମରେ ଅନୁପ୍ରବେଶ କରି ଲୋକଙ୍କୁ ନିଜ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୈଠକ କରିବା ଆରମ୍ଭ କରିଛନ୍ତି। କେତେବେଳେ ବୈଠକରେ ଲୋକଙ୍କୁ ସଚେତନ କରୁଛନ୍ତି ତ ଆଉ କେତେବେଳେ ତାଲିମ ଦେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ନେରିଡିବାଲସା ଗ୍ରାମରେ। ଏହି ଗ୍ରାମରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ହୋଇଥିବା ଆଇଟିଡିଏ ଗୃହଠାରେ ତାଡିବାଲସା, ନେରିଡିବାଲସା, ଧୂଳିପଦର, ସେମ୍ବି, ଫଗୁଣସିନେରି, ଫାଟୁସିନେରି ପ୍ରମୁଖ ଗ୍ରାମର ଗ୍ରାମବାସୀଙ୍କୁ ନେଇ ଆନ୍ଧ୍ର ଆମଦାନୀ ହେବାକୁ ଥିବା ତେନ୍ତୁଳି ଉପରେ ତାଲିମ ଦେଇଛି। ଏହାକୁ କିପରି ଗ୍ରେଡିଂ କରି ଉଚିତ ମୂଲ୍ୟରେ ବିକ୍ରି ହେବ ସେନେଇ ତାଲିମ ଦେଇ ପ୍ରତି ସପ୍ତାହର ମଙ୍ଗଳବାର ସାରିକି ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟରେ ବିକ୍ରି କରିବାକୁ ଆନ୍ଧ୍ରର ସେଲ୍ସ ମ୍ୟାନେଜର ରମେଶ କୁମାର ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାରେ ଚାଲିଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ସୁଯୋଗ ନେଇ ଆନ୍ଧ୍ର କୋଟିଆରେ ଅନୁପ୍ରବେଶ କରୁଛି। ଶନିବାର ମଧ୍ୟ କୋଟିଆର ଧୂଳିପଦର ଗ୍ରାମରେ ଆନ୍ଧ୍ରର କର୍ମଚାରୀ ପହଞ୍ଚି ୪୫୨ ଜଣଙ୍କୁ ଜମିପଟ୍ଟା ବଣ୍ଟନ କରିଥିଲେ।


ନେରିଡିବାଲସା ଗ୍ରାମରେ ଆନ୍ଧ୍ର ପକ୍ଷରୁ ଚାଲିଥିବା ତାଲିମ କାର୍ଯ୍ୟକ୍ରମ।

# ୫ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

**ସାଇବର ଠକେଇ ମାମଲା**

**ବାଲେଶ୍ୱର ଅଫିସ, ୬।୨**

ମାସେ ପୂର୍ବେ ବାଲେଶ୍ୱରରେ ହୋଇଥିବା ବଡ଼ ଧରଣର ସାଇବର ଠକେଇ ଘଟଣାର ରହସ୍ୟ ଉନ୍മୋଚନ ହୋଇଛି। ଏହି ଠକେଇରେ ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରାଯିବା ସହ ସେମାନଙ୍କଠାରୁ ୩ ଲକ୍ଷ ୬୯ହଜାର ଟଙ୍କା ଉଦ୍ଧାର କରାଯାଇଥିବା ରବିବାର ଅପରାହ୍ନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସାଇବର ଥାନା ଅଧିକାରିଣୀ ମୀନାରାଣୀ ବିନ୍ଧାଣୀ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲା ଟାଉନ ଥାନା ଅଞ୍ଚଳର ଏମ୍‌ଡି ରାହି, ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦ ଜିଲାର ସମିସ୍ ଅହମ୍ମଦ, ତଲତାଲା ଅଞ୍ଚଳର ନିଜା ହୁସେନ, ଝାଡ଼ଖଣ୍ଡ ରାଜ୍ୟ ଦେଓଘର ଜିଲାର ଏମ୍‌ଡି ଆନସାରି ଓ ବିହାର ରାଜ୍ୟ ସହରସା ଜିଲାର ସାଜିଦ୍ ଇକ୍‌ବାଲ। ଏହି ସାଇବର ଠକେଇର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇପାରିନାହିଁ। ପୋଲିସ ସୂଚନା ଅନୁଯାୟୀ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଫକୀରମୋହନ ଗୋଲେଇ ବ୍ରାଞ୍ଚରେ ନୀଳଗିରି ଏନ୍‌ଏସି ଅଧୀନ ବାଲିଗୋହିରୀ ଗ୍ରାମର ଜ୍ୟୋତ୍ସ୍ନାରାଣୀ ପାତ୍ର ୨୦୨୦ ସେପ୍ଟେମ୍ବର ୨୩ରେ ୫ଲକ୍ଷ ଲେଖାଏ ଦୁଇଟି ଫିକ୍ସଡ୍ ଡିପୋଜିଟ୍ (ଏଫ୍‌ଡି) କରିଥିଲେ। ଏହାସହିତ ସେଭିଂସ୍ ଆକାଉଣ୍ଟରେ ୨ଲକ୍ଷ ୪୫ହଜାର ଟଙ୍କା ରଖିଥିଲେ। ଅଭିଯୁକ୍ତମାନେ ତାଙ୍କ ଆକାଉଣ୍ଟକୁ ହ୍ୟାକ୍ କରି ୧୨ଲକ୍ଷ ୪୦ହଜାର ଲୁଟ୍ କରିଥିବା ଜ୍ୟୋତ୍ସ୍ନାରାଣୀ ୨୦୨୧ ଡିସେମ୍ବର ୨୯ରେ ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ଏନେଇ ବାଲେଶ୍ୱର ସାଇବର ଥାନାରେ ପ୍ରଥମ ମାମଲା (ନଂ.୧/୨୦୨୨) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସହ ୧୨ଜଣିଆ ଟିମ୍ ତଦନ୍ତ କରି ପ୍ରଥମେ ସୁନ୍ଦରଗଡ଼ ଟାଉନ ଥାନା ଅଞ୍ଚଳର ଏମ୍‌ଡି ରାହିଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସମସ୍ତ ତଥ୍ୟ ସଂଗ୍ରହ କରାଯାଇ ପରେ ଅନ୍ୟମାନଙ୍କୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଷ୍ଟେଟ ବ୍ୟାଙ୍କ, ଫେଡରାଲ ବ୍ୟାଙ୍କ, ବନ୍ଧନ ବ୍ୟାଙ୍କ, ୟୁନାଇଟେଡ୍ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଆଲ୍ଲାହାବାଦ ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦାର ୧୪ଟି ଏଟିଏମ୍ କାର୍ଡ, ବିଭିନ୍ନ କମ୍ପାନୀର ୩୯ ସିମ୍, ୧୦ ମୋବାଇଲ୍ ସହ ୧ ଲକ୍ଷ ୬୯ ହଜାର ନଗଦ ଟଙ୍କା ପୋଲିସ ସେମାନଙ୍କଠାରୁ ଜବତ କରିଛି। ଏହାସହ ପୋଲିସ ବିଭିନ୍ନ ଆକାଉଣ୍ଟକୁ ସିଜ୍ କରି ୨ଲକ୍ଷ ଟଙ୍କା ଫ୍ରିଜ୍ କରିଥିବା ଜଣାପଡ଼ିଛି।

# ଖବରଦାତା ରୋହିତ ବିଶ୍ୱାଳଙ୍କ ଶେଷକୃତ୍ୟ ସମ୍ପନ୍ନ


ରୋହିତଙ୍କ ମରଶରୀର ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଉଛି।

**ମ.ରାମପୁର,୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳର 'ଧରିତ୍ରୀ' ଖବରଦାତା ରୋହିତ ବିଶ୍ୱାଳ (୪୮)ଙ୍କ ରବିବାର ସକାଳ ୯ଟାରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରୋହିତଙ୍କ ୧୩ ବର୍ଷୀୟ ପୁଅ ଆରୁଖ ମୁଖାଗ୍ନି ଦେଇଥିଲେ। ଶେଷକୃତ ସମୟରେ ଗ୍ରାମ ଓ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ସହ ମୋହନଗିରି ଫାଣ୍ଡି ଅଧିକାରୀ ରମାକାନ୍ତ ମିଶ୍ର ଏବଂ କିଛି କର୍ମଚାରୀ ମଧ୍ୟ ସାମିଲ ହୋଇଥିଲେ।

ସୂଚନାଯୋଗ୍ୟ ଯେ, ଖବର ସଂଗ୍ରହ ବେଳେ ଶନିବାର ପୂର୍ବାହ୍ନରେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିବାରୁ 'ଧରିତ୍ରୀ'ର ଖବରଦାତା ରୋହିତ ପ୍ରାଣ ହରାଇଥିଲେ। ଶନିବାର ରାତିରେ ମ.ରାମପୁର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ରବିବାର ମୋହନଗିରି ନିଆଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରୋହିତଙ୍କ ବଡ଼ଭାଇ ବିଶ୍ୱଜିତ୍ ବିଶ୍ୱାଳ ପ୍ରତିକ୍ରିୟାରେ କହିଛନ୍ତି ଯେ, ପୋଲିସ ଓ ପ୍ରଶାସନର ସୁରକ୍ଷା ଢିଲା ଥିବାରୁ ମୋ ଭାଇର ପ୍ରାଣହାନି ଘଟିଲା। ସମ୍ପ୍ରତି ରୋହିତଙ୍କ ଭରସାରେ ଚଳୁଥିବା ପରିବାର ଅବସ୍ଥା ଏବେ ସଙ୍କଟାପନ୍ନ। ମୋହନଗିରି ଅଞ୍ଚଳକୁ ଗମନାଗମନର ଘୋର ଅବ୍ୟବସ୍ଥା ଥିବାବେଳେ ଧରିତ୍ରୀ ଖବରକାଗଜ ବିତରଣ କରି ଲୋକଙ୍କ ସମସ୍ୟା ସମ୍ପର୍କିତ ତଥ୍ୟ ଲୋକଲୋଚନକୁ ଆଣୁଥିଲେ। ତାଙ୍କ ବିୟୋଗରେ ଶିକ୍ଷା, ସାମାଜିକ ତଥା ବରିଷ୍ଠ ବ୍ୟକ୍ତି ମ୍ରିୟମାଣ ହୋଇଛନ୍ତି। ଉକ୍ତ ଅଞ୍ଚଳରେ କେବଳ ଧରିତ୍ରୀର ପ୍ରସାର ହୋଇଛି। ଅନ୍ୟ ଖବରକାଗଜ ଏଠାରେ ଆଦୃତ ହୋଇପାରିନାହିଁ। ଫଳରେ ଧରିତ୍ରୀର ମଧ୍ୟ କ୍ଷତି ହୋଇଛି ବୋଲି ମ.ରାମପୁର ବ୍ଲକ ଧରିତ୍ରୀ ପ୍ରତିନିଧି ଶଶିଭୂଷଣ ପ୍ରହରାଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଆଜିଠୁ ଖୋଲିବ ...

ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ବାବଦରେ ପିଲାଙ୍କୁ ଶୁଖିଲା ଖାଦ୍ୟ ଯୋଗାଇ ଦିଆଯିବ। ସେହିପରି ରାଜ୍ୟର ସବୁ ଉଚ୍ଚ ଶିକ୍ଷାନୁଷ୍ଠାନରେ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହେବ। ଏହାକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟ, ଡିଗ୍ରୀ କଲେଜ ଓ ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନଗୁଡ଼ିକର ହଷ୍ଟେଲ ରବିବାରଠାରୁ ଖୋଲିଯାଇଛି। ଶିକ୍ଷାନୁଷ୍ଠାନ ଖୋଲୁଥିଲେ ମଧ ଉଭୟ ଅଫ୍‌ଲାଇନ୍ ଓ ଅନ୍‌ଲାଇନ୍ ପାଠପଢ଼ା ଜାରି ରହିବ। ତେବେ ଶିକ୍ଷାନୁଷ୍ଠାନରେ କୋଭିଡ୍ କଟକଣା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କେହି କଟକଣାରେ ହେଳା କରନ୍ତି, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବରୁ ଏସ୍‌ଆର୍‌ସିଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଅନ୍ୟପକ୍ଷରେ ୧୪ ତାରିଖରୁ ପ୍ରାଥମିକ ସ୍କୁଲ୍ ଖୋଲିବ। ପ୍ରଥମରୁ ସପ୍ତମ ଶ୍ରେଣୀ ପିଲା ସ୍କୁଲ ଯିବେ। ଏମାନଙ୍କର ମଧ୍ୟ ସକାଳ ୯ଟାରୁ ଅପରାହ୍ନ ୧ଟା ଯାଏ କ୍ଲାସ୍ ହେବ।

ସୂଚନାଯୋଗ୍ୟ, ଗତ ପ୍ରାୟ ଦୁଇବର୍ଷ ହେବ କରୋନା ଯୋଗୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହୋଇଛି। ୨୦୨୦ ମାର୍ଚ୍ଚ ୧୫ରୁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ପଡ଼ିଥିଲା। କରୋନାର ଦ୍ୱିତୀୟ ଲହର ସଂକ୍ରମଣ ହ୍ରାସ ପାଇବା ପରେ ରାଜ୍ୟ ସରକାର ପର୍ଯ୍ୟାୟକ୍ରମେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଖୋଲିଥିଲେ। ପ୍ରଥମେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ସ୍କୁଲ ଖୋଲିଥିଲା। ଏହାପରେ ନବମ, ଏକାଦଶ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ସମେତ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଥିଲା। ତେବେ ପ୍ରାଥମିକ ପିଲାଙ୍କ ପାଇଁ ଜାନୁୟାରୀ ୩ରୁ ସ୍କୁଲ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ କରୋନାର ତୃତୀୟ ଲହର ଯୋଗୁ ପ୍ରାଥମିକ ସ୍କୁଲ ଖୋଲିବା ନିଷ୍ପତ୍ତିକୁ ସ୍ଥଗିତ ରଖିବା ସହିତ ଅନ୍ୟାନ୍ୟ ସମସ୍ତ ଶିକ୍ଷାନୁଷ୍ଠାନକୁ ରାଜ୍ୟ ସରକାର ବନ୍ଦ କରିଦେଇଥିଲେ। ଏବେ ସଂକ୍ରମଣ ହ୍ରାସ ପାଉଥିବାରୁ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନ ଖୋଲି ପାଠପଢ଼ା ସ୍ୱାଭାବିକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସମସ୍ତ କ୍ଲାସ୍ ପ୍ରମୋଶନ ପରୀକ୍ଷା ସମେତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା କରିବାକୁ ମଧ୍ୟ ଯୋଜନା ହୋଇଛି। ତେବେ କରୋନା ସ୍ଥିତିକୁ ଦେଖି ପରୀକ୍ଷା କରିବାକୁ ମାଧ୍ୟମିକ ଶିକ୍ଷା ପରିଷଦ ନିଷ୍ପତ୍ତି ନେବ ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି।

### ସବୁ ଭାରିଆଣ୍ଟ ପାଇଁ ...

କାଜି ନଜ୍‌ରୁଲ ୟୁନିଭର୍ସିଟିର ଅଭିଜ୍ଞାନ ଚୌଧୁରୀ, ପାର୍ଥ ସେନଗୁପ୍ତାଙ୍କ ସହ ଆଇଆଇଏସ୍‌ଇଆର୍ ଭୁବନେଶ୍ୱରର ସରୋଜ କୁମାର ପଣ୍ଡା ଓ ମଳୟ କୁମାର ରଣାଙ୍କ ମତରେ ଏହି ଟିକା ସ୍ଥିର, ଆଣ୍ଟିଜେନିକ୍ (ପ୍ରତିପିଣ୍ଡଜ) ଏବଂ ଇମ୍ୟୁନୋଜେନିକ୍ (ରୋଗ ପ୍ରତିରୋଧୀ) ଭାବେ କାର୍ଯ୍ୟ କରୁଛି। ଅଭିଜ୍ଞାନ କହିଛନ୍ତି, କମ୍ପ୍ୟୁଟେଶନାଲ ପଦ୍ଧତିରେ ଗବେଷକ ଦଳ ଏହାକୁ ବିକଶିତ କରିଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ଟିକା ଉତ୍ପାଦନ ପରେ ପରୀକ୍ଷଣ କରାଯିବ। ଏହା ଏକ ସ୍ୱତନ୍ତ୍ର ଭାକ୍ସିନ। ବିଶ୍ୱର ଅନ୍ୟ କୌଣସି ଟିକା କରୋନା ଭୂତାଣୁର ସବୁ ପ୍ରକାର ଭାରିଆଣ୍ଟ ସହ ଏକକାଳୀନ ଲଢ଼ିବା ଭଳି ପ୍ରଣାଳୀରେ ବିକଶିତ ହୋଇନାହିଁ। ଅଭିସ୍କୋଭାକ୍ ଟିକା ଶରୀରରେ ଟିଏଲ୍‌ଆର୍‌୪ ପ୍ରୋଟିନ୍ ସହିତ ସହଜରେ ମିଶ୍ରଣ ହୋଇ ଟିକା ଗ୍ରହୀତାଙ୍କ ରୋଗ ପ୍ରତିଷେଧକ କ୍ଷମତାକୁ ବୃଦ୍ଧି କରିପାରୁଛି ବୋଲି ବୈଜ୍ଞାନିକମାନେ ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ରେବତୀ ନକ୍ଷତ୍ରସ୍ଥ ଚନ୍ଦ୍ର ଆପଣଙ୍କୁ ସାହାଯ୍ୟ, ସହଯୋଗ ଯୋଗାଇଦେବାରେ ସମସ୍ୟା ସୃଷ୍ଟି କରିବ। ସାହାଯ୍ୟ କରିବା ପରିପ୍ରେକ୍ଷୀରେ ବନ୍ଧୁଙ୍କୁ ଟଙ୍କା ପଇସା ଦେଇ ଫେରି ପାଇବାରେ କମ୍ ସମ୍ଭାବନାକୁ ଦେଖି ଚିନ୍ତା ବଢ଼ିଯିବ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି ଆପଣଙ୍କ ହାତମୁଠାରୁ ସୁଯୋଗ ଖସିଯାଇପାରିବ ନାହିଁ।

**ବୃଷ**
ବହୁତ ଦିନ ହେଲା ଯାହା ପାଇବାକୁ ଚେଷ୍ଟା କରି ପାଇ ନ ଥିଲେ ଆଜି ତାହା ପାଇବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତ ଫଳ ପାଇବେ। ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବ, ତଥାପି ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବରେ ଦୂରଯାତ୍ରା କରିବା ସକାଶେ ଯୋଜନା କରିବେ।

**ମିଥୁନ**
ଅନ୍ୟମାନଙ୍କ କାନକୁହା କଥା ଶୁଣି ସମ୍ପର୍କୀୟମାନେ ଆପଣଙ୍କ କାର୍ଯ୍ୟକୁ ଅସ୍ୱୀକାର କରିବେ। ଆନୁଷ୍ଠାନିକ କାର୍ଯ୍ୟ ପ୍ରସ୍ତୁତି ସକାଶେ ବ୍ୟସ୍ତ ରହିବେ, ଏଥିପାଇଁ ବହୁତ ତକଲିଫ ହେବେ। ଯାନ୍ତ୍ରିକ ତ୍ରୁଟିକୁ ସୁଧାରିନେବା ଠିକ୍ ହେବ, ନଚେତ୍ ଫେରନ୍ତା ରାସ୍ତାରେ ତାହାହିଁ ମନସ୍ତାପର କାରଣ ହେବ। ବ୍ୟବସାୟିକ ସଫଳତା ପାଇବେ।

**କର୍କଟ**
କିଛିଟା ବ୍ୟତିକ୍ରମ ରହିଲେ ମଧ ଦିନଟି ଭଲରେ ଅତିବାହିତ ହେବ। ଅଭାବ ନ ଥିଲେ ମଧ ଖୋଲା ମନ ନେଇ ଖର୍ଚ୍ଚରୁ ଦୂରେଇ ରହିବା ପାଇଁ ଚେଷ୍ଟିତ ହୋଇପାରନ୍ତି। କେତେକ ପରିସ୍ଥିତିରେ ନିଜ ଲୋକଙ୍କୁ ସନ୍ଦେହ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଶୁଭ ଫଳପ୍ରାପ୍ତି ହୋଇପାରେ।

**ସିଂହ**
ଆଜି କୌଣସି କାମ ଯଦିଓ ଅଟକିବ ନାହିଁ ତଥାପି ସୁବିଧାରେ ସମ୍ପନ୍ନ ହେବ ନାହିଁ। ପ୍ରତ୍ୟେକ ସ୍ତରରେ ନିଜ ଲୋକମାନଙ୍କ ବ୍ୟତୀତ ଅନ୍ୟ ଜାତିର ବ୍ୟକ୍ତିବିଶେଷ ସହାୟତା କରିବେ। କଳା, ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ପାଇବେ। ସନ୍ତାନଙ୍କ କିଛି ରହିଥିବା ସମସ୍ୟାର ସମାଧାନ ସକାଶେ ବ୍ୟସ୍ତତା ବଢ଼ିପାରେ।

**କନ୍ୟା**
ଆପଣ ବିଭିନ୍ନ ପ୍ରକାର ଚିନ୍ତା ନ କରି ସମୟୋପଯୋଗୀ ପଦକ୍ଷେପ ନେବା ଠିକ୍ ହେବ। ଅର୍ଥସଙ୍କଟ ସାଙ୍ଗକୁ ପିଲାଙ୍କ ପାଇଁ ଜଞ୍ଜାଳ ବୃଦ୍ଧି ପାଇପାରେ। ଶତ୍ରୁତା କରୁଥିବା ଲୋକମାନେ ହଠାତ୍ ଫାଇଦା ହାସଲ ପାଇଁ ଅପଚେଷ୍ଟା କରିବେ। ବାଣିଜ୍ୟ, ବ୍ୟବସାୟ, ପରିବହନ,ନିର୍ମାଣ ଓ ସଭାସମିତିରେ ସଫଳତା ପାଇବେ।

**ତୁଳା**
ବୁଝାମଣା ଠିକ୍ ନ ରହିବା କାରଣରୁ କାମ ବିଶୃଙ୍ଖଳିତ ରହିବ। ବନ୍ଧୁଙ୍କ ସହ ବିତର୍କଜନିତ ମନାନ୍ତର ବେଶିକ୍ଷଣ ତିଷ୍ଠି ରହିବ ନାହିଁ। ଦୀର୍ଘଦିନରୁ ଚେଷ୍ଟା କରୁଥିବା କାମଟି ଆଜି ଆନୁଷଙ୍ଗିକ ସୁବିଧା ସୁଯୋଗ ମାଧ୍ୟମରେ ହଠାତ୍ ସମ୍ପନ୍ନ ହୋଇଯିବ। ବ୍ୟବସାୟିକ କ୍ଷେତ୍ରରେ କିଛି ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି।

**ବିଛା**
ଆଜି ଦିନ ମଧ୍ୟରେ ଅଟକି ରହିଥିବା କାମ ତ୍ୱରାନ୍ୱିତ ହୋଇପାରିବ ନାହିଁ। ସମ୍ପର୍କୀୟମାନେ ଅସହଯୋଗ ପ୍ରଦର୍ଶନ କରିପାରନ୍ତି। କେତେକ ଗୁରୁତ୍ୱପୂର୍ଣ୍ଣ କାମ ଅସମ୍ପୂର୍ଣ୍ଣ ରହିବା କାରଣରୁ ମନରେ ଅସ୍ଥିରତା ଲାଗି ରହିବ। ସଭାସମିତି, ପରିବହନ, ଦୋକାନବାଡ଼ି, ନିର୍ମାଣ, ଆଇନ କ୍ଷେତ୍ରରେ ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବେ।

**ଧନୁ**
ମନକଥାକୁ ଖୋଲିକରି କହିଲେ ମଧ ନିଜ ଲୋକମାନେ ତାହାକୁ କଦର୍ଥ କରିପାରନ୍ତି। ହଠାତ୍ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିବେ, କିନ୍ତୁ ଏଥିପାଇଁ ବ୍ୟସ୍ତତା ବୃଦ୍ଧିପାଇବ। ସନ୍ତାନଙ୍କ ଦୁର୍ବଳ ସ୍ୱାସ୍ଥ୍ୟ ଓ ଅମନୋଯୋଗୀ ସ୍ୱଭାବ ଯୋଗୁ ବିଚଳିତ ହେବେ। ସହକର୍ମୀ ନକାରାତ୍ମକ କଥା କହିଲେ ମଧ କାମଟି କରିଦେବେ।

**ମକର**
ସାଧାରଣ କଥାରେ ଯୁକ୍ତିତର୍କ କାରଣରୁ ପାରିବାରିକ କ୍ଷେତ୍ର ସକାଶେ ଦୁଶ୍ଚିନ୍ତା ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ କିଛି ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ସରକାରୀ ସ୍ତରରେ ଅଟକିଥିବା କାମ, ପାଇବାକୁ ଥିବା ଟଙ୍କା ପାଇଁ କଳ୍ପନାଜଳ୍ପନା ବଢ଼ିବ।

**କୁମ୍ଭ**
ସକାଳୁ ସକାଳୁ କୌଣସି କଥାକୁ ବାରମ୍ବାର ଚିନ୍ତା କରି ଶାନ୍ତ ମନ ଅଶାନ୍ତ ହୋଇଯାଇପାରେ। ଲକ୍ଷ୍ୟହୀନ ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦଜନିତ ସ୍ୱାସ୍ଥ୍ୟ ମଧ ଠିକ୍ ରହିବ ନାହିଁ। ବନ୍ଧୁଙ୍କ ନିକଟରୁ କିଛି ଖରାପ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ବ୍ୟୟ ବୃଦ୍ଧି ଯୋଗୁ କିମ୍ବା ପରିବହନରେ ସମସ୍ୟ ଯୋଗୁ ମନ ସାମୟିକ ବିବ୍ରତ ରହିବ।

**ମୀନ**
ଉଦ୍ୟମ ସଫଳ ଦିଗରେ ଜଣେ ବିଜାତୀୟ ବ୍ୟକ୍ତି ନିଜଆଡୁ ସାହାଯ୍ୟ ସକାଶେ ଆଗେଇ ଆସିପାରନ୍ତି। କଚେରି ମାମଲା ତଥା ବିବାଦୀୟ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଅଭିଳଷିତ ଫାଇଦା ଉଠାଇପାରନ୍ତି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଖର୍ଚ୍ଚ ପରିମାଣ ଦିଗୁଣା ହୋଇପାରେ।


# classifieds Everyday
0674-2580101, 2549302



**SALE**

**Chevrolet Optra Magnum for sale 2012 Model 65000K.M. running (Personal use). 8249311037.** D-71789

Safari xza+ (09.2021) White Diesel 2900km, Bhubaneswar. 8480204021. D-23053



**SALE**

ନୀଳଚକ୍ର ନଗର, ପୁରୀରେ ଘରବାଡ଼ି ଜାଗା, ଘର ବିକ୍ରିହେବ। ଯୋଗାଯୋଗ- 9778822812. D-23066

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳ ମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

ଭୁବନେଶ୍ୱର ଜଟଣୀଗେଟ୍ ଠାରୁ ଅଳ୍ପ ଦୂରତାରେ (per sqft.- 600/-ରୁ 300/-) ରାସ୍ତା ଥିବା ପ୍ଲଟ୍ ମିଳୁଛି। Contact: 7606015965, 8114994259. D-23040

**ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.** D-71780

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922



Coldstorage 15 X 12 x 10 Rasulgarh Square, Bhubaneswar. 8480204021. D-23054

**ACCOMMODATION**

I required a land of 2000sqft. in GGP Colony or Jagannath Nagar or Baramunda, my budget 60lakh. 9437791962. D-71013



**Relax, refresh your body, mind at Lotus SPA with best therapies. 8018891951.** D-71856

Refreshing your mind and body with the best therapy, 7873794731. D-23024

**H2O SPA Service fullbody massage, refresh your mind & relaxed by Professional Lady Therapist. 9937462294.** D-23058

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open SPA positively health benefits by expert therapist. 7846814019. D-71470

Newly open full body massage ladies and gents. 8327740003. D-71855

Newly open SPA positively health benefit with Expert. Contact: 7749976301. D-71939

Relax, Refresh your body, Mind at Saikrupa Spa with best therapies. 8984068077. D-23068

Newly open SPA positively health benefits by expert therapist. 8455987557. D-71471

Full body massage in homely atmosphere all therapy. Contact: 8114881641. D-60895

Newly opening SPA positively health benefits with expert therapist. 8917332216. D-71941


**AFFIDAVIT**

I, Abakash Suar, aged about 19 years, S/o- Rabinarayan Supakar, resident of Mishra lane, Markandeswar Sahi, P.S.- Baseli Sahi, P.O/Dist.- Puri have changed by name to Abakash Supakar by virtue of an affidavit before Notary Public, Puri on 31 January 2022. I shall be known as Abakash Supakar for all purpose.
Sd./- Abakash Supakar
D-69055

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଲତା ମଙ୍ଗେସକର




# ପରଲୋକରେ ସ୍ୱର ସମ୍ରାଜ୍ଞୀ

**ମୁମ୍ବାଇ, ୬।୨:** ଭାରତୀୟ ସଙ୍ଗୀତ ଦୁନିଆରେ ଘଟିଛି ଏକ ଯୁଗର ଅବସାନ। ୨୮ ଦିନ ଧରି କରୋନା ସହ ଲଢ଼େଇ ପରେ ସଙ୍ଗୀତର ସରସ୍ୱତୀ ଲତା ମଙ୍ଗେସକର ରବିବାର ସକାଳ ପ୍ରାୟ ୮ଟା ୧୫ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୯୨ ବର୍ଷ ହୋଇଥିଲା। ଗତ ୮ ତାରିଖରୁ କୋଭିଡ୍‌ରେ ସଂକ୍ରମିତ ହୋଇ ସେ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ତାଙ୍କ ପରଲୋକରେ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ଦେଶ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ଲତା ମଙ୍ଗେସକରଙ୍କ ବିୟୋଗରେ ଦୁଇ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ରବିବାର ଏବଂ ସୋମବାର ଜାତୀୟ ପତାକା ଅର୍ଦ୍ଧନମିତ କରାଯିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସନ୍ଧ୍ୟାରେ ମୁମ୍ବାଇର ଶିବାଜୀ ପାର୍କରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଭାଇ ହୃଦୟନାଥ ମଙ୍ଗେସକର ମୁଖାଗ୍ନି ଦେବା ପରେ ପଞ୍ଚଭୂତରେ ବିଲୀନ ହୋଇଛନ୍ତି ଏହି ମହାନ୍ ସଙ୍ଗୀତ ସାଧିକା।

ପ୍ରାୟ ମାସେ ତଳେ କରୋନା ସହ ନିମୋନିଆର ଶିକାର ହେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡ଼ିଥିଲା। ତାଙ୍କୁ ଆଇସିୟୁର ଭେଣ୍ଟିଲେଟରରେ ରଖାଯାଇ ଚିକିତ୍ସା କରାଯାଉଥିଲା। ସେ କରୋନା ଓ ନିମୋନିଆରୁ ମୁକ୍ତ ହୋଇଥିବା ଏବଂ ତାଙ୍କଠାରୁ ଭେଣ୍ଟିଲେଟର ସପୋର୍ଟ ହଟାଯାଇଥିବା ମଧ୍ୟ କୁହାଯାଇଥିଲା। ହେଲେ ଶନିବାର ପୁଣି ସେ ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କୁ ସୁସ୍ଥ କରିବାକୁ ସବୁପ୍ରକାର ଚେଷ୍ଟା କରିଥିଲେ। ହେଲେ ଏହି ପ୍ରୟାସ ଆଉ ସଫଳ ହୋଇପାରି ନ ଥିଲା। ଶେଷରେ ସ୍ୱର ସମ୍ରାଜ୍ଞୀଙ୍କୁ ଭାରତ ସବୁଦିନ ପାଇଁ ହରାଇଥିବା ଡାକ୍ତରଖାନା ପକ୍ଷରୁ ଘୋଷଣା କରାଯାଇଛି। ଶୋକବାର୍ତ୍ତାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି, 'ଲତାଜୀଙ୍କ ଦେହାନ୍ତ ମୋ ପାଇଁ ଏବଂ ବିଶ୍ୱର କୋଟି କୋଟି ପ୍ରଶଂସକଙ୍କ ପାଇଁ ହୃଦୟ ବିଦାରକ। ତାଙ୍କ ହଜାର ହଜାର ଗୀତରେ ଭାରତର ମୌଳିକତା ଓ ସୌନ୍ଦର୍ଯ୍ୟ ଭରିରହିଛି। ପିଢି ପରେ ପିଢ଼ି ତାଙ୍କ ସଙ୍ଗୀତ ମାଧ୍ୟମରେ ନିଜର ଭାବନାକୁ ଭେଟିଛନ୍ତି। ଭାରତ ରତ୍ନ ଲତାଜୀଙ୍କ ଉପଲବ୍ଧି ସର୍ବଦା ଅତୁଳନୀୟ'। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟରେ କହିଛନ୍ତି, 'ଲତା ମଙ୍ଗେସକରଙ୍କ ବିୟୋଗଜନିତ ଦୁଃଖ ଶବ୍ଦରେ ଅବର୍ଣ୍ଣନୀୟ। ଦୟାଳୁ ଓ ସ୍ନେହୀ ଲତା ଦିଦି ଆମକୁ ଛାଡ଼ି ଚାଲିଯାଇଛନ୍ତି। ଏହା ଦେଶ ପାଇଁ ଅପୂରଣୀୟ କ୍ଷତି। ଆସନ୍ତା ପିଢ଼ି ତାଙ୍କୁ ଭାରତୀୟ ସଂସ୍କୃତିର ଏକ ପ୍ରତୀକ ଭାବେ ମନେ ରଖିବ। ତାଙ୍କ ସ୍ୱର ଲୋକଙ୍କୁ ଆନନ୍ଦିତ ଓ ରୋମାଞ୍ଚକର ଅନୁଭୂତି ଦେବାରେ ବେଶ୍ ଦକ୍ଷ ଥିଲା'। ଲତା ମଙ୍ଗେସକରଙ୍କ ପରିବାର ସମେତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବଲିଉଡର ବହୁ କଳାକାର ଓ ଅନ୍ୟ ପ୍ରମୁଖ ସେଲିବ୍ରିଟିମାନେ ଶିବାଜୀ ପାର୍କରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ, ଏନ୍‌ସିପି ଅଧ୍ୟକ୍ଷ ଶରତ ପାୱାର, କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲ, ଦେବେନ୍ଦ୍ର ଫଡନବିସ୍, ପ୍ରମୋଦ ସାୱନ୍ତଙ୍କ ସମେତ ବଲିଉଡ୍ ସୁପରଷ୍ଟାର ଶାହରୁଖ ଖାନ୍, ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର, ଅଭିନେତା ରଣବୀର କପୁର, ଆମୀର ଖାନ୍, ଆଶୁତୋଷ ଗୋୱାଲିକର, ଜାଭେଦ ଅଖତର, ରାହୁଲ ବୈଦ୍ୟ, ବିଦ୍ୟା ବଲାନ, ଶ୍ରଦ୍ଧା କପୁର ପ୍ରମୁଖ ତାଙ୍କ ଶେଷକୃତ୍ୟବେଳେ ଉପସ୍ଥିତ ଥିଲେ। କୋଭିଡ୍ କଟକଣା ସତ୍ତ୍ୱେ ହଜାରେରୁ ଊର୍ଦ୍ଧ୍ୱ ଲୋକ ଶିବାଜୀ ପାର୍କରେ ଭାରତର କୋକିଳାଙ୍କ ଶେଷ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ।

ଲତା ଓରଫ୍ ହେମା ମଙ୍ଗେସ୍‌କର ୧୯୨୯ ସେପ୍ଟେମ୍ବର ୨୮ରେ ଇନ୍ଦୋରରେ ଜନ୍ମଗ୍ରହଣ କରିଥିଲେ। ସେ ହଜାରେରୁ ଅଧିକ ହିନ୍ଦୀ ଫିଲ୍ମ ଏବଂ ୩୬ଟି ବିଭିନ୍ନ ଭାରତୀୟ ଭାଷାରେ ସେ ୨୫,୦୦୦ରୁ ଊର୍ଦ୍ଧ୍ୱ ଗୀତ ଗାଇଛନ୍ତି। ୧୯୮୯ରେ ସେ ଭାରତ ସରକାରଙ୍କଠାରୁ ଦାଦାସାହେବ ଫାଲ୍‌କେ ପୁରସ୍କାର ଗ୍ରହଣ କରିଥିଲେ। କଳାକ୍ଷେତ୍ରରେ ତାଙ୍କ ବିଶେଷ ଅବଦାନ ଲାଗି ୨୦୦୧ରେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତ ରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ. ଏସ୍. ସୁବୁଲକ୍ଷ୍ମୀଙ୍କ ପରେ ଏହି ସମ୍ମାନ ପାଇବାରେ ଲତା ମଙ୍ଗେସ୍‌କର ଦ୍ୱିତୀୟ କଣ୍ଠଶିଳ୍ପୀ। ୨୦୦୭ରେ ଫ୍ରାନ୍ସ ସରକାର ମଧ୍ୟ ତାଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଦ ଅଫିସର ଅଫ୍ ଦ ଲିଜିଓନ ଅଫ୍ ଅନର' ପ୍ରଦାନ କରିଥିଲେ। ଏଥିସହ ସେ ୩ ଜାତୀୟ ଫିଲ୍ମ ପୁରସ୍କାର, ୧୫ ବେଙ୍ଗଲ୍ ଫିଲ୍ମ ଜର୍ନାଲିଷ୍ଟସ ଆସୋସିଏଶନ ଆୱାର୍ଡ, ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ବର୍ଗରେ ୪ ଫିଲ୍ମଫେୟାର, ୨ ସ୍ୱତନ୍ତ୍ର ଫିଲ୍ମ ଫେୟାର, ଫିଲ୍ମ ଫେୟାର ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ ଆଦି ହାସଲ କରିଛନ୍ତି। ୧୯୭୪ରେ ଲଣ୍ଡନର ରୟାଲ ଆଲବର୍ଟ ହଲ୍‌ରେ କୌଣସି ଭାରତୀୟ ଭାବେ କଳା ପ୍ରଦର୍ଶନ କରିବାରେ ସେ ପ୍ରଥମ ବ୍ୟକ୍ତି ହୋଇଥିଲେ। ତାଙ୍କ ୪ ଭଉଣୀ ଭାଇ ଅଛନ୍ତି। ସେମାନେ ହେଲେ ମୀନା ଖଦିକର, ଆଶା ଭୋସଲେ, ଉଷା ମଙ୍ଗେସ୍‌କର ଏବଂ ହୃଦୟନାଥ ମଙ୍ଗେସ୍‌କର।





ଭାରତର କୋକିଳାଙ୍କ ଶେଷଦର୍ଶନ ପାଇଁ ଶିବାଜୀ ପାର୍କରେ କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋଏଲ, ପୂର୍ବତନ କ୍ରିକେଟର ସଚିନ ତେନ୍ଦୁଲକର ଏବଂ ବଲିଉଡ୍ ଅଭିନେତା ଶାହରୁଖ ଖାନ୍।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି।

## ଗୀତ ଶୁଣି କାନ୍ଦିଥିଲେ ନେହେରୁ



୧୯୬୩ ଜାନୁୟାରୀ ୨୬। କବି ପ୍ରଦୀପଙ୍କ ଦ୍ୱାରା ଲିଖିତ 'ଏ ମେରେ ବତନ କେ ଲୋଗୋଁ' ଗୀତକୁ ଗାଇଥିଲେ ଲତା ମଙ୍ଗେସକର। ୧୯୬୨ ଭାରତ-ଚାଇନା ଯୁଦ୍ଧରେ ପ୍ରାଣବଳି ଦେଇଥିବା ଭାରତୀୟ ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ନିମେନ୍ତ ଲତା ଗାଇଥିବା ଏହି ଗୀତ ସେତେବେଳେ ପ୍ରଧାନମନ୍ତ୍ରୀ ଥିବା ଜବାହରଲାଲ ନେହେରୁଙ୍କ ଆଖିରେ ଲୁହ ଆଣିଦେଇଥିଲା। ସେହି ସମୟରେ ସେ ନେହେରୁଙ୍କୁ ସାକ୍ଷାତ କରିଥିଲେ। ନେହେରୁ କହିଥିଲେ, 'ଏ ଝିଅର ଗୀତ ମୋ ଆଖିରେ ଲୁହ ଆଣିଦେଲା'। ପରେ ନେହେରୁ ଲତା ମଙ୍ଗେସକରଙ୍କୁ ଭାବବିହ୍ୱଳ ହୋଇ ଆଲିଙ୍ଗନ କରିନେଇଥିଲେ। ୧୯୬୪ରେ ନେହେରୁ ମୁମ୍ବାଇ ଆସିଥିବାବେଳେ ବାର୍ବୋନ୍ ଷ୍ଟାଡିୟମରେ ଲତା ମଙ୍ଗେସକର ତାଙ୍କ ପାଇଁ 'ଆର୍‌ଜୁ' ଫିଲ୍ମର ଗୀତ 'ଆଜ୍ ରୁଠ୍ କର କହାଁ ଯାଏଗେଁ' ଗାଇଥିଲେ। ସେତେବେଳେ ନେହେରୁ ଏକ କାଗଜରେ 'ଏ ମେରେ ବତନ୍ କେ ଲୋଗୋଁ' ପୁଣି ଗାଇବାକୁ ଲେଖି ଅନୁରୋଧ କରିଥିଲେ। ଲତା ମଙ୍ଗେସକର ତାଙ୍କ ଅନୁରୋଧ ରଖିଥିଲେ।

## ଫିଲ୍ମ ନିର୍ମାତା ଲତାଙ୍କ ଗୋଡ଼ ଧରିବେ କହିଥିଲେ ହାଇଦର

୧୯୪୮ରେ ଲତାଙ୍କ ବାପାଙ୍କ ବନ୍ଧୁ ବିନାୟକ ଦାମୋଦର କର୍ନାଟକିଙ୍କ ମୃତ୍ୟୁ ପରେ ସଙ୍ଗୀତ ନିର୍ଦ୍ଦେଶକ ଗୁଲାମ ହାଇଦର ତାଙ୍କ ମେଣ୍ଟର ହୋଇଥିଲେ। ଗୁଲାମ ତାଙ୍କୁ ପ୍ରଯୋଜକ ଶଶାଧର ମୁଖାର୍ଜୀଙ୍କ ସହ ପରିଚିତ କରାଇଥିଲେ। ହେଲେ ଲତାଙ୍କ ସ୍ୱର ବହୁ ପତଳା ହୋଇଥିବା କହି ମୁଖାର୍ଜୀ ତାଙ୍କୁ ମନା କରିଦେଇଥିଲେ। ଗୁଲାମ ରାଗରେ କହିଥିଲେ, ଦିନ ଆସିବ ସବୁ ପ୍ରଯୋଜକ ଏବଂ ନିର୍ଦ୍ଦେଶକ ସେମାନଙ୍କ ଫିଲ୍ମରେ ସ୍ୱର ଦେବା ନିମନ୍ତେ ଲତାଙ୍କ ଗୋଡ଼ ଧରି ଭିକ୍ଷା ମାଗିବେ। ପରେ ହାଇଦର ତାଙ୍କୁ ନାଜିମ୍ ପାନିପତିଙ୍କ ଦ୍ୱାରା ଲିଖିତ ତଥା 'ମଜବୁର' (୧୯୪୮) ଫିଲ୍ମର ଦିଲ୍ ମେରା ତୋଡା, ମୁଝେ କହିଁକା ନା ଛୋଡା' ଗୀତ ଗାଇବାକୁ ସୁଯୋଗ ଦେଇଥିଲେ। ଏହା ଲତାଙ୍କୁ ବଡ଼ ସଫଳତା ଦେଇଥିଲା।

## କବି ପ୍ରଦୀପଙ୍କ ଜନ୍ମଦିନରେ ଲତାଙ୍କ ପରଲୋକ

ଲତା ମଙ୍ଗେସକର ଗାଇଥିବା ଦେଶାତ୍ମବୋଧ ଗୀତ 'ୟେ ମେରେ ୱତନ କେ ଲୋଗୋଁ' ସବୁଦିନ ଅମର ହୋଇ ରହିବ। ଏହି ଗୀତ ଶୁଣିଲେ ପ୍ରତ୍ୟେକ ଦେଶପ୍ରେମୀଙ୍କ ଆଖିରେ ଲୁହ ଆସିଯାଇଥାଏ। ଉକ୍ତ ଗୀତର ରଚୟିତା ଥିଲେ କବି ପ୍ରଦୀପ ଓ ଏହାକୁ ସଙ୍ଗୀତରେ ସଜାଇଥିଲେ ସି. ରାମଚନ୍ଦ୍ରନ୍। ତେବେ ଈଶ୍ୱରଙ୍କ ବିଚିତ୍ର ଲୀଳା ତଥା ବିଚିତ୍ର ସଂଯୋଗ ଯେ କବି ପ୍ରଦୀପଙ୍କ ଜନ୍ମବାର୍ଷିକୀ ଫେବୃୟାରୀ ୬ରେ ଲତା ମଙ୍ଗେସକର ଇହଧାମ ତ୍ୟାଗ କରିଛନ୍ତି।

## ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତିରେ ପାର୍ଲାମେଣ୍ଟ ସେଣ୍ଟ୍ରାଲ ହଲ୍‌ରେ ଗାଇଥିଲେ

ଭାରତ ସ୍ୱାଧୀନତାର ୫୦ ବର୍ଷ ପୂର୍ତ୍ତି ଅବସରରେ ୧୯୯୭ ଅଗଷ୍ଟ ୧୪-୧୫ ରାତି ୧୨ଟାରେ କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକର ପାର୍ଲାମେଣ୍ଟର ସେଣ୍ଟ୍ରାଲ ହଲ୍‌ରେ 'ସାରେ ଜହାଁ ସେ ଅଚ୍ଛା' ସଙ୍ଗୀତ ଗାନ କରିଥିଲେ। ତାଙ୍କ କଣ୍ଠରୁ ଏହି ଦେଶାତ୍ମବୋଧ ଗୀତର ମଧୁର ମୂର୍ଚ୍ଛନା ସେଣ୍ଟ୍ରାଲ ହଲ୍‌ରେ ଗୁଞ୍ଜରିତ ହୋଇଥିଲା। ସେଠାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଏହି ଗୀତ ଗାଇବାରୁ ନିଜକୁ ରୋକିପାରି ନ ଥିଲେ ଏବଂ ଲତାଙ୍କ ସହ ସ୍ୱର ମିଳାଇ ଗୁଣୁଗୁଣାଇଥିଲେ।

## ଭାରତୀୟ କ୍ରିକେଟ୍‌କୁ ଲଜ୍ଜିତ ହେବାରୁ ବଞ୍ଚାଇଥିଲେ

୧୯୮୩ରେ ଇଂଲଣ୍ଡର ଲର୍ଡ୍ସରେ ଇତିହାସ ରଚିଥିଲା କପିଳ ଦେବଙ୍କ ନେତୃତ୍ୱାଧୀନ ଭାରତୀୟ କ୍ରିକେଟ ଦଳ। ଏଥିରେ ଖୁସି ହେବା ବଦଳରେ ଚିନ୍ତିତ ଥିଲେ ବିସିସିଆଇ ସଭାପତି ତଥା ଇନ୍ଦିରା ଗାନ୍ଧୀଙ୍କ କ୍ୟାବିନେଟରେ ମନ୍ତ୍ରୀ ଥିବା ଏନ୍‌କେପି ସାଲଭେ। ସେତେବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ଆର୍ଥିକ ରୂପେ ସ୍ୱଚ୍ଛଳ ନ ଥିଲା। ବିଶ୍ୱକପ୍ ଜିତିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧନା କରାଯିବାର ଆବଶ୍ୟକତା ଥିଲା। ତେବେ ସମସ୍ୟାର ସମାଧାନ ଆଶାରେ ସାଲଭେ ପହଞ୍ଚିଥିଲେ ରାଜ ସିଂଙ୍କ ପାଖରେ। ଆଉ କୌଣସି ଉପାୟ ନ ପାଇଁ ରାଜ ସିଂ କ୍ରିକେଟର ଅତ୍ୟତମ ପ୍ରଶଂସିକା ଲତା ମଙ୍ଗେସକରଙ୍କୁ ଯୋଗାଯୋଗ କରିଥିଲେ। ଦିଲ୍ଲୀର ଜୱାହରଲାଲ ନେହେରୁ ଷ୍ଟାଡିୟମରେ ଲତା ଜୀ ପାଖାପାଖି ୨ ଘଣ୍ଟାର ପ୍ରୋଗ୍ରାମ କରିଥିଲେ। ଏହି ଇଭେଣ୍ଟରୁ ଯେତିକି ଆୟ ହୋଇଥିଲା, ସେଥିରେ ବିସିସିଆଇ ୧୪ ଖେଳାଳିଙ୍କୁ ଏକ ଲକ୍ଷ ଲେଖାଏ ଟଙ୍କାର ପୁରସ୍କାର ରାଶି ଦେବାକୁ ସକ୍ଷମ ହୋଇଥିଲା। ଏଥିଯୋଗୁ ଲଜ୍ଜିତ ହେବାରୁ ବର୍ତ୍ତି ଯାଇଥିଲା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ।



ରାଷ୍ଟ୍ରପତି କେ.ଆର୍ ନାରାୟଣନଙ୍କଠାରୁ ଲତା ମଙ୍ଗେସକର ଭାରତ ରତ୍ନ ଗ୍ରହଣ କରିବା ବେଳର ଫଟୋ।

## ଲତାଙ୍କୁ ସ୍ଲୋ ପଏଜନ ଦିଆଯାଇଥିଲା

ଲତା ମଙ୍ଗେସର ଏକ ସାକ୍ଷାତକାରରେ କହିଥିଲେ, ୧୯୬୨ରେ ସେ ପ୍ରାୟ ମାସେ ଧରି ଅସୁସ୍ଥ ଥିଲେ। ଡାକ୍ତର ଚିକିତ୍ସା କରିବା ପରେ ତାଙ୍କୁ ସ୍ଲୋ ପଏଜନ ଦିଆଯାଇଥିବା କହିଥିଲେ। ସେତେବେଳେ ତାଙ୍କ ଘରେ ଜଣେ ଚାକର କାମ କରୁଥିଲେ। ଏହି କଥା ସାମ୍ନାକୁ ଆସିବା ପରେ ଚାକର ଜଣକ କାହାକୁ କିଛି ନ କହି ଘରୁ ପଳାଇଥିଲେ। କେହି ଜାଣିଶୁଣି ସେହି ବ୍ୟକ୍ତିଙ୍କୁ ଲତାଙ୍କ ଘରେ କାମ କରିବା ପାଇଁ ପଠାଇଥିଲା ବୋଲି ଲତା ସନ୍ଦେହ କରିଥିଲେ। ସେ ପ୍ରାୟ ୩ ମାସ ପର୍ଯ୍ୟନ୍ତ ଚିକିତ୍ସିତ ହୋଇଥିଲେ।

## ହେମାରୁ ଲତା ମଙ୍ଗେସକର

ପଣ୍ଡିତ ଦୀନାନାଥ ମଙ୍ଗେସକର ଏବଂ ଶେବନ୍ତୀ ମଙ୍ଗେସ୍‌କରଙ୍କ ବଡ଼ ଝିଅ ହେଉଛନ୍ତି ଲତା ମଙ୍ଗେସ୍‌କର। ଦୀନାନାଥ ଜଣେ ମରାଠୀ ଏବଂ କୋଙ୍କଣୀ ସଙ୍ଗୀତଜ୍ଞ ସମେତ ଥିଏଟର କଳାକାର ଥିଲେ। ଶେବନ୍ତୀଙ୍କ ବଡ଼ ଭଉଣୀ ନର୍ମଦାଙ୍କୁ ଦୀନନାଥ ବିବାହ କରିଥିଲେ। ନର୍ମଦାଙ୍କ ମୃତ୍ୟୁ ପରେ ସେ ଶେବନ୍ତୀଙ୍କ ହାତ ଧରିଥିଲେ। ଦୀନାନାଥ ତାଙ୍କ ପରିବାରକୁ ଗୋଆର ମଙ୍ଗେସି ସହରର ବାସିନ୍ଦା ପରିଚୟ ଦେବାକୁ ମଙ୍ଗେସକର ଟାଇଟଲଙ୍କୁ ଗ୍ରହଣ କରିଥିଲେ। ଜନ୍ମବେଳେ ଲତାଙ୍କ ନାଁ ହେମା ଥିଲା। ଭାବ ବନ୍ଧନ ନାମକ ଏକ ଡ୍ରାମାରେ ଲତିକା ଚରିତ୍ରର ନାଁ ଅନୁସାରେ ତାଙ୍କ ବାପା ହେମାଙ୍କ ନାମ ବଦଳାଇ ଲତା ରଖିଥିଲେ। ପିଲାବେଳେ ଲତା ସବୁବେଳେ ସାନ ଭଉଣୀ ଆଶାଙ୍କୁ ସାଙ୍ଗରେ ନେଇ ଯାଉଥିଲେ। ସ୍କୁଲର ପ୍ରଥମ ଦିନରେ ମଧ୍ୟ ସେ ଆଶାଙ୍କୁ ନେଇଥିଲେ। ହେଲେ ସେଠାରେ ତାଙ୍କ ଭଉଣୀଙ୍କୁ ଆଣିବାକୁ ମନା କରାଯିବାରୁ ପ୍ରଥମ ଦିନ ପରେ ଲତା ଆଉ ସ୍କୁଲକୁ ଯାଇ ନ ଥିଲେ।

## ପ୍ରଥମ ଗୀତ ଚଳଚ୍ଚିତ୍ରରୁ ବାଦ୍ ପଡ଼ିଥିଲା

ଲତା ମଙ୍ଗେସ୍‌କର ୧୯୪୨ରେ ମରାଠି ଚଳଚ୍ଚିତ୍ର 'କିଟି ହସାଲ' ପାଇଁ ପ୍ରଥମ ଗୀତ ଗାଇଥିଲେ। 'ନାଚୁ ୟା ଗୋଦେ, ଖେଲୁ ସାରି ମନି ହାଉସ୍ ଭାରି' ତାଙ୍କ କ୍ୟାରିୟରରେ ରେକର୍ଡ ହୋଇଥିବା ପ୍ରଥମ ଗୀତ। ତେବେ ସିନେମାର ଫାଇନାଲ କଟ୍‌ରେ ଉକ୍ତ ଗୀତକୁ ବାଦ୍ ଦିଆଯାଇଥିଲା।

## ରେକର୍ଡିଂ ବେଳେ ମୂର୍ଚ୍ଛା ଯାଇଥିଲେ



ଲତା ମଙ୍ଗେସକର ମ୍ୟୁଜିକ୍ କମ୍ପୋଜର ନୌଶାଦଙ୍କ ସହ ଏକଦା ଗୀତ ରେକର୍ଡିଂ କରୁଥିବା ବେଳେ ମୂର୍ଚ୍ଛା ଯାଇଥିଲେ। ମୁମ୍ବାଇରେ ଏକ ଉତ୍ତପ୍ତ ଗ୍ରୀଷ୍ମ ଅପରାହ୍ନରେ ଗୀତ ରେକର୍ଡିଂ ଚାଲିଥିଲା। ସେତେବେଳେ ବାତାନୁକୂଳିତ ଷ୍ଟୁଡ଼ିଓ ନ ଥିଲା। ଚୂଡ଼ାନ୍ତ ରେକର୍ଡିଂ ବେଳେ ଫ୍ୟାନ୍ ମଧ୍ୟ ବନ୍ଦ କରିଦିଆଯାଉଥିଲା। ଫଳରେ ସେ ବେହୋସ୍ ହୋଇଯାଇଥିଲେ।

## ରିମିକ୍ସ ସଂସ୍କୃତିର ବିରୋଧୀ ଥିଲେ

ସଙ୍ଗୀତରେ ରିମିକ୍ସ ସଂସ୍କୃତିକୁ ଲତା ମଙ୍ଗେସକର ସବୁବେଳେ ବିରୋଧ କରୁଥିଲେ। ୨୦୧୮ ଜୁନ୍‌ରେ ସେ ଏହା ଉପରେ ନିଜର ଅସନ୍ତୋଷ ଲେଖିଥିଲେ। ଶାସ୍ତ୍ରୀୟ ସଙ୍ଗୀତଗୁଡ଼ିକର ନୂଆ ରୂପକୁ ଅନୁମୋଦନ କରିବା ପୂର୍ବରୁ ରେକର୍ଡିଂ କମ୍ପାନୀଗୁଡ଼ିକ ଥରେ ଚିନ୍ତା କରିବାକୁ ସେ ଅନୁରୋଧ କରିଥିଲେ। ନୀତିଗତ ଦୃଷ୍ଟିରୁ ଏହା ଭୁଲ୍ ନୁହେଁ। ଯେ ପର୍ଯ୍ୟନ୍ତ ଗୋଟିଏ ଗୀତର ନିଷ୍କର୍ଷ ରହିଛି, ଏହାକୁ ନୂଆ ଢଙ୍ଗରେ ପରିବେଷଣ କରିବା ଠିକ୍। କିନ୍ତୁ ଗୋଟିଏ ଗୀତକୁ ଏହାର ମୂଳ ଧାରାରୁ ବିଚ୍ୟୁତ କରିଦେବା ଭୁଲ୍ ବୋଲି ଲତା ଲେଖିଥିଲେ।

## ୟେ ମେରେ ୱତନ କି ଲୋଗୋଁ



ଥରେ ମନେ ପକାନ୍ତୁ ନା ଲତା ମଙ୍ଗେସକର ଗାଇଥିବା ସେହି ଦେଶାତ୍ମବୋଧକ ଗୀତ 'ୟେ ମେରେ ୱତନ କି ଲୋଗୋଁ'କୁ। ଗୀତଟି ଶୁଣିଲେ ସ୍ୱତଃ ମନ ଭାବବିହ୍ୱଳ ହୋଇଯାଇଥାଏ। ଏକଦା ଏହି ଗୀତ ଶୁଣି ଭାରତର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଏପରି ପ୍ରଭାବିତ ହୋଇଯାଇଥିଲେ ଯେ ଲତାଙ୍କ କଣ୍ଠରୁ ଗୀତ ଶୁଣୁଥିବା ବେଳେ ତାଙ୍କ ଆଖିରେ ଲୁହ ଚାଲିଆସିଥିଲା। ପ୍ରଦୀପଙ୍କ ରଚିତ ଏହି ଗୀତକୁ ସ୍ୱର ସଂଯୋଜନା କରିଥିଲେ ସି. ରାମଚନ୍ଦ୍ର। ୧୯୬୨ରେ ଭାରତ-ଚାଇନା ଯୁଦ୍ଧରେ ଶହୀଦ ହୋଇଥିବା ଭାରତୀୟ ସୈନିକଙ୍କ ଉଦ୍ଦେଶ୍ୟରେ ଏହି ଗୀତଟିକୁ ରଚନା କରାଯାଇଥିଲା, ଯାହାର ଲୋକପ୍ରିୟତା ଏବେ ମଧ୍ୟ ରହିଛି।

## ଲତାଙ୍କ ଚର୍ଚ୍ଚିତ ସିନେ ଗୀତ

| ଗୀତ | ଚଳଚ୍ଚିତ୍ର |
|---|---|
| ଲଗ୍ ଜା ଗଲେ | 'ୱ କୌନ୍ ଥି' |
| ଦିଦି ତେରା ଦେୱର ଦିୱାନା | 'ହମ୍ ଆପକେ ହୈ କୌନ୍' |
| ଏକ ପ୍ୟାର୍ କା ନଗମା ହୈ | 'ସୂର' |
| କବୁତର ଜା ଜା | 'ମୈନେ ପ୍ୟାର କିୟା' |
| ୟେ କାହାଁ ଆଗୟେ ହମ୍ | 'ସିଲ୍‌ସିଲା' |
| କଭି ଖୁସି କଭି ଗମ୍ | 'କଭି ଖୁସି କଭି ଗମ୍' |
| ଡଫଲିୱାଲେ ଡଫଲି ବଜା | 'ସରଗମ' |
| ପ୍ୟାର୍ କିୟା ତୋ ଡର୍‌ନା କ୍ୟା | 'ମୁଗଲ ଇ ଆଜମ' |
| ଦୁଷ୍‌ମନ ନା କରେ | 'ଆଖରୀ କ୍ୟୁ' |
| ୟେ ଗଲିୟାଁ ୟେ ଚୌବାରା | 'ପ୍ରେମ ରୋଗ୍' |
| ୟେ ସମା ସମା ହୈ ପ୍ୟାର୍ କା | 'ଜବ୍ ଜବ୍ ଫୁଲ୍ ଖିଲେଁ' |
| କୋରା କାଗଜ ଥା ଏ ମନ ମେରା | 'ଆରାଧନା' |
| ଗାତା ରହେ ମେରା ଦିଲ୍ | 'ଗାଇଡ୍' |
| ବାହୋଁ ମେଁ ଚଲେ ଆଓ | 'ଅନାମିକା' |
| ରିମ୍‌ଝିମ୍ ଗିରେ ସାୱନ | 'ମଞ୍ଜିଲ୍' |
| ସତ୍ୟମ୍ ଶିବମ୍ ସୁନ୍ଦରମ୍ | 'ସତ୍ୟମ୍ ଶିବମ୍ ସୁନ୍ଦରମ୍' |

## ଲତାଙ୍କ କଣ୍ଠରେ 'ଅରୁନ୍ଧତୀ'ର ଅଭୁଲା ଗୀତ

ଓଡ଼ିଆ ସିନେମାରେ ସୁର ସରସ୍ୱତୀ ଲତା ମଙ୍ଗେସ୍‌କର କଣ୍ଠଦାନ କରିଛନ୍ତି। ଷାଠିଏ ଦଶକରେ ମୁକ୍ତିଲାଭ କରିଥିବା ଦୁଇଟି ଚଳଚ୍ଚିତ୍ର 'ସୂର୍ଯ୍ୟମୁଖୀ'ରେ 'ସେହି ଚୁନା ଚୁନା ତାରା ଫୁଲ' ଏବଂ 'ଅରୁନ୍ଧତୀ'ରେ 'ଆଜି ମୁଁ ଶ୍ରାବଣୀ...' ଏବେ ବି ଓଡ଼ିଆ ଶ୍ରୋତାଙ୍କୁ ଆନମନା କରିଥାଏ। ଗୁରୁକୃଷ୍ଣ ଗୋସ୍ୱାମୀଙ୍କ ରଚିତ ଏହି ଗୀତକୁ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ସ୍ୱର୍ଗତ ଶାନ୍ତନୁ ମହାପାତ୍ର। ଯାହାର ରେକର୍ଡିଂ ବମ୍ବେରେ ହୋଇଥିଲା। 'ସୂର୍ଯ୍ୟମୁଖୀ' ଓ 'ଅରୁନ୍ଧତୀ' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବାରେ ମଧ୍ୟ ସଫଳ ହୋଇଥିଲା।

## ଅବିସ୍ମରଣୀୟ ଲତା

ଓଡ଼ିଆ ଚଳଚ୍ଚିତ୍ରରେ ନିଜ ସ୍ୱରର ଛାପ ଛାଡ଼ିଯାଇଛନ୍ତି ଲତା ମଙ୍ଗେସକର। ତାଙ୍କ ସମ୍ପର୍କରେ ଯାହା କୁହନ୍ତି ଏମାନେ...

### ଲତାଜୀଙ୍କ ପାଦ ଛୁଇଁ କାନ୍ଦିଥିଲି



ମୋର ସୌଭାଗ୍ୟ ଯେ ମୁଁ ଲତାଜୀଙ୍କ ସଂସ୍ପର୍ଶରେ ଆସିଥିଲି। ୧୯୬୦/୬୧ ମସିହା କଥା। ମୋ ଗୁରୁ ବି.ଆର୍. ନବରଙ୍ଗଙ୍କର ସେ କିଛିଦିନ ପାଇଁ ଛାତ୍ରୀ ଥିଲେ। ଲତାଜୀଙ୍କ ବାପା ଦିନାନାଥ ମଙ୍ଗେସକରଙ୍କ ଶ୍ରାଦ୍ଧ କାର୍ଯ୍ୟକ୍ରମକୁ ମାଷ୍ଟରଜୀ ମୋତେ ତାଙ୍କ ଘରକୁ ନେଇକି ଯାଇଥିଲେ। ଲତାଜୀ ମାଷ୍ଟରଜୀଙ୍କୁ ପ୍ରଣାମ କରିବାକୁ ଆସିବା ବେଳେ ମୁଁ ତାଙ୍କ ପାଦ ଛୁଇଁଥିଲି। ତାଙ୍କ ପାଦ ଧରି ବହୁତ କାନ୍ଦିଥିଲି। ଅନୁରୋଧ କ୍ରମେ ସେ ମତେ ତାଙ୍କ ସଙ୍ଗୀତ ଅଭ୍ୟାସ ବେଳେ କିଛି ସମୟ ବସିବାକୁ ସୁଯୋଗ ଦେଇଥିଲେ। ଥରେ ପୁରୀରୁ ତାଙ୍କ ପାଇଁ ଖଜା ଭୋଗ, ରାଧାକୃଷ୍ଣଙ୍କ ମୂର୍ତ୍ତି ନେଇକି ଯାଇଥିଲି। ସେ ମତେ ଧରି କହିଲେ ଯେ, 'ଜଗନ୍ନାଥଙ୍କ ମନ୍ଦିରରୁ ତମେ ଆସିଛ, ତମକୁ ଧରି ଜଗନ୍ନାଥଙ୍କ ଦର୍ଶନ ପାଇଗଲି'।

- ପଦ୍ମଶ୍ରୀ ଶ୍ୟାମାମଣୀ ଦେବୀ, ଓଡ଼ିଶୀ କଣ୍ଠଶିଳ୍ପୀ

### ତାଙ୍କ ସହ ଥିଲା ପାରିବାରିକ ସମ୍ପର୍କ



ଲତା ମଙ୍ଗେସକରଙ୍କ ସହ ମୋର ପାରିବାରିକ ସମ୍ପର୍କ ଥିଲା। ତାଙ୍କ ସହ ଏକ ଗୀତ କରିବାର ଯୋଜନା ଥିଲା, ମାତ୍ର ମୋର ଦୁର୍ଭାଗ୍ୟ ଯେ ଏହା ହୋଇ ପାରିଲା ନାହିଁ। ବମ୍ବେ ଯିବା ମାନେ ତାଙ୍କ ଘରକୁ ଯିବା ନିଶ୍ଚୟ ଥିଲା। ଲତାଜୀଙ୍କ ମା' ମତେ ବହୁତ ଭଲପାଆନ୍ତି। ଓଡ଼ିଶା କେବେ ନ ଆସିଥିଲେ ବି ଓଡ଼ିଆ ଗୀତରେ ସେ କଣ୍ଠଦାନ କରିଛନ୍ତି। - **ପ୍ରଫୁଲ୍ଲ କର, ବରିଷ୍ଠ ସଙ୍ଗୀତଜ୍ଞ**

### ଲତାଜୀଙ୍କ ଘରକୁ ଯିବାର ସୁଯୋଗ ପାଇଥିଲି



ଲତାଜୀଙ୍କୁ ବ୍ୟକ୍ତିଗତ ଭାବେ ଭେଟିବାର ସୁଯୋଗ ମିଳି ନ ଥିଲା। ମାତ୍ର ତାଙ୍କ ବାସଭବନ ପ୍ରଭୁକୁଞ୍ଜକୁ ଯିବାର ସୁଯୋଗ ପାଇଥିଲି। ଲତା ଦିଦି ଯଥା ସମୟରେ ସେଠାକୁ ଆସି ପାରି ନ ଥିବାରୁ ତାଙ୍କ ସହ ଦେଖା ହୋଇ ନ ଥିଲା। ତେବେ ତାଙ୍କ ବାସଭବନକୁ ଯାଇ ବୁଲିଆସିବା ମୋ ପାଇଁ ସୌଭାଗ୍ୟର କଥା। ଠାକୁରଙ୍କ ଦର୍ଶନ ହେଉ କି ନ ହେଉ, ତୀର୍ଥକ୍ଷେତ୍ରରେ ପାଦ ପଡିବା ବଡ କଥା। - **ମନ୍ମଥ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ**

### ଦୁଇଟି ଚଳଚ୍ଚିତ୍ରରେ କାମ କରିଛି



ତାଙ୍କ ସହ ମୁଁ ଦୁଇଟି ହିନ୍ଦୀ ଚଳଚ୍ଚିତ୍ର 'ଭିଗି ପଲ୍‌କେଁ' ଏବଂ 'ସମୟକି ଧାରା'ରେ କାମ କରିଛି। ତାଙ୍କ ଘର 'ପ୍ରଭୁ କୁଞ୍ଜ'କୁ ଯିବାର ସୁଯୋଗ ପାଇଥିଲି। ତାଙ୍କ ବିୟୋଗରେ ସଙ୍ଗୀତ ଜଗତ ଖାଲି ହୋଇଗଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

- ଶିଶିର ମିଶ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ

### ସେ ସବୁବେଳେ ଆମ ପାଇଁ ବର୍ତ୍ତମାନ



ଲତା ଦିଦି ସବୁବେଳେ ଆମ ଲାଗି ବର୍ତ୍ତମାନ। ସେ ଯେକୌଣସି ଗୀତକୁ ସଫଳ ରୂପାୟନ ଦେଇପାରନ୍ତି। ତାଙ୍କର କେବେ ବି ଅହଂକାର ନ ଥିଲା। ସେ ଓଡ଼ିଆ ଗୀତ ଗାଇଛନ୍ତି, ଯାହାକି ଆମ ପାଇଁ ଗର୍ବର କଥା। - **ଲକ୍ଷ୍ମୀକାନ୍ତ ପାଲିତ, କଣ୍ଠଶିଳ୍ପୀ**

> ଦୁଇ ବିପରୀତ ଦିଗରୁ ଆସନ୍ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତ ପରର ମିଳିତ ହେବ ଏବଂ ପରର ମଧ୍ୟରେ ଲୟପ୍ରାପ୍ତ ହେବ – ଯାହା ଫଳରେ କି ସମ୍ମିଳିତ ମାନବଜାତିର ଜୀବନରେ ଏକ ସର୍ବସାଧାରଣ ଜଗତ-ସଂସ୍କୃତିର ପ୍ରତିଷ୍ଠା ହେବ। -ଶ୍ରୀଅରବିନ୍ଦ

# ହିଜାବ ପ୍ରସଙ୍ଗ

ହିଜାବ ପିନ୍ଧିଥିବା ମୁସଲମାନ ଛାତ୍ରୀଙ୍କୁ କର୍ନାଟକର ଉଡୁପି ଓ କୁନ୍ଦପୁରର ସରକାରୀ କଲେଜରେ ପ୍ରବେଶ ଅନୁମତି ନ ମିଳିବାରୁ ତାହାକୁ ନେଇ ବିବାଦ ଲାଗିରହିଛି। ଏପରି କି ଶିକ୍ଷାନୁଷ୍ଠାନ ନିୟମକୁ ବିରୋଧ କରି ୫ ଛାତ୍ରୀ କର୍ନାଟକ ହାଇକୋର୍ଟରେ ଆବେଦନ କରିଛନ୍ତି, ଯାହାର ଶୁଣାଣି ୮ ଫେବୃୟାରୀରେ ହେବାର ଅଛି। ଉଲ୍ଲେଖଯୋଗ୍ୟ ଯେ, ବୁର୍କାରେ ମୁସଲମାନ ଯୁବତୀ ଓ ମହିଳା ସମ୍ପୂର୍ଣ୍ଣ ଶରୀର ଆବୃତ କରୁଥିବା ବେଳେ ମୁଣ୍ଡ ଘୋଡ଼ାଇବା ସକାଶେ ବ୍ୟବହାର କରୁଥିବା ବସ୍ତ୍ର (ହିଜାବ)କୁ ନେଇ ବିଭିନ୍ନ ରାଷ୍ଟ୍ରରେ ଦୀର୍ଘବର୍ଷ ହେବ ବିତର୍କ ଲାଗିରହିଛି। ତେବେ ଫ୍ରାନ୍ସରେ ପ୍ରଥମେ ଏହି ଧର୍ମୀୟ ପୋଷାକ ବନ୍ଦ ହୋଇଥିବା ବେଳେ ଶେଷ ୟୁରୋପୀୟ ଦେଶ ଭାବେ ସୁଇଜରଲାଣ୍ଡ ଏହାକୁ ନିଷେଧ କରିଥିବାରୁ ଭାରତରେ ମଧ୍ୟ ତାହାର ପ୍ରତିଫଳନ ଆରମ୍ଭ ହୋଇଯାଇଛି। ତେବେ ହିଜାବ ବିବାଦ ପରେ ସଂହତି, ସଦ୍‌ଭାବନା ଓ ସାଧାରଣ ଶୃଙ୍ଖଳା ବ୍ୟାହତ କରୁଥିବା ପୋଷାକକୁ କର୍ନାଟକ ସରକାର ୫ ଫେବୃୟାରୀରେ ନିଷେଧ କରିଛନ୍ତି। ଏଥିସହିତ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ୟୁନିଫର୍ମ ବା ଗଣବେଶ ପରିଧାନ କରିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଏପରି କି ଘରୋଇ ଶିକ୍ଷାନୁଷ୍ଠାନରେ ଏହାର ପରିଚାଳନା କର୍ତ୍ତୃପକ୍ଷ ଧାର୍ଯ୍ୟ କରିଥିବା ଡ୍ରେସ୍ କୋଡ୍ ମାନିବାକୁ ପଡ଼ିବ ବୋଲି କୁହାଯାଇଛି। କିନ୍ତୁ ହିଜାବ ପ୍ରସଙ୍ଗକୁ ଏବେ ରାଜନୀତିକରଣ କରାଯାଇଛି। ଭାଜପା ଶାସିତ ରାଜ୍ୟ କର୍ନାଟକରେ ବିରୋଧୀ କଂଗ୍ରେସ ଏହି ନିଷ୍ପତ୍ତିକୁ ବିରୋଧ କରି ମୁସଲମାନ ଛାତ୍ରୀମାନଙ୍କ ସପକ୍ଷରେ ଛିଡ଼ା ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚିରାଚରିତ ଭାବେ ମୁସଲ୍‌ମାନ ଝିଅଙ୍କର ହିଜାବ ପିନ୍ଧିବାର ଅଧିକାର ଅଛି ବୋଲି କହି ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛନ୍ତି।

ଏଠାରେ କୁହାଯାଇପାରେ ଯେ, ହିନ୍ଦୁ ମହିଳାମାନେ ମଧ୍ୟ ନିଜ ମୁଣ୍ଡକୁ ଶାଢ଼ିର ଓଢ଼ଣିରେ ଘୋଡ଼ାଇ ଥାଆନ୍ତି। ଅର୍ଥାତ୍ ମୁଣ୍ଡ ଘୋଡ଼ାଇବା ଭାରତୀୟ ଉପ-ମହାଦେଶରେ ଏକ ପ୍ରଥା, ଯାହାକୁ ସବୁ ଧର୍ମରେ ସ୍ୱୀକାର କରାଯାଏ। ତେବେ ଓଡ଼ିଆରେ କଥା ଅଛି– 'ଖା ଭୁଞ୍ଜ୍ ଗିଳ୍'। କର୍ନାଟକରେ ହିଜାବ ପିନ୍ଧିବାକୁ ନେଇ ଉପୁଜିଥିବା ବିବାଦକୁ ଦେଖିଲେ ମନେହେଉଛି ଯେପରି ଜୋର୍‌ଜବରଦସ୍ତ ଗିଳେଇବାର ଉଦ୍ୟମ ଆରମ୍ଭ ହୋଇଛି। କଲେଜରେ ପଢୁଥିବା ଛାତ୍ରୀମାନଙ୍କୁ ବ୍ୟବହାର କରି ମୁସଲ୍‌ମାନ ସମ୍ପ୍ରଦାୟର ପୁରୁଖା ବ୍ୟକ୍ତିମାନେ ଭାବିଛନ୍ତି ଯେ ଏହାଦ୍ୱାରା ଏକ ସାମାଜିକ ଯୁଦ୍ଧ ଆରମ୍ଭ କରିଦେବେ, ଯାହାର ପ୍ରଭାବ ରାଜନୈତିକ ଲୋକଙ୍କ ଉପରେ ପଡ଼ିବ। କିନ୍ତୁ ବାସ୍ତବତା ଦେଖିଲେ ତାଲିବାନ୍ ନିୟନ୍ତ୍ରଣାଧୀନ ଆଫଗାନିସ୍ତାନରେ ସେଠାକାର ସ୍ଥାନୀୟ ମହିଳାମାନେ ବୁର୍କା ଓ ହିଜାବ ବିରୋଧରେ ଆନ୍ଦୋଳନ କରି ସେସବୁ ପିନ୍ଧିବାକୁ ମନା କରୁଛନ୍ତି। ତୁର୍କୀ, ଟ୍ୟୁନିସିଆ ଓ ଇଜିପ୍ଟ ଭଳି ମୁସଲମାନ ରାଷ୍ଟ୍ରରେ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ କିମ୍ବା ସରକାରୀ କାର୍ଯ୍ୟାଳୟରେ ବୁର୍କାକୁ ନିଷେଧ କରାଯାଇଛି।

କର୍ନାଟକର ମୁସଲମାନ ଛାତ୍ରୀମାନେ ହିଜାବ ପିନ୍ଧି ଆସିବାରୁ ତାହାକୁ ବିରୋଧ କରି ହିନ୍ଦୁ ଛାତ୍ରମାନେ ବେକରେ ଗୈରିକ ଶାଲ୍ ବା ଉତ୍ତରୀୟ ପକାଇଥିବା ମଧ୍ୟ ଦେଖିବାକୁ ମିଳିଛି। ଏଥିରୁ ବୁଝିବାକୁ ହେବ ଯେ, ଘୃଣାକୁ ଘୃଣା ମାଧ୍ୟମରେ ଲଢ଼ି ହେବନାହିଁ। ଯଦି ମୁସଲ୍‌ମାନ ସମ୍ପ୍ରଦାୟର ନେତାମାନେ ଭାବିଛନ୍ତି ଯେ, ହିନ୍ଦୁତ୍ୱବାଦୀ ଚିନ୍ତାଧାରାକୁ ପ୍ରତିରୋଧ କରିବାକୁ ଯାଇ କଠୋର ଇସ୍‌ଲାମୀୟ ପନ୍ଥା ଗ୍ରହଣ କରିବା ଉଚିତ, ତେବେ ସେମାନେ ସେମାନଙ୍କ ଯୁବପିଢ଼ିକୁ ଭୁଲ୍ ମାର୍ଗ ଦେଖାଉଛନ୍ତି। ଯେଉଁ ଚିନ୍ତାଧାରା ରାଜନୀତି ଭିତରେ ସୀମିତ ରହିଯିବା କଥା ତାହାକୁ ହିନ୍ଦୁ ଯୁବପିଢ଼ି ଭିତରେ ବୁଣିବା ଏକ ତ୍ରୁଟିପୂର୍ଣ୍ଣ ବିଚାର। ସବୁବେଳେ ଯେ ସଂଖ୍ୟାଗରିଷ୍ଠର ପ୍ରତ୍ୟେକ କାର୍ଯ୍ୟକୁ ବିରୋଧ କରାଯିବା ଉଚିତ ବୋଲି ଯଦି କେହି ଭାବୁଥାଆନ୍ତି, ତେବେ ତାହା ମଧ୍ୟ ବିପଦ ସୃଷ୍ଟି କରିବ। ସମାଜରେ ଭାରସାମ୍ୟ ରଖିବା ସକାଶେ ସଂଖ୍ୟାଲଘୁଙ୍କର ସେହି ପ୍ରକାରର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି, ଯାହାକି ସଂଖ୍ୟାଗରିଷ୍ଠଙ୍କର ମଧ୍ୟ ରହିଛି। ଏହି ସ୍ତମ୍ଭରେ ପୂର୍ବରୁ ଅନେକ ଥର ଲେଖିଥିବା ବିଷୟକୁ ଏବେ ହିଜାବ ଘଟଣାକୁ ନେଇ ସ୍ମରଣ କରାଇ ଦିଆଯାଇପାରେ। ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତରେ ଯେତେବେଳେ ବିଭିନ୍ନ ମାରାତ୍ମକ ଆତଙ୍କବାଦୀ ଆକ୍ରମଣ ଘଟୁଥିଲା ସେତେବେଳେ ମୁସଲମାନ ସମ୍ପ୍ରଦାୟର କୌଣସି ବିରୋଧ ଶୁଣିବାକୁ ମିଳୁ ନ ଥିଲା। ଉଦାହରଣ ସ୍ୱରୂପ ୧୯୯୩ ବମ୍ବେ ବିସ୍ଫୋରଣଠାରୁ ଆରମ୍ଭକରି ୨୦୦୮ ବମ୍ବେ ଆକ୍ରମଣ, ପଠାନକୋଟ୍, ପୁଲୱାମା ଯାଏ ଅନେକ ଶହ ଆତଙ୍କବାଦୀ ଆକ୍ରମଣ ଏ ଦେଶରେ ଘଟିଯାଇଛି। ଏଥିରେ ପୋଲିସ, ସେନା ସମେତ ଅନେକ ସାଧାରଣ ଲୋକଙ୍କ ଜୀବନହାନି ସହ ସମ୍ପତ୍ତି ମଧ୍ୟ ନଷ୍ଟ ହୋଇଛି। ସେତେବେଳେ ମୁସଲମାନ ସମ୍ପ୍ରଦାୟରେ କେହି ପଦେ ସ୍ୱର ଉତ୍ତୋଳନ କରିବାକୁ ଉଚିତ ମନେ କରି ନ ଥିଲେ। ଆଜି ଯେଉଁମାନେ ସେମାନଙ୍କ କନ୍ୟାମାନଙ୍କୁ ହିଜାବ ପିନ୍ଧି ଲଢ଼ିବା ଲାଗି ଆଗକୁ ଠେଲି ଦେଉଛନ୍ତି, ସେମାନେ ପୂର୍ବରୁ ଭାବି ନ ଥିଲେ ଯେ ସମୟ ଆସିପାରେ ଯେତେବେଳେ ଅତିଷ୍ଠ ହୋଇ ହିନ୍ଦୁମାନଙ୍କ ଏକତା ସେମାନଙ୍କ ପାଇଁ କାଳ ସାଜିପାରେ।

ଏହି ପରିପ୍ରେକ୍ଷୀରେ ତାଲିବାନ ଶାସନକୁ ଦେଖାଯାଇପାରେ। ସେଠାକାର ଦୁର୍ଦ୍ଦିନ ପାଇଁ ହିନ୍ଦୁ, ଖ୍ରୀଷ୍ଟିଆନ କିମ୍ବା ଅନ୍ୟ ଧର୍ମର ଲୋକଙ୍କ ହାତ ନାହିଁ। ସାମରିକ ଅସ୍ତ୍ରଶସ୍ତ୍ରରେ ବଳୀୟାନ ଗୋଟେ ମୁସଲମାନ ଗୋଷ୍ଠୀ ନିଜ ଧର୍ମର ଅନ୍ୟମାନଙ୍କ ଉପରେ ଅତ୍ୟାଚାର ଜାରିରଖିଛି। ୧୫ ଅଗଷ୍ଟ ୨୦୨୧ ପୂର୍ବରୁ ସେଠାରେ ଯୁବତୀ ଓ ମହିଳାମାନେ ସ୍ୱାଧୀନ ଭାବେ ଆତଯାତ କରି ଯେଝା ବୃତ୍ତିରେ ସନ୍ତୁଷ୍ଟ ଥିଲେ। ତାଲିବାନ ଶାସନ ଆସିବା ପରେ ପ୍ରଗତିଶୀଳ ଚିନ୍ତାଧାରାକୁ ବଳି ପକାଯାଇ ମଧ୍ୟଯୁଗୀୟ ନିୟମକାନୁନ୍ ଲାଗୁ କରାଯିବା ପରେ ସେଠାରେ ଘୋର ସାମାଜିକ ବିଶୃଙ୍ଖଳା ସୃଷ୍ଟି ହୋଇଯାଇଛି। ବୁର୍କା ବାଧ୍ୟତାମୂଳକ ଓ ନାରୀ ଶିକ୍ଷାକୁ ସଙ୍କୁଚିତ କରିଦିଆଯାଇଥିବା ବିଷୟ ବିଶ୍ୱ ଜାଣିଛି। ଏଭଳି ସ୍ଥଳେ ଭାରତରେ ମୁସଲମାନମାନେ ହିଜାବ ପ୍ରସଙ୍ଗକୁ ବୁଝିବା ଦରକାର। ବାସ୍ତବରେ ଯେଉଁ ବିଷୟ ଓ ପ୍ରସଙ୍ଗ ସର୍ବଜନ ମଙ୍ଗଳରେ ଆସୁଛି, ତାହାକୁ ସର୍ବାନ୍ତକରଣରେ ସହଯୋଗ କରାଯିବା ଦରକାର। ପ୍ରତିବାଦ କରିବା ଉଦ୍ଦେଶ୍ୟ ରଖାଯାଇ କେବଳ ବିରୋଧ କରାଗଲେ ତାହାର ପରିଣତି କଦାପି ସକାରାତ୍ମକ ଫଳ ଦେଇ ନ ଥାଏ।

# ସାହିତ୍ୟ ଓ ଯୋଗସାଧନା



ମଣୀନ୍ଦ୍ର କୁମାର ମେହେର

ସାହିତ୍ୟର ଆଭିମୁଖ୍ୟ କେବଳ ଚିତ୍ତବିନୋଦନ ବୋଲି ଯେଉଁମାନେ ମନେକରନ୍ତି ସେମାନେ ସାହିତ୍ୟ ସହିତ ଯୋଗସାଧନାର ସମ୍ପର୍କ କି ନିବିଡ଼ ତାହା ଉପଲବ୍ଧି କରିପାରିବେ ନାହିଁ। ବାସ୍ତବରେ ତୁଚ୍ଛା ଆମୋଦ ପ୍ରଦାନ କରିବା ସାହିତ୍ୟ ରଚନାର ମୁଖ୍ୟ ଲକ୍ଷ୍ୟ ହୋଇ ନ ପାରେ। ଯେଉଁ ସାହିତ୍ୟ ଆମ ଅନ୍ତଃସ୍ଥଳକୁ ତୀବ୍ର ଭାବରେ ଆଲୋଡ଼ିତ କରିବା ସଙ୍ଗେ ସଙ୍ଗେ ଜୀବନର ଲକ୍ଷ୍ୟପଥକୁ ପରିଚ୍ଛନ୍ନ ଭାବରେ ପ୍ରଦର୍ଶନ କରିଦେଇପାରେ ତାହା ହିଁ ହେଉଛି ପ୍ରେରଣା ଗର୍ଭିତ। ସାହିତ୍ୟ ହିଁ ପାଠକକୁ ପ୍ରଦାନ କରିପାରେ ନବଜନ୍ମର ଅନୁଭୂତି। ପ୍ରତିଟି ମୁହୂର୍ତ୍ତ ମଣିଷ ପାଇଁ କିପରି ସୃଜନଶୀଳ ସେଥିପ୍ରତି ସଚେତନ କରିଦିଏ ଯେଉଁ ସାହିତ୍ୟ ତାହା ହିଁ ଚିରନ୍ତନ ଜ୍ୟୋତିରେ ବିଭାସିତ।

ଅନେକେ ଏ କଥା ହୁଏ ତ ଭାବିପାରନ୍ତି ଯେ ତା'ବୋଲି ଯୋଗସାଧନା ସହିତ ସାହିତ୍ୟର ବା ସମ୍ପର୍କ କ'ଣ? ଯୋଗଯୁକ୍ତ ଜୀବନ ଯେଉଁ ମହତ୍ତର ସତ୍ୟ ଅନୁଭବ କରିପାରେ ଯୋଗବିଯୁକ୍ତ ଚଞ୍ଚଳ ଓ ଅସ୍ଥିର ଅଶାନ୍ତ ମନ ସେହି ସତ୍ୟର ଶିବ ଓ ସୁନ୍ଦରର ନିକଟବର୍ତ୍ତୀ ହେବା ସମ୍ଭବପର ନୁହେଁ। ଉଚ୍ଚମାନର ସାହିତ୍ୟ ସୃଜନ ପାଇଁ ଜଣକୁ ଯେ ସଂସାର ତ୍ୟାଗୀ ଯୋଗୀ ବା ସନ୍ନ୍ୟାସୀ ହେବାକୁ ପଡ଼ିବ ତାହା ଆଦୌ ନୁହେଁ। ଏହି ଯୋଗସାଧନା ବଣ ଜଙ୍ଗଲ ମଧ୍ୟରେ ବା ପାର୍ବତ୍ୟ ଗୁମ୍ଫା ଭିତରେ ଯେ ସୀମାବଦ୍ଧ ତାହା ନୁହେଁ ଯିଏ ଉନ୍ନତମାନର ହୃଦୟଗ୍ରାହୀ ଚିତ୍ର ଅଙ୍କନ କରିପାରେ ନିଜ ସୃଷ୍ଟିସମ୍ଭାର ମଧ୍ୟରେ ସେ ସଚେତନ ଭାବରେ ଯୋଗସାଧନା କରିବାର ମଧ୍ୟ କୌଣସି ଆବଶ୍ୟକତା ନ ଥାଏ। ଯାହାକୁ ଆମେ ପ୍ରକୃତ ଯୋଗ ନାମରେ ଅଭିହିତ କରିବା ସେଇ ଯୋଗ ସଚେତନ ପ୍ରଚେଷ୍ଟା ଦ୍ୱାରା କେବଳ କରାଯାଏ ନାହିଁ; ତାହା ସ୍ୱତଃସ୍ଫୂର୍ତ୍ତ ଭାବରେ ସ୍ରଷ୍ଟାର ଅନ୍ତରାତ୍ମା ମଧ୍ୟରେ ଅନୁଷ୍ଠିତ ହେଉଥାଏ ଏପରିକି ତା'ର ଅଜାଣତରେ। ସେଥିପାଇଁ ଯେଉଁମାନେ ନିଃସ୍ୱାର୍ଥପର, ନିରହଙ୍କାର ଓ ନିବିଡ଼ ସମ୍ବେଦନଶୀଳତାରେ ସୁକୋମଳ ଏକ ଜୀବନ ନିର୍ବାହ କରନ୍ତି, ସେମାନଙ୍କ କ୍ଷେତ୍ରରେ ଏହି ଯୋଗାଭ୍ୟାସ ହେଉଥାଏ ସ୍ୱତଃସ୍ଫୂର୍ତ୍ତ ଭାବରେ। ମେରୁଦଣ୍ଡକୁ ସିଧାକରି ବସିବା ଦ୍ୱାରା କିମ୍ବା ନିଃଶ୍ୱାସ ପ୍ରଶ୍ୱାସ ନିୟନ୍ତ୍ରଣ ଦ୍ୱାରା ଯୋଗସାଧନା ହୋଇଯାଏ ନାହିଁ। ସବୁଠୁ ଶ୍ରେଷ୍ଠ ଯୋଗ ହେଉଛି 'ସହଯୋଗ'। ଆମ ତନ୍ତ୍ରବିଦ୍ୟାରେ କେତେ ନା କେତେ ପ୍ରକାରର ସାଧନା ପଦ୍ଧତି ଉଲ୍ଲିଖିତ ହୋଇ ରହିଛି। ସେସବୁ ଗୂଢ଼ବିଦ୍ୟା ଆୟତ୍ତ କରିପାରିଲେ ହିଁ ଯେ ଜଣେ ଯୋଗୀ ହୋଇଯାଏ ତାହା ନୁହେଁ। ତନ୍ତ୍ର, ମନ୍ତ୍ର, ଶାରୀରିକ କଷ୍ଟବରଣ ମାଧ୍ୟମରେ ସାଧୁତା ଆଉ ସହାନୁଭୂତି ଅର୍ଜନ କରିବା କ'ଣ କେବେ ହେଲେ ସମ୍ଭବ?

ଏହିସବୁ କାରଣରୁ ଆମେ ଗଭୀର ଭାବରେ ଏକ ନିଗୂଢ଼ତର ସତ୍ୟର ନିକଟବର୍ତ୍ତୀ ହୋଇପାରିବା। ଯୋଗସାଧନା କବି ବା ଲେଖକ କରେ ନାହିଁ। ସାଧନାର ଉତ୍ତରଣ ଘଟୁଥାଏ ଅନ୍ତରାତ୍ମା ମଧ୍ୟରେ ଅତିସୂକ୍ଷ୍ମ ରହସ୍ୟନେଇ। ଯୋଗସାଧନା ତେଣୁ ଅନ୍ତରାତ୍ମାର ହେଉଛି କାର୍ଯ୍ୟ। ଜଣେ ଯେତେ ନିବେଦିତ, ସମର୍ପିତ ଓ ଉତ୍ସର୍ଗୀକୃତ ଚେତନା ନେଇ ଲେଖିପାରେ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ତାହାର ହୃଦୟ ସେତିକି ବିଶାଳ; ସମ୍ପ୍ରସାରିତ ଓ ପରିଶୁଦ୍ଧ ହୋଇ ଚାଲିଥାଏ ଅବିରତ। ଅନ୍ତରାତ୍ମାର ସଚ୍ଚୋଟପଣିଆ ହେଲା ସବୁଠୁ ଅଧିକ ମହତ୍ତ୍ୱପୂର୍ଣ୍ଣ। ସାହିତ୍ୟରେ ସହାନୁଭୂତିର ବାଣୀ ଉଚ୍ଚାରଣ କରୁଥିବା ଲେଖକ ଯଦି ନିଜ ଭିତରେ ଥାଏ ନିର୍ମମ ଓ ନୈତିକତା ବିହୀନ ତା'ହେଲେ ତା'ର ସାହିତ୍ୟ କଦାପି କାହାକୁ ମହନୀୟ ଚିନ୍ତନରେ ଉଦ୍‌ବୁଦ୍ଧ କରିପାରେନା। ମହର୍ଷି ବାଲ୍ମୀକି, ବ୍ୟାସଦେବ ଏମାନେ ସର୍ବପ୍ରଥମେ ହେଉଛନ୍ତି ମହାଯୋଗୀ ଓ ତା'ପରେ ମହାକବି। ସମଗ୍ର ସଂସାରର ମଙ୍ଗଳାକାଂକ୍ଷାରେ ଦ୍ରବୀଭୂତ ଥିଲା ସେମାନଙ୍କ ଆତ୍ମାନୁଭୂତି। ସେହି କାରଣରୁ ରାମାୟଣ ଓ ମହାଭାରତ ଯେଉଁ ଉଚ୍ଚତମ ଆଦର୍ଶର ପ୍ରତିଷ୍ଠା କରିପାରିଛନ୍ତି ତାହା ପୃଥିବୀ ଇତିହାସରେ ବିରଳ।

ଆଧୁନିକ ଯୁଗରେ ଆମେ ଲକ୍ଷ୍ୟ କରିପାରିବା ସ୍ୱାମୀ ବିବେକାନନ୍ଦ ବା ଶ୍ରୀଅରବିନ୍ଦଙ୍କ ଜୀବନଧାରାକୁ। ବିବେକାନନ୍ଦଙ୍କ ରଚନାବଳୀ ପାଠ କରୁଥିବା ବ୍ୟକ୍ତି ହିଁ ଜାଣନ୍ତି ସେ ଶବ୍ଦ ସମ୍ଭାର ଅବତରଣ କରୁଛି ଯେଉଁ ଭାବଭୂମିରୁ ତାହାର ଦ୍ୟୁତି ଅଲୌକିକ ନିଶ୍ଚୟ। ଚିକାଗୋର ଧର୍ମ ମହାସଭାରେ ବିବେକାନନ୍ଦ ତାଙ୍କ ବକ୍ତବ୍ୟ ଉପସ୍ଥାପନ କରିବା ପୂର୍ବରୁ ଯେଉଁ ଆନ୍ତରିକତାଭରା କଣ୍ଠ ସ୍ୱରରେ ସମ୍ବୋଧନ କରିଥିଲେ ସମସ୍ତଙ୍କୁ ତାହା ହିଁ ସଭାକକ୍ଷ ମଧ୍ୟରେ ସୃଷ୍ଟି କରିଥିଲା ଏକ ଶାଶ୍ୱତ ତରଙ୍ଗ। ଯାହାକିଛି ବିବେକାନନ୍ଦ ରଚନା କରିଯାଇଛନ୍ତି ତା' ମଧ୍ୟରେ ସନ୍ନିହିତ ହୋଇରହିଛି ମଣିଷ ହୃଦୟକୁ ଚନ୍ଦ୍ରାଲୋକିତ କରିଦେବାର ସ୍ନିଗ୍ଧତା ଓ ଶୀତଳତା।

ଶ୍ରୀଅରବିନ୍ଦଙ୍କ ଅତିମାନସ ଯୋଗ ସହିତ ନିଜକୁ ସଂଯୁକ୍ତ କରିରଖିଥିବା ଶ୍ରୀମାଙ୍କ ରଚନାବଳୀରେ ଆମେ ଶୁଣିପାରିବା ସେହି ମହାନ ମନ୍ତ୍ରଧ୍ୱନି, ଯାହା ପରିପୂର୍ଣ୍ଣ ହୋଇରହିଛି ଅନାବିଳ ସ୍ନେହଶୀଳତା ନେଇ। ଶ୍ରୀଅରବିନ୍ଦ କୌଣସି ଏକ ପତ୍ରରେ ଲେଖିଛନ୍ତି ଯେ ସଚେତନ ଭାବରେ ଯୋଗସାଧନା କରିବା ଦ୍ୱାରା ତାଙ୍କ କବିତାର ଆବିର୍ଭାବ ହୋଇଉଠିଛି କିପରି ସ୍ୱତଃସ୍ଫୂର୍ତ୍ତ। ଯେଉଁମାନେ ଅତ୍ୟନ୍ତ ଗଳଦ୍‌ଘର୍ମ ହୋଇ ଶ୍ରମସ୍ୱୀକାର କରି କବି ହେବା ପାଇଁ ଛାଟିପିଟି ହୁଅନ୍ତି ସେମାନେ ଏହି ସ୍ୱତଃସ୍ଫୂର୍ତ୍ତ ଭାବାବେଗର ପ୍ରକାଶମାଧୁର୍ଯ୍ୟକୁ ଅନୁଭବ କରିପାରିବେ ନାହିଁ। ସାହିତ୍ୟ ଯଦି ହୁଏ ମଣିଷ ନିମିତ୍ତ ଜୀବନ ବଞ୍ଚିବାର ଏକ ଶ୍ରେଷ୍ଠ ପ୍ରେରଣା ତା'ହେଲେ ଯିଏ ସାହିତ୍ୟ ଶିଳ୍ପୀ ସିଏ କିପରି ରହିପାରିବ ଅନୁଦାର ଓ ଅଶାନ୍ତ ହୋଇ? ସାହିତ୍ୟ ଓ ଯୋଗସାଧନା ପରସ୍ପର ସହିତ ନିବିଡ଼ ଭାବରେ ସମ୍ପର୍କାନ୍ୱିତ ବୋଲି କହିବା ଦ୍ୱାରା ଛଦ୍ମତା ଓ ଛଳନାକୁ ଏଠାରେ ଅସ୍ୱୀକାର କରାଯାଉଛି। ଯାହା କିଛି ସତ୍ୟ, ଶିବ ଓ ସୁନ୍ଦରର ଆବାହନ କରେ ସେହି ଚେତନା ହିଁ ହେଉଛି ବାସ୍ତବରେ ଯୋଗସିଦ୍ଧ ସ୍ରଷ୍ଟାର ସଂକେତ। ଜଗନ୍ନାଥ ଦାସ, ବଳରାମ ଦାସ, ଅଚ୍ୟୁତାନନ୍ଦ ଦାସ, ଗଙ୍ଗାଧର ମେହେର, ମନୋଜ ଦାସ ଓ ରାମଚନ୍ଦ୍ର ବେହେରାଙ୍କ ପରି ସାହିତ୍ୟ ଶିଳ୍ପୀମାନେ କିପରି ସମ୍ମୁନ୍ନିତ ଚେତନାର ଅଧିକାରୀ ଥିଲେ ତାହା ସମସ୍ତେ ଜାଣନ୍ତି।

ସାହିତ୍ୟ ଶିଳ୍ପୀ ବୈରାଗୀ ନୁହେଁ, ସେ ହେଉଛି ବାସ୍ତବରେ ଜୀବନାନୁରାଗୀ। ଜୀବନ ପ୍ରତି ବିତୃଷ୍ଣ ବା ବୀତସ୍ପୃହ କୌଣସି ମଣିଷ ସତ୍‌ସାହିତ୍ୟ ସର୍ଜନାରେ ସକ୍ଷମ ହୋଇପାରିବ ନାହିଁ। ନିଜସ୍ୱ ବ୍ୟକ୍ତିଗତ ଦୁଃଖ ସକାଶେ ଯିଏ ଅଭିଶାପ ବର୍ଷଣ କରେ ସେ ଦିବ୍ୟ ଆଶିଷର ପ୍ରତିଭୂ ହୋଇପାରିବ କିପରି? ଅନେକ ବ୍ୟକ୍ତି ଅନ୍ୟମାନଙ୍କର ଅମଙ୍ଗଳ ସକାଶେ ଆମର ନିଃଶ୍ୱାସ ପଡୁ ବୋଲି କହନ୍ତି ସେପରି ପ୍ରଖରତର ଅକଲ୍ୟାଣରେ ନିଃଶ୍ୱାସ ତ୍ୟାଗ କରୁଥିବା ହୃଦୟ କେବେହେଲେ ନିଷ୍ପାପ ହୋଇପାରେନା। ଡ. ମାୟାଧର ମାନସିଂହ ତାଙ୍କ ଆତ୍ମଜୀବନୀ 'ଶିକ୍ଷାବିତ୍‌ର ଗାଥା'ରେ ନିଜ ଜୀବନାଭୂତି ବର୍ଣ୍ଣନା କରି କହିଛନ୍ତି ଯେ, ସବୁ ଯନ୍ତ୍ରଣା ସତ୍ତ୍ୱେ ସେ ସମସ୍ତଙ୍କ ପ୍ରତି କ୍ଷମାଶୀଳ ହୋଇ ସହ୍ୟ କରିନେବେ ବିରୂପ ବ୍ୟବହାର। ମହାତ୍ମା ଗାନ୍ଧୀଙ୍କ ଦର୍ଶନ ଆଉ କ'ଣ କି? ଯେତେବେଳେ ତାଙ୍କୁ ଅନୁରୋଧ କରାଗଲା ଏକ ବାର୍ତ୍ତା ପ୍ରଦାନ କରିବା ପାଇଁ ସେତେବେଳେ ସେ ଶିଶୁସୁଲଭ ହସ ଓଠରେ ଖେଳାଇ ଉତ୍ତର ଦେଇଥିଲେ ଯେ, ମୋ ଜୀବନ ହିଁ ହେଉଛି ମୋ ବାର୍ତ୍ତା। ସେ ମଧ୍ୟ ଉଚ୍ଚତର ଚେତନାର କବି ବୋଲି ସେମାନଙ୍କୁ ଚିହ୍ନଟ କରିଛନ୍ତି, ଯେଉଁମାନେ ମଣିଷ ଭିତରେ ଥିବା ସକଳ ସଦ୍‌ଗୁଣାବଳୀକୁ ଉଜ୍ଜୀବିତ କରିଦେଇପାରନ୍ତି। ସମଗ୍ର ପୃଥିବୀରେ ଆମେ ଦେଖୁ ଯେଉଁ ଅକଳ୍ପନୀୟ ସାହିତ୍ୟର ଭଣ୍ଡାର– ସେସବୁ ପୁସ୍ତକ ଯେ ପଠନଯୋଗ୍ୟ ଓ ପ୍ରେରଣାଦାୟକ ଏହା କେବେହେଲେ କୁହାଯାଇପାରିବ ନାହିଁ। ଜୀବନର ଅର୍ଥହୀନତା, ଶୂନ୍ୟତା ଓ ଅସାରତା ଯେଉଁଠି ଚିତ୍ରିତ ତାହା କାହିଁକି ରଚିତ ବୋଲି ଆମ ମନରେ ଏକ ପ୍ରଶ୍ନ ଉଠିବା ଅସ୍ୱାଭାବିକ ନୁହେଁ। ଜୀବନ ଯଦି ଶୂନ୍ୟଗର୍ଭ ତାକୁ ପୂର୍ଣ୍ଣ କରିବା ପାଇଁ ସାହିତ୍ୟର ହୁଏ ସୃଜନ। ଜୀବନ ଯଦି ଅସାର, ତା'ହେଲେ ତାହାକୁ ସାରଗର୍ଭକ କରିବା ପାଇଁ ସୃଷ୍ଟି ହୁଏ ସାହିତ୍ୟ ଶିଳ୍ପ। ଜୀବନ ଯଦି ଏକ ଅଭିଶାପ ତାହାକୁ ଆଶୀର୍ବାଦରେ ରୂପାନ୍ତରିତ କରିବାର ଶକ୍ତି ଓ ଅନୁରକ୍ତି ସୃଷ୍ଟି କରେ ଯେଉଁ ସାହିତ୍ୟ ତାହା ହିଁ ଆମର ଏକାନ୍ତକାମ୍ୟ ଓ ଗ୍ରହଣୀୟ।

ପୁସ୍ତକ ପାଠ କରିବା ପୂର୍ବରୁ ମଣିଷ ଓ ପରର ମଣିଷ ଯଦି ସମାନ ତା'ହେଲେ ସେ ସାହିତ୍ୟ ପ୍ରଭାବହୀନ। ସାହିତ୍ୟ ପୁସ୍ତକଟିଏ ପାଠ କରିସାରିବା ପରେ ଯେତେବେଳେ ମଣିଷ ବଦଳି ଯାଇପାରେ ସେତେବେଳେ ହିଁ ତାହା ଜ୍ୟୋତିସ୍ନାତ ଓ ଯୁଗାନ୍ତର ଆଣିବାରେ ସମର୍ଥ ବୋଲି କୁହାଯାଇପାରେ। ଏସବୁ ସମ୍ଭବ ହୁଏ ଯେଉଁ ଅନ୍ତର୍ଗତ ଯୋଗସାଧନା ଦ୍ୱାରା ତାହା ଅଦୃଶ୍ୟ ଓ ସୂକ୍ଷ୍ମ ଜଗତର ବ୍ୟାପାର। ସାହିତ୍ୟ ଓ ଯୋଗସାଧନାର ମଣିକାଞ୍ଚନ ସଂଯୋଗ ଯେତେବେଳେ ଘଟେ ସେତେବେଳେ ହିଁ ସେଥିରୁ ସୃଷ୍ଟି ହୁଏ ଜୀବନାମୃତ। ଏହି ଅମୃତ ଆସ୍ୱାଦନ କରିବାର ସୁଯୋଗ ପ୍ରାପ୍ତ ହୁଏ ଯେଉଁମାନଙ୍କୁ ସେମାନେ ନିଶ୍ଚୟ ଯେ ଧନ୍ୟ ଓ ମହାପୁଣ୍ୟର ନିକଟବର୍ତ୍ତୀ ଏଥିରେ ସନ୍ଦେହର ଅବକାଶ ଅନୁପସ୍ଥିତ।

**ପ୍ରଫେସର ଓ ବିଭାଗ ମୁଖ୍ୟ**
**ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ**
**ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**

# ପ୍ରଭୁତ୍ୱର ଜିନ୍ଦାବାଦ



ଡ.ସତ୍ୟନାରାୟଣ ମିଶ୍ର

ଗଣତନ୍ତ୍ରରେ ଆଦର୍ଶଗତ ବିଚାରଧାରାକୁ ବିଶ୍ଳେଷଣ କଲେ ନିୟମାନୁମୋଦିତ ଧାରାଗୁଡ଼ିକୁ ନିର୍ବିବ୍ରନ୍ଦ୍ୱରେ ଗ୍ରହଣ କରିବାକୁ ଜନସାଧାରଣ ବାଧ୍ୟ ହୋଇଥାନ୍ତି କାରଣ ସାର୍ବଜନୀନ ନିୟମ ହେଉଛି ସମାଜର ସମସ୍ତ ବର୍ଗର ହିତ ପାଇଁ ଉଦ୍ଦିଷ୍ଟ। ଏ ଦୃଷ୍ଟିରୁ ବିଚାର କଲେ ଜନସାଧାରଣ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ, ବିକ୍ଷୋଭ, ଆଲୋଚନା, ଧାରଣା, ଅନଶନ ଆଦି କରିଥାନ୍ତି ସରକାରଙ୍କ ନିକଟରୁ ଉପଯୁକ୍ତ ଦାବି ହାସଲ ନିମନ୍ତେ। କେତେକ ସମୟରେ ସରକାରଙ୍କର ଶାସନ ପଦ୍ଧତିରେ ଅନେକ ତ୍ରୁଟି ପରିଲକ୍ଷିତ ହୋଇଯାଇଥାଏ; ଯାହା ନାଗରିକଙ୍କ ହିତ ପାଇଁ ଉଦ୍ଦିଷ୍ଟ ନ ଥାଏ। ଉକ୍ତ ନୀତିର ପୁନର୍ବିଚାର ପାଇଁ ଜନସାଧାରଣଙ୍କ ଦ୍ୱାରା ପ୍ରତିବାଦ ବା ବିକ୍ଷୋଭ ମାଧ୍ୟମରେ ଆଲୋଚନା ଦ୍ୱାରା ସିଦ୍ଧ ହୋଇଥାଏ ଓ ଏଥିରେ ଉଭୟେ ସରକାରଙ୍କର ଓ ଜନସାଧାରଣଙ୍କର ହିତ ନିହିତ ହୋଇଥାଏ। ବିରୋଧ କରିବାର ଅଧିକାର ହୁଏତ କୌଣସି ସଭାର ସ୍ୱାଧୀନତା, ସଙ୍ଗଠନର ସ୍ୱାଧୀନତା ଏବଂ ବାକ୍ ସ୍ୱାଧୀନତାର ଅଧିକାର ହୋଇପାରେ। ଅନ୍ୟପକ୍ଷରେ ବିରୋଧ କରିବା ବା ଜାତୀୟ ସୁରକ୍ଷା କିମ୍ବା ଜନ ନିରାପତ୍ତା ପାଇଁ ବିପଦ ନୁହେଁ। ଏହା ନିଶ୍ଚିତ ଭାବରେ ନାଗରିକ ଅବମାନନା ନୁହେଁ, ଯେତେବେଳେ ବିରୋଧ କରିବା ଶାସନ ବ୍ୟବସ୍ଥାର ନିୟମ ଉଲ୍ଲଂଘନ କରେ ନାହିଁ। ବିରୋଧ, ଅହିଂସା ପ୍ରତିରୋଧର ଅଭିଯାନ କିମ୍ବା ନାଗରିକ ପ୍ରତିରୋଧଗୁଡ଼ିକ ହେଉଛି ଏକ ଗଣତାନ୍ତ୍ରିକ ତଥା ସାମ୍ବିଧାନିକ ଶୃଙ୍ଖଳାକୁ ସକାରାତ୍ମକ ଭାବରେ ସମର୍ଥନ କରିବାର ଚରିତ୍ର। ବିରୋଧ ହେଉଛି କାର୍ଯ୍ୟ ପ୍ରତି ଆପତ୍ତି, ନାପସନ୍ଦ କିମ୍ବା ଅସନ୍ତୋଷର ଏକ ସାଧାରଣ ଅଭିବ୍ୟକ୍ତି। ସାଧାରଣତଃ ରାଜନୈତିକ ବିରୋଧକୁ ସହଯୋଗର କାର୍ଯ୍ୟ ଭାବରେ ଚିନ୍ତା କରାଯାଇପାରେ; ଯେଉଁଥିରେ ବହୁ ଲୋକ ସତତ ଉପସ୍ଥିତ ରହି ସହଯୋଗ କରନ୍ତି ଓ ଏହାର ସମ୍ଭାବ୍ୟ ଖର୍ଚ୍ଚ ଓ ପରିଣାମ ବାଣ୍ଟିପାରନ୍ତି।

ବ୍ୟକ୍ତିଗତ ବିବୃତିଠାରୁ ଆରମ୍ଭ କରି ଜନ ପ୍ରଦର୍ଶନ ପର୍ଯ୍ୟନ୍ତ ବିରୋଧ ଅନେକ ଭିନ୍ନ ରୂପ ନେଇପାରେ। ଜନମତ କିମ୍ବା ସରକାରୀ ନୀତି ଉପରେ ପ୍ରଭାବ ପକାଇବାକୁ ଚେଷ୍ଟା କରୁଥିବାବେଳେ ସର୍ବସାଧାରଣରେ ସେମାନଙ୍କ ମତାମତ ଶୁଣିବା ପାଇଁ ଏକ ବିରୋଧ ପ୍ରଦର୍ଶନ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରି ପ୍ରତ୍ୟକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଏକ ସୁପ୍ରୟାସ। ମାତ୍ର ଯେଉଁଠାରେ ବିରୋଧ ଏକ ନିର୍ଦ୍ଦିଷ୍ଟ ମନ୍ଦ ଉଦ୍ଦେଶ୍ୟ ହାସଲ କରିବା ପାଇଁ ଏକ ବ୍ୟବସ୍ଥିତ ତଥା ହିଂସା ଅଭିଯାନର ଏକ ଅଂଶ ଓ ଚାପର ବ୍ୟବହାର ସହିତ ଜଡ଼ିତ ହୁଏ, ସେତେବେଳେ ବିରୋଧର ସୀମା ଅତିକ୍ରମ ହୋଇଥାଏ ଓ ଜନସାଧାରଣ ସହଜରେ ଗ୍ରହଣ କରିପାରି ନ ଥାନ୍ତି। ବିଭିନ୍ନ ପ୍ରକାରର ଆତ୍ମ-ଅଭିବ୍ୟକ୍ତି ଓ ବିରୋଧ ବେଳେବେଳେ ସରକାରୀ ନୀତି, ଅର୍ଥନୈତିକ ପରିସ୍ଥିତି, ଧାର୍ମିକ ଓ ସାମାଜିକ ସଂରଚନା କିମ୍ବା ଗଣମାଧ୍ୟମ ଏକଚାଟିଆ ଦ୍ୱାରା ସୀମିତ ରହିଥାଏ। ବିରୋଧର ଏକ ପ୍ରତିକ୍ରିୟା ହେଉଛି ଦଙ୍ଗା ଓ ପୋଲିସର ଅପବ୍ୟବହାର। ଯେତେବେଳେ ଏହିପରି ପ୍ରତିବନ୍ଧକ ଘଟେ, ବିରୋଧଗୁଡ଼ିକ ସେତେବେଳେ ଖୋଲା ଖୋଲି ଭାବେ ନାଗରିକ ଅବମାନନା, ପ୍ରତିବନ୍ଧକ ବିରୋଧରେ ଅଧିକ ସୂକ୍ଷ୍ମ ପ୍ରତିରୋଧର ରୂପ ଧାରଣ କିମ୍ବା ସଂସ୍କୃତିରେ ହିଂସାତ୍ମକ ଆକ୍ରମଣର ରୂପ ନେଇଥାଏ। ବିରୋଧ ନିଜେ ବେଳେବେଳେ ପ୍ରତିବାଦର ବିଷୟ ହୋଇପାରେ। ଏପରି ପରିସ୍ଥିତିରେ, ପ୍ରତିବାଦକାରୀମାନେ ବ୍ୟକ୍ତି, ନୀତି, କାର୍ଯ୍ୟ ଇତ୍ୟାଦି ପାଇଁ ସେମାନଙ୍କର ସମର୍ଥନ ପ୍ରଦର୍ଶନ କରନ୍ତି; ଯାହା ମୂଳ ବିରୋଧର ବିଷୟ।

ଅନେକ ସମୟରେ ଦେଖାଯାଏ ଯେ ବିକ୍ଷୋଭକାରୀ ବା ପ୍ରତିବାଦକାରୀମାନେ ବେଳେବେଳେ ହିଂସାତ୍ମକ ସଂଘର୍ଷ କରିଥାନ୍ତି ଓ ସେଥିଯୋଗୁ ସାଧାରଣ ନାଗରିକଙ୍କର ଦୈନନ୍ଦିନ ଜୀବନ ବ୍ୟାହତ ହୋଇଥାଏ ଓ ଜାତୀୟ ସମ୍ପତ୍ତି ଅନେକ ନଷ୍ଟ ହୋଇଥାଏ। ଭାରତୀୟ ସମ୍ବିଧାନର ଧାରା ୧୯ (୧) (କ) ସାଧୀନ ବକ୍ତବ୍ୟ ତଥା ଅଭିବ୍ୟକ୍ତିର ନାଗରିକଙ୍କୁ ଦିଆଯାଇଥିବା ଏକ ମୌଳିକ ଅଧିକାର, ଯେଉଁଥିରେ ଶାନ୍ତିପୂର୍ଣ୍ଣ ଜନ ପ୍ରଦର୍ଶନ ଅନ୍ତର୍ଭୁକ୍ତ। ସ୍ୱାଧୀନତା ସଂଗ୍ରାମ ସମୟରେ ଭାରତୀୟମାନେ ଶାନ୍ତିପୂର୍ଣ୍ଣ ବିରୋଧ ମାଧ୍ୟମରେ ମୁକ୍ତି ପାଇଁ ସେମାନଙ୍କର ମୂଳଦୁଆ ନିର୍ମାଣ କରିଥିଲେ। ମହାତ୍ମା ଗାନ୍ଧୀ ସତ୍ୟାଗ୍ରହକୁ ଅହିଂସା ପ୍ରତିରୋଧ ଉପରେ ଆଧାର କରି ଏକ ଆନ୍ଦୋଳନ ଆରମ୍ଭ କରିଥିଲେ ଏବଂ ସତ୍ୟକୁ ଏହାର ଶକ୍ତି ଭାବରେ ରଖିଥିଲେ। ପରବର୍ତ୍ତୀ ସମୟରେ, ଅନେକ ଗତିବିଧି ଅହିଂସା-ଶାନ୍ତିପୂର୍ଣ୍ଣ ପଦଯାତ୍ରା ଉପରେ ଆଧାରିତ ଥିଲା; ଯାହାଦ୍ୱାରା ଭାରତୀୟ ସ୍ୱାଧୀନତା ଅଣାଯାଇଥିଲା। ସମାବେଶର ସ୍ୱାଧୀନତା ଏକ ମୌଳିକ ଅଧିକାର ଓ ସୁସ୍ଥ ତଥା ଜୀବନ୍ତ ଗଣତାନ୍ତ୍ରିକତାକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କୁ ଓ ହେତୁବାଦୀ ପ୍ରସଙ୍ଗକୁ ସ୍ୱର ଦେବାରେ ତଥା ସେମାନଙ୍କ କାର୍ଯ୍ୟକଳାପ ପାଇଁ ଅନୁଷ୍ଠାନଗୁଡ଼ିକୁ ଧରି ରଖିବାରେ ବିରୋଧ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଆଜି ଆମେ ଗ୍ରହଣ କରୁଥିବା ଅନେକ ଅଧିକାର ଏବଂ ସ୍ୱାଧୀନତା କାର୍ଯ୍ୟ ମାଧ୍ୟମରେ ସୁରକ୍ଷିତ ହୋଇପାରିଛେ; ଯାହା ସନ୍ଦେହ ନାହିଁ ଯେ ସେହି ସମୟରେ ଅନେକଙ୍କ ପାଇଁ ଅସନ୍ତୋଷ ଏବଂ ଅସୁବିଧା ସୃଷ୍ଟି କରିଥିବ।

ବିକ୍ଷୋଭ ବା ସମାବେଶରେ ଗୋଟିଏ ପରିଚିତ ଶବ୍ଦ ବ୍ୟବହାର ହୋଇଥାଏ ତାହା ହେଉଛି ଜିନ୍ଦାବାଦ। ଜିନ୍ଦାବାଦର ଅର୍ଥ ହେଉଛି ଆନ୍ଦୋଳନ ଦୀର୍ଘସ୍ଥାୟୀ ହେଉ ବା ଜୀବନ୍ତ ହେଉ। ସ୍ୱାଧୀନତା ସଂଗ୍ରାମ ସମୟରେ ଯେଉଁ ଆନ୍ଦୋଳନ ହେଉଥିଲା ତାହାର ଲକ୍ଷ୍ୟ ଥିଲା ସାମୂହିକ ସ୍ୱାର୍ଥ, ଯାହା ଭାରତର ସ୍ୱାଧୀନତା ପ୍ରାପ୍ତି। ଏଥିରେ ବ୍ୟକ୍ତି ସଂଗ୍ରାମ କରୁଥିଲା ସମଷ୍ଟିର ସ୍ୱାର୍ଥ ପାଇଁ, ଦେଶର ସ୍ୱାର୍ଥ ପାଇଁ। କିନ୍ତୁ ଆଜିର ସମାଜରେ ବିକ୍ଷୋଭ, ସମାବେଶ, ପ୍ରତିବାଦ କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ବ୍ୟକ୍ତିଗତ ସ୍ୱାର୍ଥ ନିହିତ। ରାଜନୈତିକ ସମାବେଶରେ ଜନସାଧାରଣଙ୍କୁ କେବଳ ଦଳର ମୁନିବଙ୍କ ଜୟଗାନ କରିବାକୁ ଅର୍ଥ ଖର୍ଚ୍ଚ କରି ସଭାସ୍ଥଳକୁ ଅଣାଯାଇଥାଏ। ସେମାନେ ସମୟୋଚିତ ପ୍ରଭୁଙ୍କର ଜୟଗାନ କରିଥାନ୍ତି ଓ ଜିନ୍ଦାବାଦର ଆଦର୍ଶକୁ ଭ୍ରଷ୍ଟ କରିଥାନ୍ତି। ନୈତିକ ଜୀବନରେ ତୋଷାମଦି ହେଉଛି ଏକ ରୋଗ; ଯାହା ମଣିଷର ମାନସିକ ଚିନ୍ତା ବ୍ୟବସ୍ଥାକୁ ଆଘାତ ଦେଇଥାଏ ଓ ଅକାରଣରେ ଜୟଗାନ କରିବାକୁ ବାଧ୍ୟ କରିଥାଏ। ବର୍ତ୍ତମାନର ସମାଜରେ ଅନେକ ଯୁବତୀ ଯୁବକ, ବୟସ୍କ ବ୍ୟକ୍ତି ତଥା ବୃଦ୍ଧା ବୃଦ୍ଧମାନେ କିଛି ଟଙ୍କା ପାଇଁ ବା ସାମୟିକ ସ୍ୱାର୍ଥର ବଶବର୍ତ୍ତୀ ହୋଇ ଜିନ୍ଦାବାଦ କରିବାକୁ ପ୍ରତିବାଦ ବା ସମାବେଶରେ ଉପସ୍ଥିତ ହୋଇଥାନ୍ତି। ସେଥିରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ସେମାନଙ୍କର ଭବିଷ୍ୟତ କେତେ ବିଶୃଙ୍ଖଳିତ। ଅନେକ କ୍ଷେତ୍ରରେ ଜଣା ଯାଇଥାଏ ଯେ ଯେଉଁମାନେ ସମାବେଶକୁ ଆସିଥାନ୍ତି ସେମାନଙ୍କୁ ଯଦି ପ୍ରଶ୍ନ କରାଯାଏ କେଉଁ ପ୍ରସଙ୍ଗରେ ଆସିଛନ୍ତି ତାହା ମଧ୍ୟ ସେମାନେ ଅଜ୍ଞ। ସେମାନଙ୍କର କାର୍ଯ୍ୟ କେବଳ ଜିନ୍ଦାବାଦ କହି ଶକ୍ତି ପ୍ରଦର୍ଶନକୁ ଦୃଢ଼ୀଭୂତ କରିବା। ଏକବିଂଶ ଶତାବ୍ଦୀରେ ମଣିଷ ସମାଜ ଦାବି କରିଥାଏ ଯେ ପ୍ରଯୁକ୍ତି ବିଦ୍ୟା ଓ ଜ୍ଞାନ ବିଜ୍ଞାନ କୌଶଳରେ ମଣିଷ ବହୁତ ଅଗ୍ରଗତି କରିଅଛି, ମାତ୍ର ତୋଷାମଦିର ନଗ୍ନ ଚରିତ୍ରରେ ପ୍ରଭୁତ୍ୱର ଜିନ୍ଦାବାଦ ଗଣତାନ୍ତ୍ରିକ ବିଚାରଧାରା ପ୍ରତି ଏକ ବିପଦ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଅନ୍ୟପକ୍ଷରେ ସମାବେଶରେ ନିଯୁକ୍ତ ହେଉଥିବା ଉକ୍ତ ତୋଷାମଦକାରୀମାନେ ବା ସେମାନଙ୍କର ତତ୍ତ୍ୱାବଧାରକମାନେ ସାଧାରଣ ଜନତାଙ୍କୁ ଯେପରି ବ୍ୟବହାର କରିଥାନ୍ତି ତାହା ଦ୍ୱାରା ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ଗଣତନ୍ତ୍ରର ଅବକ୍ଷୟର ଗତି କେଉଁ ଧାରାରେ ଅଗ୍ରଗତି ହେଉଅଛି ଓ ସଭ୍ୟତା କେତେ ଶିକ୍ଷଣୀୟ ହୋଇଛି। ତେଣୁ ଜୀବନର ଅନ୍ଧକାର ଆଚ୍ଛନ୍ନ ହେବା ପୂର୍ବରୁ କ୍ଷଣିକ ସ୍ୱାର୍ଥର ପ୍ରଭୁତ୍ୱର ଜିନ୍ଦାବାଦ ନ କରି ନିଜର ମାତା ପିତା ବା ପରମେଶ୍ୱରଙ୍କର ଜିନ୍ଦାବାଦ କରିବା ଶ୍ରେୟ ହେବ; ଯେଉଁଥିରେ ରହିଛି ସ୍ୱାଭିମାନ ଓ ଆଦର୍ଶର ଜିନ୍ଦାବାଦ।

**ଅଭିଲେଖାଧିକାରୀ, ଜାତୀୟ**
**ଅଭିଲେଖାଗାର, ଭାରତ ସରକାର**
**ମଧୁସୂଦନ ନଗର, ଭୁବନେଶ୍ୱର**
**ମୋ –୯୯୩୭୩୪୫୯୦୦**

## ଏଇ ଭାରତରେ

ଆମେରିକାରେ ଚାକିରି ପାଇବା କିଛି କମ୍ କଥା ନୁହେଁ। ଏମିତି ଏକ ଚାକିରି ପାଇଥିଲେ କିରୁ ମୟିକାପିଲାଇ। ଭଲ ଦରମା ମଧ୍ୟ ପାଉଥିଲେ। ହେଲେ ସେ ତାହାକୁ ଛାଡ଼ି ଭାରତ ଫେରି ଆସି ଷ୍ଟାର୍ଟ ଅପ୍ ମାଧ୍ୟମରେ ଜୈବିକ ହଳଦୀ ଚାଷକୁ ବ୍ୟାପକ କରିବା ସହ କୃଷକମାନଙ୍କ ରୋଜଗାର ବଢ଼ାଇ ପାରିଛନ୍ତି। ତାମିଲନାଡୁର ସାଲେମ୍ ସହରରେ କିରୁଙ୍କ ଘର। ତାଙ୍କ ବୟସ ଏବେ ୩୪। ସେ ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍ସରୁ ଏମ୍‌ବିଏରେ ଡିଗ୍ରୀ ହାସଲ କରିବା ପରେ ଏକ ଆମେରିକାନ୍ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ୨୦୧୮ରେ ତାହାକୁ ଛାଡ଼ି ଭାରତ ଫେରି ଉକ୍ତ କାର୍ଯ୍ୟ ଆରମ୍ଭ କରିଥିଲେ। ସାଲେମ ଆଖପାଖ ଗାଁଗୁଡ଼ିକରେ ପ୍ରଚୁର ହଳଦୀ ଚାଷ ହେଉଥିବାରୁ ସେ ଜୈବିକ ପଦ୍ଧତିରେ ଏହାର ଚାଷ ଲାଗି କୃଷକମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଧୀରେ ଧୀରେ କୃଷକମାନେ ଏଥିପ୍ରତି ଆକର୍ଷିତ ହେବା ପରେ ଉତ୍ପାଦନ ବଢ଼ିଲା। ଏହାର ମାର୍କେଟ ଲାଗି ମଧ୍ୟ ସେ କୃଷକମାନଙ୍କୁ ସହଯୋଗ କରୁଛନ୍ତି। କୃଷକମାନଙ୍କ ଆୟ ବି ଦୁଇ ଗୁଣ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, କିରୁ ହଳଦୀ ପାଉଡର, ହଳଦୀରୁ ପ୍ରସ୍ତୁତ ସାବୁନ ଓ ବାମ୍ ଉତ୍ପାଦକୁ 'ଦି ଡିଭାଇନ ଫୁଡ୍ସ' ବ୍ରାଣ୍ଡରେ ବଜାରକୁ ଛାଡ଼ିଛନ୍ତି। ଏହି କାର୍ଯ୍ୟରେ ବହୁ ଲୋକଙ୍କୁ ନିଯୁକ୍ତ କରିଛନ୍ତି ଓ ବର୍ଷକୁ ୧ କୋଟି ଟଙ୍କାରୁ ଅଧିକ ରୋଜଗାର କରିବାକୁ ସକ୍ଷମ ହୋଇ ପାରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୭ ଫେବୃୟାରୀ ୧୯୯୭

- କେନ୍ଦ୍ରୀୟ ମେକ୍ସିକୋରେ ଏକ ଦ୍ରୁତଗାମୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୨୦୦ ମିଟର ଖାଲ ମଧ୍ୟକୁ ଖସିପଡ଼ିବା ଫଳରେ ୧୭ ଯାତ୍ରୀଙ୍କ ମୃତ୍ୟୁ।
- ହରିୟାଣା ପବ୍ଲିକ୍ ସର୍ଭିସ୍ କମିଶନର ପୂର୍ବତନ ଅଧ୍ୟକ୍ଷଙ୍କୁ ବେଆଇନ ଭାବେ ଅଟକ ରଖିଥିବା ଅଭିଯୋଗ ମାମଲାରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଭଜନଲାଲ ଗିରଫ।

## ଚିରନ୍ତନୀ

ଶୀତର ଗୋଧୂଳି ଶୀତଳ ତୋ କୋଳୁଁ
ଆସଇ ଚାଲି
ବୁଡ଼ିଯାଏ ରବି ଉକୁଟାଇ ଛବି
ତୋହରି ପରେ।
ରହିଯାଏ ଆଭା ତୋର ଚୂଳେ ଲେଖି
ସୁନାର ଗାର।
ସାନ୍ତାଳ ଯୁବା ବୀଣାରେ କି ସ୍ୱର
ଦିଅଇ ଢାଳି।
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 3 | 6 | | | | 5 | | 2 |
| | | | | | | | | |
| | | | | 9 | | 1 | 7 | |
| | | | | | 1 | | | 9 |
| | 9 | | | 7 | | 2 | | 8 |
| | 7 | | | 5 | | | | |
| | | 2 | 6 | 4 | | | | |
| 3 | 4 | | | | | | | 7 |
| | | | | | 5 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 9 | 5 | 2 | 4 | 7 | 6 | 8 | 3 |
| 8 | 7 | 4 | 3 | 6 | 9 | 5 | 1 | 2 |
| 6 | 3 | 2 | 5 | 8 | 1 | 4 | 9 | 7 |
| 4 | 8 | 9 | 1 | 7 | 6 | 3 | 2 | 5 |
| 5 | 6 | 3 | 9 | 2 | 8 | 7 | 4 | 1 |
| 2 | 1 | 7 | 4 | 3 | 5 | 9 | 6 | 8 |
| 7 | 4 | 1 | 8 | 9 | 3 | 2 | 5 | 6 |
| 3 | 2 | 8 | 6 | 5 | 4 | 1 | 7 | 9 |
| 9 | 5 | 6 | 7 | 1 | 2 | 8 | 3 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପିଲାଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ

ମହାଶୟ,

ଆଜିକାଲି କେତେକ ବାପାମା'ଙ୍କର ପିଲାମାନଙ୍କ ପ୍ରତି ସେମାନଙ୍କ ବଦଖିଆଲପଣିଆ ଦେଖିବାକୁ ମିଳୁଛି। ଯେଉଁଥିପାଇଁ ସେମାନଙ୍କର ପିଲା ଦୁର୍ଘଟଣାର ସମ୍ମୁଖୀନ ହୋଇ ଅକାଳ ମୃତ୍ୟୁବରଣ କରୁଛନ୍ତି। ତନ୍ମଧ୍ୟରୁ ବେଳେବେଳେ ବାପାମା'ଙ୍କ ଅନ୍ୟମନସ୍କ କାରଣରୁ ପିଲାଟି ଗାଡ଼ି ଆଗରେ ପଡ଼ିଯାଉଛି। ବେଳେବେଳେ ମଧ୍ୟ ବଦଖିଆଲ ହେତୁ ଛୋଟ ପିଲାଟି ଖେଳୁ ଖେଳୁ ନିଆଁ କିମ୍ବା ଗରମ ପାଣିରେ ପଡ଼ିଯାଉଛି। କେତେବେଳେ କୂଅ ପୋଖରୀରେ ବୁଡ଼ି ଯାଉଛି ତ ଆଉ କେତେବେଳେ କୁକୁର, ବିଲୁଆଙ୍କ ଦ୍ୱାରା ଶିକାର ହେଉଛନ୍ତି। ପିଲାମାନଙ୍କ ମା'ବାପା ଏହି କଥାକୁ ଗୁରୁତ୍ୱର ସହ ବିଚାରକୁ ନିଅନ୍ତୁ ଏବଂ ନିଜର ଜନ୍ମିତ ସନ୍ତାନଙ୍କର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଭାଜପାରୁ ଜଣେ ବହିଷ୍କୃତ, ୨ ନିଲମ୍ବିତ

ନିମାପଡ଼ା,୬।୨(ଡି.ଏନ.ଏ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଦଳ ବିରୋଧୀ ଓ ଦଳୀୟ ଅନୁଶାସନ ଭଙ୍ଗ ଅଭିଯୋଗରେ ପୁରୀ ଜିଲା ପରିଷଦ ଜୋନ୍ ନଂ. ୨୫ ମିହିର ମହାପାତ୍ରଙ୍କୁ ଭାଜପାରୁ ବହିଷ୍କୃତ କରାଯାଇଛି। ସେହିପରି ନିମାପଡ଼ା ବ୍ଲକ ଅନ୍ତର୍ଗତ ଭୋଦର ପଞ୍ଚାୟତର ଦଳୀୟ ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ନାୟକ ଓ ଭୋଗଶାଳଦା ପଞ୍ଚାୟତର ପ୍ରଦୀପ ବିଶ୍ୱାଳଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ମଣ୍ଡଳ ସଭାପତିଙ୍କ ସୁପାରିସ ଓ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ କୃଷ୍ଣଚନ୍ଦ୍ର ଓ ପ୍ରଦୀପଙ୍କ ବିରୋଧରେ ଏହି ନିଷ୍ପତ୍ତି ନିଆଯାଇଥିବା ଦଳ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଏହି ୨ଜଣ କାର୍ଯ୍ୟକର୍ତ୍ତା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ବିରୋଧ କରିବା ସହ ଅନୁଶାସନ ଭଙ୍ଗ କରିଥିଲେ। ଏପରିକି ସେମାନଙ୍କୁ ଦଳରୁ ବହିଷ୍କାର କରାଯିବାକୁ ଦଳର ରାଜ୍ୟ ସଭାପତିଙ୍କୁ ମଧ୍ୟ ସୁପାରିସ କରାଯାଇଛି।

### 'ସମ୍ମାନହାନି ହୋଇଥିବାରୁ ଅଦାଲତ ଦ୍ୱାରସ୍ଥ ହେବି'

**ବିଧାୟକଙ୍କ ନାଁରେ ଥାନାରେ ଅଭିଯୋଗ ଘଟଣା**

କେନ୍ଦୁଝର, ୬।୨ (ସ୍ୱ.ପ୍ର.): କେନ୍ଦୁଝର ସଦର ବିଧାୟକ ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝିଙ୍କ ବିରୋଧରେ ଭାଜପା କର୍ମୀ ସଞ୍ଜୀବ ନାୟକ ଟାଉନ ଥାନାରେ ଏତଲା ଦେବା ଘଟଣା ଜିଲାରେ ପ୍ରମୁଖ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଚାଲିଥିବା ବେଳେ ଏଭଳି ସମୟରେ ବିଧାୟକଙ୍କ ବିରୋଧରେ ଅଭିଯୋଗ ରାଜନୈତିକ ଉଷ୍ମତାକୁ ବଢ଼ାଇ ଦେଇଛି। ଆଗକୁ ଜିଲାରେ ପଞ୍ଚାୟତ ସହ ପୌର ନିର୍ବାଚନ ଥିବାରୁ ଭାଜପାର ଲୋକପ୍ରିୟତାକୁ ହ୍ରାସ କରିବା ଲାଗି ଏଭଳି ଚକ୍ରାନ୍ତ କରାଯାଇଥିବା ବିଧାୟକ ମାଝି ଅଭିଯୋଗ କରିଛନ୍ତି। ଏଭଳି ରାଜନୈତିକ ଷଡ଼ଯନ୍ତ୍ରକୁ ସେ ନାପସନ୍ଦ କରିବା ସହ ତାଙ୍କର ସମ୍ମାନ ହାନି ହୋଇଥିବାରୁ ଅଦାଲତ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ସଞ୍ଜୀବଙ୍କ ଅଭିଯୋଗ ଅନୁଯାୟୀ, ୨୦୧୯ ଏବଂ ୨୦୨୦ରେ ବିଧାୟକ ତାଙ୍କଠାରୁ ପ୍ରାୟ ସାଢ଼େ ୩ ଲକ୍ଷ ଟଙ୍କାର ଘର ଆସବାବପତ୍ର କିଣିଥିଲେ। ସେ ବାବଦକୁ ୨୦୨୧ରେ ୪ଟି ପର୍ଯ୍ୟାୟରେ ୨ଲକ୍ଷ ୧ହଜାର ଟଙ୍କା ପରିଶୋଧ କରିଥିଲେ। ଅବଶିଷ୍ଟ ୧ ଲକ୍ଷ ୫୫ ହଜାର ଟଙ୍କା ଦେଉ ନାହାନ୍ତି। ଅନ୍ୟପକ୍ଷେ ବିଧାୟକ ମାଝି କହିଛନ୍ତି, ସାମଗ୍ରୀ ଦେବା ବେଳେ ୪୦ ପ୍ରତିଶତ ରିହାତି ଦେବେ ବୋଲି ସଞ୍ଜୀବ କହିଥିଲେ। ହିସାବ ମୁତାବକ ସମସ୍ତ ଟଙ୍କା ସେ ନେଇସାରିଛନ୍ତି। ଯଦି ବକେୟା ଅର୍ଥ ଅଛି, ତେବେ ଜିଏସ୍‌ଟି ବିଲ୍ ମିଳିବା ପରେ ଅବଶିଷ୍ଟ ଟଙ୍କା ପୈଠ କରିଦେବେ।

### ପ୍ରବାସୀ ଓଡ଼ିଆ ଭାଷା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୬।୨(ବ୍ୟୁରୋ): ଓଡ଼ିଆରେ ଓଡ଼ିଶାର ଶାସନ ପାଇଁ ଭାଷା ଆନ୍ଦୋଳନ ଅଭିପ୍ରେତ ଥିଲା। ରାଜ୍ୟର ରାଜଧାନୀ ଭୁବନେଶ୍ୱରଠାରେ ରେକର୍ଡଧାରୀ ଦୀର୍ଘ ୮୭୮ ଦିନର କଳାପତାକା ଅଭିଯାନ ଏହି ଐତିହାସିକ ଅହିଂସା ସଂଗ୍ରାମର ପ୍ରମୁଖ ଅଂଶ ବିଶେଷ ଥିଲା। ଓଡ଼ିଶାର କୋଣ ଅନୁକୋଣରେ ଏହି ନ୍ୟାଯ୍ୟ ଦାବି ପ୍ରତି ଉଚ୍ଛ୍ୱସିତ ସମର୍ଥନ ପ୍ରକାଶ ପାଇବା ସହିତ ରାଜ୍ୟ ବାହାରେ ଭାରତର ରାଜଧାନୀ ନୂଆଦିଲ୍ଲୀ, ଦେଶର ଅନ୍ୟାନ୍ୟ ପ୍ରମୁଖ ମହାନଗରମାନଙ୍କରେ ତଥା ବିଭିନ୍ନ ପ୍ରଦେଶରେ ଏବଂ ବିଦେଶର ବିଭିନ୍ନ ରାଷ୍ଟ୍ରରେ ଅବସ୍ଥାନ କରୁଥିବା ପ୍ରବାସୀ ଓଡ଼ିଆମାନେ ମଧ୍ୟ ବିପୁଳ ସଂଖ୍ୟାରେ ଭାଷା ଅଭିଯାନ ପ୍ରତି ନୈତିକ ଓ ସାଙ୍କେତିକ ସମବେଦନା ଜ୍ଞାପନ କରିଥିବା ଜଣାଯାଇଥିଲା। ପ୍ରବାସରେ ଅବସ୍ଥାନ କରୁଥିବା କିଛି ପ୍ରମୁଖ ଭାଷା ଯୋଦ୍ଧାଙ୍କୁ ନିକଟରେ ଏଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଖାରବେଳନଗରସ୍ଥିତ ସାମ୍ବାଦିକ ଭବନଠାରେ ଭାଷା ଆନ୍ଦୋଳନ ତରଫରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତିଭୂଷଣ କର ପୌରୋହିତ୍ୟ କରିଥିଲେ । ସମ୍ବର୍ଦ୍ଧିତ ଭାଷା ଯୋଦ୍ଧାମାନଙ୍କ ମଧ୍ୟରେ ବିଶ୍ୱ ଓଡ଼ିଶା ସମାଜର ଅଧ୍ୟକ୍ଷ ତଥା ଦିଲ୍ଲୀରେ ଅବସ୍ଥାପିତ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ମୁମ୍ବାଇ ଓଡ଼ିଆ ମହାସଂଘର ସଭାପତି ଡଃ ବିପୀନ ମିଶ୍ର, ଅଷ୍ଟ୍ରେଲିଆ ଓଡ଼ିଆ ସମାଜର ସଭାପତି ଡଃ ନଳିନୀ ପତି, କାନାଡ଼ା ଅଧିବାସୀ ଡଃ ତନ୍ମୟ ପଣ୍ଡା ଓ ଡଃ ସୁନନ୍ଦା ମିଶ୍ର ପଣ୍ଡା, ଦିଲ୍ଲୀ ନିବାସୀ କାବେରୀ ବେହେରା ଏବଂ କଳା ପତାକା ଅଭିଯାନରେ ସର୍ବକନିଷ୍ଠ ଅଂଶଗ୍ରହଣକାରୀ ଦିଲ୍ଲୀ ମଦର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ର ନନ୍ଦନ ଦ୍ୱିବେଦୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

# ପଣସ ଚାଷକୁ ପ୍ରୋତ୍ସାହିତ କର

■ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

■ ବ୍ୟବସାୟିକ ସ୍ତରରେ ଉତ୍ପାଦନ ପାଇଁ ୫୦ ବ୍ଲକ୍ ଉପଯୁକ୍ତ

ଭୁବନେଶ୍ୱର, ୬।୨(ବ୍ୟୁରୋ)

ପୁଷ୍ଟିକର ନିରାପତ୍ତା ବୃଦ୍ଧି ଦିଗରେ ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି। ପଣସ ଚାଷକୁ ପ୍ରୋତ୍ସାହିତ ତଥା ଲୋକପ୍ରିୟ କରିବାକୁ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ରବିବାର ଲୋକସେବା ଭବନରୁ ଭର୍ଚୁଆଲ ମୋଡ୍‌ରେ ଆୟୋଜିତ ପୁଷ୍ଟିକର ଫଳ ଉତ୍ପାଦନ ଉପରେ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟ ଶାସନ ସଚିବ ଏହି ନିର୍ଦ୍ଦେଶ ଦେଇଛନ୍ତି।

ମହାପାତ୍ର କହିଛନ୍ତି, ପଣସର ପୁଷ୍ଟିକର ମୂଲ୍ୟ ଅଧିକ। ଏହାର ଉତ୍ପାଦନ ପାଇଁ ଓଡ଼ିଶାର କୃଷି-ଜଳବାୟୁ ପରିସ୍ଥିତି ଉପଯୁକ୍ତ। ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ, ଅମଳ ପରବର୍ତ୍ତୀ ପ୍ରକ୍ରିୟାକରଣ, ମୂଲ୍ୟ ଯୋଗ ଏବଂ ମାର୍କେଟିଂ ଭଳି ଆବଶ୍ୟକୀୟ ସହାୟତା ସହିତ ପଣସ ଚାଷକୁ ଲୋକପ୍ରିୟ କରିବାକୁ ସେ ଉଦ୍ୟାନ କୃଷି ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୃହତ୍ତର ଭାବେ ପଣସ ଚାଷ ପାଇଁ



ଭର୍ଚୁଆଲ୍ ମୋଡ୍‌ରେ ରବିବାର ଆୟୋଜିତ ବୈଠକରେ ମୁଖ୍ୟ ଶାସନ ସଚିବ ଓ ଅନ୍ୟମାନେ।

ରହିଥିବା ସମ୍ଭାବ୍ୟ ସ୍ଥାନ ଚିହ୍ନଟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ବିଷୟବସ୍ତୁ ବିଶେଷଜ୍ଞଙ୍କ ଇନ୍‌ପୁଟ ସହିତ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିବାକୁ ବିଭାଗକୁ କହିଛନ୍ତି। ବିଭିନ୍ନ ସ୍ତରରେ ପଣସ ଫେଷ୍ଟିଭାଲ ମାଧ୍ୟମରେ ପଣସରୁ ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀକୁ ଗ୍ଲାମରାଇଜ୍ କରିବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି, ଉପଲବ୍ଧ ସୂଚନା ଅନୁଯାୟୀ ତ୍ରିପୁରା ପରେ ଓଡ଼ିଶା ହେଉଛି ପଣସ ଉତ୍ପାଦନରେ ୨ୟ ବୃହତ୍ତମ ରାଜ୍ୟ। ଓଡ଼ିଶାର ଅଧିକାଂଶ ଜିଲାରେ ପଣସ ଗଛ ବଣ୍ଟନ ହୋଇଥିବା ଦେଖିବାକୁ ମିଳିଛି। ପ୍ରାୟ ୧୫ ଜିଲା ରାଜ୍ୟରେ ପଣସ ଉତ୍ପାଦନର ପ୍ରମୁଖ ଅଂଶ। ପଣସ ଗଛଗୁଡ଼ିକ ପ୍ରାୟତଃ ଜଙ୍ଗଲ ଅଞ୍ଚଳ, ଘର ପଛପଟ, ସଡ଼କ ପାର୍ଶ୍ୱରେ ବାର୍ଷିକ ୩.୧୫ ମେଟ୍ରିକ୍ ଟନ୍ ଉତ୍ପାଦନ ସହିତ ସୀମିତ ଥିଲା। ସମୁଦାୟ ଉତ୍ପାଦନ ମଧ୍ୟରୁ ପ୍ରାୟ ୫୫% ପରିବା ଭାବେ କଞ୍ଚା ବ୍ୟବହାର କରାଯାଉଥିବାବେଳେ ପର୍ବପର୍ବାଣି ସମୟରେ ପାଚିଲା ଫଳ ଭାବେ ପ୍ରାୟ ୩୫% ବ୍ୟବହାର ହୋଇଥାଏ। ସ୍ଥାନୀୟ ଜଳବାୟୁ ପରିସ୍ଥିତି ଅନୁଯାୟୀ, ରାଜ୍ୟର ପ୍ରାୟ ୫୦ଟି ବ୍ଲକ୍ ବ୍ୟବସାୟିକ ସ୍ତରରେ ବୃହତ୍ ପରିମାଣର ପଣସ ଉତ୍ପାଦନ ପାଇଁ ଅଧିକ ଉପଯୁକ୍ତ ବୋଲି ଜଣାପଡିଛି। ଏହି ବୈଠକରେ ପିସିସିଏଫ୍ ଶିଶିର କୁମାର ରଥ, ଓୟୁଏଟି କୁଳପତି ପିକେ ବିଶ୍ୱାଳ, ପଣସ ବିଶେଷଜ୍ଞ ଅଚ୍ୟୁତ୍ ଦାସଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୦୨୧ରେ ଭାରତକୁ ୪.୬ ବିଲିୟନ ଡଲାର ଋଣ ଦେଇଛି ଏଡିବି

ନୂଆଦିଲ୍ଲୀ,୬।୨

ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ (ଏଡିବି) ୨୦୨୧ରେ ଭାରତକୁ ସର୍ବାଧିକ ୪.୬ ବିଲିୟନ ଡଲାର ଋଣ ଦେଇଥିବା ରବିବାର ସୂଚନା ଦେଇଛି। ସେଥିରୁ ୧.୮ ବିଲିୟନ ଡଲାର କୋଭିଡ୍ ମୁକାବିଲା ପାଇଁ ଉଦ୍ଦିଷ୍ଟ। କୋଭିଡ୍ ସହାୟତା ମଧ୍ୟରୁ ଟିକା କ୍ରୟ ଲାଗି ୧.୫ ବିଲିୟନ ଡଲାର ରହିଥିବାବେଳେ ସହରାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତର ମହାମାରୀ ମୁକାବିଲା ପ୍ରସ୍ତୁତି ନିମନ୍ତେ ୩୦୦ ନିୟୁତ ଡଲାର ରହିଥିବା ଏହି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।




ପରିବହନ, ସହରାଞ୍ଚଳ ବିକାଶ, କୃଷି, ଦକ୍ଷତା ବିକାଶ ଆଦି ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଏଡିବି ଭାରତକୁ ନିୟମିତ ପାଣ୍ଠି ଯୋଗାଇଆସୁଛି। କୋଭିଡ୍ ବିରୋଧରେ ସରକାରଙ୍କ ଲଢ଼େଇକୁ ସହାୟତା ଜାରି ରହିବ ବୋଲି ଏଡିବିର ଭାରତ ପାଇଁ ଥିବା ନିର୍ଦ୍ଦେଶକ ଟାକେଓ କୋନିଶି କହିଛନ୍ତି।

# ପ୍ରୋଗ୍ରେସ ରିପୋର୍ଟ ମାଗିଲେ ପୋକ୍‌ସୋ କୋର୍ଟ

**ସ୍ନେହଲତା ଛତ୍ରିଆ ବଳାତ୍କାର, ହତ୍ୟା ଘଟଣା**

**୭ ବର୍ଷ ପରେ ବି ଦାଖଲ ହୋଇନାହିଁ ଚାର୍ଜଶିଟ୍**

ବଲାଙ୍ଗୀର ଅଫିସ, ୬।୨

ବହୁଚର୍ଚ୍ଚିତ ସ୍ନେହଲତା ଛତ୍ରିଆ ବଳାତ୍କାର ଓ ହତ୍ୟା ଘଟଣାକୁ ନେଇ ସ୍ଥାନୀୟ ପୋକ୍‌ସୋ କୋର୍ଟ ତଦନ୍ତକାରୀ ପୋଲିସ ସଂସ୍ଥାକୁ ମାମଲାର ପ୍ରୋଗ୍ରେସ ରିପୋର୍ଟ ମାଗିଛନ୍ତି। ଏହି ଘଟଣାକୁ ଇତିମଧ୍ୟରେ ୭ବର୍ଷ ପୂରିଯାଇଥିଲେ ମଧ୍ୟ ଏଯାଏ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମାମଲାର ଚାର୍ଜଶିଟ୍ ଦାଖଲ କରିନାହିଁ। ହତ୍ୟାକାଣ୍ଡର ଶିକାର ସ୍ନେହଲତାଙ୍କ ପିତା ଆର୍ତ୍ତ ଛତ୍ରିଆ ତାଙ୍କ ଓକିଲ ଦିନେଶ ନାଗଙ୍କ ଜରିଆରେ ବଲାଙ୍ଗୀର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଉକ୍ତ ମାମଲାରେ ପୋଲିସ ତଦନ୍ତର ଅଗ୍ରଗତି ଏବଂ ରିପୋର୍ଟ ସମ୍ପର୍କରେ ଜାଣିବାକୁ ଆବେଦନ କରିଥିଲେ। ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟର ଜିଆର କେସ୍ (ନଂ.୨୧/୨୦୧୫) ଆଧାରରେ ଗତ ଜାନୁୟାରୀରେ ଉକ୍ତ ଆବେଦନକୁ ଗ୍ରହଣ କରି ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚକୁ ମାମଲାର ପ୍ରୋଗ୍ରେସ ରିପୋର୍ଟ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଥାଶୀଘ୍ର ଏହି ମାମଲାର ପ୍ରୋଗ୍ରେସ ରିପୋର୍ଟ ଓ ଚାର୍ଜଶିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥାନୀୟ ପୋକ୍‌ସୋ କୋର୍ଟ ଏହି ମାମଲାର ପ୍ରୋଗ୍ରେସ ରିପୋର୍ଟ ମାଗିବା ପରେ ଦୀର୍ଘ ୭ ବର୍ଷ ତଳର ଲୋମହର୍ଷଣକାରୀ ବଳାତ୍କାର ଓ ହତ୍ୟା ଘଟଣା ପୁଣିଥରେ ଚର୍ଚ୍ଚାର ପରିସରକୁ ଆସିଛି।

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ସର୍ଗିପାଲି ଗ୍ରାମର ସ୍ନେହଲତା(୧୫)ଙ୍କୁ ଗତ ୨୦୧୫ ମେ' ୨୨ରେ ଅପହରଣ କରାଯାଇଥିଲା। ଏନେଇ ଖପ୍ରାଖୋଲ ଥାନାରେ ସେଦିନ ଅଭିଯୋଗ କରାଯାଇଥିଲା। ୨୩ ତାରିଖ ଅପରାହ୍ନରେ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପ୍ରଥମେ ବଲାଙ୍ଗୀର ପୋଲିସ ଏବଂ ପରେ କ୍ରାଇମବ୍ରାଞ୍ଚ ଘଟଣାର ତଦନ୍ତ କରିଥିଲା। ଏହି ଘଟଣାରେ ସର୍ଗିପାଲି ଗ୍ରାମର ଦୁଇ ଯୁବକଙ୍କୁ ଗିରଫ କରାଯାଇଥିଲା। ପରେ ସେମାନେ ଜାମିନରେ ଜେଲ୍‌ରୁ ମୁକୁଳିଥିଲେ। ଆସନ୍ତା ୨୮ ତାରିଖ୨ରେ ଏହି ମାମଲା ନେଇ ପୁଣିଥରେ ଚାର୍ଜଶିଟ୍ ଉପସ୍ଥାପିତ କରିବାକୁ କୋର୍ଟ ପକ୍ଷରୁ କୁହାଯାଇଛି।

# ଚନ୍ଦ୍ରଭାଗା ମେଳାପଡ଼ିଆ, ତୀର୍ଥ ପୁଷ୍କରିଣୀ ଶୂନ୍‌ଶାନ୍

**୧୪ ପ୍ଲାଟୁନ ଫୋର୍ସ ମୁତୟନ**

କୋଣାର୍କ,୬।୨(ଡି.ଏନ୍.ଏ.)

କୋଭିଡ୍ କଟକଣାରେ ମାଘସପ୍ତମୀ ବୁଡ଼ ଅନୁଷ୍ଠିତ ହେଉଛି। ଏଥିପାଇଁ ସର୍ବସାଧାରଣ ଲାଗି ଚନ୍ଦ୍ରଭାଗାରେ ବୁଡ଼ ପକାଇବାକୁ ଜିଲା ପ୍ରଶାସନ ପକ୍ଷରୁ ବାରଣ କରାଯାଇଛି। ଫଳରେ ଶ୍ରଦ୍ଧାଳୁ ବିନା ଚନ୍ଦ୍ରଭାଗା ମେଳାପଡିଆ, ତୀର୍ଥ ପୁଷ୍କରିଣୀ ଶୂନ୍‌ଶାନ ହୋଇପଡ଼ିଛି। କଟକଣା ସତ୍ତ୍ୱେ ବୁଡ଼ ନିମନ୍ତେ ଦୂରଦୂରାନ୍ତର ଶ୍ରଦ୍ଧାଳୁମାନେ ଚନ୍ଦ୍ରଭାଗାରେ ଆଶ୍ରୟ ନେଇଥିବା ଦେଖିବାକୁ ମିଳିଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଭୋର୍ ୪ଟାରେ ବାବା ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର, ଈଶାଣେଶ୍ୱରଙ୍କ ଚଳନ୍ତି ପ୍ରତିମା ସ୍ନାନ ପରେ ସେବାୟତ ଓ ସାଧୁସନ୍ଥ ବୁଡ଼ ପକାଇବେ। ତୀର୍ଥ ପୁଷ୍କରିଣୀ ନିକଟରେ ସେବାୟତ ଓ ଜିଲା ପ୍ରଶାସନର ଅଧିକାରୀଙ୍କୁ ମିଶାଇ ମୋଟ ୩ଶହ ଜଣଙ୍କୁ ଅନୁମତି ରହିଛି। ଏଥିନିମନ୍ତେ ରବିବାର ଏସ୍‌ପି କେ. ବିଶାଲ ସିଂ ଚନ୍ଦ୍ରଭାଗାର ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ରବିବାର ଅପରାହ୍ନ ୪ଟାରୁ ସୋମବାର ସକାଳ ୯ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀକୁ ବ୍ୟାରିକେଡ୍ କରାଯାଇ ଚାରିଆଡୁ ଆବଦ୍ଧ କରାଯାଇଛି। ମାଘସପ୍ତମୀ ନିମନ୍ତେ ଯାନବାହନ ନିୟନ୍ତ୍ରଣ ସହିତ ୧୪ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨ଜଣ ଅତିରିକ୍ତ ଏସ୍‌ପି, ୬ଜଣ ଡିଏସ୍‌ପି,



ବୁଡ଼ ପାଇଁ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ପ୍ରସ୍ତୁତ ରଖାଯାଇଛି।

୧୪ଜଣ ଆଇଆଇସି, ଏଏସ୍‌ଆଇ ଓ ଏସ୍‌ଆଇ ୬୦ଜଣ ସୁରକ୍ଷା ବ୍ୟବସ୍ଥାରେ ନିୟୋଜିତ ହୋଇଛନ୍ତି। ତିନି ଠାକୁରଙ୍କ ଶୋଭାଯାତ୍ରା ପାଇଁ ସୁରକ୍ଷା ବ୍ୟବସ୍ଥା ହୋଇଛି। କରୋନା ଯୋଗୁ ଦୁଇ ବର୍ଷ ହେବ ବିନା ଶ୍ରଦ୍ଧାଳୁରେ ମାଘ ବୁଡ଼ ସମ୍ପନ୍ନ ହେଉଛି।

# 'ଆଦିବାସୀଙ୍କ ଜୀବନଶୈଳୀରୁ ଅନେକ କିଛି ଶିଖିବାର ଅଛି'

ଭୁବନେଶ୍ୱର,୬।୨(ବ୍ୟୁରୋ)

ଅନେକ ଯୋଜନା ପ୍ରଣୟନ ପରେ ବି ପରିବେଶ ଗୁଣାତ୍ମକ ମାନର ହ୍ରାସ ଏବଂ ପ୍ରକୃତିର ଅବନତିକୁ ସଫଳତାର ସହିତ ପୁନଃସ୍ଥାପନ କରାଯାଇ ପାରୁନାହିଁ। ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଏବଂ ଜୀବଜାତିର ବିଲୁପ୍ତି ହେବା ଭଳି ଚ୍ୟାଲେଞ୍ଜଗୁଡ଼ିକ କ୍ରମାଗତ ଭାବରେ ଜଟିଳ ପର୍ଯ୍ୟାୟକୁ ଗତି କରୁଛି। ସେଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ହେଉଥିବା ପ୍ରୟାସଗୁଡ଼ିକ ଆଶାନୁରୂପ ସଫଳତା ହାସଲ କରିପାରୁନାହିଁ। ଏପରିସ୍ଥିତିରେ ପରିବେଶୀୟ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ନିମନ୍ତେ ଆଦିବାସୀଙ୍କ ଜୀବନଶୈଳୀରୁ ଅନେକ କିଛି ଶିଖିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ଓଡ଼ିଶା ପରିବେଶ ସମିତି (ଓଇଏସ) ପକ୍ଷରୁ 'ପରିବେଶ ଏବଂ ଜନଜାତି' ଶୀର୍ଷକ ଏକ ୱେବିନାର ଆୟୋଜନ କରାଯାଇଥିଲା। ଉତ୍କଳ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଜଗନ୍ନାଥ ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିମିଳିପାଳ ଜୈବମଣ୍ଡଳକୁ ଏକ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଏଠାରେ ଜୀବନଯାପନ କରୁଥିବା ଆଦିବାସୀ ସମ୍ପ୍ରଦାୟ ସହିତ ତାଙ୍କର ଦୀର୍ଘଦିନର ଗବେଷଣା ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ସେ କହିଥିଲେ, ଏହି ଅଧିବାସୀମାନେ ଜଙ୍ଗଲ ଉପରେ ପ୍ରାଥମିକ ଭାବେ ନିର୍ଭରଶୀଳ ହୋଇଥିବାରୁ ଜଙ୍ଗଲରୁ ସେମାନେ ପୃଥକ ହୋଇପାରିବେ ନାହିଁ। ଏହି ପରିସଂସ୍ଥାର କାର୍ଯ୍ୟକାରିତା ଉପରେ ସେମାନଙ୍କର ଜ୍ଞାନ ମଧ୍ୟ ଅସୀମ ଅଟେ। ସେମାନଙ୍କର ଧାର୍ମିକ ବିଶ୍ୱାସ ବିଭିନ୍ନ ଉଦ୍ଭିଦ ଓ ପଶୁଙ୍କ ସୁରକ୍ଷା ପ୍ରଦାନ ସହିତ ଜଡ଼ିତ।

ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର ଅଧ୍ୟକ୍ଷତା କରି କହିଲେ, ଅନୁସୂଚିତ ଜାତି କିମ୍ବା ଜନଜାତିର ଜୀବନଶୈଳୀକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ସେମାନେ ସଭ୍ୟତାର ଆରମ୍ଭରୁ ପ୍ରକୃତିକୁ ସୁରକ୍ଷା ପ୍ରଦାନ ଏବଂ ଜଙ୍ଗଲ ପରିସଂସ୍ଥା ଓ ଏହାର ଜୈବବିବିଧତାକୁ ସଂରକ୍ଷିତ କରିଆସୁଛନ୍ତି। ସେମାନେ ହିଁ ଆମ ପ୍ରାକୃତିକ ଐତିହ୍ୟର ପବିତ୍ର ଦାୟାଦ। ସେମାନଙ୍କର ସକ୍ରିୟ ସହଯୋଗରେ ସଂରକ୍ଷଣ ପଦକ୍ଷେପଗୁଡିକରେ ସଫଳତା ଅର୍ଜନ କରିବା ସମ୍ଭବ ହେବ। ସମ୍ପାଦକ ଡ. ଜୟକୃଷ୍ଣ ପାଣିଗ୍ରାହୀ କହିଲେ, ଆଧୁନିକତା ଓ ଉପଭୋକ୍ତାବାଦ ଆମ ପରିବେଶ ଉପରେ ବହୁଳ କୁପ୍ରଭାବ ବିସ୍ତାର କରିଛି। ପରିବେଶ ସୁରକ୍ଷା ଅଭିଯାନରେ ଆଦିବାସୀମାନଙ୍କୁ ଅନୁକରଣ କରାଯିବା ହିଁ ଏକ ଉପଯୁକ୍ତ ପଦକ୍ଷେପ ହେବ। ଉପସଭାପତି ଡ. ଲାଲା ଏକେ ସିଂହ ଅତିଥିଙ୍କ ପରିଚୟ ପ୍ରଦାନ ସହ ଶିମିଳିପାଳରେ ନିଜର ଅନୁଭୂତି ମଧ୍ୟ ବ୍ୟାଖ୍ୟା କରିଥିଲେ।

# ଜଙ୍ଗଲରେ ନକଲି ମଦ ଫ୍ୟାକ୍ଟ୍ରି

**୨୫୪ ଲିଟର ମଦ ଜବତ, ୨ ଗିରଫ**

ବ୍ରହ୍ମପୁର ଅଫିସ, ୬।୨

ବ୍ରହ୍ମପୁର ଉପକଣ୍ଠ ମୋହନା ପଞ୍ଚାୟତ ବୁରଗାଁରୁ ରବିବାର ଠାବ ହୋଇଛି ଆଉ ଏକ ନକଲି ବିଦେଶୀ ମଦ ଫ୍ୟାକ୍ଟ୍ରି। ଜଙ୍ଗଲ ଭିତରେ ଥିବା ଏକ ପରିତ୍ୟକ୍ତ ଘରେ ଚାଲିଥିବା ଏହି ଫ୍ୟାକ୍ଟ୍ରିରେ ବ୍ରହ୍ମପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା ଚଢାଉ କରି ସେଠାରୁ ୧୦ ପେଟି ନକଲି ବିଦେଶୀ ମଦ ସହ ବିପୁଳ ପରିମାଣର କଞ୍ଚାମାଲ ଜବତ କରିଛି। ପ୍ରସ୍ତୁତକାରୀ ୨ଜଣ ଅନନ୍ତେଇ ଗ୍ରାମର ଟିଙ୍କନ ସେଠୀ(୨୩) ଓ ଚାଲାଣକାରୀ ବୁରଗାଁର ମୁନା ମଲିକ(୨୪)ଙ୍କୁ ଟିମ୍ ଗିରଫ କରିଛି।

ପ୍ରକାଶ ଯେ, ଏକ ପରିତ୍ୟକ୍ତ ଘରେ ଅନେକ ଦିନରୁ ନକଲି ବିଦେଶୀ ମଦ ପ୍ରସ୍ତୁତ ହେଉଥିବା ନେଇ କୌଣସି ସୂତ୍ରରୁ ଅବକାରୀ ଭ୍ରାମ୍ୟମାଣ ସଂସ୍ଥାକୁ ଖବର ମିଳିଥିଲା। ରବିବାର ଅବକାରୀ ଉପ ଅଧୀକ୍ଷକ ବିଦ୍ୟାଧର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସେହି ଘରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ସେହି ଘରୁ ବିଭିନ୍ନ ବ୍ରାଣ୍ଡର ୧୦ ପେଟି (୨୫୪ ବୋତଲ) ନକଲି ବିଦେଶୀ ମଦ, ୯୮୦ ଖାଲି ବୋତଲ, ୩୬୦୦ ଠିପି, ବିଭିନ୍ନ ବ୍ରାଣ୍ଡର ଲେବଲ୍, ୯ ଲିଟର ସ୍ପିରିଟ୍ ଓ ରଙ୍ଗ ଜବତ କରାଯାଇଥିଲା। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଅର୍ଜୁନ ମଲିକ, ଏସ୍‌ଆଇ ଅଭିରାମ ସାହୁ, ଶେଖ ଇଦରିଶ ହୁସେନଙ୍କ ସମେତ ଅନ୍ୟ ଅଧିକାରୀ ସାମିଲ ଥିଲେ।

# କ୍ୟାପିଟାଲ ଥାନା ଘେରିଲେ, ରାସ୍ତାରେ ବସିଲେ



କ୍ୟାପିଟାଲ୍ ଥାନା ଗେଟ୍ ସମ୍ମୁଖରେ ଧାରଣାରତ ଛାତ୍ର କଂଗ୍ରେସର ସଦସ୍ୟ।

**ଥାନାଧିକାରୀଙ୍କ ବଦଳି ଦାବିକଲା ଛାତ୍ର କଂଗ୍ରେସ**

ଭୁବନେଶ୍ୱର,୬।୨(ବ୍ୟୁରୋ)

କଂଗ୍ରେସ ଭବନରେ ନିଆଁ ଲଗାଇବା ଘଟଣାରେ ନିଷ୍କ୍ରିୟତା ଓ ଛାତ୍ର ନେତାଙ୍କ ନାଁରେ ମିଥ୍ୟା ମାମଲା ରୁଜୁ କରି ଗିରଫ କରିବାକୁ ନେଇ କ୍ୟାପିଟାଲ ଥାନା ଅଧିକାରୀଙ୍କ ବଦଳି ଦାବି କରିଛି ଛାତ୍ର କଂଗ୍ରେସ। ସମ୍ପୃକ୍ତ ଅପରାଧୀଙ୍କୁ ଥାନା ଅଧିକାରୀ ସୁରକ୍ଷା ପ୍ରଦାନ କରୁଥିବା ଅଭିଯୋଗ ଆଣି ରବିବାର ସନ୍ଧ୍ୟାରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବହୁ କର୍ମୀ କ୍ୟାପିଟାଲ ଥାନା ଘେରାଉ କରିବା ସହ ଧାରଣା ଦେଇଥିଲେ। ତେବେ ବିକ୍ଷୋଭର କିଛି ସମୟ ପରେ ପୋଲିସ ପହଞ୍ଚି ବୁଝାଶୁଝା କରିବା ସହ ଧାରଣାରୁ ଓହରିଯିବାକୁ କହିଥିଲା। ଏହାପରେ ଛାତ୍ର କଂଗ୍ରେସ କର୍ମୀମାନେ ସେଠାରୁ ଉଠିଯାଇ ଥାନା ସମ୍ମୁଖ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଗାଡ଼ି ମୋଟର ଅଟକି ରହିଥିଲା। ପୋଲିସ ସ୍ଥିତିକୁ ଆୟତ୍ତ କରିବାକୁ ଯାଇ ଘଟଣାସ୍ଥଳରୁ ଛାତ୍ର କଂଗ୍ରେସ ସଭାପତି ୟାସିର, ଭୁବନେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପିସିସି ସମ୍ପାଦକ ସୁବ୍ରତ ମହାପାତ୍ର, ମୁଖପାତ୍ର ବିଶ୍ୱଭୂଷଣ ମହାପାତ୍ରଙ୍କ ସମେତ ଅନ୍ୟ କେତେଜଣ ଛାତ୍ର ନେତାଙ୍କୁ ଭ୍ୟାନ୍ ଯୋଗେ ଉଠାଇ ନେଇଥିଲା।

ଛାତ୍ର କଂଗ୍ରେସ ସଭାପତି ୟାସିର କହଛନ୍ତି, ରାଜଧାନୀରେ ଦିନକୁ ଦିନ ଅପରାଧ ବଢିଚାଲିଥିବାବେଳେ କମିଶନରେଟ ପୋଲିସ ହାତ ଖାଲି ପଡିଛି। କ୍ୟାପିଟାଲ ଥାନା ଅଧିକାରୀ ଅପରାଧୀଙ୍କୁ ଧରିବା ପରିବର୍ତ୍ତେ ଛାତ୍ର ନେତା ନୀହାର ରଞ୍ଜନ ବେହେରାଙ୍କୁ ବିନା କାରଣରେ ଗିରଫ କରିଛନ୍ତି। ବେଆଇନ ଭାବେ ୩ବର୍ଷରୁ ଊର୍ଦ୍ଧ୍ୱ ହେବ ଗୋଟିଏ ଥାନାରେ ରହିଛନ୍ତି। ବଦଳି ସତ୍ତ୍ୱେ ଥାନା ନ ଛାଡ଼ି ବହୁ ଅନୈତିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। ସେ ଜଣେ ଦୁର୍ନୀତି ଖୋର ଅଫିସର ବୋଲି ତାଙ୍କ ନାଁରେ ବହୁ ଅଭିଯୋଗ ରହିଛି। ତାଙ୍କର ପଦୋନ୍ନତି ଓ ବଦଳି ହେଲା ପରେ ମଧ୍ୟ ସେ କିପରି ରାଜନୈତିକ ପ୍ରଭାବ ପକାଇ କ୍ୟାପିଟାଲ ଥାନାରେ ରହିଛନ୍ତି ତାହାକୁ ନେଇ ୟାସିର ପ୍ରଶ୍ନ କରିଛନ୍ତି।

## ଛାତ୍ର ନେତା ନୀହାର ରଞ୍ଜନ କୋର୍ଟ ଚାଲାଣ

**ଖବରଦାତାଙ୍କୁ ଆକ୍ରମଣ ଘଟଣା**

ଭୁବନେଶ୍ୱର,୬।୨(ବ୍ୟୁରୋ)

କଂଗ୍ରେସ ଭବନ ନିକଟରେ ଖବରଦାତାଙ୍କୁ ଆକ୍ରମଣ ଘଟଣାରେ ଛାତ୍ର ନେତା ନୀହାର ରଞ୍ଜନ ବେହେରା (୩୩)ଙ୍କୁ କ୍ୟାପିଟାଲ ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଖବରଦାତା ଦୁର୍ଗା ମାଧବ ମହଲା ଗତ ଜାନୁୟାରୀ ୬ରେ କଂଗ୍ରେସରେ ଗୋଷ୍ଠୀ କନ୍ଦଳକୁ ନେଇ ଖବର ପରିବେଷଣ କରିଥିଲେ। ୮ ତାରିଖରେ କଂଗ୍ରେସ ଭବନ ପରିସରରେ କିଛି ବିଶୃଙ୍ଖଳା ହେଉଥିବା ସୂଚନା ପାଇ ଖବର ସଂଗ୍ରହ ପାଇଁ ଅପରାହ୍ନ ୪ଟାରେ କଂଗ୍ରେସ ଭବନ ନିକଟ ଚା' ଦୋକାନରେ ପହଞ୍ଚିଥିଲେ। ସେଠାରେ ଦୁର୍ଗାଙ୍କୁ ଦେଖି ନୀହାର ସମେତ ଅନ୍ୟ କେତେକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାସହ ମରଣାନ୍ତକ



ଅଭିଯୁକ୍ତ ନିହାର ରଞ୍ଜନ ବେହେରା।

ଆକ୍ରମଣ କରିଥିଲେ। ମୁଣ୍ଡରେ ଆଘାତ ହୋଇ ରକ୍ତ ବାହାରିବା ସହ ଦୁର୍ଗା ତଳେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଦୁର୍ଗାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୬/୨୦୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପୋଲିସ ତାଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ରବିବାର ଆଇପିସି ଦଫା ୩୪୧, ୨୯୪, ୩୨୩, ୩୨୫, ୫୦୬, ୩୦୭, ୪୨୭, ୩୪, ୧୨୦-ବି ଆନୁଯାୟୀ କୋର୍ଟ ଚାଲାଣ କରିଥିଲା।

## ଡ୍ରୋନରେ ଫଟୋ ଉଠାଉଥିବା ମହାରାଷ୍ଟ୍ର ଟିମ୍ ଅଟକ

ଖଇରା, ୬।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ତୁଡିଗଡିଆ ଅଞ୍ଚଳରେ କିଛି ଦିନ ଧରି କେନାଲ କାର୍ଯ୍ୟ ନାମରେ ଡ୍ରୋନରେ ଫଟୋ ଉଠାଉଥିବା ମହାରାଷ୍ଟ୍ର ଅଞ୍ଚଳର ଏକ ଟିମ୍‌କୁ ଗ୍ରାମବାସୀ ଅଟକ ରଖି ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ସେମାନଙ୍କ ନିକଟରୁ ଫଟୋଉଠାକୁ ନେଇ ଆବଶ୍ୟକ ତଥ୍ୟ ଦେବା ପରେ ସେମାନଙ୍କୁ ଛଡାଯିବ ବୋଲି ଖଇରା ପୋଲିସ କହିଛି। ମହାରାଷ୍ଟ୍ରରୁ ଏକ ଟିମ୍ ଗାଁ ଗାଁ ବୁଲି ଡ୍ରୋନରେ ଫଟୋ ଉଠାଉଥିବା ବେଳେ ଗଣ୍ଡୁଆ ଗ୍ରାମବାସୀଙ୍କର ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ।

## ଶ୍ରମିକ ନେତା ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ବିୟୋଗରେ ଶୋକ

ଭୁବନେଶ୍ୱର,୬।୨(ବ୍ୟୁରୋ)

ସମାଜବାଦୀ ନେତା, ରାଜ୍ୟର ଶ୍ରମିକ ଆନ୍ଦୋଳନର ଅନ୍ୟତମ ପୁରୋଧା, ହିନ୍ଦ୍ ମଜଦୁର ସଭା ଓ କେନ୍ଦୁପତ୍ର କର୍ମଚାରୀ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଯୋଗେନ୍ଦ୍ରନାଥ ତ୍ରିପାଠୀଙ୍କ ବିୟୋଗରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ବିୟୋଗରେ ରାଜ୍ୟର ସମାଜବାଦୀ ଓ ଶ୍ରମିକ ଆନ୍ଦୋଳନ କ୍ଷେତ୍ରରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟିହେଲା ବୋଲି କହିଛନ୍ତି। ଏଥିସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ସଂକ୍ଷେପରେ

### ଚାକିରି କରାଇବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

**କଟକ ଅଫିସ,୬।୨:** ଠକେଇ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ମହାଜନପୁର ଗ୍ରାମର ଶାଓ୍ୱନ ରାଉତ। ତାଙ୍କ ନିକଟରୁ ଏକ ବାଇକ୍ ଓ ସ୍ମାର୍ଟଫୋନ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଅଞ୍ଚଳରେ ଥିବା ଏକ ଘରୋଇ ବ୍ୟାଙ୍କରେ ଚାକିରି କରାଇ ଦେବାକୁ କହି ସତ୍ୟଜିତ୍ ସ୍ୱାଇଁଙ୍କଠାରୁ ଶାଓ୍ୱନ ୩ ଲକ୍ଷ ଟଙ୍କା ଠକି ନେଇ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ସତ୍ୟଜିତ୍ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫/୨୨) ରୁଜୁ କରିଥିଲା।

### ଗୋଷ୍ଠୀ ସଂଘର୍ଷ: ୮ ଆହତ

**କଣ୍ଟାପଡା,୬।୨(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତରପାରି ରହମ୍ଭା ଗ୍ରାମରେ ଶନିବାର ରାତିରେ କୌଣସି କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହୃଦାନନ୍ଦ ମଲ୍ଲିକ, ସୁଦର୍ଶନ ଦାସ, ଭରତ ଦାସ, ସୁଦର୍ଶନ ମଲ୍ଲିକ, ସରସ୍ୱତୀ ମଲ୍ଲିକ, ପ୍ରଭାକର ଦାସ, ସାଗର ମଲ୍ଲିକ ଓ ବାଦଲ ମଲ୍ଲିକ। ଚିକିତ୍ସା ଲାଗି ସେମାନଙ୍କୁ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ନେଇ ପୋଲିସ ୨ଟି ମାମଲା(ନଂ.୨୦,୨୧/୨୦୨୨) ରୁଜୁ କରିଛି। ଏଥିସହ ଉଭୟ ପକ୍ଷର ସନିଆ ମଲ୍ଲିକ, ଧୁନା ଦାସ, ଅନା ଦାସ ଓ ସୁଦର୍ଶନ ମଲ୍ଲିକ ଓ ପ୍ରଭାକର ମଲ୍ଲିକଙ୍କୁ ଗିରଫ କରିଛି।

### ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

**କଟକ ସଦର,୬।୨ (ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ମିତା ବେହେରା ନାମ୍ନୀ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ରବିବାର କାଳିଆ ନାୟକ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର କୌଣସି କାରଣରୁ କାଳିଆ ଓ ତାଙ୍କର ଜଣେ ସହଯୋଗୀ ମିତାଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଏକ ମାମଲା(ନଂ.୨୨/୨୨) ରୁଜୁ କରିଥିଲା।

### ଦନ୍ତ ଚିକିତ୍ସା ଶିବିର

**କଟକ ଅଫିସ, ୬।୨:** ଜଗତ୍‌ପୁରସ୍ଥିତ ନିମପୁର ସ୍ପୋର୍ଟ୍ସ କ୍ଲବ ପରିସରରେ ଓଡ଼ିଶା ମୋ ପରିବାର ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଡେଣ୍ଟାଲ ସାଇନ୍ସର ମିଳିତ ଉଦ୍ୟମରେ ନିଃଶୁଳ୍କ ଦନ୍ତ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରକୁ ଓଡ଼ିଶା ମୋ ପରିବାରର ରାଜ୍ୟ ଆବାହକ ଅରୂପ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଉଦ୍‌ଘାଟନ କରିଥିଲେ। ଏଥିରେ ୧୫୩ ଜଣ ଦନ୍ତ ରୋଗୀଙ୍କ ଚିକିତ୍ସା କରାଯାଇ ବିନା ମୂଲ୍ୟରେ କିଟ୍‌ସ ପ୍ରଦାନ କରାଯାଇଥିଲା। ଓଡ଼ିଶା ମୋ ପରିବାରର ନିର୍ଦ୍ଦେଶିକା ମନସ୍ୱିନୀ ଦାସ ସହଯୋଗ କରିଥିଲେ।

### ଖବରଦାତାଙ୍କ ବିୟୋଗରେ ଶୋକସଭା

**ଚୌଦ୍ୱାର,୬।୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅଞ୍ଚଳରେ ଶନିବାର ଖବର ସଂଗ୍ରହବେଳେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିବାରୁ ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସଭାପତି ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରେସ୍‌କ୍ଲବ୍‌ରେ ଆୟୋଜିତ ଶୋକସଭାରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ଉପଦେଷ୍ଟା ସୌରେନ୍ଦ୍ର ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଜିତ୍ ସ୍ୱାଇଁ, ଅଶୋକ କୁମାର ଦାସ, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଓ ପରିବାରକୁ ସମବେଦନା ଜଣାଯାଇଥିଲା।

# ‘ବଜେଟରେ ବିତ୍ତୀୟ ନିବେଶକୁ ପ୍ରାଧାନ୍ୟ ଦିଆଯାଇଛି’

### ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୬।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଅର୍ଥନୈତିକ ବିକାଶଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଭାରତ ସଫଳତାର ଶୀର୍ଷରେ ପହଞ୍ଚିଛି। ଚଳିତବର୍ଷ କେନ୍ଦ୍ର ସରକାର ସାଢେ ୭ ଲକ୍ଷ କୋଟି ଟଙ୍କାର ବଜେଟ୍ ଆଣିଛନ୍ତି। ଏହା ଏକ ଜନକଲ୍ୟାଣକାରୀ, ସୁଦୂରପ୍ରସାରୀ ଓ ଆତ୍ମନିର୍ଭରଶୀଳ ବଜେଟ। ଗତ ୭୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ବଜେଟ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଟକ ସାରଳା ଭବନଠାରେ ରବିବାର ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଥିଲେ, ଚଳିତ ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହି ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଇଛି। ଫଳରେ ଦେଶର ନୂତନ ପ୍ରକଳ୍ପମାନ, ଭିତ୍ତିଭୂମିର ବିକାଶ, ନୂତନ ଶିଳ୍ପର ଅଭିବୃଦ୍ଧି, ସୂଚନା ଓ ପ୍ରଯୁକ୍ତି ସମେତ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହେବ। ଏହାଦ୍ୱାରା ରୋଜଗାର ବୃଦ୍ଧି ଘଟିବା ସହ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ବିଶେଷ ଭାବରେ ଲାଭାନ୍ୱିତ ହେବ। ବିଭିନ୍ନ ସ୍ଥାନରେ ନୂଆ ରେଳ ଷ୍ଟେଶନ ପ୍ରତିଷ୍ଠା, ରେଳଲାଇନ୍ ନିର୍ମାଣ ସହ ରେଳଯାତ୍ରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଏଥିସହ ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କଟକ ନଗର ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୋଦିଙ୍କ ନେତୃତ୍ୱରେ ଭାରତର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଭାଜପା ଜିଲା ସଭାପତି ପ୍ରକାଶ ବେହେରା, ନଗର ସଭାପତି ଲଲାଟେନ୍ଦୁ ବଡ୍ଡୁ, ବିନୋଦ ଦାଶ, ସଜ୍ଜନ ଶର୍ମାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଅନ୍ୟମାନେ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ଫୁଲନଖରା, ୬।୨ (ଡି.ଏନ୍.ଏ.)**

କଟକ ମହାନଗର ନିଗମ ଅନ୍ତର୍ଗତ ୫୮ନଂ. ଓ୍ୱାର୍ଡସ୍ଥିତ ମା’ ସିନ୍ଦୁରେଇ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ୫୮ନଂ. ଓ୍ୱାର୍ଡ କଂଗ୍ରେସ ସଭାପତି ଜନାର୍ଦ୍ଦନ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଅନିଲ ବେଉରା ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ଅବସରରେ କଟକ ନଗର କଂଗ୍ରେସ ଉପସଭାପତି ସନ୍ତୋଷ ଲେଙ୍କା ଓ ସମ୍ପାଦକ ସାଗର ବେଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଚରଣ ନାୟକ, ନରେନ୍ଦ୍ର ଭଞ୍ଜ, ଚତୁର୍ଭୁଜ ମହାପାତ୍ର, ଚରଣ ବେହେରା, ଶୁକଦେବ ସାମନ୍ତରାୟ, ଶଙ୍କର ରାଉତ, ଶରତ ଜେନା, ରବୀନ୍ଦ୍ର ବେହେରା ଯୋଗଦେଇଥିଲେ।

## ଭୋଟରଙ୍କୁ ଧମକ: ୨ ପ୍ରାର୍ଥୀଙ୍କ ନାମରେ ମାମଲା

**ନିଶ୍ଚିନ୍ତକୋଇଲି, ୬।୨(ସ୍ୱ.ପ୍ର.)**

ନିର୍ବାଚନ ଅବାଧ ଓ ନିରପେକ୍ଷ କରିବାକୁ ଭୋଟରଙ୍କୁ କୌଣସି ପରିପ୍ରେକ୍ଷୀରେ ପ୍ରଭାବିତ କରାଯାଇପାରିବ ନାହିଁ ବୋଲି କମିଶନର କଡ଼ାକଡ଼ି ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଦୁଇଜଣ ପ୍ରାର୍ଥୀ ଭୋଟ୍ ପାଇଁ ଭୋଟରଙ୍କୁ ଧମକ ଦେଇ ଭୟଭୀତ କରାଇଥିବା ନେଇ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ.୨୧/୨୨ରେ ଏକ ମାମଲା ରୁଜୁ ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ରୂପେ ବିଭୂତି ଭୂଷଣ ଦ୍ୱିବେଦୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସ୍ତ୍ରୀ ପୁଷ୍ପିତା ପଣ୍ଡା ନେମାଳ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶନିବାର ସକାଳେ ନେମାଳ ପଞ୍ଚାୟତ ଯମୁନାପୁର ଗାଁର ଲକ୍ଷ୍ମୀଧର ପାତ୍ର କେନାଲ ବନ୍ଧରେ ଆସୁଥିଲାବେଳେ ଉଭୟ ସ୍ତ୍ରୀସ୍ୱାମୀ ତାଙ୍କୁ ରାସ୍ତା ଉପରେ ଅଟକାଇଥିଲେ। ନିର୍ବାଚନରେ କାହିଁକି ବିରୋଧ କରୁଛ ବୋଲି ଲକ୍ଷ୍ମୀଧରଙ୍କୁ ପଚାରିଥିଲେ। ପରେ ସେ ଏହି ଘଟଣାକୁ ଅସ୍ୱୀକାର କରିବାରୁ ଉଭୟ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନିଜର ସୁରକ୍ଷା ନିମନ୍ତେ ଲକ୍ଷ୍ମୀଧର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଆଇଆଇସି ଉମେଶ ସାହୁଙ୍କ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ବିଭୂତି ଓ ପୁଷ୍ପିତାଙ୍କ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଗ୍ରହଣ କରି ନ ଥିଲେ।

## ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ପୋଲିସ

### ବେଆଇନ ଭାବେ ସରକାରୀ ଫ୍ଲାଟ୍ ବିକିବା ଘଟଣା

**କଟକ ଅଫିସ, ୬।୨**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଅନ୍ଦରପୁରରେ ବସ୍ତିବାସିନ୍ଦାଙ୍କ ପାଇଁ ତିଆରି ଘରକୁ ବେଆଇନ ଭାବେ ବିକ୍ରି କରି ଲକ୍ଷାଧିକ ଟଙ୍କା ଠକିନେବା ଘଟଣାରେ ଗିରଫ ହୋଇଥିବା ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣଙ୍କୁ ମଧୁପାଟଣା ପୋଲିସ ରବିବାର ୩ ଦିନିଆ ରିମାଣ୍ଡରେ ନେଇଛି। ଶନିବାର ତାଙ୍କୁ କୋର୍ଟଚାଲାଣ ପରେ ପୋଲିସ ରିମାଣ୍ଡ୍ ପାଇଁ ଆବେଦନ କରିଥିଲା। କଟକ ଏସ୍‌ଡିଜେଏମ୍ କୋର୍ଟରୁ ଅନୁମତି ଦେବା ପରେ ପୋଲିସ ରାଜାଙ୍କୁ ନେଇ ଅଧିକ ପଚରାଉଚରା ଚଳାଇଛି। ଅପରପକ୍ଷେ ସିଏମ୍‌ସି ପକ୍ଷରୁ ରବିବାର ରାଜାଙ୍କ ନାମରେ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୭/୨୨) ରୁଜୁ କରିଛି । ଉକ୍ତ ଅଭିଯୋଗରେ ଦର୍ଶାଯାଇଛି, ରାଜା ସିଏମ୍‌ସିର ଅନ୍ଦରପୁରସ୍ଥିତ ଫ୍ଲାଟ୍‌ଗୁଡ଼ିକ ବେଆଇନ ଭାବେ ବିକ୍ରି କରିଛନ୍ତି। ରାଜା ବେଆଇନ ବିକ୍ରି ସମୟରେ ଲୋକଙ୍କୁ ଯେଉଁ ନୋଟାରି ଆଫିଡାଭିଟ୍ ଦେଇଥିଲେ, ସେଥିରେ ସିଏମ୍‌ସିର ନାମ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ସିଏମ୍‌ସି ୫୩ ନମ୍ବର ଓ୍ୱାର୍ଡର ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଠକେଇର ଶିକାର ହୋଇଥିବା ଅନେକ ବସ୍ତିବାସିନ୍ଦାଙ୍କ ଅଭିଯୋଗ ପରେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ସମୟରେ ତାଙ୍କ ନିକଟରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଥିଲା। ଉକ୍ତ ଟଙ୍କାକୁ ଆଗାମୀ ଦିନରେ ଠକେଇର ଶିକାର ହୋଇଥିବା ଲୋକଙ୍କୁ ଦେବା ପାଇଁ ପୋଲିସ ପ୍ରୟାସ କରିବ ବୋଲି ଜଣାପଡିଛି।

## ବଲିଉଡ୍ କୋରିଓଗ୍ରାଫର ରୋଜାଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୬।୨**

ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବଲିଉଡ୍ କୋରିଓଗ୍ରାଫର ତଥା ଓଡ଼ିଆ ଝିଅ ରୋଜା ରଣାଙ୍କୁ କଟକ ନଗର ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର କଟକ ଦେଉଳସାହିସ୍ଥିତ ମୋନାଲିସା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନୀ ରଣା, ଟଙ୍କଧର ରଣା, ଗୋପାଳ ଚନ୍ଦ୍ର ମିଶ୍ର, ସୁକାନ୍ତ ମହାନ୍ତି, ଅରବିନ୍ଦ ବେହେରା, ଲିଙ୍ଗରାଜ ସ୍ୱାଇଁ, ନିହାର ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଧିରେନ୍ଦ୍ର କୁମାର ସିଲ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ: ଚର୍ଚ୍ଚିକା କ୍ଲବ ବିଜୟୀ

**ବାଙ୍କୀ,୬।୨(ସ୍ୱ.ପ୍ର.)**

ମା’ମଙ୍ଗଳା କ୍ରିକେଟ କ୍ଲବ ବେଦପୁର ଆନୁକୂଲ୍ୟରେ ଚାଲିଥିବା ଚଳିତବର୍ଷର କ୍ରିକେଟ ପ୍ରତିଯୋଗିତାର ୮ମ ଲିଗ୍ ମ୍ୟାଚ୍ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ରଣପୁର ଓ ମା’ଚର୍ଚ୍ଚିକା କ୍ରିକେଟ କ୍ଲବ ବାଙ୍କୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଡାଇମଣ୍ଡ ଦଳ ଟସ୍ ଜିତି ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ୯୦ ରନ ବିଜୟ ଲକ୍ଷ୍ୟକୁ ମା’ଚର୍ଚ୍ଚିକା ଦଳ ୧୧.୫ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରିନେଇଥିଲା। ଯୁବ ବିଜେଡି ନେତା ଶ୍ରୀନିବାସ ବେହେରା ଅତିଥି ରୂପେ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ତାପସ ପଣ୍ଡା, ଆଶିଷ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଶିଶିର ବେହେରା, ବାଦଲ ବେହେରା, କୀର୍ତ୍ତିରଞ୍ଜନ ବେହେରା, ଚିନ୍ମୟ ପଣ୍ଡା, ବିଶାଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



### ମନ୍ତ୍ରୀଙ୍କ ଦ୍ୱାରା ପ୍ରଚାର ଶୁଭାରମ୍ଭ

**ପୁରୁଣା ଭୁବନେଶ୍ୱର,୬।୨(ଡି.ଏନ୍.ଏ.)**

ସାମନ୍ତରାପୁର ଗଙ୍ଗୁଆ ବ୍ରିଜ ନିକଟସ୍ଥ ମହାବୀର ନଗର ଶିଶୁପାଳ ଗଡ ପଞ୍ଚାୟତରୁ ବିଜୁ ଜନତା ଦଳର ୨୯ ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ସୁବାସ କୁମାର ସୁନ୍ଦରାୟଙ୍କ ନିର୍ବାଚନ ପ୍ରଚାରକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶୁଭାରମ୍ଭ କରିଛନ୍ତି। ପ୍ରଚାରରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ, ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ଭୂଷଣ ବଳବନ୍ତରାୟ, ଜିଲା ବିଜେଡି ସଭାନେତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ଯୁବ ସଭାପତି ସମରେଶ ବେଉରିଆ, ନେତା ସନ୍ତୋଷ ମହାନ୍ତି, ଦୁଃଶାସନ ସ୍ୱାଇଁ, କୈଳାସ ଜେନା, ରାଜେନ୍ଦ୍ର ସମର୍ଥା, ବିରଞ୍ଚି ନାରାୟଣ ମହାସୁପକାର ପ୍ରମୁଖ ଉପସ୍ଥିତ ଥିଲେ।

## ନିର୍ବାଚନ ପରିଚାଳନା ତାଲିମ

**ବାଙ୍କୀ,୬।୨(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ କର୍ମଚାରୀମାନଙ୍କୁ ଶେଷ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଇଛି। ବାଙ୍କୀ କଲେଜ ଓ ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ବାଙ୍କୀ ବ୍ଲକରେ ୨ଶହ ଓ ଡମପଡ଼ା ବ୍ଲକରେ ୧୨୫ଜଣ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଡମପଡ଼ା ବ୍ଲକ ପକ୍ଷରୁ ବିଡିଓ ଶ୍ୟାମଳ ରାୟ, ଜିପିଇଓ ତ୍ରିନାଥ ଜେନା, ବିଇଓ ନରେନ୍ଦ୍ର ବେହେରା, ଏବିଇଓ ଗଦାଧର ପ୍ରଧାନ, ଅଶୋକ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପ୍ରଭାତ ରାଉତ, ବାଙ୍କୀ ବିଡିଓ ପ୍ରଦୀପ୍ତ ଶତପଥୀ, ଏବିଡିଓ ଶୁଚିସ୍ମିତା ନାୟକ, ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀ, ଜିପିଓ କୁମର ପ୍ରଧାନ ତାଲିମ ପ୍ରଦାନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଂଘବଦ୍ଧ ଆକ୍ରମଣ, ୨ ଗୁରୁତର

**ସାଲେପୁର, ୬।୨(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ମିର୍ଜାପୁର ପଞ୍ଚାୟତ ମାତନଗର ଗାଁର ୪ ପରିବାର ସଦସ୍ୟଙ୍କ ସଂଘବଦ୍ଧ ଆକ୍ରମଣରେ ୨ ଗୁରୁତର ହୋଇଥିବାବେଳେ ୨ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ମାତନଗର ଗାଁର ସାଇରା ବାନୁଙ୍କ ଅଭିଯୋଗ ମୁତାବକ, କୌଣସି କାରଣରୁ କିଛିଦିନ ହେବ ତାଙ୍କ ବାପା ସୟଦ ଇବ୍ରାର ଅଲ୍ଲୀଙ୍କ ଘରେ ରହୁଛନ୍ତି। ହେଲେ ଶନିବାର ସକାଳ ୬ଟାରେ ସେ ଘରେ ଶୋଇଥିବା ବେଳେ ହଠାତ୍ ୟୁନୁସ ବକ୍ସଙ୍କ ସ୍ତ୍ରୀ ରଜା ବିବି ତାଙ୍କ ଘର ସମ୍ମୁଖରେ ଠିଆ ହୋଇ ଭିତରକୁ ଅଳିଆ ଫୋପାଡ଼ିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ସାଇରାଙ୍କ ପରିବାର ବିରୋଧ କରିବାରୁ ୟୁନୁସ ବକ୍ସ, ୟୁସୁଫ ବକ୍ସ, ମେହେମୁଦ ବକ୍ସ, ମାମୁଦ ବକ୍ସଙ୍କ ପରିବାର ଲୋକମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ସାଇରାଙ୍କ ବାପଘରର ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବଡ ବାପାଙ୍କ ପୁଅ ସୟଦ ମକ୍‌ସୁଦ ଅଲ୍ଲୀଙ୍କ ମୁଣ୍ଡ ଫାଟି ଯାଇଛି। ଆକ୍ରମଣରେ ମକ୍‌ସୁଦଙ୍କ ବାପା ମୁକ୍ତାର ଅଲ୍ଲୀ, ସାଇରା ଓ ତାଙ୍କ ବାପା ଆହତ ହୋଇଛନ୍ତି। ଗୁରୁତର ମକ୍ ସୁଦ ଓ ମୁକ୍ତାର ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାଇରାଙ୍କ ଅଭିଯୋଗକ୍ରମେ ୧୭ଜଣଙ୍କ ନାମରେ ନଂ. ୪୯/୨୨ରେ ମାମଲା ରୁଜୁ ହୋଇଛି। ସେହିପରି ଇଲାଜ ବକ୍ସଙ୍କ ଅଭିଯୋଗକ୍ରମେ ୭ଜଣଙ୍କ ନାମରେ ୫୦/୨୨ରେ ମାମଲା ରୁଜୁ ହୋଇଛି।

## ୬୦ଫୁଟ ଉଚ୍ଚତାର ମହାଦେବଙ୍କ ବିଗ୍ରହ ପ୍ରତିଷ୍ଠା

**ବାଲକାଟୀ,୬।୨(ଡି.ଏନ୍.ଏ.)**

ଏକାମ୍ର ନିର୍ବାଚନମଣ୍ଡଳୀର ଶିଶୁପାଳଗଡ଼ ପଞ୍ଚାୟତ ଗଙ୍ଗୋତ୍ରୀ ନଗର ଲେନ୍ ନଂ.୩ ଅଞ୍ଚଳରେ ଶହଶହ ଶ୍ରଦ୍ଧାଳୁଙ୍କ ସମାଗମରେ ୬୦ଫୁଟ ଉଚ୍ଚତା ବିଶିଷ୍ଟ ଶିବ ଓ ଅନ୍ନପୂର୍ଣ୍ଣାଙ୍କ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବର ପୂର୍ଣ୍ଣାହୁତି ରବିବାର ସନ୍ଧ୍ୟାରେ ସମାପନା ହୋଇଛି। ଗତ ୧ତାରିଖରୁ ଅଙ୍କୁରାରୋପଣ ସହ ବିଧି ମୁତାବକ ନୀତିକାନ୍ତି ଆରମ୍ଭ ହୋଇଥିଲା। ୫ ତାରିଖରେ ବିଗ୍ରହ ମନ୍ଦିର ପ୍ରବେଶ ଏବଂ ରବିବାର ପୂର୍ଣ୍ଣାହୁତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସନ୍ଧ୍ୟାରେ ଆଖପାଖ ଅଞ୍ଚଳରେ ଶହଶହ ଶ୍ରଦ୍ଧାଳୁ ମନ୍ଦିରରେ ବିଗ୍ରହଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ମନ୍ଦିର ପରିସର ଭଜନ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଓଡ଼ିଶାର ସୁନାମଧନ୍ୟ ଭଜନ ପରିବେଷଣ କରି ଶ୍ରଦ୍ଧାଳୁଙ୍କ ମନ ଜିଣିଥିଲେ। ମନ୍ଦିର ପ୍ରତିଷ୍ଠା ପୂର୍ଣ୍ଣାହୁତି ଅବସରରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦର୍ଶନ କରିଥିଲେ। ଶିଶୁପାଳଗଡ଼ ଗ୍ରାମର ରବୀନ୍ଦ୍ର ପାତ୍ରଙ୍କ ଉଦ୍ୟମରେ ନିର୍ମିତ ଏହି ମନ୍ଦିର ନିର୍ମାଣରେ ପ୍ରାୟ ୪କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମନ୍ଦିରର କାରୁକାର୍ଯ୍ୟ ସହ ପାର୍ଶ୍ୱ ଦେବାଦେବୀଙ୍କ କାରୁକାର୍ଯ୍ୟ ଅନନ୍ୟ।

# ପର୍ଯ୍ୟଟକଙ୍କ ସେବାରେ ଲାଗୁନି ପାନ୍ଥଶାଳା

**ସାକ୍ଷୀଗୋପାଳ,୬।୨(ଡି.ଏନ୍.ଏ.)**

ରାଜ୍ୟ ପର୍ଯ୍ୟଟନ ବିଭାଗ ଅନୁଦାନରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ନିର୍ମିତ ପାନ୍ଥଶାଳା ପର୍ଯ୍ୟଟକଙ୍କ ସେବାରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୂରଦୂରାନ୍ତରୁ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଏଠାରେ ହଟହଟା ହେଉଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ମାୟାପୁର ଓ ଆସାମରୁ ଏକ ଟ୍ୟୁରିଷ୍ଟ ବସ୍ ଯୋଗେ ରବିବାର ସକାଳେ ୪ଶହ ତୀର୍ଥଯାତ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ପରେ ସେମାନେ ସାଙ୍ଗରେ ଆଣିଥିବା ଖାଦ୍ୟ ନେଇ ପାନ୍ଥଶାଳାକୁ ଯାଇଥିଲେ। ମାତ୍ର ସେଠାରେ ଏକ ମାଙ୍ଗଳିକ ଉତ୍ସବ ଚାଲିଥିଲା। ଅନ୍ୟ ଉପାୟ ନ ପାଇ ସେମାନେ ପାର୍ଶ୍ୱରେ ଥିବା ଏକ ଶୌଚାଳୟ ସଂଲଗ୍ନ ଅପରିଷ୍କାର ପଡ଼ିଆରେ ବସି ଭୋଜନ କରୁଥିବା ଦେଖିବାକୁ ମିଳିଥିଲା। ଏପରି ଅବ୍ୟବସ୍ଥା ନେଇ ସେମାନେ ଗଣମାଧ୍ୟମ ଜରିଆରେ ପୁରୀ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏକ ପୁରାତନ ତୀର୍ଥସ୍ଥଳୀ ସାକ୍ଷୀଗୋପାଳରେ ପର୍ଯ୍ୟଟକଙ୍କୁ ସାଧାରଣ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରିବା ଘଟଣାରେ ସେମାନେ ମନ୍ଦିର ପ୍ରଶାସନକୁ ଦାୟୀ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ଠିକଣା ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏଭଳି ଘଟଣା ଅନେକଥର ଘଟିଥିଲେ ମଧ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ସାକ୍ଷୀଗୋପାଳ ମନ୍ଦିର ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୁଇଟି ପ୍ରାସାଦ ନିର୍ମାଣ କରାଯାଇ ରକ୍ଷଣାବେକ୍ଷଣ ପାଇଁ ଉକ୍ତ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିଲା। ଗୋଟିଏ ପାନ୍ଥଶାଳା ଓ ଅନ୍ୟଟି ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ନେଇ କଲ୍ୟାଣ ମଣ୍ଡପ ନିମନ୍ତେ ଉଦ୍ଦିଷ୍ଟ ରଖାଯାଇଛି। ପାନ୍ଥଶାଳାରେ ୭ଟି ସୁଟ୍‌ରେ ଡବଲ ବେଡ୍, ଗଦି, ଚେୟାର, ଟେବୁଲ, ଡ୍ରେସିଂ ଟେବୁଲ ଦିଆଯାଇଛି। ହେଲେ ଅଧିକାଂଶ ସମୟ ପାନ୍ଥଶାଳାରେ ଭୋଜି କାର୍ଯ୍ୟକ୍ରମ ହେଉଥିବାରୁ ପର୍ଯ୍ୟଟକମାନେ ଆସି ପାନ୍ଥଶାଳାରେ ଜାଗା ନ ପାଇ ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ ଓ ଶୌଚାଳୟ ଆଦି ଅତ୍ୟନ୍ତ ଅପରିଷ୍କାର ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରି ଭୋଜନ ଓ ବିଶ୍ରାମ ନେବାକୁ ବାଧ୍ୟ ହେଉଛନ୍ତି। ଏପରି କି ପାନ୍ଥଶାଳା ସମ୍ମୁଖ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଅଳିଆ ପଡ଼ିରହୁଥିବା ବେଳେ ତାହା ସଫା ହେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପ୍ରଶାସନର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।


ଶୌଚାଳୟ ସମ୍ମୁଖରେ ପର୍ଯ୍ୟଟକମାନେ ବସି ଖାଉଛନ୍ତି ।


କେନ୍ଦ୍ରାପଡ଼ା ଜିଲାର କଂଗ୍ରେସ କାଉନ୍‌ସିଲର ଏବଂ ଅନ୍ୟମାନେ ରବିବାର ରାଜ୍ୟ ବିଜେଡି କାର୍ଯ୍ୟାଳୟରେ ସଂଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଉଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୦୬।୦୨।୨୦୨୨

| | |
|---|---|
| ୨,୫୦,୩୭୮ ଟଙ୍କା | |
| ସୁନା | ମିଳି ନାହିଁ |
| ରୁପା | ମିଳି ନାହିଁ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଅଭିମନ୍ୟୁ ସ୍ମୃତି ସଂସଦ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ପାଳନ, ମଧୁସୂଦନ ନଗରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୮ଟା।
- ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସାହିତ୍ୟ ସଂସଦ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ପାଳନ, ବାଣୀବିହାରସ୍ଥିତ ପ୍ରତିମୂର୍ତ୍ତି ସ୍ଥଳୀ, ସକାଳ ୯ଟା।

**ବାଲିଅନ୍ତା**

- ବିଶ୍ୱଶାନ୍ତି ମହାଯଜ୍ଞର ମଣ୍ଡଳପୂଜା, ଅଗ୍ନିସ୍ଥାପନ, ଦଣ୍ଡିଲୋ ଗ୍ରାମସ୍ଥିତ ମା' ଦୁର୍ଗାଣୀ ମନ୍ଦିର, ସକାଳ ୮ଟା।



# ଆରମ୍ଭ ହେଲା ପ୍ରେମ ସପ୍ତାହ

ଭୁବନେଶ୍ୱର,୬।୨(ବ୍ୟୁରୋ)

ବର୍ଷକର ଅପେକ୍ଷା ପରେ ଆସିଛି ପ୍ରେମୀ ଯୁଗଳଙ୍କ ପାଇଁ ବିଶେଷ ଦିନ ଭାଲେଣ୍ଟାଇନ୍ସ ଡେ'। ଏ ନେଇ ଯୁବପିଢ଼ିଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ଫେବୃୟାରୀ ୧୪ରେ ଭାଲେଣ୍ଟାଇନ୍ସ ଡେ' ହେଉଥିବାବେଳେ ୭ତାରିଖ ସୋମବାରଠାରୁ ଆରମ୍ଭ ହେଉଛି ଭାଲେଣ୍ଟାଇନ୍ସ ୱିକ୍ ବା ପ୍ରେମ ସପ୍ତାହ। ପ୍ରେମିକା ପ୍ରେମିକମାନେ ବେଶ୍ ଉତ୍ସାହିତ ହୋଇ ଏହି ସପ୍ତାହକୁ ପାଳନ କରିବା ପାଇଁ ଲାଗିପଡ଼ିଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ବିଭିନ୍ନ ଫୁଲ ଦୋକାନ, କାର୍ଡ ଓ ଗିଫ୍ଟ ଦୋକାନଗୁଡ଼ିକରେ ମଧ୍ୟ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ପ୍ରେମ ସପ୍ତାହର ପ୍ରଥମ ଦିନ ଅର୍ଥାତ୍ ୭ ତାରିଖକୁ ରୋଜ ଡେ, ୮କୁ ପ୍ରପୋଜ୍ ଡେ, ୯କୁ ଚକୋଲେଟ୍ ଡେ, ୧୦କୁ ଟେଡି ଡେ, ୧୧କୁ ପ୍ରମିଜ୍ ଡେ, ୧୨କୁ ହଗ୍ ଡେ, ୧୩କୁ କିସ୍ ଡେ ଓ ଫେବୃୟାରୀ ୧୪କୁ ଭାଲେଣ୍ଟାଇନ୍ସ ଡେ ଭାବେ ପାଳନ କରାଯାଏ। ମନର ମଣିଷ ପାଇଁ ଏହି ଦିନକୁ କିଏ କେତେ ସ୍ପେଶାଲ ଭାବେ ପାଳନ କରିବ ସେଥିପାଇଁ ପ୍ରସ୍ତୁତି ଜୋର୍‌ଦାର ଚାଲିଛି। କେବଳ ପ୍ରେମିକା ପ୍ରେମିକ ନୁହେଁ ବରଂ ବିବାହିତ ଯୋଡ଼ିଙ୍କ ପାଇଁ ମଧ୍ୟ ଏହା ଗୁରୁତ୍ୱ ବହନ କରିଥାଏ। ସେଥିପାଇଁ କିଏ ଏହି ଦିନଟିକୁ ବାହାରେ ବୁଲାବୁଲି କରି ବିତାଇବାକୁ ଯୋଜନା କରିଛନ୍ତି ତ, ଆଉ କେହି ଫିଲ୍ମ ଦେଖିବା, ରୋମାଣ୍ଟିକ୍ ଡିନର, ଲଙ୍ଗ୍ ଡ୍ରାଇଭ୍, ପାର୍କ, ମଲକୁ ଯାଇ କାଟିବାକୁ ପ୍ଲାନିଂ କରିଛନ୍ତି। ପ୍ରେମୀଯୁଗଳଙ୍କ ପାଇଁ ସବୁଦିନ ପ୍ରେମମୟ। ମାତ୍ର ବର୍ଷକୁ ଥରେ ଆସୁଥିବା ଏହି ଭାଲେଣ୍ଟାଇନ୍ସ ଡେ'ର ଏକ ସ୍ୱତନ୍ତ୍ରତା ରହିଛି, ଯାହାର ଭରପୂର ମଜା ନେବା ପାଇଁ ପ୍ରେମୀମାନେ ଚାହିଁ ବସିଛନ୍ତି।

## ଆଜି ରୋଜ୍ ଡେ'



ସୋମବାର ରୋଜ୍ ଡେ' ପଡୁଥିବାରୁ ରବିବାରଠାରୁ ହିଁ ସହରର ବିଭିନ୍ନ ଫୁଲ ଦୋକାନରେ ପ୍ରେମୀମାନଙ୍କର ଗହଳି ଦେଖିବାକୁ ମିଳିଥିଲା। ଗ୍ରାହକଙ୍କ ଚାହିଦାକୁ ଦେଖି ବ୍ୟବସାୟୀମାନେ ମଧ୍ୟ ଭଳିକି ଭଳି ଗୋଲାପ ଫୁଲ ସଜାଇ ରଖିଛନ୍ତି। ଓଡ଼ିଶା ସମେତ କଲିକତା, ବେଙ୍ଗାଲୁରୁରୁ ଗୋଲାପ ଫୁଲ ମଗାଇ ରଖିଛନ୍ତି ବ୍ୟବସାୟୀ। ନାଲି ଗୋଲାପ ସହିତ ବନ୍ଧୁତାର ପ୍ରତୀକ ହଳଦିଆ ଗୋଲାପ, ଧଳା ଗୋଲାପ ମଧ୍ୟ ଦୋକାନରେ ମିଳୁଛି। ରୋଜ୍ ଡେ'ରେ ପ୍ରେମୀଯୁଗଳ ପରସ୍ପରକୁ ନାଲି ଗୋଲାପ ଦେଇ ପ୍ରେମ ଦିବସର ଶୁଭେଚ୍ଛା ଜଣାଉଥିବାବେଳେ ବନ୍ଧୁମାନେ ପରସ୍ପରକୁ ହଳଦିଆ ଗୋଲାପ ଦେଇ ଶୁଭେଚ୍ଛା ଜଣାଉଛନ୍ତି। ରୋଜ୍ ଡେ ହୋଇଥିବାରୁ ଗୋଲାପ ଫୁଲ ଗୋଟା ପିଛା ୨୦ଟଙ୍କାରୁ ଆରମ୍ଭ ହୋଇ ୩୦ଟଙ୍କା ପର୍ଯ୍ୟନ୍ତ ଥିବାବେଳେ ଫୁଲତୋଡା ୧୦୦ରୁ ୨ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।




ସ୍ୱର ସମ୍ରାଜ୍ଞୀ ଭାରତ ରତ୍ନ ଲତା ମଙ୍ଗେସକରଙ୍କ ପରଲୋକରେ ରବିବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖାଯାଇଛି।

# ରାସ୍ତାରେ ଶୋଇ ଶୋଇ ରାଜସ୍ଥାନରୁ ଶ୍ରୀକ୍ଷେତ୍ର ଯାତ୍ରା

ଡିଗିରିଆ, ୬।୨(ଡି.ଏନ.ଏ.)

ଶ୍ରୀକ୍ଷେତ୍ରକୁ ଯାଇ ଚତୁର୍ଦ୍ଧା ଦାରୁବ୍ରହ୍ମଙ୍କୁ ଦର୍ଶନ କରିବାର ଅଭିଳାଷରେ ଜଣେ ଭକ୍ତ ରାସ୍ତାରେ ଶୋଇ ଶୋଇ ଯାତ୍ରା କରୁଥିବା ଦେଖିବାକୁ ମିଳିଛି। ରବିବାର ପୁରୁଣାକଟକ-ସମ୍ବଲପୁର ରାସ୍ତାର କଲରାଗଡ଼ଠାରେ ସେ ଏଭଳି ଢଙ୍ଗରେ ଅତିକ୍ରମ କରୁଥିବା ଦେଖିବାକୁ ମିଳିଥିଲା। ଭକ୍ତ ଜଣଙ୍କ ହେଉଛନ୍ତି ରାଜସ୍ଥାନର ରାମହଂସ ଦାଶ (୬୮)। ତାଙ୍କର ଏହି ଯାତ୍ରା ଆରମ୍ଭ ହେବା ରବିବାରକୁ ୯ ମାସ ୯ଦିନ ହୋଇଥିବା ସେ କହିଛନ୍ତି। ପ୍ରଭୁଙ୍କ ଦର୍ଶନ ସହ ସମାଜର ମଙ୍ଗଳ କାମନା ଏବଂ ଭଗବାନଙ୍କ ପ୍ରତି ମଣିଷର ବିଶ୍ୱାସ ସୃଷ୍ଟି କରିବାକୁ ଏଭଳି ଏକ ଅଭିନବ ଶ୍ରୀକ୍ଷେତ୍ର ଯାତ୍ରା ଭକ୍ତଙ୍କ ପ୍ରଗାଢ଼ ନିଷ୍ଠାକୁ ପ୍ରଦର୍ଶନ କରୁଥିଲା। ତାଙ୍କର ଏହି ଯାତ୍ରା ସମୟରେ ସ୍ଥାନୀୟ ଗୋଡ଼ିଝରିଆ ଗ୍ରାମର ଯୋଗେଶ୍ୱରୀ କ୍ଲବ, ଜୟ ଆଠଗଡ଼ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା ଓ ଆତିଥେୟତା ପ୍ରଦାନ କରାଯାଇଥିଲା। ଜୟ ଆଠଗଡ଼ ସଙ୍ଗଠନର ମୁଖ୍ୟ ପ୍ରକାଶ କୁମାର ସାହୁଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀଙ୍କ ମଧ୍ୟରେ ଭାବଗ୍ରାହୀ ସାହୁ, ପ୍ରତାପ ସାହୁ, ଭଗବାନ ବେହେରା, ତପନ ସାହୁ, ମଳୟ ସାହୁ, ବିକାଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଭକ୍ତ ରାମହଂସ ଦିନକୁ ୮ରୁ ୧୦ କିମି ଏହିଭଳି ଯାତ୍ରା କରିଥାନ୍ତି ଏବଂ ସନ୍ଧ୍ୟା ହେଲେ ମନ୍ଦିର ସ୍ଥାନ ଦେଖି ଆଶ୍ରୟ ନେଇଥାନ୍ତି ବୋଲି ସେ କହିଛନ୍ତି।



ଭକ୍ତ ରାମହଂସ ଦାଶ ରାସ୍ତାରେ ଶୋଇ ଶୋଇ ପୁରୀ ଯାଉଛନ୍ତି।

## ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

ବାରଙ୍ଗ,୬।୨(ଡି.ଏନ୍.ଏ.): ଭୁବନେଶ୍ୱର ନିୟୁ ରେଳ ଷ୍ଟେଶନ ପାଖରେ ରବିବାର ମଧ୍ୟାହ୍ନ ୧୨ଟା ସମୟରେ ଏକ ଅଜଣା ଚଳନ୍ତା ଟ୍ରେନ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ନୂଆଗଡ ଗ୍ରାମର ଧୋଇ ପ୍ରଧାନ(୯୦)। ସେ କିଛିଦିନ ହେବ ପଦାସାହି ଗ୍ରାମରେ ତାଙ୍କ ବୋହୂଙ୍କ ଘରେ ରହୁଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରବିବାର ଦିନ ୧୨ଟା ବେଳେ ବୃଦ୍ଧ ଜଣକ ଶୌଚ ହେବାକୁ ପଦାସାହି ଗାଁମୁଣ୍ଡ ଭୁବନେଶ୍ୱର ନିୟୁ ରେଳଷ୍ଟେଶନ ଆଡେ ଯାଇଥିଲେ। ରେଳଲାଇନ ଉପରେ ଚାଲିଚାଲି ଯିବା ସମୟରେ ତାଙ୍କୁ ଏକ ଟ୍ରେନ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ରେଳ ଧାରଣାରୁ ଆଣି ଗାଁକୁ ନେଇ ଯାଇଥିଲେ। ଖବରପାଇ ମଞ୍ଚେଶ୍ୱର ଜିଆର୍‌ପି ପୋଲିସ ପଦାସାହି ଗ୍ରାମରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ୬ନମ୍ବର ଡାକ୍ତରଖାନା ପଠାଇଛି। ତେବେ ମୃତ ବୃଦ୍ଧ ଜଣକ ମାନସିକ ରୋଗୀ ବୋଲି ପୋଲିସ ସୂଚନା ଦେଇଛି।

## ଲତାଙ୍କ ପରଲୋକରେ ପିସିସି ପକ୍ଷରୁ ଶୋକ

ଭୁବନେଶ୍ୱର,୬।୨(ବ୍ୟୁରୋ): ସୁର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କ ପରଲୋକରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି (ପିସିସି) ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶୋକ ବ୍ୟକ୍ତ କରି କହିଛନ୍ତି, ଲତାଜୀ ଆମ ଗହଣରେ ଆଉ ନାହାନ୍ତି ଜାଣି କଷ୍ଟ ଲାଗୁଛି। ସେ ତାଙ୍କ ସୁମଧୁର ସଙ୍ଗୀତ ପାଇଁ ଚିରଦିନ ଅମର ହୋଇ ରହିବେ। ମହାପ୍ରଭୁ ତାଙ୍କ ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ। ଶୋକସନ୍ତପ୍ତ ପରିବାର ଓ ପ୍ରଶଂସକଙ୍କୁ ମୋର ହୃଦୟରୁ ସମବେଦନା ଜଣାଉଛି ବୋଲି ନିରଞ୍ଜନ କହିଛନ୍ତି।

# ନଦୀ ପ୍ରଦୂଷଣ ଯାହାଙ୍କୁ ଶୁଆଇ ଦିଏ ନାହିଁ

ଭୁବନେଶ୍ୱର, ୬।୨ (ବ୍ୟୁରୋ)



ବଢୁଥିବା ନଦୀଜଳ ପ୍ରଦୂଷଣ ସତେ ଯେପରି ତାଙ୍କୁ ଶୁଆଇ ଦିଏ ନାହିଁ। ସେଇଥି ପାଇଁ ତ ରାତି ପାହିଲେ ବାହାରି ଯାଆନ୍ତି ନଦୀ ପଠାକୁ, ଯେଉଁଠି ପଡ଼ିଥାଏ କୁଢ଼କୁଢ଼ ମନୁଷ୍ୟକୃତ ଆବର୍ଜନା। ଆଉ ବାଲିଶଯ୍ୟା ଓ ନଦୀଜଳରୁ ବର୍ଜ୍ୟ ନିଷ୍କାସନ କରି ବେଶ୍ ଖୁସି ପାଆନ୍ତି। ସଚେତନ କରି ଲୋକଙ୍କୁ ପରିବର୍ତ୍ତନ କରିବାକୁ ଚେଷ୍ଟା କରନ୍ତି। ଏମିତି ସେବାରେ ବ୍ରତୀ ଶୁଭକାନ୍ତ ଏବେ ଅନ୍ୟମାନଙ୍କ ପାଇଁ ନିଆରା ମଣିଷ ପାଲଟିଛନ୍ତି।

କେନ୍ଦ୍ରାପଡ଼ା ଜିଲା ଭରତପୁର ଗ୍ରାମପଞ୍ଚାୟତ ହରିଡାଦଣ୍ଡା ଗ୍ରାମରେ ଜନ୍ମିତ ଶୁଭକାନ୍ତ ସାମଲ ଦୀର୍ଘ ୧୫ ବର୍ଷ ହେବ ଭୁବନେଶ୍ୱରରେ ରହି ନିଜକୁ ବିଭିନ୍ନ ସାମାଜିକ ସେବାରେ ନିୟୋଜିତ କରିଛନ୍ତି। ଝାରପଡ଼ା ଅଞ୍ଚଳରେ ପରିବାର ସହ ରହୁଥିବାବେଳେ ଏଭଳି ସେବାକାର୍ଯ୍ୟ କେବଳ ତାଙ୍କ ପାଇଁ ନୁହେଁ, ବରଂ ପୂରା ପରିବାର ପାଇଁ ନିଶା ପାଲଟିଛି। ସ୍ତ୍ରୀ ସସ୍ମିତା ଓ ୬ ବର୍ଷୀୟା ଝିଅ ସାନ୍‌ଭିପ୍ରିୟା ଏସବୁ କାର୍ଯ୍ୟରେ ତାଙ୍କୁ ସହଯୋଗ କରି ଆସୁଛନ୍ତି। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଅନେକ ଲୋକ ନଦୀରେ ପୂଜାସାମଗ୍ରୀ, ଦେବଦେବୀଙ୍କ ଫଟୋଚିତ୍ର ଓ ମୂର୍ତ୍ତି ସମେତ ଅନ୍ୟାନ୍ୟ ଆବର୍ଜନା ପକାଇ ଦିଅନ୍ତି। ଏ ସବୁ ନଦୀ ଜଳକୁ ପ୍ରଦୂଷଣ କରିବା ସହ ସୁନ୍ଦର ପଠାକୁ ବିକୃତ କରିଦେଇଥାଏ। ସେସବୁକୁ ପାଣିରୁ ଛାଣି ଆଣନ୍ତି, ଆଉ ବାଲିରୁ ଗୋଟାଇ ପକାନ୍ତି। ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ପଲିଥିନ ଓ ଅନ୍ୟାନ୍ୟ ଆବର୍ଜନା ନଦୀଶଯ୍ୟାରୁ ଆଣି ଉଚ୍ଚା ଜାଗାରେ ଠୁଳ କରନ୍ତି। ପରେ ସେସବୁକୁ ବିଏମ୍‌ସିକୁ ହସ୍ତାନ୍ତର କରିଥା'ନ୍ତି। ନଦୀକୁ ମା' ବୋଲି ବିଚାର କରୁଥିବା ଶୁଭକାନ୍ତ ସଫେଇ ସମୟରେ ନିଆରା ଢଙ୍ଗରେ ସଚେତନତାର ବାର୍ତ୍ତା ମଧ୍ୟ ଦେଇଥା'ନ୍ତି। କେହି ବ୍ୟକ୍ତି ନଦୀରେ ଅଳିଆ ପକାଉଥିବା ଦେଖିଲେ ସେ ତୁରନ୍ତ ଉକ୍ତ ବ୍ୟକ୍ତିଙ୍କୁ ପ୍ରଣାମ କରନ୍ତି ଏବଂ କଟାକ୍ଷ କରିବା ପୂର୍ବକ ଏପରି କରୁଥିବାରୁ ଧନ୍ୟବାଦ ଦେଇଥା'ନ୍ତି। ତାଙ୍କର ଏପରି ପ୍ରତିବାଦ ଶୈଳୀରେ ଅନେକ ବ୍ୟକ୍ତି ସଚେତନ ହୋଇ ସାଥିରେ ଆଣିଥିବା ଆବର୍ଜନା ନେଇ ବାହୁଡ଼ି ଯାଆନ୍ତି। ଧୀରେ ଧୀରେ ଏହି କାର୍ଯ୍ୟରେ କେତେକ ସଙ୍ଗଠନ ମଧ୍ୟ ସହଯୋଗର ହାତ ବଢ଼ାଇଛି। ଇତିମଧ୍ୟରେ କୁଆଖାଇ ନଦୀରୁ ତାଙ୍କ ଉଦ୍ୟମରେ ଏପର୍ଯ୍ୟନ୍ତ ପ୍ରାୟ ୩୦ ଟ୍ରିପ୍ ଅଳିଆ ଆବର୍ଜନା ନିଷ୍କାସନ କରାଯାଇପାରିଛି। ଏଥିସହ ସେ ବହୁ ସମାଜସେବାରେ ନିଜକୁ ନିୟୋଜିତ ରଖିଛନ୍ତି। ଆସ୍ଥା ଫାଉଣ୍ଡେଶନ ନାମକ ଏକ ସଙ୍ଗଠନ ଗଢ଼ି ଶିଶୁ ସୁରକ୍ଷା, ପ୍ରଦୂଷଣମୁକ୍ତ ଭାରତ, ପରିବେଶ ସୁରକ୍ଷା ସହିତ ଅନ୍ୟାନ୍ୟ ସମାଜସେବା ଉପରେ କାମ କରୁଛନ୍ତି।

ଶୁଭକାନ୍ତ କୁହନ୍ତି, ପ୍ରାୟ ୧୨ ବର୍ଷ ହେବ ନିଜକୁ ସାମାଜିକ କାର୍ଯ୍ୟରେ ନିୟୋଜିତ ରଖିଛି। ଗତ କିଛିଦିନ ତଳେ ଜଳ ସଂକଟ ସମ୍ପର୍କରେ ଏକ ଖବର ପଢ଼ିଲି। ଭାରତର ୧୦ଟି ସହର ଜଳ ସଂକଟ ଦେଇ ଗତି କରୁଥିବା ଖବର ମତେ ଆନ୍ଦୋଳିତ କରିଥିଲା। ଫଳରେ ଗତ ୪ ମାସ ନଦୀ ସଫେଇ କାମ ଆରମ୍ଭ କରିଛି। କୁଆଖାଇ ସହିତ ଅନ୍ୟ ସଂଗଠନ ସହ ମିଶି କାଠଯୋଡି ନଦୀ ସଫେଇ କରୁଛି। ନଦୀ ଜଳ କିପରି ପରିଷ୍କାର ରହିବ, ସେଥିପାଇଁ ସରକାରଙ୍କୁ ଆଗାମୀ ଦିନରେ ଏକ ସ୍ମାରକପତ୍ର ପ୍ରଦାନ କରିବାର ଯୋଜନା ରଖିଛି। ନଦୀରେ ଯେପରି କୌଣସି ଆବର୍ଜନା ନ ପକାଯିବ, ସେନେଇ ସରକାର ନିର୍ଦ୍ଦେଶ ଜାରି କରିବା ସହ ପଦକ୍ଷେପ ନେବାକୁ ଅନୁରୋଧ କରିବି। ବାଲିଅନ୍ତା ଓ ଦୟାନଦୀ ଠାରେ ଏକ ଆନିକଟ ବା ବ୍ୟାରେଜ କରାଗଲେ, ସେଠାରେ ପଡୁଥିବା ଝର ଦ୍ୱାରା ଭୂତଳ ପାଣିର ଅଭାବ ରହିବ ନାହିଁ ଏବଂ ଜଳ ସଂକଟ ଦୂର ହେବ। ଏନେଇ ମଧ୍ୟ ପ୍ରସ୍ତାବ ଦେବି ବୋଲି ସେ କହିଛନ୍ତି।

### ସେବାରେ ବ୍ରତୀ ଶୁଭକାନ୍ତ ଓ ତାଙ୍କ ପରିବାର

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୌମ୍ୟା



@ ବିଶ୍ୱଜିତ୍



@ ସୁନୀଲ



@ ସମରେନ୍ଦ୍ର



@ ଶୁଭାଶିଷ



@ ଧୀରଜ

## କବାଟ ତାଡ଼ି ଘରୁ ୨୦ ଲକ୍ଷର ସୁନାଗହଣା ଚୋରି

ଭୁବନେଶ୍ୱର,୬।୨(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସମେଇଗାଡ଼ିଆ ଅଞ୍ଚଳରେ ବଡ଼ ଧରଣର ଚୋରି ହୋଇଛି। ଘରେ କେହି ନ ଥିବାବେଳେ କବାଟ ତାଡ଼ି ୨୦ଲକ୍ଷ ଟଙ୍କାର ସୁନାଗହଣା, ନଗଦ ୨୫ହଜାର ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଚୋରି ସାମଗ୍ରୀ ଭିତରେ ସୁନାହାର, ୫ଟି ସୁନାମୁଦି, ୨ଟି ଚେନ, ମଙ୍ଗଳସୂତ୍ର ଓ କିଛି ରୁପା ଗହଣା ରହିଛି। ଏନେଇ ଘର ମାଲିକ ପ୍ରଫୁଲ୍ଲ କୁମାର ପଲାରୁ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧା ଜିଲା ବାଘମାରୀର ପ୍ରଫୁଲ୍ଲ ସମେଇଗାଡ଼ିଆ ଅଞ୍ଚଳରେ ପରିବାର ସହ ରୁହନ୍ତି। ଗତ ୪ ତାରିଖରେ ପ୍ରଫୁଲ୍ଲ ସପରିବାର କୌଣସି କାମରେ ନିଜ ଗାଁକୁ ଯାଇଥିଲେ। ରବିବାର ସକାଳୁ ଗାଁରୁ ଫେରି ସମେଇଗାଡ଼ିଆସ୍ଥିତ ଘରେ ପହଞ୍ଚି କବାଟ ଓ ଆଲମିରା ତଡ଼ାଯାଇ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ ସହ ଗିରଫ କରାଯିବାକୁ ଉଦ୍ୟମ ଚାଲିଥିବା ଜଣାପଡିଛି।




ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସ୍‌କରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା



ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଜନମଙ୍ଗଳ ପରିଷଦ ପକ୍ଷରୁ ରବିବାର ଲତା ମଙ୍ଗେସକରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ପ୍ରଦୀପ ପ୍ରଜ୍ୱଳନ କରାଯାଉଛି।



ମାଓବାଦୀଙ୍କ ଲ୍ୟାଣ୍ଡ୍ ମାଇନ୍ ବିସ୍ଫୋରଣରେ ପ୍ରାଣ ହରାଇଥିବା 'ଧରିତ୍ରୀ'ର କଳାହାଣ୍ଡି ଜିଲା ମୋହନଗିରି ଖବରଦାତା ରୋହିତ ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ ସାମ୍ବାଦିକ ଭବନରେ ରବିବାର ଅନୁଷ୍ଠିତ ଶୋକସଭା।

**ଗୟା ଏୟାରପୋର୍ଟକୁ 'ଗେ'ଲେଖନି**

ଗୟା ଅନ୍ତର୍ଜାତୀୟ ବିମାନବନ୍ଦରକୁ 'ଗେ' ଲେଖାଯାଉଥିବାବେଳେ ଏହି କୋଡ୍‌କୁ ବଦଳାଇବା ପାଇଁ ସରକାରୀ ଉଦ୍ୟୋଗ ସମ୍ପର୍କିତ ସଂସଦୀୟ କମିଟି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛି। ଗୟା ହେଉଛି ଭାରତର ଏକ ପବିତ୍ର ସହର। ଅନ୍ୟପକ୍ଷେ 'ଜିଏୱାଇ' ବା 'ଗେ'ର ଅର୍ଥ ହେଉଛି ପୁରୁଷ ସମଲିଙ୍ଗୀ। ତେଣୁ ଏଭଳି ଅନୁପଯୁକ୍ତ ଶବ୍ଦ ବ୍ୟବହାର ନ କରିବାକୁ ପ୍ୟାନେଲ ପକ୍ଷରୁ ଶୁକ୍ରବାର ଦାଖଲ ରିପୋର୍ଟରେ କୁହାଯାଇଛି।



# କେନ୍ଦ୍ରରୁ ୟୁପିକୁ ଫେରିବେ ୨ ସଚିବ

## ୨,୨୬୮ କୋଟି ଟଙ୍କାର ପିଏଫ୍ ଦୁର୍ନୀତି ଅଭିଯୁକ୍ତ

ନୂଆଦିଲ୍ଲୀ,୬।୨

କେନ୍ଦ୍ର କୃଷି ସଚିବ ସଞ୍ଜୟ ଅଗ୍ରୱାଲ ଓ ଶକ୍ତି ସଚିବ ଆଲୋକ କୁମାରଙ୍କୁ ଖୁବ୍‌ଶୀଘ୍ର ସେମାନଙ୍କ କ୍ୟାଡର ରାଜ୍ୟ ଉତ୍ତର ପ୍ରଦେଶକୁ ଫେରାଇ ନିଆଯାଇପାରେ। ଏହି ଦୁଇ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ୨,୨୬୮ କୋଟି ଟଙ୍କାର ଭବିଷ୍ୟନିଧି ପାଣ୍ଠି (ପିଏଫ୍) ଦୁର୍ନୀତି ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗ ରହିଛି। ୟୁପି ବିଧାନସଭା ନିର୍ବାଚନକୁ ମାତ୍ର ୪ ଦିନ ବାକିଥିବାବେଳେ ଏହି ଦୁର୍ନୀତିର ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ସରକାରଙ୍କୁ ଅନୁମତି ମାଗିଛି। ଦୁଇ ସିନିୟର ଅଫିସରଙ୍କ ବିରୋଧରେ ତଦନ୍ତ କରାଗଲେ ରାଜ୍ୟର ଯୋଗୀ ଓ କେନ୍ଦ୍ରର ମୋଦି ସରକାରଙ୍କୁ ଲଜ୍ଜିତ ହେବାକୁ ପଡ଼ିବ। ତେଣୁ କେନ୍ଦ୍ର ସରକାର ସଞ୍ଜୟ(୧୯୮୪ ବ୍ୟାଚ୍) ଏବଂ ଆଲୋକ (୧୯୮୮ ବ୍ୟାଚ୍)ଙ୍କୁ କୌଣସି ମୁହୂର୍ତ୍ତରେ ୟୁପିକୁ ପ୍ରତ୍ୟର୍ପଣ କରିପାରନ୍ତି ବୋଲି କେତେକ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଜୋର୍ ଧରିଛି। କେନ୍ଦ୍ର ସରକାର ଆଇଏଏସ୍ କ୍ୟାଡର ରୁଲ୍ସ, ୧୯୫୪ରେ ସଂଶୋଧନ ଆଣି ରାଜ୍ୟଗୁଡ଼ିକର ବିନା ଅନୁମତିରେ ଅମଲାତନ୍ତ୍ରୀମାନଙ୍କୁ କେନ୍ଦ୍ରୀୟ ଡେପୁଟେଶନକୁ ନେବା ପାଇଁ ମସୁଧା ଚଳାଉଥିବାବେଳେ ଦୁର୍ନୀତି ଅଭିଯୁକ୍ତ ବିଭିନ୍ନ ମନ୍ତ୍ରଣାଳୟର ସଚିବମାନଙ୍କୁ କ୍ୟାଡର ରାଜ୍ୟକୁ ଫେରାଇବା ଉଦ୍ୟମ ସମସ୍ତଙ୍କୁ ଚକିତ କରିଛି। ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉତ୍ତର ପ୍ରଦେଶ ପାୱାର କର୍ପୋରେଶନ ଲିମିଟେଡ୍ (ୟୁପିପିସିଏଲ୍)ର ଭବିଷ୍ୟନିଧି ପାଣ୍ଠିକୁ ଘରୋଇ କମ୍ପାନୀ ଦେୱାନ ହାଉସିଂ ଫାଇନାନ୍ସ ଲିମିଟେଡ୍ (ଡିଏଚ୍ଏଫ୍ଏଲ୍)ରେ ଦୁଇ ବରିଷ୍ଠ ଅଧିକାରୀ ଆଲୋକ ଓ ସଞ୍ଜୟ ନିବେଶ କରିଥିଲେ। ପରେ ଡିଏଚ୍ଏଫ୍ଏଲ୍ କେତେକ ଜାଲ୍ କମ୍ପାନୀ ଜରିଆରେ ୩୧,୦୦୦ କୋଟି ଟଙ୍କା ବ୍ୟାଙ୍କ ଋଣ ଉଠାଇ ଚମ୍ପଟ କରିଦେଇଥିଲା। ଡିଏଚ୍ଏଫ୍ଏଲ୍ କମ୍ପାନୀର ସ୍କିମ୍‌ରେ ୟୁପିପିସିଏଲ୍‌ର ୪,୧୨୨ କୋଟି ଟଙ୍କା ଶର୍ଟ-ଟର୍ମ ଫିକ୍ସଡ୍ ଡିପୋଜିଟ୍ କରାଯାଇଥିଲା। ଡିଏଚ୍ଏଫ୍ଏଲ୍ ସେଥିରୁ ୧,୮୫୪ କୋଟି ଟଙ୍କା ଏଫ୍‌ଡି ମାଚ୍ୟୁରିଟି ସମୟରେ ଫେରାଇଥିବାବେଳେ ୨,୨୬୮ କୋଟି ଟଙ୍କା ଦେଇନାହିଁ। ସଞ୍ଜୟ ଅଗ୍ରୱାଲ ୨୦୧୩ରୁ ୨୦୧୭ ମଧ୍ୟଭାଗ ପର୍ଯ୍ୟନ୍ତ ୟୁପିପିସିଏଲ୍ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେହି ସମୟରେ ସେ ୟୁପିପିସିଏଲ୍ କର୍ମଚାରୀମାନଙ୍କ ଭବିଷ୍ୟନିଧି ପାଣ୍ଠି ଅର୍ଥକୁ ଡିଏଚ୍ଏଫ୍ଏଲ୍‌ରେ ନିବେଶ କରିଥିଲେ। ଡିଏଚ୍ଏଫ୍ଏଲ୍ କମ୍ପାନୀରେ ନିବେଶ ହେଉଛି ସରକାରୀ ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ। କାରଣ ପିଏଫ୍ ଟଙ୍କାକୁ ସିଡ୍ୟୁଲ୍ ବ୍ୟାଙ୍କ ଭାବେ ମାନ୍ୟତା ପାଇ ନ ଥିବା କୌଣସି ଅର୍ଥ ଲଗାଣକାରୀ ସଂସ୍ଥାରେ ନିବେଶ କରାଯାଇପାରିବ ନାହିଁ ବୋଲି ନିୟମ ରହିଛି। ସଞ୍ଜୟ ଅଗ୍ରୱାଲ କେନ୍ଦ୍ରୀୟ ଡେପୁଟେଶନରେ ଯିବା ପରେ ଆଲୋକ କୁମାରଙ୍କୁ ୟୁପିପିସିଏଲ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଆଲୋକ ମଧ୍ୟ ସଞ୍ଜୟଙ୍କୁ ଅନୁସରଣ କରି ୟୁପିପିସିଏଲ୍ ଭବିଷ୍ୟନିଧି ପାଣ୍ଠିକୁ ଡିଏଚ୍ଏଫ୍ଏଲ୍ କମ୍ପାନୀର ସ୍କିମ୍‌ଗୁଡ଼ିକରେ ନିବେଶ କରିବାରେ ଲାଗିଥିଲେ। ଦୁଇବର୍ଷ ପରେ ସେ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିବାବେଳେ ଅଦ୍ୟାବଧି ଶକ୍ତି ସଚିବ ଭାବେ କାର୍ଯ୍ୟରତ। ଦୁଇ ବରିଷ୍ଠ ଅଧିକାରୀଙ୍କ ବେଆଇନ ଅର୍ଥ ନିବେଶ ମାମଲାରେ ସିବିଆଇ ପକ୍ଷରୁ ତଦନ୍ତ ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅନୁମତି ମଗାଯାଇଥିବା କୁହାଯାଉଛି।


କୃଷି ସଚିବ ସଞ୍ଜୟ ଅଗ୍ରୱାଲ


ଶକ୍ତି ସଚିବ ଆଲୋକ କୁମାର

## ସଂକ୍ଷେପରେ

### ୟୁପିରେ ଦଳିତ ଯୁବକଙ୍କୁ ପିଟି ହତ୍ୟା

**ଭାଦୋହି,୬।୨:** ଉତ୍ତରପ୍ରଦେଶର ଭାଦୋହିରେ ଜଣେ ୩୦ ବର୍ଷୀୟ ଯୁବକ ଟ୍ରାକ୍ଟର ଉପରୁ ନିୟନ୍ତ୍ରଣ ହରାଇ ସାଇକେଲ୍ ଆରୋହୀଙ୍କୁ ଧକ୍କା ଦେବାରୁ ସ୍ଥାନୀୟ ଲୋକେ ତାଙ୍କୁ ପିଟି ମାରିଦେଇଛନ୍ତି। ମୁନ୍‌ସି ଗୌତମ ନାମକ ଏହି ଦଳିତ ଯୁବକ ନିଶାସକ୍ତ ଅବସ୍ଥାରେ ଟ୍ରାକ୍ଟର ଚଳାଉଥିବାବେଳେ ଏହା ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବେରୱା ପହରପୁର ଗ୍ରାମ ନିକଟରେ ଏହା ସ୍ପିଡ୍ ବ୍ରେକର ଅତିକ୍ରମ କରି ଜଣେ ସାଇକେଲ ଚାଳକଙ୍କୁ ଧକ୍କା ଦେଇଥିଲା। ମୁନ୍‌ସି ଖସି ପଳାଇବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ ଧରିନେଇ ନିସ୍ତୁକ ପିଟିଥିଲେ। ପରେ ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଜୟଶଙ୍କର ପାଣ୍ଡେ ଓ ଅନ୍ୟ ୩ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ବେଳେ ପାଣ୍ଡେଙ୍କୁ ଗିରଫ କରାଯାଇଛି।

### ବେଲୁଚିସ୍ତାନରେ ୨୦ ଆତଙ୍କବାଦୀ, ୯ ସୈନ୍ୟ ମୃତ

**ଇସ୍‌ଲାମାବାଦ,୬।୨:** ବେଲୁଚିସ୍ତାନରେ ପାକିସ୍ତାନୀ ସୈନ୍ୟଙ୍କ ଅପରେଶନ କ୍ଲିୟରାନ୍ସ ଶେଷ ହୋଇଛି। ଏଥିରେ ୨୦ ଆତଙ୍କବାଦୀ ଏବଂ ୯ ସୈନ୍ୟ ନିହତ ହୋଇଛନ୍ତି। ଗତ ସପ୍ତାହରେ ବେଲୁଚିସ୍ତାନର ପଞ୍ଜଗୁର ଏବଂ ନୌଶକି ଜିଲାରେ ଥିବା ସେନା କ୍ୟାମ୍ପ ଉପରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ଉଭୟ ଆକ୍ରମଣକୁ ସୈନ୍ୟବାହିନୀ ପକ୍ଷରୁ ସଫଳ ମୁକାବିଲା କରାଯାଇଛି। ନୌଶକିରେ ଗୁଳି ବିନିମୟ ବେଳେ ୯ ଆତଙ୍କବାଦୀ ଓ ୪ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ସେହିପରି ପଞ୍ଜଗୁରରୁ ସୁରକ୍ଷା ବଳ ତଡ଼ିଦେଇଛି। ଖସି ପଳାଇଥିବା ୪ ଆତଙ୍କବାଦୀ ସୈନ୍ୟଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି। କ୍ଲିୟରାନ୍ସ ଅପରେଶନ ବେଳେ ଅନ୍ୟ କେତେକ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କ ଆଡ୍ଡାସ୍ଥଳ ଧ୍ୱଂସ ହୋଇଛି।

### ୭ ବର୍ଷୀୟାଙ୍କ ଦେହରେ ଗରମ ପାଣି ଢାଳିଲେ

**ଅମରାବତୀ,୬।୨:** ଆନ୍ଧ୍ର ପ୍ରଦେଶର ୱେଷ୍ଟ ଗୋଦାବରୀ ଜିଲାରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଙ୍ଗାରେଡ୍ଡିଗୁଡେମ୍‌ରେ ଘର କାମ ନ କରିବାରୁ ଜଣେ ୭ ବର୍ଷୀୟା ଝିଅଙ୍କ ଦେହରେ ତାଙ୍କ ତତ୍ତ୍ୱାବଧାରିକା ଗରମ ପାଣି ଢାଳି ଦେଇଛନ୍ତି। କିଛିଦିନ ତଳେ ପୀଡ଼ିତା ମିଦୁଲାଙ୍କ ବାପାଙ୍କ ମୃତ୍ୟୁ ଘଟିଥିବାବେଳେ ମା' କୁଏତ୍‌ରେ ରହୁଛନ୍ତି। ନାବାଳିକା ଜଣକ ମା'ଙ୍କ ବାନ୍ଧବୀ ୟାନାମାଦଲା ଲକ୍ଷ୍ମୀଙ୍କ ଘରେ ରୁହନ୍ତି। ୟାନାମାଦଲା ତାଙ୍କ ଦେହରେ ଗରମ ପାଣି ଢାଳିଦେବାରୁ ସେ ଗୁରୁତର ଅବସ୍ଥାରେ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୟାନାମାଦଲାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି।


ୟୁପିରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଲାଗି ଡ୍ୟୁଟିରେ ଯିବାକୁ ଥିବା ପୋଲିସ କର୍ମଚାରୀମାନେ ପ୍ରୟାଗରାଜ ପୋଲିସ ଲାଇନ ଗ୍ରାଉଣ୍ଡରେ ସାନିଟାଇଜର, ମାସ୍କ ଓ ଔଷଧ ସଂଗ୍ରହ କରୁଛନ୍ତି।

### ଆଜିଠୁ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟରେ ୧୦୦% ଉପସ୍ଥାନ

ନୂଆଦିଲ୍ଲୀ,୬।୨

କୋଭିଡ୍ ସଂକ୍ରମଣ କମିବା ପରେ କେନ୍ଦ୍ର ସରକାର କଟକଣା କୋହଳ କରିଛନ୍ତି। ସୋମବାରଠାରୁ କେନ୍ଦ୍ରୀୟ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ୧୦୦ ପ୍ରତିଶତ କର୍ମଚାରୀ ଯୋଗଦେବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ରବିବାର କହିଛନ୍ତି। ମହାମାରୀ ସ୍ଥିତିର ସମୀକ୍ଷା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ସମସ୍ତ କର୍ମଚାରୀ ଯେପରି ଠିକ୍ ସମୟରେ ମାସ୍କ ପରିଧାନ କରି ଆସିବେ ଓ କୋଭିଡ୍ ନିୟମ ପାଳନ କରିବେ ତାହା ସୁନିଶ୍ଚିତ କରିବାକୁ ବିଭାଗୀୟ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସଂକ୍ରମଣ ବଢ଼ିବାରୁ ଫେବୃୟାରୀ ୧୫ ପର୍ଯ୍ୟନ୍ତ ୫୦ ପ୍ରତିଶତ କର୍ମଚାରୀ ଘରେ ରହି ଅଫିସ କାର୍ଯ୍ୟ କରିବାକୁ ସରକାର ଅନୁମତି ଦେଇଥିଲେ।

### ଦୁର୍ଘଟଣାରେ ୯ ମୃତ

ତିରୁପତି,୬।୨

ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲାରେ ରବିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୯ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନଙ୍କ ଘର ଉରଭକୋଣ୍ଡା ମଣ୍ଡଳ ଅନ୍ତର୍ଗତ ନମ୍ବଗୁଲୁ ଗ୍ରାମରେ। ସେମାନେ କର୍ଣ୍ଣାଟକର ବେଲାରି ଜିଲାରେ ଏକ ବିବାହ ଉତ୍ସବରେ ଯୋଗଦେଇ କାର୍ ଯୋଗେ ଗ୍ରାମକୁ ଫେରୁଥିବାବେଳେ ବୁଡ଼ଗାଭି ନିକଟରେ ଏକ ଟ୍ରକ୍ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସମସ୍ତ ୯ ଜଣଙ୍କ ମୃତ୍ୟୁ ହୋଇଥିଲା। କାର୍‌ଟି ଭାଙ୍ଗିରୁଜି ଯାଇଥିବାରୁ ମୃତକମାନଙ୍କୁ ବହୁ କଷ୍ଟରେ ବାହାର କରାଯାଇଥିବା ପୋଲିସ କହିଛି। ମୃତକଙ୍କ ପରିଚୟ ମିଳିନାହିଁ।

## ନେପାଳ ସୀମାରେ ବଢ଼ୁଛି ମଦ୍ରାସା



- ପାଣ୍ଠି ଯୋଗାଉଛି ଆଇଏସ୍ଆଇ
- ଭାରତର ସୁରକ୍ଷା ପ୍ରତି ବିପଦ
- ସତର୍କ କରାଇଲା ଗୋଇନ୍ଦା ବିଭାଗ

ନୂଆଦିଲ୍ଲୀ,୬।୨

ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗକୁ ଲାଗିଥିବା ଭାରତ-ନେପାଳ ସୀମାବର୍ତ୍ତୀ ଅଞ୍ଚଳରେ ଗତ ୩ ବର୍ଷ ମଧ୍ୟରେ ମସ୍‌ଜିଦ ଓ ମଦ୍ରାସା ସଂଖ୍ୟା ଅନେକ ବଢ଼ିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ଏହି ମସ୍‌ଜିଦ ଓ ମଦ୍ରାସା ଚଳାଇବା ପାଇଁ ଅର୍ଥ ଯୋଗାଉଥିବା ଜଣାପଡ଼ିଛି। ସେଗୁଡ଼ିକ ଦେଶର ସୁରକ୍ଷା ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ ବୋଲି ଗୋଇନ୍ଦା ବିଭାଗ ସତର୍କ କରାଇଛି।
ନେପାଳ ସୀମାଠାରୁ ୧୦ କିଲୋମିଟର ମଧ୍ୟରେ ଏବଂ ନେପାଳ ଭିତରେ ଛତୁ ଫୁଟିଲା ଭଳି ମସ୍‌ଜିଦ ଓ ମଦ୍ରାସା ଗଢ଼ିଉଠିଛି। ବିହାର, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳର କେତେକ ଅଂଶରେ ଜନସଂଖ୍ୟାରେ ବ୍ୟାପକ ପରିବର୍ତ୍ତନ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ୨୦୧୮ରେ ସୀମାରେ ୭୬୦ ମସ୍‌ଜିଦ ଥିବାବେଳେ ୨୦୨୧ରେ ଏହା ୧,୦୦୦କୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ମଦ୍ରାସା ସଂଖ୍ୟା ୫୦୮ରୁ ବଢ଼ି ୬୪୫ ହୋଇଛି। ଏଗୁଡ଼ିକୁ ଆଇଏସ୍ଆଇ ଏବଂ ଭାରତ ବିରୋଧୀ କେତେକ ସଂଗଠନ ପାଣ୍ଠି ଯୋଗାଉଥିବା ଗୋଇନ୍ଦା ସଂସ୍ଥା ପକ୍ଷରୁ କୁହାଯାଇଛି। ଆରବ ଦେଶରୁ ମଧ୍ୟ ଏହି ଧର୍ମୀୟ ସଂସ୍ଥାଗୁଡ଼ିକୁ ଅନୁଦାନ ଆସୁଥିବା ଜଣାପଡ଼ିଛି।

### ଦିନକରେ ୧.୦୭ ଲକ୍ଷ ସଂକ୍ରମିତ

ନୂଆଦିଲ୍ଲୀ, ୬।୨: ଦେଶରେ ଦିନକରେ ୧,୦୭,୪୭୪ ଜଣ କରୋନାରେ ସଂକ୍ରମିତ ହୋଇଛନ୍ତି। ୨୪ ଘଣ୍ଟାରେ ୮୬୫ ଜଣଙ୍କ ମୃତ୍ୟୁ ଘଟିଥିବା ରବିବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମୋଟ ସଂକ୍ରମଣ ୪,୨୧,୮୮,୧୩୮ରେ ପହଞ୍ଚିଥିବାବେଳେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫,୦୧,୯୭୯କୁ ବୃଦ୍ଧି ପାଇଛି।

## କାମିଲା ପରବର୍ତ୍ତୀ ରାଣୀ ହେବେ

ଲଣ୍ଡନ,୬।୨

ପ୍ରିନ୍ସ ଚାର୍ଲ୍ସ ବ୍ରିଟେନର ରାଜା ହେଲେ ଡଚେସ୍ ଅଫ୍ କର୍ନୱାଲ କାମିଲା ରାଣୀ ହେବେ ବୋଲି ମହାରାଣୀ ଏଲିଜାବେଥ୍ ଦ୍ୱିତୀୟ ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଶନିବାର ମହାରାଣୀ ତାଙ୍କର ପ୍ଲାଟିନମ୍ ଜୁବିଲି ଉଦ୍‌ବୋଧନ ବେଳେ ୭୪ ବର୍ଷୀୟା କାମିଲାଙ୍କୁ ସମର୍ଥନ କରିବା ସହ ଭବିଷ୍ୟତ ରାଜତନ୍ତ୍ର ସମ୍ପର୍କରେ ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ୯୫ ବର୍ଷୀୟା ଏଲିଜାବେଥ୍ ଦ୍ୱିତୀୟ ଶାସନର ୭୦ତମ ବର୍ଷରେ ପଦାର୍ପଣ କରିଛନ୍ତି। ଏବେ ସେ ତାଙ୍କ ବୋହୂ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଲିଖିତ ବାର୍ତ୍ତାରେ ମହାରାଣୀ ଦେଶବାସୀଙ୍କୁ ସେମାନଙ୍କ ସମର୍ଥନ ପାଇଁ କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି। 'ସମୟକ୍ରମେ ମୋ ପୁଅ ଚାର୍ଲ୍ସ ରାଜା ହେଲେ ଆପଣମାନେ ତାଙ୍କୁ ଓ ତାଙ୍କ ସ୍ତ୍ରୀ କାମିଲାଙ୍କୁ ଅନୁରୂପ ସମର୍ଥନ ଜଣାଇବେ ବୋଲି ମୁଁ ଜାଣେ। ସମୟ ଆସିଲେ କାମିଲା କୁଇନ୍ ଅଫ୍ କନ୍‌ସର୍ଟ ଭାବେ ପରିଚିତ ହେବେ' ବୋଲି ମହାରାଣୀ କହିଛନ୍ତି।
ଚାର୍ଲ୍ସ ଓ ଡାଏନାଙ୍କ ବିବାହ ସମୟରେ ଅନ୍ୟ ମହିଳା ଭାବେ ଯୋଗ ଦେଇଥିବା କାମିଲା ଏକଦା ଘୃଣିତ ବ୍ୟକ୍ତିତ୍ୱ ଥିଲେ। ୨୦୦୫ରେ ସେ ଚାର୍ଲ୍ସଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମୟକ୍ରମେ ତାଙ୍କ ବ୍ୟକ୍ତିତ୍ୱରେ ଉଲ୍ଲେଖନୀୟ ଉନ୍ନତି ହୋଇଛି। ସେ ବିଭିନ୍ନ ରାଜକୀୟ କାର୍ଯ୍ୟରେ ଭାଗ ନେଇ ଲୋକପ୍ରିୟତା ହାସଲ କରିଛନ୍ତି।



### ସୂଚନା ଦେଲେ ରାଣୀ ଏଲିଜାବେଥ୍

## ସ୍ୱର ସମ୍ରାଜ୍ଞୀଙ୍କ ପରଲୋକରେ ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

### ମୋ ପାଇଁ ହୃଦୟ ବିଦାରକ: ରାଷ୍ଟ୍ରପତି



ସ୍ୱର ସମ୍ରାଜ୍ଞୀ ଲତା ମଙ୍ଗେସକରଙ୍କ ପରଲୋକ ତାଙ୍କ ପାଇଁ ହୃଦୟ ବିଦାରକ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୋକବାର୍ତ୍ତାରେ କହିଛନ୍ତି। ସେହି ଦିବ୍ୟ ସ୍ୱର ସବୁଦିନ ପାଇଁ ନୀରବି ଗଲା, ହେଲେ ସେ ଗାଇଯାଇଥିବା ଗୀତ ଅମର ହୋଇ ରହିବ ଏବଂ ଅନନ୍ତ କାଳ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହେବ ବୋଲି ରାଷ୍ଟ୍ରପତି କହିଛନ୍ତି। ବିଶ୍ୱର କୋଟି କୋଟି ଲୋକ ଲତାଜୀଙ୍କ ପରଲୋକରେ ମ୍ରିୟମାଣ। ତାଙ୍କର ବିଶାଳ ସଙ୍ଗୀତ ଜଗତ ଭାରତର ସାରବତ୍ତା ଓ ସୌନ୍ଦର୍ଯ୍ୟକୁ ପ୍ରତିପାଦିତ କରିଛି। ଭାରତ ରତ୍ନ ଲତାଜୀଙ୍କର ସାଧନା ଅତୁଳନୀୟ ହୋଇ ରହିବ ବୋଲି ରାଷ୍ଟ୍ରପତି ଟୁଇଟ୍ କରିଛନ୍ତି।

### ଶୂନ୍ୟସ୍ଥାନ କଦାପି ପୂରଣ ହେବନାହିଁ: ମୋଦି



କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପରଲୋକ ଦେଶ ପାଇଁ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି କଲା ତାହା କଦାପି ପୂରଣ ହୋଇପାରିବ ନାହିଁ। ଭାରତୀୟ ସଂସ୍କୃତିର ଏହି ମହାନ ସାଧିକା ତାଙ୍କର ସୁମଧୁର କଣ୍ଠସ୍ୱରରେ ଲୋକଙ୍କୁ ମନ୍ତ୍ରମୁଗ୍ଧ କରିରଖିବାର ଯେଉଁ ଅସାଧାରଣ ସାମର୍ଥ୍ୟ ହାସଲ କରିଥିଲେ, ତାହା ବହୁ ପିଢ଼ି ପର୍ଯ୍ୟନ୍ତ ସ୍ମରଣୀୟ ହୋଇ ରହିବ। ସବୁବେଳେ ଲତା ଦିଦିଙ୍କଠାରୁ ଅପାର ସ୍ନେହଶ୍ରଦ୍ଧା ପାଇଥିବାରୁ ଏହା ମୋ ପାଇଁ ସମ୍ମାନର କଥା। ତାଙ୍କ ସହ ଆଳାପ ଆଲୋଚନା ଅଭୁଲା ରହିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କ ପରଲୋକରେ ମର୍ମାହତ ପରିବାର ସଦସ୍ୟ ଓ ପ୍ରଶଂସକମାନଙ୍କୁ ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି।

## ଗୋଟିଏ ଯୁଗର ଅବସାନ



"ଲତା ମଙ୍ଗେସ୍‌କରଙ୍କ ଦେହାନ୍ତରେ ମର୍ମାହତ। କିମ୍ବଦନ୍ତୀ ଗାୟିକାଙ୍କ ପରଲୋକରେ ସଙ୍ଗୀତ ଜଗତରେ ଗୋଟିଏ ଯୁଗର ଅବସାନ ଘଟିଲା। ତାଙ୍କ ହୃଦୟସ୍ପର୍ଶୀ କଣ୍ଠସ୍ୱର, ଦେଶାତ୍ମବୋଧ ସଙ୍ଗୀତ ଓ ସଂଗ୍ରାମମୟ ଜୀବନ ବହୁ ପିଢ଼ିଙ୍କୁ ଅନୁପ୍ରାଣିତ କରିବ।

**-ସୋନିଆ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷା**



"ସଙ୍ଗୀତ କିମ୍ବଦନ୍ତୀ ଲତା ମଙ୍ଗେସ୍‌କରଙ୍କ ସ୍ୱର୍ଣ୍ଣିମ ସ୍ୱର ଅମର। ଏହା ତାଙ୍କର ଅଗଣିତ ପ୍ରଶଂସକଙ୍କ ହୃଦୟରେ ପ୍ରତିଧ୍ୱନିତ ହେବ। ବହୁ ବର୍ଷ ଧରି ଲତାଜୀ ଭାରତର ସବୁଠୁ ଆଦରଣୀୟ କଣ୍ଠଶିଳ୍ପୀ ହୋଇ ରହିଥିଲେ।

**-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**



"ଭାରତର ବୁଲ୍‌ବୁଲ୍ ଲତା ମଙ୍ଗେସ୍‌କରଙ୍କ ପରଲୋକରେ ମର୍ମାହତ। ଭାରତ ଏହାର ମହାନ କନ୍ୟାଙ୍କୁ ହରାଇଲା। ଏହା ଦେଶ ପାଇଁ ବଡ଼ କ୍ଷତି। ତାଙ୍କ ପରଲୋକରେ ସୃଷ୍ଟ ଶୂନ୍ୟସ୍ଥାନ ଅପୂରଣୀୟ ରହିବ।

**-ମନମୋହନ ସିଂ, ପୂର୍ବତନ ପ୍ରଧାନମନ୍ତ୍ରୀ**



"ମେଲୋଡି କୁଇନ୍ ଲତା ମଙ୍ଗେସକରଙ୍କ ପରଲୋକ ଖବରରେ ପ୍ରତ୍ୟେକେ ମର୍ମାହତ। ତାଙ୍କ ସଙ୍ଗୀତ ସବୁଦିନ ପାଇଁ ଅମର ହୋଇ ରହିବ।

**-ନୀତିନ ଗଡ଼କରୀ, କେନ୍ଦ୍ରମନ୍ତ୍ରୀ**



"କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍‌କର ଭାରତୀୟମାନଙ୍କ ପାଇଁ ବହୁପିଢ଼ିର ସ୍ୱର ଏବଂ ଦେଶର ସର୍ବୋଚ୍ଚ ସଙ୍ଗୀତ ପ୍ରତିଭା। ତାଙ୍କ ପରଲୋକରେ ଏକ ଗୌରବମୟ ଯୁଗର ଅବସାନ ଘଟିଲା। ତାଙ୍କ ସୁମଧୁର କଣ୍ଠସ୍ୱର ଅମର।

**-ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**



"ଲତା ମଙ୍ଗେସ୍‌କର ଥିଲେ ନିୟୁତ ଶତାବ୍ଦୀର ସ୍ୱର। ତାଙ୍କ ପରଲୋକରେ ଏହି ସ୍ୱର ନୀରବି ଯାଇଛି, ହେଲେ ଏବେ ସ୍ୱର୍ଗରେ ଏହା ଗୁଞ୍ଜରିତ ହେବ। ତାଙ୍କ ଅମର ଆତ୍ମାକୁ ଭଗବାନ ଶାନ୍ତି ଦିଅନ୍ତୁ।

**-ଅମିତାଭ ବଚ୍ଚନ, ବଲିଉଡ୍ ମେଗାଷ୍ଟାର**



"ଲତା ମଙ୍ଗେସକର ଥିଲେ ଅଲୌକିକ। ତାଙ୍କୁ ସାଧାରଣ ଶବ୍ଦରେ ବର୍ଣ୍ଣନା କରାଯାଇପାରିବ ନାହିଁ। ତାଙ୍କ ପରଲୋକରେ ସଙ୍ଗୀତ ଜଗତର ଯେଉଁ କ୍ଷତି ହେଲା, ତାକୁ ବର୍ଣ୍ଣନା କରିବା ପାଇଁ ଭାଷା ନାହିଁ।

**-ଗୁଲ୍‌ଜାର, କବି-ଗୀତିକାର-ଲେଖକ**



"ଲତାଜୀଙ୍କ ପରଲୋକରେ ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଲା ତାହା ପୂରଣ ହେବା କଷ୍ଟକର। ସେ କେବଳ ଗାୟିକା କି ପ୍ରତିଭା ନ ଥିଲେ, ତାଙ୍କ ଆତ୍ମାର ଚେତନା ଭାରତ ଥିଲା। ତାଙ୍କ ସହ ୩ ଥର କାମ କରିବାର ସୁଯୋଗ ପାଇଥିଲି।

**-ଏ.ଆର୍. ରହମନ, ଚଳଚ୍ଚିତ୍ର ସଙ୍ଗୀତକାର**

## ଲତାଙ୍କ ପରଲୋକରେ ବିଭିନ୍ନ ଦେଶରେ ଶୋକ

ମେଲୋଡି କୁଇନ୍ ଲତା ମଙ୍ଗେସ୍‌କରଙ୍କ ପରଲୋକରେ କେବଳ ଭାରତରେ ଶୋକବ୍ୟକ୍ତ କରାଯାଇଛି ତାହା ନୁହେଁ, ସାରା ବିଶ୍ୱର ବିଭିନ୍ନ ଦେଶରୁ ହଜାର ହଜାର ପ୍ରଶଂସକ ଶୋକ ପ୍ରକାଶ କରିଛନ୍ତି। ପଡୋଶୀ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କାଠାରୁ ଆରମ୍ଭ କରି ଆମେରିକା, ଅଷ୍ଟ୍ରେଲିଆ ଆଦି ବିଭିନ୍ନ ଦେଶରେ ପ୍ରଶଂସକମାନେ ଲତାଜୀଙ୍କ ପରଲୋକରେ ମ୍ରିୟମାଣ ହୋଇଛନ୍ତି। ଏହି ଖ୍ୟାତନାମା ପ୍ରତିଭାଙ୍କ ପାଇଁ ପାକସ୍ତାନର ସବୁ ବର୍ଗର ଲୋକେ ଶୋକବ୍ୟକ୍ତ କରିବା ସହ ତାଙ୍କୁ ମହାଦେଶର ବୁଲ୍‌ବୁଲ୍ ବୋଲି କହିଛନ୍ତି। ପାକିସ୍ତାନୀଙ୍କର ସେ ସବୁଠୁ ପ୍ରିୟ ଗାୟିକା ଥିଲେ ଓ ଚିରଦିନ ପାଇଁ ସେମାନଙ୍କ ହୃଦୟରେ ରହିବେ ବୋଲି ଲତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ସେଠାର ବିଶିଷ୍ଟ ବ୍ୟକ୍ତିମାନେ କହିଛନ୍ତି। ସେହିପରି ଶ୍ରୀଲଙ୍କାର ଶୀର୍ଷ ନେତାମାନେ ଲତାଙ୍କୁ ଭାରତର ସଙ୍ଗୀତ ରାଣୀ ବୋଲି ଅଭିହିତ କରିଛନ୍ତି। ସେ ତାଙ୍କର ସ୍ୱର୍ଣ୍ଣିମ ତଥା ଅସାଧାରଣ ସ୍ୱର ବଳରେ କୋଟି ହୃଦୟକୁ ଛୁଇଁଥିଲେ ବୋଲି ଶ୍ରୀଲଙ୍କା ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଟୁଇଟ୍ କରିଛନ୍ତି। ମହାଦେଶର ସଙ୍ଗୀତ ଜଗତରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କହିଛନ୍ତି।

# ଚନ୍ନି କଂଗ୍ରେସର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ

## ନିର୍ବାଚନ ପୂର୍ବରୁ ସିଦ୍ଧୁଙ୍କୁ ଝଟକା

ଲୁଧିଆନା,୬।୨

ପଞ୍ଜାବରେ କଂଗ୍ରେସ ପୁନର୍ବାର କ୍ଷମତାସୀନ ହେଲେ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ପୁଣି ମୁଖ୍ୟମନ୍ତ୍ରୀ ହେବେ। ଚନ୍ନି ହିଁ ବିଧାନସଭା ନିର୍ବାଚନରେ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ବୋଲି ରବିବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ସ୍ପଷ୍ଟ କରିଛନ୍ତି। ଚନ୍ନି ଓ ପଞ୍ଜାବ ପ୍ରଦେଶ କଂଗ୍ରେସ କମିଟି (ପିପିସିସି) ଅଧ୍ୟକ୍ଷ ନବଜୋତ୍ ସିଂ ସିଦ୍ଧୁଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବା ନେଇ କିଛି ସପ୍ତାହ ଧରି ଶୀତଳ ଯୁଦ୍ଧ ଚାଲିଥିବାବେଳେ ରାହୁଲ ଏଥିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏଥିସହ ସିଦ୍ଧୁଙ୍କୁ ଶକ୍ତ ଝଟ୍‌କା ଲାଗିଛି।

ଲୁଧିଆନାରେ ଏକ ଖବରଦାତା ସମ୍ମିଳନୀରେ ରାହୁଲ କହିଛନ୍ତି, ପଞ୍ଜାବର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବେ ତାହା ସ୍ଥିର କରିବା ଏକ ଜଟିଳ ନିଷ୍ପତ୍ତି ଥିଲା। କିନ୍ତୁ ରାଜ୍ୟବାସୀ ଏହାକୁ ସହଜ କରିଦେଇଛନ୍ତି। ସେମାନେ ଏକ ଗରିବ ପରିବାରରୁ ଜଣକୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହିଁଛନ୍ତି। ଏନେଇ ସେ ଦଳୀୟ କର୍ମୀ, ପ୍ରାର୍ଥୀ, ବିଧାୟକ, ଯୁବପିଢ଼ିଙ୍କ ମତାମତ ନେଇଥିଲେ। ସେମାନଙ୍କ ମତାମତ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ରାହୁଲ କହିଛନ୍ତି। ରାହୁଲଙ୍କ ମତରେ କଂଗ୍ରେସ ହେଉଛି ହୀରାମାନଙ୍କ ଏକ ଦଳ। ସବୁ ହୀରା ଭିତରୁ ଗୋଟିଏକୁ ବାଛିବା ସହଜ କାମ ନୁହେଁ। ତେବେ ପଞ୍ଜାବର ଲୋକେ ଗରିବ ଘରୁ ଜଣେ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଚାହୁଁଛନ୍ତି। ପ୍ରକାଶ ଯେ, ଗତ କିଛି ସପ୍ତାହ ହେଲା ଚନ୍ନି ଓ ସିଦ୍ଧୁଙ୍କ ମଧ୍ୟରେ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଟଣାଓଟରା ଚାଲିଥିଲା। ଉଭୟେ ଏହି ପଦ ପାଇଁ ନିଜ ନାମ ଘୋଷଣା କରାଯାଉ ବୋଲି ଉଦ୍ୟମ କରୁଥିଲେ। ତେବେ ରାହୁଲଙ୍କ ସଦ୍ୟ ଘୋଷଣା ପୂର୍ବରୁ ସିଦ୍ଧୁ ତାଙ୍କ ନିଷ୍ପତ୍ତି ମାନିବେ ବୋଲି ଟୁଇଟ୍ କରିଥିଲେ। ଚନ୍ନି ମଧ୍ୟ ଅନୁରୂପ ମତ ଦେଇଥିଲେ। ରାଜ୍ୟର ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ଭଳି ଜଣେ ମୁଖ୍ୟମନ୍ତ୍ରୀ ଦରକାର ବୋଲି ଉପମୁଖ୍ୟମନ୍ତ୍ରୀ ସୁଖ୍‌ଜିନ୍ଦର ସିଂ ରାନ୍ଧୱା କହିଥିଲେ। ପ୍ରକାଶ ଯେ, ପଞ୍ଜାବ ବିଧାନସଭାର ୧୧୭ ନିର୍ବାଚନମଣ୍ଡଳୀରେ ଆସନ୍ତା ୨୦ରେ ମତଦାନ ହେବ। ମାର୍ଚ୍ଚ ୧୦ରେ ଭୋଟ ଗଣତି କରାଯିବ।



କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସହ ପିପିସିସି ଅଧ୍ୟକ୍ଷ ନବଜୋତ୍ ସିଂ ସିଦ୍ଧୁ ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି।

## ଓୱାଇସିଙ୍କ ସୁରକ୍ଷା ପାଇଁ ୧୦୧ ଛେଳିଙ୍କୁ ବଳି

ହାଇଦ୍ରାବାଦ,୬।୨



ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ ଓୱାଇସିଙ୍କ ସୁରକ୍ଷା ଓ ଦୀର୍ଘ ଜୀବନ ପ୍ରାର୍ଥନା କରି ହାଇଦ୍ରାବାଦର ଜଣେ ବ୍ୟବସାୟୀ ରବିବାର ୧୦୧ ଛେଳିଙ୍କୁ ବଳି ଦେଇଛନ୍ତି। ସ୍ଥାନୀୟ ବାଗ୍-ଇ-ଜାହାନାରାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଆଇଏମ୍‌ଆଇଏମ୍‌ର କେତେଜଣ ବିଧାୟକ ଓ ନେତା ଯୋଗଦେଇଥିଲେ। ହାଇଦ୍ରାବାଦ୍ ଏମ୍‌ପି ଓୱାଇସି ଗତ ୩ ତାରିଖରେ ଉତ୍ତର ପ୍ରଦେଶର ମିରଟରେ ନିର୍ବାଚନ ପ୍ରଚାର କରି ଫେରୁଥିବାବେଳେ ଦିଲ୍ଲୀ ନିକଟସ୍ଥ ଏକ ଟୋଲ ପ୍ଲାଜାରେ ତାଙ୍କ କାର୍‌କୁ ଗୁଳିମାଡ଼ ହୋଇଥିଲା। ଏହି ଆକ୍ରମଣ ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓୱାଇସିଙ୍କୁ ଜେଡ୍-କାଟାଗୋରି ସିକ୍ୟୁରିଟି ଦେବା କଥା କହିଥିଲା, ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ଶନିବାର ଓୱାଇସି କହିଥିଲେ, ତାଙ୍କୁ ଯେଉଁମାନେ ଆକ୍ରମଣ କରିଛନ୍ତି, ସେମାନେ ଗାନ୍ଧିଜୀଙ୍କ ହତ୍ୟାକାରୀମାନଙ୍କ ମଧ୍ୟରୁ ଅନ୍ୟତମ।

## ପ୍ରାର୍ଥୀଙ୍କୁ ସହାୟତା ଦେଲେ ଭୋଟର


ବୁଠିପଦର ଗ୍ରାମର ଲୋକେ କଂଗ୍ରେସ ପ୍ରାର୍ଥୀ ରାଜଗୋପାଳ ପାଣିଗ୍ରାହୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

ଅମରପାଲି, ୬।୨(ଡି.ଏନ୍.ଏ.)

ଗାଁ ମଝିରେ ହାତଯୋଡ଼ି ଠିଆ ହୋଇଛନ୍ତି ଜିଲା ପରିଷଦ ପ୍ରାର୍ଥୀ। ଆଉ ପ୍ରାର୍ଥୀଙ୍କ ଆଗରେ ପଡ଼ିଛି ନୂଆ ଗାମୁଛା। ଆଉ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଲୋକେ ଟଙ୍କା ଦେଇ ସାହାଯ୍ୟ କରୁଛନ୍ତି। ଏହି ଦୃଶ୍ୟ ହେଉଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବୁଠିପଦର ଗାଁର। ଆଉ ଏପରି ପ୍ରାର୍ଥୀ ଜଣଙ୍କ ହେଉଛନ୍ତି ଜୋନ୍-୨ର କଂଗ୍ରେସ ପ୍ରତ୍ୟାଶୀ ରାଜଗୋପାଳ ପାଣିଗ୍ରାହୀ। ସାଧାରଣତଃ ନିର୍ବାଚନରେ ନେତା ଭୋଟରଙ୍କୁ ଭୋଟ ପାଇଁ ଟଙ୍କା ଦେଉଥିବା ଖବର ଆସିଥାଏ। ମାତ୍ର ଏବେ ସାଧାରଣ ଭୋଟର ନେତାଙ୍କୁ ଟଙ୍କା ଦେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।

ରବିବାର ଅପରାହ୍ନରେ ରାଜଗୋପାଳ ଭୋଟ ପ୍ରଚାର ପାଇଁ ବୁଠିପଦର ଗାଁରେ ପହଞ୍ଚିଥିଲେ। ସେଠାରେ ସେ ଗ୍ରାମବାସୀଙ୍କୁ ଭୋଟ୍ ଭିକ୍ଷା କରିଥିଲେ। ଏହି ସମୟରେ ଲୋକେ ଗାଁ ରାମଲୀଳା ମଣ୍ଡପର ଉନ୍ନତୀକରଣ ପାଇଁ ରାଜଗୋପାଳଙ୍କୁ କହିଥିଲେ। ପାଖରେ ଟଙ୍କା ନ ଥିବା ସେ କହିଥିଲେ। ନିର୍ବାଚିତ କଲେ ଏହି କାମ କରିଦେବି ବୋଲି କହିଥିଲେ। ଏହାପରେ ଗ୍ରାମବାସୀ ଆର୍ଥିକ ସହାୟତା ଦେବାକୁ କହିଥିଲେ। ଏକ ନୂଆ ଗାମୁଛା ଗାଁ ଦାଣ୍ଡରେ ପକାଇ ଦେଇଥିଲେ ପ୍ରାର୍ଥୀ ରାଜଗୋପାଳ। ଗ୍ରାମବାସୀ ନିଜ ନିଜର ଶକ୍ତି ମୁତାବକ ଟଙ୍କା ଦେଇ ସହାୟତା ପ୍ରଦାନ କରିଥିଲେ। ଆଜିର ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପୁଅ ପାଇଁ ପୂର୍ବତନ ବିଧାୟକଙ୍କ ପ୍ରଚାର

କଣାସ,୬।୨(ସ୍ୱ.ପ୍ର.)

କଣାସ ବ୍ଲକର ୪ ନମ୍ବର ଜୋନ୍‌ରେ ୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଅଶୋକ ପ୍ରଧାନ ସିପିଆଇ(ଏମ୍‌ଏଲ), କରୁଣାକର ଦାସ ବିଏସ୍‌ପି, ଭୀମସେନ ପାଇକରାୟ ବିଜେଡି, ରାମଚନ୍ଦ୍ର ବେହେରା ସ୍ୱାଧୀନ, ସୌମ୍ୟକାନ୍ତ ବେହେରା ଆମ୍ ଆଦ୍‌ମୀ ପାର୍ଟିରୁ ଠିଆ ହୋଇଥିବା ବେଳେ ସୌମ୍ୟରଞ୍ଜନ ବଳିୟାରସିଂହ ଭାଜପାରୁ ଲଢୁଛନ୍ତି। ତେବେ ସବୁ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ତେବେ ଭାଜପା ପ୍ରାର୍ଥୀ ସୌମ୍ୟରଞ୍ଜନଙ୍କୁ ନିର୍ବାଚନୀ ବୈତରଣୀ ପାର ପାଇଁ ବାପା ତଥା ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂହ ଜୋରସୋର ପ୍ରଚାର ଚଳାଇଛନ୍ତି।

# ରାଜ୍ୟ, କେନ୍ଦ୍ର କଳିରେ ବଳି ପଡୁଛନ୍ତି ଚାଷୀ

ଭୁବନେଶ୍ୱର,୬।୨(ବ୍ୟୁରୋ)

■ ମଣ୍ଡିରୁ ଧାନ ଉଠିବା, ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦାବି କଲା କିଷାନ କଂଗ୍ରେସ

ମଣ୍ଡିରୁ ଧାନ ଉଠିବା, ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ଓ ଏମ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଦାବିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ରାଜ୍ୟ କିଷାନ କଂଗ୍ରେସ ବର୍ଷିଛି। ଏନେଇ କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି କିଷାନ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ବର୍ତ୍ତମାନ ସାରା ରାଜ୍ୟରେ ହଜାର ହଜାର ବସ୍ତା ଧାନ ମଣ୍ଡିରେ ପଡ଼ି ରହି ଅଦିନିଆ ବର୍ଷାରେ ଭିଜୁଛି, ଶଢୁଛି। ମିଲର ଏହାର ସୁଯୋଗ ଉଠାଇ ବିଭିନ୍ନ ଆଳ ଦେଖାଇ ପ୍ରତି କୁଇଣ୍ଟାଲରେ ୫ରୁ ୧୦ କେଜି କାଟି ନେଉଛନ୍ତି। ପୁଣି ଚାଷୀ ଧାନ ବିକି ଠିକ୍ ସମୟରେ ପ୍ରାପ୍ୟ ପାଇ ପାରୁ ନ ଥିଲେ ମଧ ସରକାରଙ୍କର ଏଥିପ୍ରତି ନିଘା ନାହିଁ। ବାରମ୍ବାର ଦାବି କରାଯାଉଥିଲେ ମଧ ଧାନର କୁଇଣ୍ଟାଲ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ୨୯୩୦ ଟଙ୍କାକୁ ବୃଦ୍ଧି କରାଗଲା ନାହିଁ କି ଆଇନଗତ ଗ୍ୟାରେଣ୍ଟି ମିଳିଲା ନାହିଁ। ଅପରପକ୍ଷେ ପ୍ରଧାନମନ୍ତ୍ରୀ ଚଳିତ ବର୍ଷ ସୁଦ୍ଧା ଚାଷୀର ଆୟ ଦୁଇଗୁଣା କରିବେ ବୋଲି ୫ ବର୍ଷ ତଳେ ଦେଇଥିବା ପ୍ରତିଶ୍ରୁତି କେବଳ ଘୋଷଣାରେ ରହିଛି। ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ କିଣୁନାହାନ୍ତି ଓ ଏଫ୍‌ସିଆଇ ରାଜ୍ୟରୁ ଚାଉଳ କିଣୁ ନାହିଁ। ଫଳରେ ବିଜେଡି ଓ ଭାଜପା କଳିରେ ଚାଷୀ ବଳି ପଡୁଛି। ରାଜ୍ୟ ସରକାର ଅବିଳମ୍ବେ ଚାଷୀଙ୍କ ସମସ୍ତ ବଳକାଧାନ ନିର୍ଦ୍ଧାରିତ ଏମ୍‌ଏସ୍‌ପିରେ କିଣିବା ସହ କେନ୍ଦ୍ର ସରକାର ନିଜ ଭାଗର ବଳକା ୨୪ ଲକ୍ଷ ମେଟ୍ରିକ ଟନ୍ ତୁରନ୍ତ ଉଠାନ୍ତୁ ବୋଲି କିଷାନ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ନଚେତ ଆସନ୍ତା ତ୍ରିସ୍ତରୀୟ ନିର୍ବାଚନରେ ଭାଜପା ଓ ବିଜେଡିକୁ ଚାଷୀ ଠିକଣା ଜବାବ ଦେବେ ବୋଲି ଅଧ୍ୟକ୍ଷ ପଟ୍ଟନାୟକ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ପିସିସି କିଷାନ କଂଗ୍ରେସ ରାଜ୍ୟ ସାଧାରଣ ସମ୍ପାଦକ ସାଇ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

## ଖେଳ ଖବର

# ଚାଇନା ୯ ଥର ଚାମ୍ପିୟନ

ନଭି ମୁମ୍ବାଇ, ୬।୨ (ପି.ଟି.)

କୋରିଆକୁ ୩-୨ ଗୋଲରେ ପରାସ୍ତ କରି ଚାଇନା ୯ ଥର ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଟାଇଟଲ ହାସଲ କରିଛି। ରବିବାର ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଅନୁଷ୍ଠିତ ନାଟକୀୟ

**ଏଏଫ୍‌ସି ମହିଳା ଏସିଆନ କପ୍**

ଫାଇନାଲର ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା କୋରିଆ ୨-୦ରେ ଅଗ୍ରଣୀ ଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଟାଙ୍ଗ୍ ଜିଆଲି, ଝାଙ୍ଗ୍‌ଲିୟାନ ଓ ଜିଆଓ ୟୁୟି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିବା ଦ୍ୱାରା ଚାଇନା ୩-୨ରେ ବିଜୟ ଲାଭ କରିଥିଲା। ଚାଇନା ଓ କୋରିଆ ପୂର୍ବରୁ ୭ଥର ପରସ୍ପରକୁ ଭେଟିଥିଲେ। ସମସ୍ତ ମ୍ୟାଚରେ ଚାଇନା ଅପରାଜେୟ ରହିଥିଲା। ଥରେ ହେଲେ ଏହି ଟୁର୍ନାମେଣ୍ଟ ଜିତିପାରି ନ ଥିବା କୋରିଆ ଖେଳର ୨୭ତମ ମିନିଟ୍‌ରେ ଲି ଜେଅମ୍‌ଙ୍କ ଜରିଆରେ ପ୍ରଥମ ଗୋଲ ଦେଇଥିଲା। ପ୍ରଥମାର୍ଦ୍ଧ ଖେଳ ଶେଷ ହେବା ପୂର୍ବରୁ ଜି ସୋୟୁନ୍ ଏକ ପେନାଲ୍ଟି କିକ୍‌କୁ ଗୋଲରେ ରୂପାନ୍ତରିତ କରି କୋରିଆକୁ ୨-୦ରେ ଅଗ୍ରଣୀ କରାଇଥିଲେ। ସବୁଠାରୁ ଅଧିକ ଥର ଏଏଫ୍‌ସି ମହିଳା ଏସିଆନ କପ୍ ଫୁଟ୍‌ବଲ ଜିତିବା ରେକର୍ଡ ଚାଇନା ନାମରେ ରହିଛି। ରବିବାର ଫାଇନାଲ ଜିତିବା ଦ୍ୱାରା ଦଳର ଟାଇଟଲ ରେକର୍ଡ ୯କୁ ବୃଦ୍ଧି ପାଇଛି।



ଚାମ୍ପିୟନ ଚାଇନା ମହିଳା ଦଳର ଖେଳାଳିମାନେ ଖୁସି ମୁହୂର୍ତ୍ତରେ।

## ଭିଏତ୍‌ନାମକୁ ପ୍ରଥମ ଫିଫା ମହିଳା ବିଶ୍ୱକପ୍ ଯୋଗ୍ୟତା

**ନଭି ମୁମ୍ବାଇ, ୬।୨(ପି.ଟି.):** ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ପ୍ରଥମ ଥର ଯୋଗ୍ୟତା ଅର୍ଜନ କରି ଭିଏତ୍‌ନାମ ଇତିହାସ ସୃଷ୍ଟି କରିଛି। ରବିବାର ଏଠାରେ ଏକ ପ୍ଲେ-ଅଫ୍ ମ୍ୟାଚ୍‌ରେ ଦଳ ଚାଇନିଜ୍ ତାଇପେକୁ ୨-୧ ଗୋଲରେ ପରାସ୍ତ କରିଛି। ଫିଫା ବିଶ୍ୱକପ୍ ୨୦୨୩ ଉଭୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ ଖେଳାଯିବ। ଏଠାରେ ଚାଲିଥିବା ଏଏଫ୍‌ସି ଏସିଆନ କପ୍‌ରେ ସେମାନଙ୍କ କ୍ୱାର୍ଟର ଫାଇନାଲ ମ୍ୟାଚ୍ ହାରିବା ପରେ ଦୁଇ ଦଳ ଏକ ପ୍ଲେ-ଅଫ୍ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ରବିବାର ପରାଜୟ ପରେ ଚାଇନିଜ୍ ତାଇପେ ଇଣ୍ଟର-କନ୍‌ଫେଡେରେଶନ ପ୍ଲେ-ଅଫ୍‌ରେ ଥାଇଲାଣ୍ଡ ସହ ଯୋଗଦେବ, ଯେଉଁଠାରେ ଏକ ବିଜୟ ହାସଲ କଲେ ଦଳ ୩୧ ବର୍ଷରେ ପ୍ରଥମ ଥର ଫିଫା ମହିଳା ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିବ।

## ଲତାଙ୍କ ବିୟୋଗରେ କ୍ରୀଡ଼ା ଜଗତରେ ଶୋକ

ମୁମ୍ବାଇ, ୬।୨ (ପି.ଟି.)

ମହାନ୍ ଗାୟିକା ଲତା ମଙ୍ଗେସ୍‌କରଙ୍କ ବିୟୋଗରେ କ୍ରିକେଟରମାନଙ୍କ ନେତୃତ୍ୱରେ କ୍ରୀଡ଼ା ଜଗତ ଶୋକ ପ୍ରକାଶ କରିଛି। ମେଲୋଡି କୁଇନ୍‌ଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ପ୍ରତ୍ୟେକଙ୍କ ହୃଦୟରେ ସେ ସବୁଦିନ ପାଇଁ ଅମର ରହିବେ ବୋଲି କୁହାଯାଇଛି। ଅସୁସ୍ଥ ଥିବା ୯୨ ବର୍ଷୀୟା ଲତା ସହରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ଶରୀରର ଏକାଧିକ ଅଙ୍ଗ ଅଚଳ ହୋଇପଡ଼ିବାରୁ ଦେହାନ୍ତ ହୋଇଥିଲା। ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକର କହିଛନ୍ତି, ଲତାଦିଦିଙ୍କ ସଂସ୍ପର୍ଶରେ ଆସିଥିବାରୁ ସେ ନିଜକୁ ଧନ୍ୟ ମନେକରୁଛନ୍ତି। ଲତା ତାଙ୍କୁ ଆଦର କରିବା ସହ ଆଶୀର୍ବାଦ ଦେଉଥାନ୍ତି। ତାଙ୍କ ବିୟୋଗରେ ସେ ଜୀବନରେ କିଛି ହରାଇଥିବା ଅନୁଭବ କରୁଛନ୍ତି। ବ୍ୟାଟିଂ ଷ୍ଟାର ବିରାଟ କୋହଲି ଗଭୀର ଶୋକ ପ୍ରକାଶ କରିବା ସହ ଲତାଙ୍କ ମଧୁର ସଙ୍ଗୀତ ବିଶ୍ୱର କୋଟି କୋଟି ସଙ୍ଗୀତପ୍ରେମୀଙ୍କ ହୃଦୟକୁ ସ୍ପର୍ଶ କରିଛି।


ସଚିନ ତେନ୍ଦୁଲକର୍


ବିଜେନ୍ଦର ସିଂ


ଶିଖର ଧାୱନ

ତାଙ୍କୁ କେହି ଭୁଲି ପାରିବେ ନାହିଁ। ଭାରତ ଓପନର ଶିଖର ଧାୱନ ତାଙ୍କ ଟୁଇଟର ପେଜ୍‌ରେ କହିଛନ୍ତି, ଲତାଙ୍କ ଗୀତ ଆମ ଆତ୍ମାକୁ ସ୍ପର୍ଶ କରିଛି ଏବଂ ମୁହଁରେ ହସ ଫୁଟାଇଛି। ସେ ପିଢ଼ି ପିଢ଼ି ଧରି ଅନ୍ୟମାନଙ୍କ ଲାଗି ପ୍ରେରଣାର ଉତ୍ସ ହୋଇରହିବେ। ଶୋକ ପ୍ରକାଶ କରିଥିବା ଅନ୍ୟ କ୍ରିକେଟରଙ୍କ ମଧ୍ୟରେ ରହିଛନ୍ତି ଟେଷ୍ଟ ସ୍ପେଶାଲିଷ୍ଟ ଭାରତ ବ୍ୟାଟର ଅଜିଙ୍କ୍ୟ ରାହାନେ, ନ୍ୟାଶନାଲ କ୍ରିକେଟ ଏକାଡେମି ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ, ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ, ଗୌତମ ଗମ୍ଭୀର ଓ ପୂର୍ବତନ ମହିଳା ଦଳ ଅଧିନାୟିକା ମିଥାଲି ରାଜ୍। ଭାରତୀୟ ଫୁଟ୍‌ବଲ ଟିମ୍ ମଧ୍ୟ କିମ୍ବଦନ୍ତୀ ଗାୟିକାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ ସହ ଆତ୍ମାର ସଦ୍‌ଗତି କାମନା କରିଛି। ଅଲିମ୍ପିକ ସ୍ୱର୍ଣ୍ଣ ବିଜୟୀ ବକ୍ସର ବିଜେନ୍ଦର ସିଂ ଶୋକ ପ୍ରକାଶ କରିବା ସହ ତାଙ୍କ ଟୁଇଟର ପେଜ୍‌ରେ 'ଓମ୍ ଶାନ୍ତି' ବୋଲି ଉଲ୍ଲେଖ କରିଛନ୍ତି। କରୋନା ଭାଇରସ୍‌ର ସାମାନ୍ୟ ଲକ୍ଷଣ ପ୍ରକାଶ ପାଇବା ପରେ ମଙ୍ଗେସ୍‌କରଙ୍କ ଟେଷ୍ଟରେ ପଜିଟିଭ ଆସିଥିଲା। ଚିକିତ୍ସା ପାଇଁ ଜାନୁୟାରୀ ୮ରେ ତାଙ୍କୁ ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ପ୍ରତୀତ ସାମ୍‌ଦାନି ଓ ତାଙ୍କ ଟିମ୍ ଚିକିତ୍ସା ଦାୟିତ୍ୱରେ ଥିଲେ।

## ପାଟଣା ପାଇରେଟ୍ସ ଦଳର ଗୁରୁତ୍ୱପୂର୍ଣ୍ଣ ବିଜୟ

**ବେଙ୍ଗାଲୁରୁ, ୬।୨(ପି.ଟି.):** ପ୍ରୋ-କବାଡ଼ି ଲିଗ୍‌ର ସିଜନ ୮ରେ ରବିବାର ପାଟଣା ପାଇରେଟ୍ସ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ଦଳ ୩୮-୨୯ରେ ଗତଥରର ଚାମ୍ପିୟନ ବେଙ୍ଗଲ ୱାରିୟର୍ସଙ୍କୁ ପରାସ୍ତ କରିଛି। ରେଡିଂ ୟୁନିଟ୍‌ରେ ସଚିନ ଏକ ସୁର ୧୦ (୧୧ ପଏଣ୍ଟ) ସ୍କୋର କରିଥିବା ବେଳେ ଗୁମାନ ସିଂ (୭ ପଏଣ୍ଟ)ଙ୍କ ତରଫରୁ ତାଙ୍କୁ ଉପଯୁକ୍ତ ସହାୟତା ମିଳିଥିଲା। ପାଇରେଟ୍ସର ଡିଫେନ୍ସ ଭଲ ଫର୍ମରେ ଥିବା ପରିଲକ୍ଷିତ ହୋଇଥିଲା। ବିଜୟ ଦ୍ୱାରା ପାଟଣା ପାଇରେଟ୍ସ ପଏଣ୍ଟ ଟେବୁଲ ଶୀର୍ଷରେ ପହଞ୍ଚିପାରିଛି। ୩ଥର ଚାମ୍ପିୟନ ବର୍ତ୍ତମାନ ଟପ୍-୨ ଫିନିଶ ଫେଭରାଇଟ୍ ହୋଇପାରିଛି। ଏହାଦ୍ୱାରା ଦଳ ସିଧାସଳଖ ସେମିଫାଇନାଲ ଯୋଗ୍ୟତା ହାସଲ କରିପାରିବ। ଅନ୍ୟପକ୍ଷରେ ବେଙ୍ଗଲ ୱାରିୟର୍ସ ପାଇଁ ରବିବାର ଆଉ ଏକ ଖରାପ ଦିନ ଥିଲା। ଦଳ ଉଭୟ ଡିଫେନ୍ସ ଓ ଆଟାକ୍‌ରେ ସଂଘର୍ଷ ଚଳାଇଥିଲା। ହେଲେ ଏଲିମିନେଟରରେ ପ୍ରବେଶ କରିବାକୁ ହେଲେ ସେମାନଙ୍କୁ ସିଜନର ଅବଶିଷ୍ଟ ମ୍ୟାଚ୍‌ଗୁଡ଼ିକରେ ବିଜୟ ଲାଭ କରିବାକୁ ପଡ଼ିବ।

## ବୋପାନ୍ନା-ରାମକୁମାର ଯୋଡ଼ିକୁ ଟାଟା ଓପନ ଟ୍ରଫି

ପୁଣେ, ୬।୨ (ପି.ଟି.)

ଭାରତର ରୋହନ ବୋପାନ୍ନା ଓ ରାମକୁମାର ରମାନାଥନ ଯୋଡ଼ି ସେମାନଙ୍କର ଦ୍ୱିତୀୟ ଏଟିପି ଟୁର୍ ଟାଇଟଲ ହାସଲ କରିଛନ୍ତି। ଏଠାରେ ଚାଲିଥିବା ଟାଟା ଓପନ ମହାରାଷ୍ଟ୍ର ଟେନିସ ଟୁର୍ନାମେଣ୍ଟ ଡବଲ୍ସ ଫାଇନାଲରେ ସେମାନେ ଟପ୍ ସିଡ୍ ଅଷ୍ଟ୍ରେଲିଆର ଲ୍ୟୁକ୍ ସାଭିଲି ଓ ଜନ୍-ପ୍ୟାଟ୍ରିକ୍ ସ୍ମିଥ୍‌ଙ୍କୁ ୬-୭ (୧୦), ୬-୩, ୧୦-୬ ସେଟ୍‌ରେ ହରାଇ ଦେଇଛନ୍ତି। ବୋପାନ୍ନା ଓ ରାମକୁମାର ଏକତ୍ର ସେମାନଙ୍କ ପ୍ରଥମ ଏଟିପି ଟୁର୍ ଗତମାସରେ ଆଡିଲେଡ୍ ଇଭେଣ୍ଟରେ ଖେଳିଥିଲେ। ସେଠାରେ ସେମାନେ ଟ୍ରଫି ଜିତିଥିଲେ। ବୋପାନ୍ନାଙ୍କ ପାଇଁ ଏହାଥିଲା ୨୧ତମ ଏଟିପି ଡବଲ୍ସ ଟାଇଟଲ। ଅନ୍ୟପକ୍ଷରେ ରାମକୁମାରଙ୍କ ପାଇଁ ଏହି ସ୍ତରରେ ଥିଲା ଦ୍ୱିତୀୟ ଟ୍ରଫି। ଫଳରେ ସେ ପ୍ରଥମ ଥର ତାଙ୍କ କ୍ୟାରିୟରରେ ଡବଲ୍ସ ଟପ୍ ୧୦୦ରେ ପ୍ରବେଶ କରିପାରିଛନ୍ତି। ଏଠାରେ ଟାଇଟଲ ଜିତିବା ଦ୍ୱାରା ଉଭୟେ ୧୬୩୭୦ ଆମେରିକୀୟ ଡଲାର ପୁରସ୍କାର ରାଶିକୁ ବାଣ୍ଟି ନେଇଥିବା ବେଳେ ପ୍ରତ୍ୟେକ ୨୫୦ ର୍ୟାଙ୍କିଙ୍ଗ ପଏଣ୍ଟ ଅର୍ଜନ କରିପାରିଛନ୍ତି।


ଟ୍ରଫି ସହ ରୋହନ ବୋପାନ୍ନା ଓ ରାମକୁମାର ରମାନାଥନ।

## ଭାରତ ବିଜୟ ପାଇଁ ଉପବାସ କରୁଥିଲେ



**ନୂଆଦିଲ୍ଲୀ, ୬।୨(ପି.ଟି.):** କିମ୍ବଦନ୍ତୀ ଗାୟିକାଙ୍କ କ୍ରିକେଟ ପ୍ରତି ରହିଥିବା ଭଲପାଇବା କାହାରିକୁ ଅଛପା ନାହିଁ। ହେଲେ ଜଣେ ସାଧାରଣ କ୍ରିକେଟପ୍ରେମୀ ଭଳି ତାଙ୍କର ଅନ୍ଧବିଶ୍ୱାସ ରହିଥିଲା। ୨୦୧୧ରେ ପାକିସ୍ତାନ ବିପକ୍ଷ ହାଇ ଭୋଲ୍‌ଟେଜ ବିଶ୍ୱକପ୍ ସେମିଫାଇନାଲରେ ଭାରତର ବିଜୟ କାମନା କରି ସେ ଉପବାସ କରିଥିଲେ। ମୋହାଲିଠାରେ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ଖେଳାଯାଉଥିବା ବେଳେ ସେ ୯ଘଣ୍ଟା ଧରି ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରି ନ ଥିଲେ। ଏହି ମ୍ୟାଚ୍‌ରେ ଭାରତ ୨୯ ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌କୁ ଆରମ୍ଭରୁ ଶେଷପର୍ଯ୍ୟନ୍ତ ଦେଖିଥିଲେ ଏବଂ ବହୁତ ଟେନ୍‌ସନ୍‌ରେ ଥିଲେ ବୋଲି ସେ ସେତେବେଳେ କହିଥିଲେ। ଭାରତ ଖେଳୁଥିବା ବେଳେ ଦଳର ବିଜୟ କାମନା କରି ଲତାଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ କିଛି ଖାଦ୍ୟ କି ପାନୀୟ ଗ୍ରହଣ କରି ନ ଥାନ୍ତି। ସେ ନିଜେ ଭାରତର ବିଜୟ ମନାସୀ ନିରବଚ୍ଛିନ୍ନ ଭାବେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଥାନ୍ତି। ଭାରତର ବିଜୟ ପରେ ସେମାନେ ରାତ୍ରିଭୋଜନ କରିଥାନ୍ତି। କ୍ରିକେଟ୍‌ର ଜଣେ ବଡ଼ ସମର୍ଥକ ଭାବେ ଲତା ୧୯୮୩ ବିଶ୍ୱକପ୍ ଫାଇନାଲ ଦେଖିଛନ୍ତି। ଏଥିରେ ଭାରତ ବିଜୟ ଲାଭ କରିଥିଲା। ଲର୍ଡ୍ସଠାରେ ଗ୍ୟାଲେରିରେ ବସି ସେ ଏହି ମ୍ୟାଚ୍‌କୁ ଉପଭୋଗ କରିଥିଲେ। କପିଳ ଦେବଙ୍କ ଦଳ ଇଂଲଣ୍ଡ ବିପକ୍ଷ ସେମିଫାଇନାଲ ଜିତିବା ପରେ ଫାଇନାଲ ମ୍ୟାଚ୍ ଦେଖିବା ଲାଗି ତାଙ୍କ ମନରେ ପ୍ରବଳ ଆଗ୍ରହ ଥିଲା। ମ୍ୟାଚ୍ ପୂର୍ବରୁ ସେ କପିଳ ଦେବ ଏବଂ ତାଙ୍କ ଦଳକୁ ଡିନର ପାଇଁ ନିଜ ହୋଟେଲକୁ ଆମନ୍ତ୍ରଣ କରିଥିଲେ। ସେଠାରେ ସେ ଦଳର ଶୁଭକାମନା କରିଥିଲେ। ସଚିନ ତେନ୍ଦୁଲକରଙ୍କୁ ପୁତ୍ର ତୁଲ୍ୟ ଦେଖୁଥିଲେ ଲତା। ତେନ୍ଦୁଲକର ମଧ୍ୟ ତାଙ୍କୁ ମା' ବୋଲି ସମ୍ବୋଧନ କରିଥାନ୍ତି। ତେନ୍ଦୁଲକରଙ୍କ କହିବା ଅନୁସାରେ, ଲତାଙ୍କ ଗୀତ ତାଙ୍କ ଅବସାଦ ଦୂର କରିବାରେ ସହାୟକ ହୋଇଥାଏ।

**ରାହୁଲ ଭାଟିଆଙ୍କୁ ନୂଆ ଦାୟିତ୍ୱ ପ୍ରଦାନ**

ଦେଶର ପ୍ରମୁଖ ଘରୋଇ ବିମାନସେବା ପ୍ରଦାନକାରୀ କମ୍ପାନୀ ଇଣ୍ଡିଗୋର ସହ ପ୍ରତିଷ୍ଠାତା ରାହୁଲ ଭାଟିଆଙ୍କୁ ନୂତନ ଦାୟିତ୍ୱ ଦିଆଯାଇଛି। କମ୍ପାନୀର କାରବାର ବୃଦ୍ଧି ସହ ଅନ୍ୟାନ୍ୟ କାର୍ଯ୍ୟକୁ ଆଗକୁ ନେବା ପାଇଁ କମ୍ପାନୀ ନିକଟରେ ରାହୁଲଙ୍କୁ ଏହାର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଭାବେ ନୂଆ ଦାୟିତ୍ୱ ପ୍ରଦାନ କରିଛି। ଏ ସମ୍ପର୍କରେ ଇଣ୍ଡିଗୋର ଅଧ୍ୟକ୍ଷ ଏମ୍. ଦାମୋଦରନ କହିଛନ୍ତି,ଏୟାରଲାଇନ୍ସର ସଂପ୍ରସାରଣ ସାଙ୍ଗକୁ କମ୍ପାନୀ ପାଇଁ ଆଗାମୀ ଦୀର୍ଘମିଆଦୀ ଯୋଜନା ପ୍ରସ୍ତୁତ କରିବେ, ଏହା ଦ୍ୱାରା ଇଣ୍ଡିଗୋ ଆହୁରି ଅଧିକ ସୁଦୃଢ଼ ହେବ ବୋଲି ଦାମୋଦରନ ମତବ୍ୟକ୍ତ କରିଛନ୍ତି।

## ସଂକ୍ଷେପରେ

### ଲୋନ୍ ମୋରାଟୋରିୟମକୁ ନେଇ ସୁପ୍ରିମକୋର୍ଟରେ ମାମଲା ଦାଏର

**ନୂଆଦିଲ୍ଲୀ,୬।୨:** କୋଭିଡ୍-୧୯ର ତୃତୀୟ ଲହରକୁ ଦୃଷ୍ଟିରେ ରଖି ଲୋନ୍ ମୋରାଟୋରିୟମ ପାଇଁ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯାଇଛି। ଏ ନେଇ ଜଣେ ବରିଷ୍ଠ ଆଇନଜୀବୀ ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରି କହିଛନ୍ତି, କୋଭିଡ୍-୧୯ର ତୃତୀୟ ଲହର ସମୟରେ ଆର୍ଥିକ ସ୍ଥିତିକୁ ଦୃଷ୍ଟିରେ ରଖି ଲୋନ୍ ମୋରାଟୋରିୟମ ପରି ସୁବିଧା ପ୍ରଦାନ କରାଯାଉ। ସେହିଭଳି କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କକୁ ଏହା ଉପରେ ବିଚାର କରିବାକୁ ନ୍ୟାୟାଧୀଶ ନିର୍ଦ୍ଦେଶ ଦିଅନ୍ତୁ ବୋଲି ସେ ସର୍ବୋଚ୍ଚ ନ୍ୟାୟାଳୟରେ ଗୁହାରି କରିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ନୀତି ଏବଂ ଗାଇଡ୍‌ଲାଇନ୍ ସେ ନେଇ ପ୍ରସ୍ତୁତ କରାଯାଇ ନାହିଁ। ସୂଚନାଯୋଗ୍ୟ, କରୋନାର ପ୍ରଥମ ଲହର ସମୟରେ ଋଣ ନେଇଥିବା ଲୋକଙ୍କୁ ଆରବିଆଇ ପକ୍ଷରୁ ଆଶ୍ୱସ୍ତି ଦିଆଯାଇ ଲୋନ୍ ମୋରାଟୋରିୟମ ଲାଗୁ କରିଥିଲେ। ଏହାରି ଆଧାରରେ ଲୋକଙ୍କୁ ମହାମାରୀ ସମୟରେ ଲୋନ୍ ପରିଶୋଧ ନ କରିବାକୁ କୁହାଯାଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ମୋରାଟୋରିୟମ ଅବଧି ମଧ ବଢ଼ାଯାଇଥିଲା।

### ଇନ୍ଦିରା ଆଇଭିଏଫ୍‌ର ୧୦୫ତମ ସେଣ୍ଟର

**କଟକ,୬।୨:** ନିଃସନ୍ତାନତ୍ୱ ଚିକିତ୍ସା କ୍ଷେତ୍ରରେ ଦେଶର ପ୍ରମୁଖ ଫର୍ଟିଲିଟି ଚେନ ଇନ୍ଦିରା ଆଇଭିଏଫ ପକ୍ଷରୁ ନିକଟରେ ସ୍ଥାନୀୟ ଜୋବ୍ରା ରୋଡ଼ ସ୍ଥିତ ଲର୍ଡସ ହାଉସର ଦ୍ୱିତୀୟ ମହଲାରେ ଏହାର ୧୦୫ ନୂଆ ସେଣ୍ଟରର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ସ୍ତ୍ରୀ ଏବଂ ପ୍ରସୂତି ରୋଗ ବିଶେଷଜ୍ଞ ଡା ଲୀଳାବତୀ ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ସେଣ୍ଟରକୁ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କନ୍‌ସଲଟାଣ୍ଟ ଡା. ରୋହାନୀ ନାୟକ, ଡା. ସସ୍ମିତା ନାୟକ, ଡା. ଲିପ୍ସା ମିଶ୍ର ଏବଂ ଡା. ସୋନାଲି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶ୍ୱର ପରେ ଓଡ଼ିଶାରେ ଏହା ଦ୍ୱିତୀୟ ସେଣ୍ଟର ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମୁଦ୍ରାସ୍ଫୀତିକୁ ଆକର୍ଷିତ କରିଥିଲା ସୁନା ଇଟିଏଫ୍

**୨୦୨୧ରେ ୪,୮୧୪ କୋଟି ଟଙ୍କା ହୋଇଥିଲା**

ନୂଆଦିଲ୍ଲୀ, ୬।୨

ଗତ କିଛିବର୍ଷ ହେବ ସୁନା ଆମଦାନୀ ଭାରତରେ ବୃଦ୍ଧି ପାଇଛି। ଏହାର ପ୍ରଭାବ ମଧ ବଜାର ଉପରେ ପଡୁଥିବା ଦେଖିବାକୁ ମିଳିଛି। ୨୦୨୧ରେ ସୁନା ବିନିମୟ ବାଣିଜ୍ୟ ପାଣ୍ଠି (ଇଟିଏଫ୍) ବଜାର ସପକ୍ଷରେ ରହିଥିଲା। ଏହାଦ୍ୱାରା ଦେଶର ମୁଦ୍ରାସ୍ଫୀତି ବୃଦ୍ଧି ସହ ବଜାର ମୂଲ୍ୟ ବୃଦ୍ଧିରେ ମଧ ସହାୟ ହୋଇଥିଲା। ଗତବର୍ଷ ଏହି ସେଗ୍‌ମେଣ୍ଟ ୪,୮୧୪ କୋଟି ଟଙ୍କାର ବଜାର ମୂଲ୍ୟକୁ ଆକର୍ଷିତ କରିଥିଲା। ଫଳରେ ୨୦୨୦ରେ ଦେଖାଯାଇଥିବା ୬,୬୫୭ କୋଟି ତୁଳନାରେ ଏହାର ପ୍ରବାହ କମ୍ ଥିଲା ବୋଲି ଆସୋସିଏଶନ୍ ଅଫ୍ ମ୍ୟୁଚୁଆଲ୍ ଫଣ୍ଡସ୍ ଅଫ୍ ଇଣ୍ଡିଆ (ଆମ୍ଫି) ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ବିଶ୍ୱର ପୁନରୁଦ୍ଧାର ଏବଂ ଉନ୍ନତ ନିବେଶକଙ୍କ ମନୋବଳକୁ ଏହା ବଢ଼ାଇଥିଲା। ଏ ସମ୍ପର୍କରେ କ୍ୱାଣ୍ଟମ୍ ମ୍ୟୁଚୁଆଲ୍ ଫଣ୍ଡର ଏମ୍‌ଡି ଏବଂ ସିଇଓ, ଜିମି ପଟେଲ କହିଛନ୍ତି, ୨୦୨୨ରେ ଏହି ବର୍ଗର ଆଗ୍ରହ ବୃଦ୍ଧି ସହ ଷ୍ଟିକ୍ ମୁଦ୍ରାସ୍ଫୀତି ଏବଂ ଫେଡେରାଲ୍ ରିଜର୍ଭ ଏହାକୁ ଧରିବାକୁ ଚେଷ୍ଟା କରୁଥିବା ବେଳେ ଯାହା ସମ୍ଭବତଃ ଅଭିବୃଦ୍ଧି ଏବଂ ବଜାରକୁ ବାଧା ଦେଇପାରେ ବୋଲି ସେ କହିଛନ୍ତି। ଅପରପକ୍ଷରେ ମୁଦ୍ରାନୀତିର ସମନ୍ୱିତ ସହଜତା ଏବଂ ବିଶ୍ୱର ସୁଧ ହାରର ନରମତା, ଯାହା ସୁନାକୁ ଆକର୍ଷଣୀୟ କରିଥିଲା। ସେହିଭଳି ୨୦୨୧ରେ ମୁଦ୍ରାସ୍ଫୀତିର ସୁଦୃଢ଼ତା ଏବଂ ବଜାର ମୂଲ୍ୟ ବୃଦ୍ଧି ହେତୁ ଗତବର୍ଷର ଚାହିଦା ସୁନା ସପକ୍ଷରେ ରହିଥିଲା ବୋଲି ପଟେଲ କହିଛନ୍ତି। ଅପରପକ୍ଷରେ ମର୍ନିଂଷ୍ଟାର ଇଣ୍ଡିଆର ଆସୋସିଏଟ୍ ଡାଇରେକ୍ଟର ମ୍ୟାନେଜର ରିସର୍ଚ୍ଚ ହିମାଂଶୁ ଶ୍ରୀବାସ୍ତବ କହିଛନ୍ତି, ସୁନା ଇଟିଏଫ୍ ବର୍ଷସାରା ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଲାଗିଛି। ଫଳରେ ୨୦୨୧ ଜୁଲାଇରେ ପ୍ରାୟ ୬୧.୫ କୋଟି ଟଙ୍କା ରହିଥିଲା। ସୁନା ପାଣ୍ଠିର ପରିଚାଳନା ଅଧୀନରେ ସମ୍ପତ୍ତିକୁ ୩୦% ବୃଦ୍ଧି କରି ୧୮,୪୦୫ କୋଟି ଟଙ୍କାକୁ ପହଞ୍ଚି ପାରିଥିଲା। ୨୦୨୧ ଡିସେମ୍ବର ଶେଷ ବେଳକୁ ଏକ ବର୍ଷ ପୂର୍ବେ ୧୪,୧୭୪ କୋଟି ଟଙ୍କାକୁ ବୃଦ୍ଧି କରିବାରେ ଏହା ସାହାଯ୍ୟ କରିଥିଲା। ସୁନା, ଗତ କିଛିବର୍ଷ ମଧ୍ୟରେ ଏହାର ଚମତ୍କାର ପ୍ରଦର୍ଶନ ସହିତ ୨୦୨୧ରେ ନିବେଶକଙ୍କ ଆଗ୍ରହକୁ ଆକର୍ଷିତ କରିଛି। ଫଳରେ ସୁନା ଇଟିଏଫ୍‌ଗୁଡ଼ିକରେ ଫୋଲିଓ ସଂଖ୍ୟା ୨୦୨୦ ଡିସେମ୍ବରରେ ୮.୮୭ ଲକ୍ଷରୁ ୨୦୨୧ ଡିସେମ୍ବର ମଧ୍ୟରେ ୩୨.୦୯ ଲକ୍ଷକୁ ବୃଦ୍ଧି ପାଇଥିଲା। ତେବେ ଏହି ଶ୍ରେଣୀରେ କ୍ରମାଗତ ଭାବେ ୨୦୨୦ ନଭେମ୍ବରରେ ୧୪୧ କୋଟି, ୨୦୨୦ ଫେବୃୟାରୀରେ ୧୯୫ କୋଟି ଏବଂ ୨୦୨୧ ଜୁଲାଇରେ ୬୧.୫ କୋଟି ଟଙ୍କା ନିଟ୍ ଆଉଟ ଫ୍ଲୋ ହୋଇଛି। ନିବେଶକଙ୍କ ପୋର୍ଟଫୋଲିଓରେ ସୁନା ଏକ ରଣନୀତିକ ସମ୍ପତ୍ତି ଭାବରେ କାର୍ଯ୍ୟ କରିଥାଏ ବୋଲି ଶ୍ରୀବାସ୍ତବ କହିଛନ୍ତି।



# ଭାରତରେ ଅଡିର ଇଭି ନିର୍ମାଣ ଲକ୍ଷ୍ୟ

ନୂଆଦିଲ୍ଲୀ,୬।୨

ଜର୍ମାନର ବିଳାସପୂର୍ଣ୍ଣ କାର ନିର୍ମାତା ଅଡି ଭାରତ ବଜାରରେ ସ୍ଥାନୀୟ ଭାବେ ବୈଦ୍ୟୁତିକ ଯାନ(ଇଭି) ଉତ୍ପାଦନ କରିବାର ସମ୍ଭାବନାକୁ ଆକଳନ କରୁଛି। ଏହି ପଦକ୍ଷେପ ସଫଳ ହେବା ପାଇଁ କମ୍ପାନୀ ଥ୍ରେସ ଶୋଲ୍ଡ ଭଲ୍ୟୁମରେ ପହଞ୍ଚିବାକୁ ଚେଷ୍ଟା କରୁଛି ବୋଲି ଅଡିର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। କମ୍ପାନୀ ତା'ର ସମସ୍ତ ଯାନକୁ ଇ ଯାନ ବର୍ଗକୁ ୨୦୩୩ ବେଳକୁ ବିଶ୍ୱସ୍ତରୀୟ କରିବାରେ ଲକ୍ଷ୍ୟ ରଖିଛି। ଏହାର ବୈଦ୍ୟୁତିକ କାରର ସ୍ଥାନୀୟ ଉତ୍ପାଦନ ପାଇଁ ଭାରତରେ ଏକ ଦୃଢ଼ ପ୍ରତିକ୍ରିୟା ଗ୍ରହଣ କରିଛି। ଏହି ସମୟରେ ଏହା ଏକ ନିରନ୍ତର ମୂଲ୍ୟାଙ୍କନ ଜରିଆରେ ଆମେ ଭାରତରେ ବୈଦ୍ୟୁତିକ ଯାନର ଗତିଶୀଳତାର ଗ୍ରହଣୀୟତାକୁ ମୂଲ୍ୟାଙ୍କନ କରୁଛୁ ବୋଲି ଅଡି ଇଣ୍ଡିଆର ମୁଖ୍ୟ ବଲବୀର ସିଂ ଧୀଲନ କହିଛନ୍ତି। ଗତ ୭ ମାସ ମଧ୍ୟରେ ଅଡି ଇଣ୍ଡିଆ ଭାରତରେ ୫ଟି ବୈଦ୍ୟୁତିକ କାର ଲଞ୍ଚ କରିଛି ଏବଂ ଆସନ୍ତା ୧୨ ମାସ ମଧ୍ୟରେ ଏହାକୁ ବିକ୍ରି ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ଭାରତରେ ଅଡିର ପାଞ୍ଚଟି ବୈଦ୍ୟୁତିକ କାର ଯଥା ଇ-ଟ୍ରନ୍ ୫୦, ଇ-ଟ୍ରନ୍ ୫୫, ଇ-ଟ୍ରନ୍ ସ୍ପୋଟବ୍ୟାକ୍ ୫୫, ଇ-ଟ୍ରନ୍ ଜିଟି, ଆରଏସ୍ ଇ-ଟ୍ରନ୍ ଜିଟି ପ୍ରମୁଖ ରହିଛି। ସେହିଭଳି ଏହାର ପେଟ୍ରୋଲ ଚାଳିତ କ୍ୟୁ-ରେଞ୍ଜ ସହିତ ଏବଂ କମ୍ପାନୀରେ ଏ-ସେଡାନ୍ସ ଆଦି ୨୦୨୧ରେ ଭାରତର ୩,୨୯୩ ୟୁନିଟରେ ଖୁଚୁରା ବିକ୍ରିରେ ଦୁଇଗୁଣ ବୃଦ୍ଧି ରେକର୍ଡ ହୋଇଥିବା ବେଳେ ୨୦୨୦ରେ ୧,୬୩୯ ୟୁନିଟ୍ ତୁଳନାରେ ଏହା ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।



# ମହିନ୍ଦ୍ରା ଫାଷ୍ଟ ଚୟସ୍‌ର ନୂତନ ଡିଲର ପଏଣ୍ଟ

ଭୁବନେଶ୍ୱର,୬।୨

ଦେଶର ପ୍ରମୁଖ ମଲ୍ଟି ବ୍ରାଣ୍ଡ ୟୁଜ୍‌ଡ କାର କମ୍ପାନୀ ମହିନ୍ଦ୍ରା ଫାଷ୍ଟ ଚୟସ୍ ହ୍ୱିଲ୍‌ସ ଲିମିଟେଡ ପକ୍ଷରୁ ନିକଟରେ ସ୍ଥାନୀୟ ପାଣ୍ଡରା ଛକଠାରେ ଏକ ନୂତନ ଡିଲର ପଏଣ୍ଟର ଶୁଭାରମ୍ଭ ହୋଇଛି। ଉକ୍ତ ଡିଲର ପଏଣ୍ଟକୁ କମ୍ପାନୀର ସ୍ୱୀକୃତିପ୍ରାପ୍ତ ସଂସ୍ଥା 'ସିଆ କାର୍ ଚଏସ' ସହାୟତାରେ ଉଦ୍‌ଘାଟନ କରାଯାଇଛି। ଏହି ଅବସରରେ କମ୍ପାନୀର ନେଟ୍‌ୱର୍କ ଡେଭଲପମେଣ୍ଟ ତଥା ଜାତୀୟ ବିକ୍ରି ମୁଖ୍ୟ ଅମିତ ଶାହ, ଆଞ୍ଚଳିକ ପ୍ରବନ୍ଧକ ସୁଜନ ଚାଟାର୍ଜୀ, ଡିଲର ମୁଖ୍ୟ ନିରଞ୍ଜନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

କାର ଖଣ୍ଡିଏ କିଣିବା ପାଇଁ ସବୁବର୍ଗର ଲୋକଙ୍କ ମନରେ ଆଗ୍ରହ ରହିଥାଏ। ହେଲେ ଆର୍ଥିକ ସମସ୍ୟା ଯୋଗୁ ନୂଆ କାର ବଦଳରେ ପୁରୁଣା ଗାଡ଼ି କିଣିବା ପାଇଁ ବହୁ ସଂଖ୍ୟାରେ ଗ୍ରାହକ ଇଚ୍ଛା ପ୍ରକାଶ କରିଥାନ୍ତି, କିନ୍ତୁ ସ୍ୱୀକୃତିପ୍ରାପ୍ତ ସଂସ୍ଥା ସାଙ୍ଗକୁ ଆବଶ୍ୟକୀୟ କାଗଜପତ୍ର କାର୍ଯ୍ୟ ଯୋଗୁ ଗ୍ରାହକମାନେ ଟିକେ ପଛଘୁଞ୍ଚା ଦେଇଥାନ୍ତି ବୋଲି ଅମିତ ମତବ୍ୟକ୍ତ କରିଥିଲେ। ଅପରପକ୍ଷରେ ଆମର ଗ୍ରାହକ ମାତ୍ର ୯୯୯ ଟଙ୍କା ଦେଇ ଯେ କୌଣସି କମ୍ପାନୀର ବ୍ୟବହାର ହୋଇଥିବା କାର 'କାର ଆଣ୍ଡ ବାଇକ ଡଟ କମ' ଜରିଆରେ ଅନ୍‌ଲାଇନ ବୁକିଂ କରିପାରିବେ ଅଥବା କମ୍ପାନୀ ସ୍ଥାନୀୟ ଡିଲରପଏଣ୍ଟଗୁଡିକରୁ ପ୍ରତ୍ୟକ୍ଷ ଭାବେ ମଧ ନିଜ ପସନ୍ଦର ଗାଡ଼ି କ୍ରୟ କରିପାରିବେ ବୋଲି ସୂଚନା ଦିଆଯାଇଛି।



# ହ୍ରାସ ହୋଇପାରେ ଇଯାନ ଦର

ନୂଆଦିଲ୍ଲୀ,୬।୨

ଆସନ୍ତା କିଛି ମାସ ମଧ୍ୟରେ ବୈଦ୍ୟୁତିକ ଯାନଗୁଡ଼ିକର ମୂଲ୍ୟ ୩୦% ହ୍ରାସ ହୋଇପାରେ ବୋଲି ସୂଚନା ମିଳିଛି। ଫଳରେ ବଜାର ଚାହିଦା ବୃଦ୍ଧି ସାଙ୍ଗକୁ ପରିବେଶ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଇ-ଯାନର ବିକ୍ରିକୁ ବଢ଼ାଇବା ପାଇଁ ବ୍ୟାଟେରି ମୂଲ୍ୟ କମାଇବାକୁ ମଧ ସରକାର ବିଚାର କରୁଛନ୍ତି। ଏଭଳି ପରିସ୍ଥିତିରେ ଯଦି ବ୍ୟାଟେରି ମୂଲ୍ୟ ହ୍ରାସ ପାଏ ତା' ହେଲେ ଇ-ଯାନର ମୂଲ୍ୟ ମଧ ୩୦%ରୁ ଅଧିକ କମିପାରେ ବୋଲି ଆକଳନ କରାଯାଉଛି। ବର୍ତ୍ତମାନ ବ୍ୟାଟେରି ସ୍ୱାପିଂ ସିଷ୍ଟମ୍ ଲାଗୁ ହେଲେ ଗାଡ଼ିରୁ ବ୍ୟାଟେରିର ମୂଲ୍ୟ ବାଦ୍ ପଡ଼ିବ। ଅର୍ଥାତ୍ ବିକ୍ରି ସମୟରେ କେବଳ ଗାଡ଼ିର ମୂଲ୍ୟ ହିଁ ଗ୍ରାହକଙ୍କୁ ଦେବାକୁ ପଡ଼ିବ।

# ଜିଓ ପକ୍ଷରୁ ଟୁ ପ୍ଲାଟଫର୍ମସ୍‌ରେ ନିବେଶ

ମୁମ୍ବାଇ, ୬।୨

ଜିଓ ପ୍ଲାଟଫର୍ମସ୍ ଲିମିଟେଡ୍ ପକ୍ଷରୁ ନିକଟରେ ଘୋଷଣା କରାଯାଇଛି ଯେ କମ୍ପାନୀ ଆମେରିକାର ସିଲିକନ୍ ଭ୍ୟାଲିରେ ପ୍ରଣବ ମିସ୍ତ୍ରି ପ୍ରତିଷ୍ଠା କରିଥିବା ଷ୍ଟାର୍ଟଅପ୍ ସଂସ୍ଥା ଟୁ ପ୍ଲାଟଫର୍ମସରେ ପୂର୍ଣ୍ଣବିଘଟିତ ହୋଇପାରୁଥିବା ୨୫% ଅଂଶଧନ ପାଇଁ ୧୫ ନିୟୁତ ଆମେରିକୀୟ ଡଲାର ନିବେଶ କରିଛି। ଟୁ ପ୍ଲାଟଫର୍ମସ୍ ହେଉଛି ଏକ ଆର୍ଟିଫିସିଆଲ୍ ରିଅଲିଟି କମ୍ପାନୀ, ଯାହା ଇଣ୍ଟରଆକ୍ଟିଭ୍ ଓ ଇମର୍ସନାଲ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଅନୁଭୂତି ବିକଶିତ କରିବା ଉପରେ ଧ୍ୟାନ ଦେଉଛି। ଟୁର ପ୍ରତିଷ୍ଠାତା ଟିମ୍‌ରେ ଥିବା ସଦସ୍ୟମାନଙ୍କର ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକର ଗବେଷଣା, ଡିଜାଇନ୍ ଓ ପରିଚାଳନା କ୍ଷେତ୍ରରେ ବହୁବର୍ଷର ନେତୃତ୍ୱ ଅଭିଜ୍ଞତା ରହିଛି। ଏ ସମ୍ପର୍କରେ ଜିଓର ନିର୍ଦ୍ଦେଶକ ଆକାଶ ଅମ୍ବାନୀ କହିଛନ୍ତି ଯେ, ଏଆଇ-ଏମଏଲ, ଏଆର୍, ମେଟାଭର୍ସ ଓ ୱେବ୍ ୩.୦ ଭଳି କ୍ଷେତ୍ରରେ ଟୁ ପ୍ରତିଷ୍ଠାତା ଟିମ୍‌ର ଯେଉଁ ଦୃଢ଼ ଅଭିଜ୍ଞତା ଓ ଦକ୍ଷତା ରହିଛି, ତାହାକୁ ନେଇ ଆମେ ଅତ୍ୟନ୍ତ ପ୍ରଭାବିତ। ଇଣ୍ଟରାକ୍ଟିଭ୍ ଏଆଇ, ଇମର୍ସିଭ୍ ଗେମିଂ ଓ ମେଟାଭର୍ସ ଭଳି କ୍ଷେତ୍ରରେ ନୂତନ ଉତ୍ପାଦ ବିକାଶ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ସହାୟତା ପ୍ରଦାନ କରିବା ଲାଗି ଟୁ ସହିତ ମିଳିତ ଭାବେ କାର୍ଯ୍ୟ କରିବାକୁ ଆମେ ଲକ୍ଷ୍ୟ ରଖିଛୁ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଗନ୍ଧର୍ବ ସ୍ୱାଇଁ**
ରେଙ୍ଗାଲୋ, ନିମାପଡ଼ା, ପୁରୀ
ଆବିର୍ଭାବ- ତା୧୧।୦୧।୧୯୩୮
ତିରୋଧାନ- ତା୨୮।୦୧।୨୦୨୨

ଚାଲିଗଲ ତୁମେ କେଉଁ ଦୁନିଆକୁ
ବେସାହାରା କରି ଆମକୁ ।
ଯେତେ ଖୋଜିଲେବି ଆଖି ପାଉ ନାହିଁ
ଝୁରୁଅଛୁ ତୁମ ବାଟକୁ ।
ଏଗାର ଦିନର ଅଭାବ ଲାଗୁଛି
ଏଗାର ବରଷ ସମାନ ।
କେହି ଭରିବେନି ଏହି ଶୂନ୍ୟସ୍ଥାନ
କେମିତି କାଟିବୁ ଜୀବନ ।
ଥାଉ ଆଶୀର୍ବାଦ ଆମ ମଥା ପରେ
ଉଣା କରିବନି ଦୟାରୁ ।
ଯେଉଁଠାରେ ଅଛ ଭଲ ଥାଅ ବାପା
ପ୍ରଭୁ ଜଗନ୍ନାଥଙ୍କ କୃପାରୁ ।
ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁବର୍ଗ ।
ଧ-୨୩୦୬୭


# ନରଭକ୍ଷୀ ପାଲଟୁଛନ୍ତି ଡ୍ରଗ୍ସ ନିଶାଡ଼ି

**ତାଲିବାନର କାବୁଲ କବ୍‌ଜା ପରେ ଆଫ୍‌ଗାନବାସୀଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ସାଧାରଣ ଜୀବନଯାପନ ଉପରେ ଅଙ୍କୁଶ ଲଗାଇଥିବା ଶାସକ ଗୋଷ୍ଠୀ ନିଶାଡ଼ିମାନଙ୍କ ଉପରେ ଅତି କଠୋର ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ନିଶାନିବାରଣ କେନ୍ଦ୍ରରେ ନିଶାଖୋରଙ୍କୁ ଏକପ୍ରକାର ବନ୍ଦୀ କରିଦିଆଯାଇଛି। ଖାଦ୍ୟପାନୀୟ ଠିକ୍ ଭାବେ ଦିଆଯାଉନାହିଁ। ଫଳରେ ଭୋକ ବିକଳରେ ଅନେକ ଅନ୍ତେବାସୀ ନରଭକ୍ଷୀ ପାଲଟି ଗଲେଣି। ସେମାନେ ବିଲେଇ, କୁକୁର ଭଳି ପ୍ରାଣୀଙ୍କ କଞ୍ଚାମାଂସ ସମେତ ସାଥୀ ଅନ୍ତେବାସୀଙ୍କୁ ହତ୍ୟା କରି ଅଙ୍ଗପ୍ରତ୍ୟଙ୍ଗ ଖାଇଯାଉଛନ୍ତି।**

**କାବୁଲ:** ଆଫ୍‌ଗାନିସ୍ତାନରେ ଡ୍ରଗ୍ସ ସେବନ ବନ୍ଦ କରିବାକୁ ତାଲିବାନ ନିର୍ମାଣ କରିଛି ନିଶା ନିବାରଣ ଓ ଥଇଥାନ କେନ୍ଦ୍ର। ଏହି ରିହାବିଲିଟେଶନ ସେଣ୍ଟରରେ ହଜାର ହଜାର ସଂଖ୍ୟାରେ ନିଶାଖୋର ଭର୍ତ୍ତି ହୋଇଛନ୍ତି। ହେଲେ ପରିଚାଳନାରେ ଚରମ ଅବ୍ୟବସ୍ଥା କାରଣରୁ ଅନେକ ଅନ୍ତେବାସୀ ନରଭକ୍ଷୀ ପାଲଟି ଯାଇଛନ୍ତି। ଠିକ୍‌ଭାବେ ଖାଇବା, ପିଇବା ମିଳୁ ନ ଥିବାରୁ ସେମାନଙ୍କ ମଧ୍ୟରୁ କେତେଜଣ ସାଥୀ ଅନ୍ତେବାସୀଙ୍କୁ ହତ୍ୟାକରି ସେମାନଙ୍କ ମାଂସ ଖାଇଯାଉଛନ୍ତି।

ଗତ ସପ୍ତାହରେ ଆରୋଗ୍ୟ ଲାଭ କରିଥିବା ଜଣେ ବ୍ୟକ୍ତି ଡେନ୍‌ମାର୍କର ବରିଷ୍ଠ ସାମ୍ବାଦିକଙ୍କୁ ନିଶା ନିବାରଣ କେନ୍ଦ୍ର ଭିତରେ ଚାଲିଥିବା ଅମାନବୀୟ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ନରଭକ୍ଷୀ ପାଲଟି ଯାଇଥିବା ନିଶାଡ଼ିମାନେ ତାଙ୍କ ଆଖି ଆଗରେ ଜଣେ ଅନ୍ତେବାସୀଙ୍କୁ ପିଟି ପିଟି ମାରିଦେଲେ। ଏହାପରେ ମୃତଦେହକୁ ପୋଡ଼ି ଖାଇଗଲେ। ଅନ୍ୟଜଣେ ଅନ୍ତେବାସୀ ଅବ୍‌ଦୁଲ୍‌ଙ୍କ କହିବା କଥା, ସେ ଏକଦା ପାର୍କରେ ବୁଲୁଥିବାବେଳେ ଦଳେ ବ୍ୟକ୍ତି ଏକ ବିଲେଇର ତଣ୍ଟି କାଟି ତା'ର କଞ୍ଚାମାଂସ ଖାଇଯାଇଥିଲେ। ପ୍ରତିଦିନ ନିଶା ନିବାରଣ କେନ୍ଦ୍ରରେ ଏଭଳି ଜଘନ୍ୟ ଦୃଶ୍ୟ ଦେଖିବାକୁ ମିଳୁଛି। ଫଳରେ ଅନ୍ତେବାସୀମାନେ ଭୟଭୀତ ଅବସ୍ଥାରେ ଦିନ କାଟୁଛନ୍ତି।

ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ମାଦକଦ୍ରବ୍ୟର ଦେଶ ଭାବେ କୁଖ୍ୟାତି ଅର୍ଜନ କରିଛି



**ତାଲିବାନ ନିଶା ନିବାରଣ କେନ୍ଦ୍ରରେ ଦୟନୀୟ ଜୀବନ**

ଆଫ୍‌ଗାନିସ୍ତାନ। ଏଠାରୁ ପୃଥିବୀର ୮୦% ନିଶା ଦ୍ରବ୍ୟ ଉତ୍ପାଦନ କରାଯିବା ସହିତ ବିଭିନ୍ନ ଦେଶକୁ ଚାଲାଣ ହେଉଛି। 'ୟୁଏନ୍ ଅଫିସ୍ ଅଫ୍ ଡ୍ରଗ୍ସ ଆଣ୍ଡ୍ କ୍ରାଇମ୍'ର କାବୁଲ କାର୍ଯ୍ୟାଳୟର ପ୍ରମୁଖ ସିଜର ଗୁଡ୍‌ସ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଆଫ୍‌ଗାନିସ୍ତାନର ଆୟର ମୁଖ୍ୟସ୍ରୋତ ଅଫିମ। ପର୍ଯ୍ୟାପ୍ତ ଅଫିମ ଉତ୍ପାଦନ ଯୋଗୁ ଡ୍ରଗ୍ସର ମୂଲ୍ୟ ଶସ୍ତା ହୋଇଯାଇଛି। କମ୍ ଦାମ୍‌ରେ ମିଳୁଥିବାରୁ ସେଠାକାର ଲୋକମାନେ ଅଧିକ ଡ୍ରଗ୍ସ ସେବନ କରୁଛନ୍ତି, ଯାହା ସମସ୍ୟା ବଢ଼ାଇଛି।

## ଫୁର୍‌ସତ୍



### ହଲିଉଡ୍‌ରେ ଧନୁଷ

**ମୁମ୍ବାଇ:** ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ ଅଭିନେତା ଧନୁଷ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଟଲିଉଡ୍ ଓ ବଲିଉଡ୍ ସେ ଏବେ ହଲିଉଡ୍‌ରେ ନିଜର ଅଭିନୟର ଯାଦୁ ଦେଖାଇବେ। ହଲିଉଡ୍ ମୁଭି 'ଦ ଗ୍ରେ ମ୍ୟାନ'ରେ ଅଭିନେତା ଧନୁଷ ନଜର ଆସିବେ। ଏହି ଆକ୍ସନ ଥ୍ରିଲର ଫିଲ୍ମରେ ଧନୁଷଙ୍କ ଆକ୍ସନ ଦେଖିବାକୁ ମିଳିବ। ସିନେମାଟି ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମ ହେବ। ଆଣ୍ଟୋନି ଓ ଜୋ ରୁଷୋ ଏଥିରେ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମଟିର ଶୁଟିଂ ୨୦୨୧ରେ ସରିଥିବା ଜଣାପଡିଛି। ତେବେ ସିନେମା ଖୁବ୍‌ଶୀଘ୍ର ରିଲିଜ୍ ହେବ। ଏଥିରେ ଧନୁଷ ହଲିଉଡ୍ ଅଭିନେତା ରିୟାନ ଗୋଲିଙ୍ଗ ଓ କ୍ରିସ ଇଭାନ୍ସଙ୍କ ସହ ଫିଲ୍ମରେ ସ୍କ୍ରିନ ଶେୟାର କରିଛନ୍ତି।

# ୭ ଜନ୍ମ ପାଇଁ ସାଥି ହେଲେ କରିସ୍ମା, ବରୁଣ

**ମୁମ୍ବାଇ:** ବିବାହ ବନ୍ଧନରେ ବାନ୍ଧି ହେଲେ ଲୋକପ୍ରିୟ ଟେଲି ଅଭିନେତ୍ରୀ କରିସ୍ମା ତନ୍ନା ଓ ବରୁଣ ବଙ୍ଗେରା। ଶନିବାର ବିବାହ ସମ୍ପନ୍ନ ହେବା ପରେ ଉଭୟ ଦାମ୍ପତ୍ୟ ଜୀବନ ଆରମ୍ଭ କରିଛନ୍ତି। ଗତବର୍ଷ ନଭେମ୍ବରରେ ଉଭୟଙ୍କ ନିର୍ବନ୍ଧ ହୋଇଥିଲା। ବରୁଣ ଏକ ଧଳା ରଙ୍ଗର ଶେରୱାନୀ ପିନ୍ଧିଥିବାବେଳେ କରିସ୍ମା ଗୋଲାପୀ ରଙ୍ଗର ଲେହେଙ୍ଗାରେ ଖୁବ୍ ସୁନ୍ଦର ଦେଖାଯାଉଥିଲେ। ସୋସିଆଲ ମିଡିଆରେ ଦୁହିଁଙ୍କ ବିବାହ ଫଟୋ ଭାଇରାଲ ହୋଇଛି। କରିସ୍ମା ମଧ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ବିବାହ ବେଳର ଫଟୋ ଶେୟାର କରିଛନ୍ତି। ଉଭୟଙ୍କ ଲକ୍ଷାଧିକ ଫ୍ୟାନ୍ସ, ଫଲୋୟର୍ସ ରହିଥିବାବେଳେ ସମସ୍ତେ ନବ ଦମ୍ପତିଙ୍କ ସୁଖମୟ ଦାମ୍ପତ୍ୟ ଜୀବନର କାମନା କରିଛନ୍ତି।



# ଦୁଃଖ ବଖାଣିଲେ ଏରିକା

**ମୁମ୍ବାଇ:** ଅଭିନୟ ଯାଦୁରେ ଦର୍ଶକଙ୍କ ମନୋରଞ୍ଜନ କରୁଥିବା ସିନେ ଅଭିନେତ୍ରୀମାନେ ପରଦା ପଛରେ ଶୋଷଣର ଶିକାର ହେଉଥିବା କଥା କାହାରିକୁ ଅଛପା ନାହିଁ। କେତେବେଳେ ରଙ୍ଗ ତ ଆଉ କେତେବେଳେ ଶାରୀରିକ ଗଠନକୁ ନେଇ ସିନେ ନିର୍ମାତାମାନେ ମହିଳା କଳାକାରଙ୍କୁ ଶୋଷଣ କରୁଥିବା ଅଭିଯୋଗ ଆସୁଛି। ଟେଲିଭିଜନ୍ ଇଣ୍ଡଷ୍ଟ୍ରିର ପରିଚିତ ଚେହେରା ଏରିକା ଫର୍ନାଣ୍ଡିଜ୍ ସାଉଥ୍ ଫିଲ୍ମ ଇଣ୍ଡଷ୍ଟ୍ରିରେ 'ବଡି ଶେମିଂ'କୁ ନେଇ ତିକ୍ତ ଅନୁଭୂତି ବଖାଣିଛନ୍ତି। ତନୁପାତଳୀ ହୋଇଥିବାରୁ ସିନେମା ଶୁଟିଂ ସମୟରେ ସେ କିପରି ସମସ୍ୟାର ସମ୍ମୁଖୀନ ହୋଇଥିଲେ, ତାହା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି।

ତାମିଲ ସିନେମାରୁ କ୍ୟାରିୟର ଆରମ୍ଭ କରିଥିବା ଏରିକା କହିଛନ୍ତି, ଶାରୀରିକ ଗଠନ ଅତ୍ୟନ୍ତ ପତଳା ଥିବାରୁ ତାଙ୍କୁ ବିଭିନ୍ନ ସମୟରେ ଅସ୍ୱସ୍ତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଥିଲା। ଦକ୍ଷିଣ ଭାରତୀୟ ଅଭିନେତ୍ରୀଙ୍କ ଭଳି ଦେଖାଯିବା ଏବଂ କାମୋଦ୍ଦୀପକ ଦୃଶ୍ୟ ପାଇଁ ଥାଇ ପ୍ୟାଡ୍ ପିନ୍ଧିବାକୁ ପଡୁଥିଲା। ଓଜନଦାର ପୋଷାକ ବ୍ୟବହାର କରିବାକୁ ପଡୁଥିଲା। ସାରା ଶରୀରକୁ ସ୍ୱତନ୍ତ୍ର ଧରଣରେ ପ୍ୟାଡ୍‌ରେ ତାଙ୍କୁ ଦିଆଯାଉଥିଲା, ଯାହାକୁ ନେଇ ସେ ଅପମାନିତ ବୋଧ କରୁଥିଲେ। ହେଲେ ଏବେ ସମୟ ବଦଳିଛି। ଏଭଳି ସମସ୍ୟା ଅପସରିଯାଇଛି। ସବୁକିଛି ସ୍ୱାଭାବିକ ହୋଇଯାଇଥିବା ଏରିକା କହିଛନ୍ତି। ବ୍ୟକ୍ତିଗତ ଜୀବନ ବିଷୟରେ ଏରିକା କହିଛନ୍ତି, ସେ ସାଢ଼େ ୩ବର୍ଷ ଧରି ଏକ ସମ୍ପର୍କରେ ଥିଲେ। ଅଧିକାଂଶ କ୍ଷେତ୍ରରେ ସମ୍ପର୍କରେ ଥିବା ମଣିଷ ତାଙ୍କ ନାମ ସାର୍ବଜନୀନ କରିବାକୁ ଚାହାନ୍ତି ନାହିଁ। ଏହାକୁ ସେ ସମ୍ମାନ ଦେଇଛନ୍ତି। ହେଲେ ଏବେ ଏରିକା ସିଙ୍ଗଲ୍ ଥିବା ସ୍ପଷ୍ଟ କରିଛନ୍ତି।




**CLASSIFIED DISPLAY**
MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

**BHARAT FINANCE**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
Website: www.bharatpro.in
Dr B Ramarao Street, Suryaraopet, Vijayawada-520002
Call & WhatsApp No: 09015144671

**BIDISHA FINANCE**
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245 7653803952
Asrayagad, Gulaijang, Gajapati

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।



Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସୁସ୍ଥ ଜୀବନଶୈଳୀ ଅନ୍ତରାଳେ..



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଆଜିକାଲି ଅନେକେ ଆଧୁନିକ ଖାଦ୍ୟ ଶୈଳୀକୁ ଆପଣେଇ ନେଇଛନ୍ତି। ବର୍ଗର, ପିଜ୍ଜା, ଜେଲି, ଜାମ୍, କୁର୍‌କୁରେ,ପାଉଁରୁଟି, କେକ୍, ଚୌମିନ, ମ୍ୟାଗି, ଗୁପ୍‌ଚୁପ ତଥା ବିଭିନ୍ନ ପ୍ରକାର ଛଣା ଖାଦ୍ୟ ଅନେକଙ୍କର ପସନ୍ଦ ପାଲଟିଛି। ଏପରି ଖାଦ୍ୟ ସବୁବେଳେ ଖାଇଲେ ପେଟରେ ଏସିଡିଟି ସୃଷ୍ଟି ହେବା ସହ ବଦହଜମି, ଉଚ୍ଚରକ୍ତଚାପ, କିଡ୍‌ନୀ, ଲିଭର ଆଦିରେ ନାନାଦି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଥାଏ।"

ସମଗ୍ର ପୃଥିବୀରେ ଯେତେ ପ୍ରଜାତିର ପ୍ରାଣୀ ଅଛନ୍ତି ସମସ୍ତଙ୍କଠାରୁ ମନୁଷ୍ୟ ବୁଦ୍ଧିମାନ ତଥା ହିତାହିତ ଜ୍ଞାନ ରହିଥିବା ପ୍ରାଣୀଭାବେ ବିବେଚିତ। ହେଲେ ନିଜର ହେୟଜ୍ଞାନ,ଖାମଖିଆଲ ମନୋଭାବ ତଥା ଅବହେଳା ହେତୁ କେତେକ ନିଜର ଦୈନନ୍ଦିନ ଜୀବନଶୈଳୀକୁ ଏପରି ଢଙ୍ଗରେ ବିତାଇ ଥାଆନ୍ତି, ଯାହା ପରବର୍ତ୍ତୀ ସମୟରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ସେଗୁଡ଼ିକ ମଧ୍ୟରେ ଉଚ୍ଚ ରକ୍ତଚାପ, କ୍ୟାନ୍‌ସର, କିଡ୍‌ନୀ, ଲିଭରଜନିତ ରୋଗ, ଗ୍ୟାଷ୍ଟ୍ରିକ୍, ବଦହଜମି ଅନ୍ୟତମ। ଅନେକ ସମୟରେ ଏପରି ରୋଗର ଠିକ୍ ଚିକିତ୍ସା ହୋଇ ନ ପାରିଲେ ତାହା ଜଟିଳ ଆକାର ଧାରଣ କରିଥାଏ। କେବଳ ସେତିକି ନୁହେଁ, ଏଥିଯୋଗୁ ଖର୍ଚ୍ଚାନ୍ତ ହେବା ସହ ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଛି। ମନୁଷ୍ୟ ଧରାପୃଷ୍ଠରେ ସୁସ୍ଥ, ଆରୋଗ୍ୟ ଜୀବନଯାପନ କରିବା ଲାଗି ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ଅନେକ କଥା ଉଲ୍ଲେଖ ରହିଛି। ସେଥିପାଇଁ ଆମକୁ ନିଜର ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡିଥାଏ।

ଆଜିକାଲି ଅନେକେ ଆଧୁନିକ ଖାଦ୍ୟ ଶୈଳୀକୁ ଆପଣେଇ ନେଇଛନ୍ତି। ବର୍ଗର, ପିଜ୍ଜା, ଜେଲି, ଜାମ୍, କୁର୍‌କୁରେ,ପାଉଁରୁଟି, କେକ୍, ଚୌମିନ, ମ୍ୟାଗି, ଗୁପ୍‌ଚୁପ ତଥା ବିଭିନ୍ନ ପ୍ରକାର ଛଣା ଖାଦ୍ୟ ଅନେକଙ୍କର ପସନ୍ଦ ପାଲଟିଛି। ଏପରି ଖାଦ୍ୟ ସବୁବେଳେ ଖାଇଲେ ପେଟରେ ଏସିଡିଟି ସୃଷ୍ଟି ହେବା ସହ ବଦହଜମି, ଉଚ୍ଚରକ୍ତଚାପ, କିଡ୍‌ନୀ, ଲିଭର ଆଦିରେ ନାନାଦି ରୋଗ ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଉକ୍ତ ଖାଦ୍ୟ ସାମଗ୍ରୀରେ ଯେତିକି ଅର୍ଥ ବ୍ୟୟ ହୋଇଥାଏ ତାହାର ପ୍ରତିବଦଳରେ ସବୁଜ ପନିପରିବା, ପାଚିଲା ଫଳ, କ୍ଷୀର, ଘିଅ, ମହୁ ଆଦିକୁ ଦୈନନ୍ଦିନ ଖାଦ୍ୟ ରୂପେ ଗ୍ରହଣ କରିପାରିବା।





ଏପରି ଖାଦ୍ୟ ଖାଇବା ଦ୍ୱାରା ମନୁଷ୍ୟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ, ଯାହାଦ୍ୱାରା ଆମେ ନିଜକୁ ରୋଗଠାରୁ ଅନେକାଂଶରେ ଦୂରେଇ ରଖିପାରିବା। ଆମ ହାତ ପାହାନ୍ତାରେ ମିଳୁଥିବା କେତେକ ପ୍ରକୃତିଦତ୍ତ ଖାଦ୍ୟ ଖାଇବା ସହ ବ୍ୟାୟାମ, ଯୋଗ, ଆସନ, ପ୍ରଣାୟମ କଲେ ତାହା ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। କେତେକ ନିର୍ଦ୍ଦିଷ୍ଟ ସବୁଜ ପନିପରିବା– କଞ୍ଚା କଦଳୀ, ବିନ୍‌ସ, କ୍ଷୀର, ଗାଈ ଘିଅ, ଖଜରା ଆଦିକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ପ୍ରାତଃ କାଳରେ ସୂର୍ଯ୍ୟକିରଣରେ ପ୍ରଚୁର ପରିମାଣରେ ଭିଟାମିନ 'ଡି' ରହିଥାଏ, ଯାହାକି ଶରୀର ପାଇଁ ଅମୃତ ତୁଲ୍ୟ ଅଟେ।

ସବୁଜ ପନିପରିବା ମଧ୍ୟରେ କଞ୍ଚା କଦଳୀରେ ଭିଟାମିନ, ମିନେରାଲ, ଫାଇବର ଭରି ରହିଛି। ଏପରି ଖାଦ୍ୟ ଖାଇବା ଦ୍ୱାର କିଡ୍‌ନୀ କ୍ୟାନ୍‌ସର ଆଶଙ୍କା ଅନେକାଂଶରେ କମ୍ ଥାଏ। ତା' ସହ ଶରୀରରେ ରକ୍ତଶର୍କରା ପରିମାଣକୁ କମ୍ କରାଇବା ସହ ମେଦ ବହୁଳତାକୁ ହ୍ରାସ କରାଇଥାଏ। ବର୍ତ୍ତମାନ ହୃଦ୍‌ରୋଗ, ମଧୁମେହ, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର ଭଳି ବହୁ ଜଟିଳ ରୋଗର ସାମ୍ନା କରିବାକୁ ପଡୁଛି। କଞ୍ଚା କଦଳୀରେ ରେଜିଷ୍ଟାନ୍ସ ଷ୍ଟାର୍ଚ୍ଚ ଏବଂ ପେକଟିନ ନାମକ ପୋଷକ ତତ୍ତ୍ୱ ରହିଥିବାରୁ ଶରୀରରେ ରକ୍ତ ଶର୍କରାକୁ ସନ୍ତୁଳିତ କରିଥାଏ। ଶରୀରରେ ଜୀବନୀୟ ଶକ୍ତିକୁ ମଧ୍ୟ ବୃଦ୍ଧି କରାଇଥାଏ। ବିନ୍ସ ଶୀତଦିନେ ପର୍ଯ୍ୟାପ୍ତ ପରିମାଣରେ ମିଳିଥାଏ। ଏଥିରେ ଭିଟାମିନ–ଏ, ଭିଟାମିନ–ସି, ଭିଟାମିନ 'ବି–୬' ସହ କ୍ୟାଲସିୟମ, ମ୍ୟାଗନେସିୟମ, ଫଲିକ ଏସିଡ୍, ଆଇରନ, ପ୍ରୋଟିନ, ପୋଟାସିୟମ, କପର ଆଦି ଭରପୂର ରହିଛି। ଏପରି ଖାଦ୍ୟ ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ, ଏଭଳି ଖାଦ୍ୟ ଅସ୍ଥିକୁ ମଜଭୁତ ରଖିବାର ସହ ହୃଦ୍‌ରୋଗ ଆଶଙ୍କାକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ତା'ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇଥାଏ। ମହିଳାମାନଙ୍କର ଋତୁସ୍ରାବଜନିତ ସମସ୍ୟାକୁ ସନ୍ତୁଳିତ କରିବାରେ ସାହାଯ୍ୟ କରିଥାଏ। ଡାଳିମ୍ବରେ ପ୍ରଚୁର ଫାଇବର ସହ ଭିଟାମିନ–ଏ, ସି ଏବଂ ଡି ଭରିରହିଛି। ତେଣୁ ଡାଳିମ୍ବ ଖାଇବା ଦ୍ୱାରା ବିଭିନ୍ନ ବାତଜନିତ ସମସ୍ୟା ଦୂର ହେବାସହ ପାଚନ ଶକ୍ତି ବୃଦ୍ଧି ପାଇଥାଏ। ଡାଇରିଆ, ଅଲସର, ପ୍ରୋଷ୍ଟେଟ କ୍ୟାନସର,ସ୍କିନ କ୍ୟାନସର ଆଶଙ୍କାକୁ ହ୍ରାସ କରାଇଥାଏ। ଦୁର୍ବଳ ମାଂସପେଶୀକୁ ସୁଦୃଢ଼ କରି ମାଂସପେଶୀଜନିତ ଗଣ୍ଠି ଯନ୍ତ୍ରଣାକୁ ଦୂର କରେ। ଶରୀରରେ ପ୍ରଜନନ କ୍ଷମତାକୁ କ୍ରିୟାଶୀଳ କରାଇଥାଏ। ତେଣୁ ଡାଳିମ୍ବକୁ ଖାଦ୍ୟରେ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି। ଆୟୁର୍ବେଦ ଶାସ୍ତ୍ରରେ ଛେଳିକ୍ଷୀର ସ୍ୱାସ୍ଥ୍ୟ ଲାଗି ବହୁ ଉପକାରୀ ବୋଲି ବର୍ଣ୍ଣନା କରାଯାଇଛି। ଛେଳି ସାଧାରଣତଃ ପ୍ରତ୍ୟେକ ଗଛର ପତ୍ରକୁ ହିଁ ଖାଇଥାଏ, ତେଣୁ ଏହାର କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ଶକ୍ତି ରହିବା ସହ କ୍ୟାଲସିୟମ, ଫସଫରସ, ପୋଟାସିୟମ, ଆଇରନ, ମ୍ୟାଗନେସିୟମ, ସୋଡିୟମ, କାର୍ବୋହାଇଡ୍ରେଟ, ପ୍ରୋଟିନ, ଜିଙ୍କ୍ ସହ ଭିଟାମିନ–ଏ, ବି, ସି ଆଦି ମିଳିଥାଏ।

ମହୁକୁ ଆମେ ବିଭିନ୍ନ ପୂଜା ପାର୍ବଣ ଓ ଶୁଭ କାର୍ଯ୍ୟରେ ବ୍ୟବହାର କରିଥାଉ। ମହୁ ସେବନ କରିବା ଦ୍ୱାରା କ୍ୟାନ୍‌ସର, ହୃଦ୍‌ରୋଗ, ଲିଭର କୋଲେଷ୍ଟରଲ, ବ୍ରେଷ୍ଟ କ୍ୟାନ୍‌ସର, ଟ୍ୟୁମର ସୃଷ୍ଟି ଆଶଙ୍କା ହ୍ରାସ ପାଇଥାଏ। ସକାଳେ ମହୁକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଥଣ୍ଡାଜନିତ ସମସ୍ୟାରୁ ଅନେକାଂଶରେ ଉପଶମ ମିଳିଥାଏ। ଏହା ମଧ୍ୟ ରୋଗପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିଥାଏ।

ଗାଈ କ୍ଷୀରରେ ପ୍ରଚୁର ପରିମାଣରେ ଜୀବନୀୟ ଶକ୍ତି ଭରି ରହିଛି। ଏଥିରେ କୋଲେଷ୍ଟରଲ ଶୂନ ପ୍ରତିଶତ ଥାଏ। ଗାଈ କ୍ଷୀର ଓ ଗାଈଘିଅକୁ ଦୈନିକ ଖାଦ୍ୟ ଭାବରେ କିଛି କିଛି ପରିମାଣ ଗ୍ରହଣ କରିବା ଉଚିତ। ଗାଈଘିଅକୁ ନାକର ଦୁଇ ପୁଡ଼ାରେ ୧ରୁ ୨ ଟୋପା 'ନସ୍ୟ' ଭାବେ ଦିନରେ ଥରେ କିମ୍ବା ଦୁଇ ଥର ପକାଇଲେ କଣ୍ଠ ପ୍ରଦେଶରେ ବିଭିନ୍ନ ପ୍ରକାର ଭୂତାଣୁ ଓ ଜୀବାଣୁଜନିତ ସଂକ୍ରମଣ ଆଶଙ୍କା ହ୍ରାସ ପାଇଥାଏ।

ଖଜୁରିରେ ପ୍ରଚୁର ପରିମାଣରେ ଫାଇବର ଭରି ରହିଛି। ଏହାକୁ ଖାଇବା ଦ୍ୱାରା କଫ ଓ ଥଣ୍ଡା ଜନିତ ସମସ୍ୟା ଦୂର ହୁଏ। ଦୈନନ୍ଦିନ ଜୀବନଶୈଳୀରେ ଆମେ ଉପରୋକ୍ତ ଖାଦ୍ୟଦ୍ରବ୍ୟଗୁଡ଼ିକୁ ଗ୍ରହଣ କରିବା ଦ୍ୱାରା ମନୁଷ୍ୟ ପ୍ରାୟତଃ ଦୀର୍ଘାୟୁ ହେବ ବୋଲି ଆମର ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ଲିପିବଦ୍ଧ ହୋଇ ରହିଛି।

– ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ : ୭୮୯୪୧୧୨୪୮୭

## ଅଜୀର୍ଣ୍ଣର ଘରୋଇ ଉପଚାର



ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲେ ଅଜୀର୍ଣ୍ଣ ସମସ୍ୟା ଦେଖାଯାଏ। ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା, ଇଚ୍ଛା ନ ଥାଇ ଖାଇବା, ଅନିୟମିତ ଭୋଜନ, ବାରମ୍ବାର ଖାଇବା, ଭୋକ ନ ଲାଗିଲେ ବି ଖାଇବା, ଅଧିକ ଉପବାସ ରହିବା କିମ୍ବା ଅଧିକ ତେଲମସଲାରେ ପ୍ରସ୍ତୁତ ଖାଦ୍ୟ ଅଧିକ ଖାଇବା ଦ୍ୱାରା ଏପରି ଆଶଙ୍କା ରହିଛି। ତେବେ ଏଭଳି କେତୋଟି ଘରୋଇ ଉପଚାର ରହିଛି, ଯାହାକୁ ଆପଣେଇ ପାରିଲେ ଅଜୀର୍ଣ୍ଣ ସମସ୍ୟାର ସମାଧାନ ଅନେକାଂଶରେ କରିପାରିବା। ଖାଇ ସାରିବା ପରେ ଏକ ଚାମଚ ଅଦାରସରେ ଲେମ୍ବୁ ଏବଂ ମହୁ ମିଶାଇ ଖାଆନ୍ତୁ। ପ୍ରତିଦିନ ନିମ୍ବପତ୍ର ରସ ସେବନ କରନ୍ତୁ। ଏହାଦ୍ୱାରା ପାଚନ କ୍ରିୟା ଆହୁରି ଦୃଢ଼ ହୋଇଥାଏ। ଅଜୀର୍ଣ୍ଣ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ଅତିକମରେ ରାତି ୧୦ଟା ପୂର୍ବରୁ ରାତ୍ରଭୋଜନ ସାରି ଦିଅନ୍ତୁ। ଏହାପରେ କିଛି ସମୟ ବଜ୍ରାସନ କରନ୍ତୁ କିମ୍ବା ବାହାରେ କିଛି ସମୟ ବୁଲିଆସନ୍ତୁ। ଅଜୀର୍ଣ୍ଣ ଯୋଗୁ ବାନ୍ତି ହେଉଥିଲେ ଅଦାରସ ଓ ଲେମ୍ବୁ ରସକୁ ସମଭାଗରେ ନେଇ ଏହାକୁ ଅଧାକପ୍ ପାଣିରେ ମିଶାଇ ଦିନକୁ ୩ଥର ପିଅନ୍ତୁ। ଖାଇବା ପରେ ଅଳ୍ପ ପରିମାଣର ପାନମହୁରି ଚୋବାଇ ଖାଆନ୍ତୁ, ଯାହା ଅଜୀର୍ଣ୍ଣ ସମସ୍ୟା ଦୂର କରିବାରେ କେତେକାଂଶରେ ସହାୟକ ହୋଇଥାଏ।

## ଦିନରେ ଅଧିକ ନିଦ ଲାଗିଲେ..



ଦିନତମାମ ଆମେ ନିଜକୁ ବିଭିନ୍ନ କାମରେ ବ୍ୟସ୍ତ ରଖିଥାଉ। ତେଣୁ ସେହି ଅନୁସାରେ ରାତିରେ ଆବଶ୍ୟକ ପରିମାଣର ଶୋଇବା ନିହାତି ଦରକାର। ନ ହେଲେ ଆମେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ତେବେ ଏପରି କେତେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଦିନରେ ଅଧିକ ଶୋଇଥାଆନ୍ତି। ଅନେକ ସମୟରେ ସେମାନଙ୍କୁ ନିଦୁଆ ଲାଗିଥାଏ। ତେବେ ଏପରି ସମସ୍ୟା ଦୀର୍ଘ ମାସ ଧରି ଲାଗି ରହିଲେ ତାହାକୁ ଏକ ରୋଗର ଲକ୍ଷଣ ଭାବରେ ନିଆଯାଇଥାଏ ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ୍ ୱାଶିଂଟନର ବିଶେଷଜ୍ଞମାନେ। 'ଦିନରେ ଅଧିକ ନିଦ ଲାଗିବା ଏବଂ ଆଲଜିମର୍ସ ସମସ୍ୟା' ଶୀର୍ଷକ ବିଷୟକୁ ନେଇ ଏମାନେ ଏକ ସର୍ଭେ କରିଥିଲେ। ଏଥିରୁ ସେମାନେ ଜାଣିପାରିଲେ ଯେ, ଯେଉଁମାନେ ଦିନରେ ଅଧିକ ସମୟ ଶୁଅନ୍ତି ସେମାନେ ଭବିଷ୍ୟତରେ ଆଲଜିମର୍ସ ପରି ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ସର୍ଭେ ପରିସରଭୁକ୍ତ ପ୍ରାୟ ୩୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଏପରି ଲକ୍ଷଣ ସେମାନେ ଦେଖିବାକୁ ପାଇଥିଲେ। ଯଦି ଆପଣ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ଆଲୋଚୋନା କରନ୍ତୁ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ହୃଦ୍‌ରୋଗ : କିଛି କଥା



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ରୋଗଗୁଡ଼ିକ ମଧ୍ୟରୁ ହୃଦ୍‌ରୋଗ ଅନ୍ୟତମ। ନିଶାଦ୍ରବ୍ୟ ସେବନ, ଅଧିକ ଜଙ୍କ୍‌ଫୁଡ୍‌ଜାତୀୟ ଖାଦ୍ୟ ଖାଇବା, ଉଚ୍ଚ ରକ୍ତଚାପ, ଡାଇବେଟିସ, ମେଦବହୁଳତା ଯୋଗୁ ହୃଦ୍‌ଜନିତ ସମସ୍ୟା ଆଶଙ୍କା ଅଧିକ ଥାଏ। ବାହୁ ପାଖରେ ଧୀରେ ଧୀରେ ଯନ୍ତ୍ରଣା ହେବା, ଛାତିଯନ୍ତ୍ରଣା, ଅଣନିଃଶ୍ୱାସୀ ଲାଗିବା, ବାନ୍ତି ବାନ୍ତି ଲାଗିବା, ବାନ୍ତି ହେବା, ହାଲିଆ ଲାଗିବା ପରି ଲକ୍ଷଣ ଦେଖାଯାଏ। ହୃଦ୍‌ରୋଗଠାରୁ ନିଜକୁ ଦୂରେଇ ରଖିବା ଲାଗି କୋଲେଷ୍ଟରଲ, ରକ୍ତଚାପ ଓ ମଧୁମେହକୁ ସବୁବେଳେ ନିୟନ୍ତ୍ରଣରେ ରଖନ୍ତୁ। ମାନସିକ ଚାପଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରୁହନ୍ତୁ। ରାତିସାରା ଅନିଦ୍ରା ରୁହନ୍ତୁ ନାହିଁ। ଗ୍ୟାଷ୍ଟ୍ରିକ କିମ୍ବା କିଡ୍‌ନୀଜନିତ ରୋଗ ହୋଇଥିଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ଛେଳି ମାଂସ, ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଅଳ୍ପ ପରିଶ୍ରମ କରି ଅଧିକ ଧଇଁସଇଁ ହୋଇଗଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଅଧିକ ତେଲ ମସଲା ଖାଦ୍ୟ ଯେତେ କମ୍ ଖାଇଲେ ତାହା ସେତେ ଭଲ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ବର୍ଜନ କରନ୍ତୁ। ଯଦି ଆପଣଙ୍କର ହୃଦ୍‌ଜନିତ ସମସ୍ୟା ରହିଛି, ତେବେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ନିୟମିତ ଔଷଧ ଖାଆନ୍ତୁ। ତା' ସହ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।

## ବ୍ୟାୟାମ ଓ ଭ୍ରାନ୍ତ ଧାରଣା

**ଆମେ ସୁସ୍ଥ ରହିବା ପଛରେ ଖାଦ୍ୟପେୟ, ସନ୍ତୁଳିତ ଜୀବନଶୈଳୀ ବ୍ୟତୀତ ବ୍ୟାୟାମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏ ସମ୍ପର୍କରେ କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ବ୍ୟାୟାମକୁ ନେଇ ଥିବା ଏଭଳି ଧାରଣା ସମ୍ପର୍କରେ..**

ଅନେକ ଲୋକ ଭାବିଥାନ୍ତି କି ଶାରୀରିକ ବ୍ୟାୟାମ ବେଳେ ଝାଳ ବାହାରିଥାଏ। ଆଉ ଝାଳ ବାହାରିଲେ ହିଁ ଜଣେ ଠିକ୍ ବ୍ୟାୟାମ କରିଛି ବୋଲି ଜଣାପଡ଼େ। ହେଲେ ଏହା ସମ୍ପୂର୍ଣ୍ଣ ଭୁଲ୍‌ଧାରଣା। ଝାଳ ବୋହିବାର ପ୍ରକୃତ ଅର୍ଥ ହେଉଛି ଏହା ଶରୀରକୁ ଥଣ୍ଡା ରଖିଥାଏ। ସାଧାରଣତଃ ଜଣେ ଲୋକ ଆକ୍ଟିଭ୍ ଥିବାବେଳେ ବି ତା' ଦେହରୁ ଝାଳ ବୋହିଥାଏ। ବାସ୍ତବରେ ବ୍ୟାୟାମ ଦ୍ୱାରା ଶରୀରକୁ ଫିଟ୍ ରଖିବା ଝାଳ ବୋହିବା ଉପରେ ନିର୍ଭର କରେ ନାହିଁ।

ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀରର ଫ୍ୟାଟ୍‌ଗୁଡ଼ିକ ମାଂସପେଶୀରେ ପରିଣତ ହୁଏ ବୋଲି ଅନେକ ଲୋକଙ୍କର ଧାରଣା ଥାଏ। ହେଲେ,ଏମିତି କେବେ ବି ହୁଏ ନାହିଁ। କାରଣ ଗୋଟେ କୋଷ (ସେଲ୍) ଆଉ ଗୋଟେ କୋଷରେ କେବେ ପରିଣତ ହୋଇ ପାରେ ନାହିଁ। ଯୋଗ, ବ୍ୟାୟାମ କରିବା ଦ୍ୱାରା ଶରୀରର ମାଂସପେଶୀଗୁଡ଼ିକ ଶକ୍ତ ହୁଏ, କ୍ୟାଲୋରି ବଢ଼େ ଏବଂ ଫ୍ୟାଟ କମିଥାଏ।

ମହିଳାମାନେ ଲିଫ୍ଟିଙ୍ଗ୍ କରିବା ଦ୍ୱାରା ପୁରୁଷମାନଙ୍କଠାରୁ ଅଧିକ ଶକ୍ତିଶାଳୀ ହୋଇପାରନ୍ତି, ଏହା ବି ସମ୍ପୂର୍ଣ୍ଣ ଭ୍ରାନ୍ତଧାରଣା। ମହିଳାମାନଙ୍କଠାରେ ପୁରୁଷମାନଙ୍କ ଭଳି ଟେଷ୍ଟୋଷ୍ଟେରନ୍ ନ ଥାଏ। ଏହା ସତ ଯେ, ବ୍ୟାୟାମ କରିବା ଦ୍ୱାରା ସେମାନେ ନିଜର ଫିଜିକାଲ୍ ଫିଟନେସ୍ ବଜାୟ ରଖିପାରନ୍ତି। ମହିଳାମାନେ ଯଦି ନିଜର ମାଂସପେଶୀକୁ ବଢ଼ାଇବାକୁ ଚାହାନ୍ତି, ତେବେ ସେମାନେ ଅଧିକ ଓଜନର ଲିଫ୍ଟିଙ୍ଗ୍ ନ କରି କମ୍ ଓଜନର ଲିଫ୍ଟିଙ୍ଗ୍‌କୁ ବ୍ୟବହାର କରନ୍ତୁ।

ଶରୀରରେ କ୍ୟାଲୋରିର ପରିମାଣକୁ କମାଇଦେବା ଦ୍ୱାରା ମୋଟାପଣ କମିଯାଏ ବୋଲି ଅନେକଙ୍କ ମନରେ ଧାରଣା ରହିଛି। ହେଲେ ଏଭଳି ଧାରଣା ଆଦୌ ଠିକ୍ ନୁହେଁ। ମୋଟାପଣକୁ କମାଇବାର ମୁଖ୍ୟ ମାଧ୍ୟମ ହେଉଛି ବ୍ୟାୟାମ। ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିଥାଏ, ଫଳରେ ମୋଟାପଣ ଆପେ ଆପେ କମିଥାଏ।



 କେତେକ ବ୍ୟାୟାମ କରିବା ପୂର୍ବରୁ ଷ୍ଟ୍ରେଚିଙ୍ଗ୍ କରିଥାନ୍ତି, ଯାହାର ନକାରାତ୍ମକ ପ୍ରଭାବ ଶରୀର ଉପରେ ପଡ଼ିଥାଏ। ସବୁବେଳେ ବ୍ୟାୟାମ କରିସାରିବା ପରେ ଷ୍ଟ୍ରେଚିଙ୍ଗ୍ କରିବା ଶରୀର ପାଇଁ ଲାଭଦାୟକ।

ଏତଦ୍‌ବ୍ୟତୀତ ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ ବିଳମ୍ବ ନ କରି କିଛି ସମୟ ବିଶ୍ରାମ କରନ୍ତୁ। ଏ ବିଷୟରେ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ବ୍ୟାୟାମ କରିବା ପୂର୍ବରୁ ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହାର ସମୟ ନିର୍ଦ୍ଦିଷ୍ଟ ସମୟ ପ୍ରସ୍ତୁତ କରନ୍ତୁ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ଯୋଗ, ବ୍ୟାୟାମ କରନ୍ତୁ। ବ୍ୟାୟାମ କରିବାର ଠିକ୍ ପୂର୍ବରୁ ଏବଂ ଶେଷ ହେବା ସାଙ୍ଗେ ସାଙ୍ଗେ ଆଦୌ ପାଣି ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ଆଉ ଯଦି ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ବ୍ୟାୟାମରୁ ବିରତ ରୁହନ୍ତୁ।



## ସ୍ୱାସ୍ଥ୍ୟ ସୂଚନା



- ଉପଯୁକ୍ତ ଡାକ୍ତରଙ୍କ ପରାମର୍ଶ କ୍ରମେ ଏବଂ ଠିକ୍ ସମୟ ବ୍ୟବଧାନରେ ନିଜର ବ୍ଲଡ୍ ପ୍ରେସର୍‌କୁ ଚେକ୍ କରନ୍ତୁ।
- ପ୍ରତିଦିନ ସକାଳ ଜଳଖିଆରେ ଗୋଟେ କିମ୍ବା ଦୁଇଟି ଟମାଟୋ ସାମିଲ କରନ୍ତୁ। ଏହା ଶରୀରରେ ଚର୍ବି ଅଂଶ କମାଇଥାଏ।
- ମନରେ ଶାନ୍ତି ଓ ସକାରାତ୍ମକ ଭାବନା ପାଇଁ ପ୍ରତିଦିନ କିଛି କିଛି ସମୟ ପ୍ରାର୍ଥନା କରନ୍ତୁ। ଏହା ମସ୍ତିଷ୍କ ଉପରେ ସୁପ୍ରଭାବ ପକାଇବ।
- ଦାନ୍ତ ଘଷିଲା ବେଳେ ଆଦୌ ତରବର ହୁଅନ୍ତୁ ନାହିଁ। ଅତି କମ୍‌ରେ ଦୁଇକୁ ତିନି ମିନିଟ୍ ଯାଏ ଭଲଭାବେ ଘଷନ୍ତୁ। ଦିନକୁ ଦୁଇ ଥର (ସକାଳେ ଏବଂ ରାତ୍ରଭୋଜନ ପରେ) ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ।
- କୌଣସି ବ୍ୟକ୍ତି ଯଦି ଗୁରୁତର ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି, ତେବେ ତାଙ୍କ ପାଖରେ ସେ ରୋଗ ବିଷୟରେ ଆଲୋଚନା କରନ୍ତୁ ନାହିଁ। ଏହାର ନକାରାତ୍ମକ ପ୍ରଭାବ ତାଙ୍କ ମାନସିକତାକୁ ପ୍ରଭାବିତ କରିବାର ଆଶଙ୍କା ଥାଏ।
- ନିଜକୁ ଅବସାଦଠାରୁ ଯେତେସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ, ଯାହା ଆପଣଙ୍କ ମନକୁ ଶାନ୍ତି ପ୍ରଦାନ କରିବ।

## ଉପକାରୀ ମିଶ୍ରି

**ମିଶ୍ରିକୁ ଉଭୟ ଖାଦ୍ୟ ଓ ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ଏଥିରେ ଭିଟାମିନ, ମିନେରାଲ୍ସ ଏବଂ ଆମିନୋ ଏସିଡ୍ ଭରିରହିଛି। ଜାଣନ୍ତୁ ଏହାର ଉପକାରୀ ଗୁଣ ସମ୍ପର୍କରେ...**

- ଯଦି ଆପଣଙ୍କର ଲଗାତର କାଶ ହେଉଛି କିମ୍ବା ତଣ୍ଟି ଦରଜ ହେଇଛି ତେବେ ମିଶ୍ରିକୁ ତେଜପତ୍ର ଏବଂ ଅଦା ସହ ଫୁଟାଇ ପିଇପାରିବେ।
- ଶରୀରରେ ହିମୋଗ୍ଲୋବିନ ସ୍ତର କମ୍ ଥିଲେ ନିୟମିତ ଭାବରେ ମିଶ୍ରି ଖାଆନ୍ତୁ। ଏହା ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ।
- ମିଶ୍ରି ହଜମ ପ୍ରକ୍ରିୟାକୁ ବଢ଼ାଇଥାଏ। ପାନମହୁରି ସହ ମିଶ୍ରି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ବଢାଇଥାଏ।
- ଲୋ ବ୍ଲଡ୍‌ପ୍ରେସରରେ ପୀଡିତ ବ୍ୟକ୍ତି ପ୍ରତିଦିନ ମିଶ୍ରି ଖାଇବା ଦ୍ୱାରା ରକ୍ତଚାପ ସନ୍ତୁଳିତ ରହିଥାଏ।
- ଚାପର ବଶବର୍ତ୍ତୀ ହୋଇଥିଲେ କିମ୍ବା ଥକ୍କା ଲାଗୁଥିଲେ ଶୋଇବା ପୂର୍ବରୁ ମିଶ୍ରିକୁ ଗରମ କ୍ଷୀରରେ ମିଶାଇ ପିଅନ୍ତୁ। ଏହା ସ୍ମରଣଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ।
- ପ୍ରତିଦିନ ମିଶ୍ରି ଖାଇବା ଦ୍ୱାରା ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା କମ୍ ଥାଏ।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୧୦୦୦ତମ ଦିନିକିଆରେ ଭାରତ ବିଜୟୀ



ମ୍ୟାନ୍ ଅଫ୍ ଦି ମ୍ୟାଚ ୟୁଜବେନ୍ଦ୍ର ଚହଲ।

- ୱେଷ୍ଟଇଣ୍ଡିଜ୍‌କୁ ୬ ଉଇକେଟରେ ହରାଇଲା
- ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ

**ଅହମଦାବାଦ, ୬।୨**

ତାରକା ସ୍ପିନର ୟୁଜ୍‌ବେନ୍ଦ୍ର ଚହଲ ଓ ୱାଶିଂଟନ ସୁନ୍ଦରଙ୍କ ଚତୁର ବୋଲିଂ ପରେ ଅଧିନାୟକ ରୋହିତ ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ଭାରତ ଏହାର ୧୦୦୦ତମ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ବିଜୟୀ ହୋଇଛି। ରବିବାର ଅନୁଷ୍ଠିତ ସିରିଜର ପ୍ରଥମ ଦିନିକିଆରେ ୱେଷ୍ଟଇଣ୍ଡିଜ୍‌କୁ ୬ ଉଇକେଟରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଫଳରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିଛି। ଭାରତୀୟ ବୋଲିଂକୁ ଉଚିତ ମୁକାବିଲା କରି ନ ପାରି ୱେଷ୍ଟଇଣ୍ଡିଜ ୪୩.୫ ଓଭରରେ ୧୭୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଭାରତ ୨୮ ଓଭରରେ ୪ ଉଇକେଟ ହରାଇ ୧୭୮ ରନ୍ ସଂଗ୍ରହ କରିନେଇଥିଲା। ଟପ୍ ଅର୍ଡରରେ ଥିବା ରୋହିତ ୫୧ ବଲ୍‌ରୁ ୬୦ (୧୦ ଚୌକା, ୧ ଛକା) ଓ ଇଶାନ କିଶନ ୩୬ ବଲ୍‌ରୁ ୨୮ ରନ୍ କରି ଭାରତକୁ ଭଲ ଆରମ୍ଭ ଦେଇଥିଲେ। ଓପନିଂ ଯୋଡ଼ିରେ ଦୁହେଁ ୧୩.୧ ଓଭରରୁ ୮୪ ରନ୍ ଯୋଗ କରିଥିଲେ। ବିରାଟ କୋହଲି (୮) ଓ ରିଷଭ ପନ୍ତ (୧୧/ରନ୍‌ଆଉଟ) ଯଦିଓ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିଲେ ତେବେ ସୂର୍ଯ୍ୟକୁମାର ଯାଦବ ୩୪ (୩୬ ବଲ, ୫ ଚୌକା) ଓ ଦୀପକ ହୁଦା ୨୬ (୩୨ ବଲ୍, ୨ ଚୌକା) ରନ୍‌ରେ ଅପରାଜିତ ରହି ୨୮ ଓଭରରେ ଭାରତକୁ ବିଜୟୀ କରାଇଥିଲେ। ଅସମାପ୍ତ ୫ମ ଉଇକେଟରେ ଦୁହେଁ ୬୨ ରନ୍ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଆଲଜାରି ଜୋସେଫ ୨ଟି ଓ ଆକେଲ ହୁସେନ ଗୋଟିଏ ଉଇକେଟ ନେଇଥିଲେ। ଭାରତ ଟସ୍ ଜିତି ପ୍ରଥମେ ୱେଷ୍ଟଇଣ୍ଡିଜକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ମାତ୍ର ମହମ୍ମଦ ସିରାଜ ନିଜ ମ୍ୟାଚ୍‌ର ତୃତୀୟ ଓଭରରେ ଶାଇ ହୋପ୍ (୮ରନ)ଙ୍କୁ କ୍ଲିନ୍ ବୋଲ୍ଡ କରି ଭାରତକୁ ପ୍ରଥମ ସଫଳତା ଦେଇଥିଲେ। ଫଳରେ ୱେଷ୍ଟଇଣ୍ଡିଜ ୧୩ ରନ୍‌ରେ ପ୍ରଥମ ଉଇକେଟ ହରାଇଥିଲା। ବ୍ରେଣ୍ଡନ କିଙ୍ଗଙ୍କ ସହ ଡାରେନ ବ୍ରାଭୋ କ୍ରିଜରେ ଯୋଗଦେଇ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଦ୍ୱିତୀୟ ଉଇକେଟରେ ମାତ୍ର ୩୧ ରନ୍ ଯୋଗ କରିବା ପରେ ଭାରତୀୟ ସ୍ପିନର ୱାଶିଂଟନ ସୁନ୍ଦରଙ୍କ ଶିକାର ହୋଇଥିଲେ କିଙ୍ଗ୍। ସେ ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ଟପ୍ ଅର୍ଡର ପରି ମିଡଲ ଅର୍ଡରରେ ମଧ୍ୟ ସେପରି କେହି ପ୍ରଭାବୀ ବ୍ୟାଟିଂ କରିପାରି ନ ଥିଲେ। ବ୍ରାଭୋ ୧୮, ନିକୋଲସ ପୁରନ ୧୮ ଓ ଶାମରା ବ୍ରୁକ୍ସ ୧୨ ରନ୍ କରିପାରିଥିବାବେଳେ ଅଧିନାୟକ କିରନ ପୋଲାର୍ଡ ଓ ଆକେଲ ହୋସେନ ଖାତା ଖୋଲିପାରି ନ ଥିଲେ। ଫଳରେ ୭୯ ରନ୍ ମଧ୍ୟରେ ୱେଷ୍ଟଇଣ୍ଡିଜ ୭ଟି ଉଇକେଟ ହରାଇ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତେବେ ଅଲ୍‌ରାଉଣ୍ଡର ଜାସନ ହୋଲ୍ଡରଙ୍କ ଲଢୁଆ ୫୭ ଏବଂ ଶେଷଭାଗରେ ଫାବିଆନ ଆଲେନ ୨୯ ରନ୍ କରିବାରୁ ୱେଷ୍ଟଇଣ୍ଡିଜର ସମ୍ମାନ ରକ୍ଷା ହୋଇଥିଲା। ଦଳ ୪୩.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୭୬ ରନ କରିଥିଲା। ଭାରତ ପକ୍ଷରୁ ୟୁଜ୍‌ବେନ୍ଦ୍ର ଚହଲ ୪ଟି, ୱାଶିଂଟନ ସୁନ୍ଦର ୩ଟି, ପ୍ରସିଦ୍ଧ କ୍ରିଷ୍ଣା ୨ଟି ଓ ମହମ୍ମଦ ସିରାଜ ଗୋଟିଏ ଉଇକେଟ ନେଇଥିଲେ। ୨୦ତମ ଓଭରରେ ଚହଲ କ୍ରମାଗତ ୨ଟି ଉଇକେଟ ନେଇଥିଲେ। ପୁରନଙ୍କୁ ଆଉଟ କରି ସେ ନିଜ ଦିନିକିଆ କ୍ରିକେଟ କ୍ୟାରିୟରରେ ୧୦୦ତମ ଉଇକେଟ ପୂରଣ କରିଥିଲେ। ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ ୪୩.୫ ଓଭରରେ ୧୭୬/ଅଲ୍‌ଆଉଟ (ଜାସନ ହୋଲ୍ଡର-୫୭, ଫାବିଆନ ଆଲେନ ୨୯, ୟୁଜ୍‌ବେନ୍ଦ୍ର ଚହଲ-୪/୪୯, ୱାଶିଂଟନ ସୁନ୍ଦର-୩/୩୦, ପ୍ରସିଦ୍ଧ କ୍ରିଷ୍ଣା-୨/୨୯, ମହମ୍ମଦ ସିରାଜ-୧/୨୬)। ଭାରତ ୨୮ ଓଭରରେ ୧୭୮/୪( ରୋହିତ ଶର୍ମା-୬୦, ସୂର୍ଯ୍ୟକୁମାର ଯାଦବ-୩୪*, ଦୀପକ ହୁଦା-୨୬*, ଆଲଜାରି ଜୋସେଫ-୨/୪୫, ଆକେଲ ହୋସେନ-୧/୪୬)।

### କଳା ଆର୍ମବ୍ୟାଣ୍ଡ ପିନ୍ଧିଲେ ଭାରତୀୟ ଖେଳାଳି

ପରଲୋକ ଗମନ କରିଥିବା କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସ୍‌କରଙ୍କୁ ସମ୍ମାନ ଜଣାଇ ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ କ୍ରିକେଟ ମ୍ୟାଚ୍‌ରେ ଭାରତୀୟ ଖେଳାଳିମାନେ କଳା ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ଭାରତ ରତ୍ନ ଲତା କ୍ରିକେଟ୍‌କୁ ଭଲପାଇବା ସହ ସର୍ବଦା ନିଜ ସମର୍ଥନ ଜଣାଇ ଆସୁଥିଲେ। ସବୁବେଳେ ସେ ଟିମ୍ ଇଣ୍ଡିଆକୁ ସମର୍ଥନ କରୁଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଲତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଅହମଦାବାଦ୍‌ର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯାଇଛି। ରାଜ୍ୟ କ୍ରିକେଟ ଆସୋସିଏଶନ ପକ୍ଷରୁ କୌଣସି ସେଲିବ୍ରେଶନ କରାଯିବନାହିଁ ବୋଲି ନିଷ୍ପତ୍ତି ହୋଇଥିବା ଗୁଜରାଟ କ୍ରିକେଟ ଆସୋସିଏଶନର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

## ଓଡ଼ିଶା ଏଫ୍‌ସି ଆଜି ଇଷ୍ଟବେଙ୍ଗଲକୁ ଭେଟିବ

**ଭାସ୍କୋ, ୬।୨:** ଇଣ୍ଡିଆନ ସୁପରଲିଗ୍‌ରେ ଭୁବନେଶ୍ୱରଭିତ୍ତିକ ଓଡ଼ିଶା ଏଫ୍‌ସି ସୋମବାର ଇଷ୍ଟବେଙ୍ଗଲ ସହ ମୁକାବିଲା କରିବ। ଚଳିତ ବର୍ଷ ସଂଘର୍ଷର ସମ୍ମୁଖୀନ ହୋଇଥିବା ଇଷ୍ଟବେଙ୍ଗଲ ଗତ ମ୍ୟାଚରେ କିନ୍ତୁ ଏକଦା ୦-୨ ଗୋଲରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ମ୍ୟାଚକୁ ଡ୍ର ରଖିଥିଲା। ଏହି ଦଳ ୧୫ଟି ମ୍ୟାଚ ଖେଳି ସାରିଥିବାବେଳେ କେବଳ ଗୋଟିଏ ମ୍ୟାଚରେ ଗୋଆ ବିପକ୍ଷରେ ବିଜୟ ସ୍ୱାଦ ପାଇଛି। ୭ ମ୍ୟାଚ ଡ୍ର ରଖିଥିବାବେଳେ ୭ ମ୍ୟାଚରେ ପରାଜିତ ହୋଇ ୧୫ ମ୍ୟାଚରୁ ୧୦ ପଏଣ୍ଟ ପାଇଛି। ଓଡ଼ିଶା ଏଫ୍‌ସି ମଧ୍ୟ ଉତ୍‌ଥାନ ପତନ ମଧ୍ୟଦେଇ ଗତି କରୁଛି। ଦଳ ୧୪ ମ୍ୟାଚରୁ ୫ ବିଜୟ, ୩ ବିଜୟ ଓ ୬ ପରାଜୟ ସହ ୧୮ ପଏଣ୍ଟ ପାଇଛି। ରବିବାର ଫତୋର୍ଦାରେ ଅନୁଷ୍ଠିତ ମ୍ୟାଚରେ ଏଟିକେ ମୋହନବାଗାନ ୧-୦ ଗୋଲରେ ଚେନ୍ନାଇନ୍ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୮୫ତମ ମିନିଟରେ ଏଟିକେ ପକ୍ଷରୁ ବିକ୍ରମ ସିଂ ଏକମାତ୍ର ଗୋଲଟି ସ୍କୋର କରିଥିଲେ।

# ଓଡ଼ିଶା ରଣଜୀ ଦଳ ଘୋଷିତ

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନର ସିନିୟର ଚୟନ କମିଟି ପକ୍ଷରୁ ରବିବାର ରାଜ୍ୟ ରଣଜୀ ଟ୍ରଫି ଦଳ ଘୋଷଣା କରାଯାଇଛି। ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଖେଳାଳି ତାଲିକା ପ୍ରକାଶ କରିଛନ୍ତି। ଶୁଭ୍ରାଂଶୁ ସେନାପତିଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଏଲିଟ୍ ଗ୍ରୁପ୍-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଚଳିତ ମାସ

**ଶୁଭ୍ରାଂଶୁ ସେନାପତି ଅଧିନାୟକ**

୧୦ ତାରିଖରେ ଅହମଦାବାଦରେ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଚୂଡ଼ାନ୍ତ କାର୍ଯ୍ୟସୂଚୀ ଆନୁଷ୍ଠାନିକଭାବେ ଏପର୍ଯ୍ୟନ୍ତ ଘୋଷଣା ହୋଇ ନ ଥିଲେ ହେଁ ନିଜ ଗ୍ରୁପ୍‌ରେ ସୌରାଷ୍ଟ୍ର, ମୁମ୍ବାଇ ଓ ଗୋଆ ବିପକ୍ଷରେ ଓଡ଼ିଶା ଖେଳିବ। ଅହମଦାବାଦ ଯିବା ପୂର୍ବରୁ ଓଡ଼ିଶା ଦଳ କଟକର ବାରବାଟୀ ଷ୍ଟାଡିୟମରେ ୮ ଓ ୯ ତାରିଖ ଦୁଇଦିନ ବରୋଦା ବିପକ୍ଷରେ ଅଭ୍ୟାସ ମ୍ୟାଚ ଖେଳିବ। **ଓଡ଼ିଶା ଦଳ:** ଶୁଭ୍ରାଂଶୁ ସେନାପତି (ଅଧିନାୟକ), ଅନୁରାଗ ଷଡ଼ଙ୍ଗୀ, ଶାନ୍ତନୁ ମିଶ୍ର, ସନ୍ଦୀପ ପଟ୍ଟନାୟକ, ଅଂଶୁମାନ ରଥ, ଗୋବିନ୍ଦ ପୋଦ୍ଦାର, ଅଭିଷେକ ରାଉତ, ଦେବାଶିଷ ସାମନ୍ତରାୟ, ରାକେଶ ପଟ୍ଟନାୟକ, ସୁଜିତ କୁମାର ଲେଙ୍କା (ଉଇକେଟ କିପର), ରାଜେଶ ଧୂପର (ଉଇକେଟ କିପର), ଜୟନ୍ତ ବେହେରା, ପପୁ ରାୟ, ଶୁଭମ୍ ନାୟକ, ବସନ୍ତ ମହାନ୍ତି, ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ, ପ୍ରଶାନ୍ତ ରାଣା, ଆଶିଷ ରାୟ, ତାରାନି ସ'।



ଶୁଭ୍ରାଂଶୁ ସେନାପତି

## ୟୁନାଇଟେଡ୍ କପ କ୍ରିକେଟ: ସେମିରେ ଫକିରପଡ଼ା

**କଣ୍ଟାପଡା,୬।୨(ଡି.ଏନ୍.ଏ.):** ନାରାୟଣୀ ୟୁଥକ୍ଲବ ବାଇରୋଇ ପକ୍ଷରୁ ସ୍ଥାନୀୟ କେଳାପଡିଆରେ ଆୟୋଜିତ ୟୁନାଇଟେଡ କପ କ୍ରିକେଟ ଟୁର୍ନାମେଣ୍ଟର ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ନିଆଳିକୁ ୪ ଉଇକେଟରେ ହରାଇ ଫକିରପଡା କ୍ରିକେଟ କ୍ଲବ(କଟକ) ସେମିରେ ପ୍ରବେଶ କରିଛି। ଟସରେ ଜିତି ନିଆଳି ପ୍ରଥମେ ବ୍ୟାଟିଂକରି ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୨୯ ରନ କରିଥିଲା। ଦଳପକ୍ଷରୁ ପିଣ୍ଟୁ ଶର୍ମା ସର୍ବାଧିକ ୩୪ ରନ ସ୍କୋର କରିଥିଲେ। ଜଗନ୍ନାଥ ଓ ଜ୍ଞାନ ୩ଟି ଲେଖାଏ ଉଇକେଟ ନେଇଥିଲେ। ଅବିନାଶଙ୍କ ୪୪ ରନ ବଳରେ ଫକିରପଡା ଦଳ ୧୬ ଓଭରରେ ୬ ଉଇକେଟ ହରାଇ ଅବଶ୍ୟକ ରନ ସଂଗ୍ରହ କରି ନେଇଥିଲା। ସୋଏବ ୪ଉଇକେଟ ନେଇଥିଲେ। ଅନୀଲଙ୍କୁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଶେଷଦେବ ସ୍ୱାଇଁ ଓ ଇଦ୍ରିଶ ସା ମ୍ୟାଚ ପରିଚାଳନା କରିଥିଲେ।

# ଏସ୍‌ଆର୍ ଚେସ୍: ଜୟାଦିତ୍ୟ ଚାମ୍ପିୟନ

**ଭୁବନେଶ୍ୱର, ୬।୨ (କ୍ରୀଡ଼ା ପ୍ରତିନିଧି)**

ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ ଚେସ୍‌ରେ କାତାର ଦୋହାର ଜୟାଦିତ୍ୟ ଗନ୍ତାୟତ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବିଭିନ୍ନ ଦେଶର ପ୍ରତିଯୋଗୀ ଭାଗ ନେଇଥିବାବେଳେ ଜୟାଦିତ୍ୟ ୬.୫ ପଏଣ୍ଟ ସହିତ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଆଦିତ୍ୟ ବିକ୍ରମ ମିଶ୍ର (୫.୫) ଦ୍ୱିତୀୟ, ସୁପ୍ରତିକ ତ୍ରିପାଠୀ (୫.୫) ତୃତୀୟ, ଶ୍ରେୟାଂଶ କାନୁନ୍‌ଗୋ (୫) ଚତୁର୍ଥ ସ୍ଥାନ ହାସଲ କରିଛନ୍ତି। ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଅଭିଷେକ ତ୍ରିପାଠୀ, ପୁଣ୍ୟଶ୍ଳୋକ ପୃଷ୍ଟି, ସିଦ୍ଧାର୍ଥ ମିଶ୍ର, ସାଇ ଅମୃତ ପରିଜା, ବିଭୋର ପ୍ରିୟଦର୍ଶୀ, ବିନାୟକ କୁମାର ସାମଲ, ଆଦିତ୍ୟ ନାରାୟଣ ମହାନ୍ତି, ଶିବମ୍ ସାହୁ, ସୂର୍ଯ୍ୟାଂଶୁ ମହାକୁଡ଼, ସାନ୍‌ଭି ମହାନ୍ତି, ଅକ୍ଷୟ ଅଗ୍ରୱାଲ, ଅଦିତି ମହାରଣା, ଜିତେଶ ସାମଲ, ବିବନ ପାଲିତ ପ୍ରମୁଖଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଚେସ୍ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ଓ କୋଚ୍ ସତ୍ୟଜିତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଜୟାଦିତ୍ୟ ଗନ୍ତାୟତ








ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର

ଆୟୁର୍ବେଦିକ ତେଲ/କ୍ୟାପ୍‌ସୁଲ

ଡା. ଅର୍ଥୋ®




ଡା. ଅର୍ଥୋ ହିଁ କାହିଁକି କିଣିବେ?

ଗ୍ରାମ-ଗ୍ରାମ, ସହର-ସହର, ଯିଏ ବି ଆପଣାଇଲେ - ପରିଣାମ ପାଇଲେ

(Rajasthan) ମହମ୍ମଦ ଜାବେଦ କୁରେଶୀ, ୨୯ ବର୍ଷ ଲେଖିଛନ୍ତି ଯେ କିଛିଦିନ ତଳେ ମୋର ଆକ୍ସିଡେଣ୍ଟ ହୋଇ-ଯାଇଥିଲା। ଔଷଧ ସେବନ ବନ୍ଦ କରିବା ପରେ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହିବାକୁ ଲାଗିଲା। ମୁଁ ବହୁ ଚିନ୍ତିତ ରହୁଥିଲି। ଦିନେ ମୋ ସାଙ୍ଗ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବ୍ୟବହାର କରିବାର ପରାମର୍ଶ ଦେଲେ। ମୁଁ ତାହାକୁ ବ୍ୟବହାର କଲି। ଏବେ ଯନ୍ତ୍ରଣା କ'ଣ ତାହା ମୁଁ ଭୁଲିଯାଇଛି।

(Uttrakhand) ଲକ୍ଷ୍ମୀ ବାନାର୍ଜୀ, ବୟସ ୫୬ ବର୍ଷ, ବିଗତ ୨-୩ ବର୍ଷ ଧରି ତାଙ୍କର ଅଣ୍ଟା ବ୍ୟଥା ଓ ସାଇଟିକା ଯନ୍ତ୍ରଣା ରହିବାକୁ ଲାଗିଥିଲା। କୁଆଡ଼େ ଯିବାର କଥା ଉଠିଲେ ହିଁ ଭୟ ଲାଗୁଥିଲା। ମୁଁ ପୂର୍ଣ୍ଣ ଆଶା ସହିତ ଡା. ଅର୍ଥୋ ତେଲ ସକାଳେ-ସନ୍ଧ୍ୟାବେଳେ ଆଣ୍ଠୁରେ ଲଗାଇଲି ଓ ନିୟମିତ ରୂପେ କ୍ୟାପ୍‌ସୁଲ ଖାଇବା ଆରମ୍ଭ କଲି। ମାତ୍ର ଦୁଇ-ତିନି ସପ୍ତାହରେ ହିଁ ୭୦ ପ୍ରତିଶତ ଭଲ ହୋଇଯାଇଛି।

(Gujarat) ବିନୋଦ ଭାଇ, ବୟସ ୫୬ ବର୍ଷ, ପ୍ରାଇଭେଟ ଚାକିରିଆ ଓ ଆଥ୍‌ଲେଟ୍ ଖେଳାଳି ଥିଲେ। ବିଗତ ୪-୫ ବର୍ଷ ଧରି ମୋ ଡାହାଣ ଆଣ୍ଠୁ ଓ ଶରୀରରେ ବ୍ୟଥାର ସମସ୍ୟା ରହିଥିଲା। ମୁଁ ଖବରକାଗଜରୁ ଆୟୁର୍ବେଦିକ ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ନିର୍ଦ୍ଦେଶ ଅନୁଯାୟୀ ତାହାକୁ ବ୍ୟବହାର କଲି। ଆଜିକୁ ୪ ମାସ ହେଲାଣି ମୁଁ ପୂର୍ବାପେକ୍ଷା ଭଲ ଅନୁଭବ କରୁଛି।

(Bihar) ନନ୍ଦ କିଶୋର ବିଶ୍ୱକର୍ମା, ବୟସ ୪୦ ବର୍ଷ, ଅନେକ ସମୟ ଧରି ମୁଁ ଗଣ୍ଠି ଯନ୍ତ୍ରଣା ସମସ୍ୟାରେ ପୀଡ଼ିତ ଥିଲି। ଚଲାବୁଲା କଲାବେଳେ ଆଣ୍ଠୁରୁ ଶବ୍ଦ ବାହାରୁଥିବାର ଅନୁଭବ ହେଉଥିଲା। ବନ୍ଧୁଙ୍କ କଥା ମାନି ମୁଁ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଦୈନିକ ସେବନ ଆରମ୍ଭ କଲି। ମୋତେ ଏହାଦ୍ୱାରା ବହୁ ଲାଭ ମିଳିଲା। ଆଜି ମୁଁ ନିର୍ବିଘ୍ନରେ ବସାଉଠା କରିପାରୁଛି।

(Gujarat) ମୋ ନାମ ଲକ୍ଷ୍ମୀ ବେନ ସୋଲଙ୍କି, ବୟସ ୫୨ ବର୍ଷ। ମୁଁ ସିଲେଇ କାମ କରେ। ଦୁଇ ବର୍ଷ ଧରି ମୋ ଗୋଡ଼ ଓ ଗୋଇଠିରେ ଭୟଙ୍କର ବ୍ୟଥା ରହୁଥିଲା। ପରେ ମୁଁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ ଜାଣିଲି। ମାତ୍ର ପଚାଶ ଦିନର ବ୍ୟବହାର ଦ୍ୱାରା ମୋତେ ବହୁତ ଓ ଉତ୍ତମ ଉପଶମ ମିଳିପାରିଛି। ଆପଣଙ୍କୁ ଥ୍ୟାଙ୍କ୍ସ କହିବାକୁ ଚାହୁଁଛି।

(Haryana) ସଞ୍ଜୁ କୁମାର, ୩୩ ବର୍ଷ, ଲାଇବ୍ରେରିରେ କାମ କରନ୍ତି। ସେ ଲେଖିଛନ୍ତି ଯେ ୩-୪ ବର୍ଷ ଧରି ମୋ କାନ୍ଧ ଓ ବେକରେ ବ୍ୟଥା ରହୁଥିଲା। ଚିକିତ୍ସା ବି କରାଇଲି, କିନ୍ତୁ କିଛି ଫରକ ପଡ଼ିଲା ନାହିଁ। ଦିନେ ମୁଁ ଖବରକାଗଜରେ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି। ମୁଁ ନିର୍ଦ୍ଦେଶ ଅନୁଯାୟୀ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ସକାଳେ ଓ ସନ୍ଧ୍ୟାରେ ବ୍ୟବହାର କଲି। ଏବେ ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଟେ।

(Maharashtra) ଆନନ୍ଦା ଲକ୍ଷ୍ମଣ ଗୁଜଲାଓ୍ୱର ୬୪ ବର୍ଷୀୟ ଅବସରପ୍ରାପ୍ତ କର୍ମଚାରୀ। ବିଗତ ଚାରି-ପାଞ୍ଚ ବର୍ଷ ଧରି ତାଙ୍କ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଦିନେ ଜଣେ ତାଙ୍କ ପଡ଼ୋଶୀଙ୍କ କଥା ମାନି ସେ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ କଲେ ଏବଂ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ତିନି ମାସ ପର୍ଯ୍ୟନ୍ତ ବ୍ୟବହାର କଲେ। ଆଜି ସେ ଖୁସି।

(Uttar Pradesh) ମୁମ୍‌ତାଜ ବେଗମ ୬୬ ବର୍ଷୀୟ ହାଉସ୍ ୱାଇଫ୍ ଅଟନ୍ତି। ବିଗତ ୩ ବର୍ଷ ହେଲା ଆଣ୍ଠୁ ଓ ଗୋଡ଼ ବ୍ୟଥା କାରଣରୁ ଚଲାବୁଲା କରିପାରୁ ନ ଥିଲେ। ସବୁ ଚିକିତ୍ସା କରାଇଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ। ଦିନେ ଟିଭିରୁ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ଆଡ୍ ଦେଖିଲେ। ସେ ବଜାରରୁ ତାହାକୁ ମଗାଇ ନିର୍ଦ୍ଦେଶ ଅନୁସାରେ ପ୍ରୟୋଗ କଲେ। ଏବେ ସେ ଯନ୍ତ୍ରଣାରୁ ସମ୍ପୂର୍ଣ୍ଣ ଉପଶମ ପାଇଛନ୍ତି।

(Madhya Pradesh) ପଣ୍ଡିତ ଲକ୍ଷ୍ମୀ ନାରାୟଣ ସତ୍ୟାର୍ଥୀ ୬୪ ବର୍ଷୀୟ ଶିକ୍ଷକ ଓ ଚିକିତ୍ସକ। ସେ ଲେଖନ୍ତି କି ୩-୪ ବର୍ଷ ହେଲା ମୋ ଆଣ୍ଠୁ, କହୁଣି ଓ ହାତରେ ବହୁତ ପୀଡ଼ା ରହୁଥିଲା। ମୁଁ ଡା.ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ଓ ସନ୍ଧ୍ୟାବେଳେ ହାଲୁକା ହାତରେ ମାଲିସ୍ କଲି ଓ ଡା.ଅର୍ଥୋର ୨-୨ କ୍ୟାପ୍‌ସୁଲ ସେବନ କଲି। ୫ ମାସ ମଧ୍ୟରେ ହିଁ ମୋତେ ଗଣ୍ଠିର ଭୟଙ୍କର ଯନ୍ତ୍ରଣାରୁ ମୁକ୍ତି ମିଳିଗଲା।

(Rajasthan) କଲ୍ୟାଣ ପ୍ରସାଦ ଜୋଷୀଙ୍କୁ ୫୨ ବର୍ଷ ଓ ସେ ପୂଜାପାଠ କରନ୍ତି। ବିଗତ ୩ ବର୍ଷ ଧରି ପିଠି ଓ ଆଣ୍ଠୁର ଯନ୍ତ୍ରଣା କାରଣରୁ ବହୁ ଚିନ୍ତିତ ଥିଲେ। ଦିନେ ସେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲେ। ସେ ଏହାକୁ ତିନି ମାସ ବ୍ୟବହାର କଲେ। ସେ ଲେଖନ୍ତି କି ତିନି ମାସରେ ହିଁ ତାଙ୍କର ତିନିବର୍ଷର ଯନ୍ତ୍ରଣା ସମ୍ପୂର୍ଣ୍ଣ ଭଲ ହୋଇଗଲା।

(Odisha) ଚନ୍ଦ୍ରମଣି ବେଉରିଆ ୭୧ ବର୍ଷୀୟ ଅବସରପ୍ରାପ୍ତ ବ୍ୟକ୍ତି। ସେ ଲେଖିଛନ୍ତି ଯେ, ସେ ବିଗତ ଅନେକ ବର୍ଷ ଧରି ଗଣ୍ଠି ଯନ୍ତ୍ରଣା କାରଣରୁ ବ୍ୟଥିତ ଥିଲେ। କିନ୍ତୁ ଡା. ଅର୍ଥୋ ଆୟୁର୍ବେଦିକ ତେଲ ସକାଳେ ସନ୍ଧ୍ୟାରେ ହାଲୁକା ହାତରେ ମାଲିସ୍ କଲେ ଓ ଦୈନିକ ଡା.ଅର୍ଥୋର ଦୁଇ-ଦୁଇଟି କ୍ୟାପ୍‌ସୁଲ ସେବନ କରି ତାଙ୍କ ଜୀବନ ପୂର୍ବାପେକ୍ଷା ଉନ୍ନତ ହୋଇଯାଇଛି। ଏଥିପାଇଁ ସେ ଡା.ଅର୍ଥୋକୁ ହାର୍ଦ୍ଦିକ କୃତଜ୍ଞତା ଜଣାଇଛନ୍ତି।

(Maharashtra) ଦତ୍ତାତ୍ରେୟ ବିନାୟକ ଦୀକ୍ଷିତ୍ ୬୮ ବର୍ଷୀୟ ସମାଜସେବୀ। ମୁଁ ଅନେକ ସମୟ ଧରି ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା କାରଣରୁ ଦୁଃଖିତ ଥିଲି ଓ ମହଙ୍ଗା ଔଷଧ ମଧ୍ୟ ପ୍ରଭାବହୀନ ଥିଲା। ବୟସ ବଢ଼ିଚାଲିଥିଲା, କିନ୍ତୁ ଯନ୍ତ୍ରଣା କମୁ ନ ଥିଲା। ଦିନେ ମୋ ବନ୍ଧୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ବିଷୟରେ କହିଲେ। ୪୦ ଦିନ ବ୍ୟବହାର କରିବା ପରେ ମୋ ଯନ୍ତ୍ରଣା ଭଲ ହୋଇଯାଇଛି।

(Uttar Pradesh) ତାରିକ ମେହମୁଦ ୬୬ ବର୍ଷୀୟ ବ୍ୟବସାୟୀ ଅଟନ୍ତି। ସେ ପତ୍ର ଲେଖି ଜଣାଇଛନ୍ତି ଯେ ଆଣ୍ଠୁ ଓ ଗଣ୍ଠି ଯନ୍ତ୍ରଣା ମୋତେ ଅସ୍ତବ୍ୟସ୍ତ କରି ରଖିଥିଲା। ମହଙ୍ଗା ଔଷଧର ରେଜଲ୍ଟ ମଧ୍ୟ ଶୂନ୍ୟ। କିନ୍ତୁ ଯେବେ ମୁଁ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ପ୍ରୟୋଗ କରିବା ଆରମ୍ଭ କଲି, ମୁଁ ବହୁତ ଭଲ ହୋଇଯାଇଛି। ମୁଁ ନିଜର ସମସ୍ତ ପରିଚିତଙ୍କୁ ଡା. ଅର୍ଥୋ ବିଷୟରେ ନିଶ୍ଚୟ କହିଥାଏ।

(Gujarat) ଭାସ୍କର ବ୍ରଜଲାଲ ସୋଲଙ୍କି ୭୧ ବର୍ଷୀୟ ଅବସରପ୍ରାପ୍ତ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି ଯେ ଅନେକ ବର୍ଷ ଧରି ଉଠ-ବସ ହେବା ସମୟରେ ଆଣ୍ଠୁରୁ ଶବ୍ଦ ବାହାରୁଥିଲା ଓ ବିଛଣାରୁ ଉଠିବାର ବଳ ମଧ୍ୟ ରହୁ ନ ଥିଲା। ମୁଁ ଧନ୍ୟବାଦ କହିବାକୁ ଚାହୁଁଛି ଓ ଆପଣଙ୍କ ମାଧ୍ୟମରେ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ଡା. ଅର୍ଥୋ ଆୟୁର୍ବେଦିକ ତେଲ ଓ କ୍ୟାପ୍‌ସୁଲ ନିଶ୍ଚୟ ବ୍ୟବହାର କରିବା ଉଚିତ।

(Rajasthan) ଲୋକେଶ କୁମାର ମାଲାଓ୍ୱତ ୨୦ ବର୍ଷ, ସେ ପତ୍ର ଲେଖି ଜଣାଇଛନ୍ତି ଯେ ଏତେ କମ୍ ବୟସରୁ ହିଁ ସେ ବେକ ଯନ୍ତ୍ରଣାରେ ପୀଡ଼ିତ ହୋଇଯାଇଥିଲେ। ଚିକିତ୍ସାରୁ କିଛି ଫରକ ପଡ଼ିଲା ନାହିଁ। କିନ୍ତୁ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ ଲଗାତର ଦୁଇରୁ ତିନି ମାସ ବ୍ୟବହାର କରିବା ଦ୍ୱାରା ଆଜି ସେ ସମ୍ପୂର୍ଣ୍ଣ ସୁସ୍ଥ ଅନୁଭବ କରୁଛନ୍ତି ଏବଂ ପୂର୍ବାପେକ୍ଷା ଉତ୍ତମ ଜୀବନ ଯାପନ କରୁଛନ୍ତି।

(Maharashtra) ଶାନ୍ତାରାମ ଛବେସିଙ୍ଗେ ରାଜପୁତ ୬୧ ବର୍ଷୀୟ ରିଟାୟର୍ଡ ପ୍ରଧାନ ଅଧ୍ୟାପକ ଅଟନ୍ତି। ସେ ଲେଖିଛନ୍ତି କି ମୁଁ ତିନି ବର୍ଷ ହେଲା ଗଣ୍ଠି ବ୍ୟଥାକୁ ନେଇ ଦୁଃଖିତ ଥିଲି। ଯେବେ ମୁଁ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଓ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖିଲି ତେବେ ସେହିଦିନ ତାକୁ କିଣିଆଣିଲି। ଆଜି ମାତ୍ର ପାଞ୍ଚ ମାସର କମ୍ପ୍ଲିଟ୍ କୋର୍ସ ଦ୍ୱାରା ଅଣ୍ଟା ଓ ଗଣ୍ଠି ବ୍ୟଥାରୁ ବହୁତ ଆରାମ ମିଳିଛି।

(Punjab) ସୋହନ ଲାଲ ଗୁପ୍ତା ୬୮ ବର୍ଷୀୟ ରିଟାୟର୍ଡ ଅଧ୍ୟାପକ ଅଟନ୍ତି। ସେ ଲେଖନ୍ତି ଯେ ବିଗତ ୨ ବର୍ଷ ଧରି କାନ୍ଧ ଓ ଗଣ୍ଠିରେ ଅସହନୀୟ ଯନ୍ତ୍ରଣା ରହୁଥିଲା। ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ ଓ କ୍ୟାପ୍‌ସୁଲର ବିଜ୍ଞାପନ ଦେଖି ଅତ୍ୟନ୍ତ ପ୍ରଭାବିତ ହେଲି। ମୁଁ ନିର୍ଦ୍ଦେଶ ଅନୁସାରେ ଏହାକୁ ବ୍ୟବହାର କରିବା ଆରମ୍ଭ କଲି। ୨ ମାସରେ ହିଁ ଗଣ୍ଠି ବ୍ୟଥା ଅପେକ୍ଷାକୃତ ଭଲ ହୋଇଯାଇଛି।

(Maharashtra) ବିଜୟ ବସନ୍ତରାଓ ଭୋଁସଲେ, ୭୧ ବର୍ଷୀୟ ରିଟାୟର୍ଡ ଜୀବନ ଜିଉଁଛନ୍ତି। ବିଗତ ୬ ବର୍ଷ ଧରି ତାଙ୍କ ଆଣ୍ଠୁରେ ବ୍ୟଥା ରହୁଥିଲା। ଫୁଲିଯିବା କାରଣରୁ ସେ ଚଲାବୁଲା ମଧ୍ୟ କରିପାରୁ ନ ଥିଲେ। ଦିନେ ଖବରକାଗଜରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ ଏବଂ କ୍ୟାପ୍‌ସୁଲ୍‌ର ବିଜ୍ଞାପନ ଦେଖି ସେହିଦିନ ସମ୍ପୂର୍ଣ୍ଣ ସୂଚନା ହାସଲ କରି ଡା. ଅର୍ଥୋ ବ୍ୟବହାର କଲେ। ଆଜି ସେ ବହୁତ ଖୁସି ଅଛନ୍ତି।

(Rajasthan) ରାମକରନ ଖୁଂଚି ୭୪ ବର୍ଷୀୟ ଆଣ୍ଠୁ ବ୍ୟଥା କାରଣରୁ ଚିନ୍ତିତ ଥିଲେ। ସବୁ ପ୍ରକାର ଚିକିତ୍ସା କରାଇଲେ କିନ୍ତୁ ବ୍ୟଥା କିଛି ସମୟ ପାଇଁ ବନ୍ଦ ହୋଇ ପୁନର୍ବାର ଆରମ୍ଭ ହୋଇଯାଉଥିଲା। କିନ୍ତୁ, ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପ୍‌ସୁଲର ୩-୪ ମାସ ବ୍ୟବହାର ଦ୍ୱାରା ସେ ଆଜି ବହୁତ ସୁସ୍ଥ ହୋଇଯାଇଛନ୍ତି। ଆଜି ତାଙ୍କୁ କୌଣସି ପ୍ରକାର ଇଂରାଜୀ ଔଷଧର ଆବଶ୍ୟକତା ପଡୁନାହିଁ।

(Maharashtra) ଶାନ୍ତାବାଈ ଉତ୍ତମ ରାଓ ବଂସୋଡ଼ ୬୭ ବର୍ଷୀୟ ଗୃହିଣୀ। ସେ ଲେଖନ୍ତି ଯେ ବିଗତ ୧ ବର୍ଷ ଧରି ମୋ ଗୋଡ଼ ଓ ଆଣ୍ଠୁରେ ବହୁତ ପୀଡ଼ା ରହୁଥିଲା। ଡାକ୍ତରଙ୍କୁ ଦେଖାଇଲି, କିନ୍ତୁ ଆରାମ ମିଳିଲା ନାହିଁ। ଦିନେ ଟିଭିରେ ଆୟୁର୍ବେଦିକ ଡା.ଅର୍ଥୋ ତେଲ, କ୍ୟାପ୍‌ସୁଲର ବିଜ୍ଞାପନ ଦେଖିଲି ଓ ମେଡିକାଲ ଷ୍ଟୋର୍‌ରୁ ମଗାଇଲି। ମାତ୍ର ୨ ମାସରେ ହିଁ ମୋତେ ପୀଡ଼ାରୁ ଉପଶମ ମିଳିଗଲା।

(Himachal) କେବଳ କୁମାର ସାରା ଦିନର ଧାଁ ଦଉଡ଼ କାରଣରୁ ଆଣ୍ଠୁର ସମସ୍ୟା ବଢ଼ିଚାଲିଥିଲା। ଅନେକ ଡାକ୍ତରଙ୍କୁ ଦେଖାଇଲି ଓ ଔଷଧ ବି ଖାଇଲି, କିନ୍ତୁ କିଛି ଫାଇଦା ମିଳିଲା ନାହିଁ। ଦିନେ ଖବରକାଗଜରେ ମୁଁ ଡା.ଅର୍ଥୋର ବିଜ୍ଞାପନ ପଢ଼ିଲି ଓ ଆୟୁର୍ବେଦିକ ଡା.ଅର୍ଥୋ ଟ୍ରିଟ୍‌ମେଣ୍ଟ ଆରମ୍ଭ କରିଦେଲି। ମାତ୍ର ଦେଢ଼-ଦୁଇ ମାସରେ ତାଙ୍କର ସମସ୍ତ ସମସ୍ୟା ଅନ୍ତର୍ଦ୍ଧାନ ହୋଇଗଲା।

ନକଲକାରୀଙ୍କ ପ୍ରତି ସାବଧାନ

'ଡା. ଅର୍ଥୋ'ର ସବୁ ଉତ୍ପାଦ କେବଳ 'ଡା. ଅର୍ଥୋ' ନାମରେ ହିଁ ତିଆରି କରାଯାଏ। ଏକା ସଦୃଶ ନାମ, ପ୍ୟାକିଂ, ବୋତଲ, ବିଜ୍ଞାପନ ପ୍ରତି ସାବଧାନ। ସର୍ବୋତ୍ତମ ଡା. ଅର୍ଥୋ ହିଁ କିଣନ୍ତୁ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ସ୍ୱାମୀ ଗିରଫ

**ଗୋପ,୬।୨(ଡି.ଏନ୍.ଏ.):** ଗୋପ ଥାନା ଗବଡିହ ଗ୍ରାମରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ରଜନୀ ଭୋଇ। କିନ୍ତୁ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ମୃତାଙ୍କ ମା' ସଞ୍ଜୁ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୪୦/୨୨) ରୁଜୁକରି ମୃତାଙ୍କ ସ୍ୱାମୀ ପ୍ରକାଶ ଭୋଇଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ଅଧୀନ ଗଙ୍ଗାନାରାୟଣପୁର ଗ୍ରାମର ସଞ୍ଜୁଙ୍କ ଝିଅ ରଜନୀ ୨୦୨୧ରେ ପ୍ରକାଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ଦିଆଯାଇଥିଲା। କିନ୍ତୁ ବିବାହର ଅଳ୍ପଦିନ ପରେ ଅଧିକ ଯୌତୁକ ଦାବିରେ ଶ୍ୱଶୁର ଘର ପକ୍ଷରୁ ନିର୍ଯାତନା ଦେଉଥିବା ନେଇ ରଜନୀ ତାଙ୍କ ମା'ଙ୍କୁ କହିଥିଲେ। ଶନିବାର ରାତିରେ ପ୍ରକାଶ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ତେବେ ଘରକୁ ଫେରିବା ପରେ କିଛି କଥାକୁ ନେଇ ସ୍ତ୍ରୀ ରଜନୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ରଜନୀ ଗୋଟିଏ ଘରକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପ୍ରକାଶ ଦେଖିବା ବେଳକୁ ସେ ବେକରେ ରଶି ଲଗାଇ ଝୁଲୁଥିଲେ। ଘଟଣା ସମ୍ପର୍କରେ ପ୍ରକାଶ ରଜନୀଙ୍କ ବାପଘର ଓ ପୋଲିସକୁ ଜଣାଇଥିଲେ। ଖବର ପାଇ ତାଙ୍କ ମା' ପହଞ୍ଚି ଝିଅକୁ ଦେଖିବା ପରେ ଶାଶୁଘର ଲୋକେ ଝିଅକୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ୨ ପାୱାରଟିଲର ଜବତ

**ବେଗୁନିଆ,୬।୨(ଡି.ଏନ.ଏ.):** ବେଗୁନିଆ ତହସିଲ ଅନ୍ତର୍ଗତ ବିଭିନ୍ନ ବେଆଇନ ଖଣି ଖାଦାନ ଉପରେ ରବିବାର ବେଗୁନିଆ ଥାନା ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ କୋତଲାଙ୍ଗ ଖଣି ଉପରେ ପୋଲିସର ନଜର ପଡ଼ିଥିଲା। ଖଣି ପରିସୀମାରେ ପହଞ୍ଚିଲା ବେଳକୁ ମାଙ୍କଡା ପଥର କଟାଳି ଫେରାର ହୋଇଯାଇଥିଲେ। ବେଆଇନ କାର୍ଯ୍ୟରେ ବ୍ୟବହୃତ ହୋଇଥିବା କୃଷିଭିତ୍ତିକ ଯନ୍ତ୍ରପାତି ପାୱାରଟିଲର ୨ଟିକୁ ଜବତ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ନଂ. ୪୧/୨୨ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ପ୍ରଦୀପ୍ତ ମିଶ୍ରଙ୍କୁ ଶ୍ରୀରାଧାରମଣ ଶାନ୍ତି ପୁରସ୍କାର

**ପୁରୀ ଅଫିସ, ୬।୨:** ଆଧାତ୍ମିକ ଅନୁଷ୍ଠାନ ଶ୍ରୀରାଧାରମଣ ଫାଉଣ୍ଡେଶନ୍‌ର ୩୨ତମ ପ୍ରତିଷ୍ଠା ଦିବସରେ ରବିବାର ଫକୀରମୋହନ ବିଦ୍ୟାମନ୍ଦିର ପରିସରରେ 'ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହରିଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ନିର୍ମଳାକୃତି ବିକାଶ ଟ୍ରଷ୍ଟର ଅଧକ୍ଷ ଦିଲୀପ କୁମାର ପଟ୍ଟନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଅବକାଶ ନନ୍ଦ, ଗବେଷକ ଉମେଶ ଚନ୍ଦ୍ର ଚିହ୍ନରା, ନୀଳମଣି ଗୁରୁ, ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ପରମ୍ପରା ଓ ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରଥିଲେ। ଏହି ପରିପ୍ରେକ୍ଷୀରେ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ରଙ୍କୁ ଶ୍ରୀରାଧାରମଣ ଶାନ୍ତି ପୁରସ୍କାର, ଅବକାଶ ନନ୍ଦଙ୍କୁ ମଧୁସୂଦନ ସ୍ମୃତି ପୁରସ୍କାର ଓ ହରିଶଙ୍କର ମିଶ୍ରଙ୍କୁ ହରିପୁରୁଷ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଶହେ ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବିତରଣ କରାଯିବା ସହ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

### ଚାକିରି କରାଇବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

**କଟକ ଅଫିସ, ୬।୨:** ଠକେଇ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ମହାଜନପୁର ଗ୍ରାମର ଶାୱନ ରାଉତ। ତାଙ୍କ ନିକଟରୁ ଏକ ବାଇକ୍ ଓ ସ୍ମାର୍ଟଫୋନ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଅଞ୍ଚଳରେ ଥିବା ଏକ ଘରୋଇ ବ୍ୟାଙ୍କରେ ଚାକିରି କରାଇ ଦେବାକୁ କହି ସତ୍ୟଜିତ୍ ସ୍ୱାଇଁଙ୍କଠାରୁ ଶାୱନ ୩ ଲକ୍ଷ ଟଙ୍କା ଠକି ନେଇ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ସତ୍ୟଜିତ୍ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫/୨୨) ରୁଜୁ କରିଥିଲା।

# 'ବଜେଟରେ ବିତ୍ତୀୟ ନିବେଶକୁ ପ୍ରାଧାନ୍ୟ ଦିଆଯାଇଛି'

## ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୬।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଅର୍ଥନୈତିକ ବିକାଶଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଭାରତ ସଫଳତାର ଶୀର୍ଷରେ ପହଞ୍ଚିଛି। ଚଳିତବର୍ଷ କେନ୍ଦ୍ର ସରକାର ସାଢେ ୭ ଲକ୍ଷ କୋଟି ଟଙ୍କାର ବଜେଟ୍ ଆଣିଛନ୍ତି। ଏହା ଏକ ଜନକଲ୍ୟାଣକାରୀ, ସୁଦୂରଗାମୀ ଓ ଆତ୍ମନିର୍ଭରଶୀଳ ବଜେଟ। ଗତ ୭୦ ବର୍ଷ ମଧ୍ୟରେ ଏହା ସୁବୁଠୁ ବଡ଼ ବଜେଟ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଟକ ସାରଳା ଭବନଠାରେ ରବିବାର ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଥିଲେ, ଚଳିତ ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହି ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଇଛି। ଫଳରେ ଦେଶର ନୂତନ ପ୍ରକଳ୍ପମାନ, ଭିତ୍ତିଭୂମିର ବିକାଶ, ନୂତନ ଶିଳ୍ପର ଅଭିବୃଦ୍ଧି, ସୂଚନା ଓ ପ୍ରଯୁକ୍ତି ସମେତ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହେବ। ଏହାଦ୍ୱାରା ରୋଜଗାର ବୃଦ୍ଧି ଘଟିବା ସହ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ବିଶେଷ ଭାବରେ ଲାଭାନ୍ୱିତ ହେବ। ବିଭିନ୍ନ ସ୍ଥାନରେ ନୂଆ ରେଳ ଷ୍ଟେଶନ ପ୍ରତିଷ୍ଠା, ରେଳଲାଇନ୍ ନିର୍ମାଣ ସହ ରେଳଯାତ୍ରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଏଥିସହ ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କଟକ ନଗର ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୋଦିଙ୍କ ନେତୃତ୍ୱରେ ଭାରତର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଭାଜପା ଜିଲା ସଭାପତି ପ୍ରକାଶ ବେହେରା, ନଗର ସଭାପତି ଲଲାଟେନ୍ଦୁ ବଡୁ, ବିନୋଦ ଦାଶ, ସଜ୍ଜନ ଶର୍ମାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ଯୋଗଦେଇଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଅନ୍ୟ ଅତିଥି।

### ସରପଞ୍ଚ ପାଇଁ ଲଢୁଛନ୍ତି ଦିବ୍ୟାଙ୍ଗ ଯୁବକ

**କୃଷ୍ଣପ୍ରସାଦ,୬।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ରୂପେ ହରିଜନ ତଥା ଦିବ୍ୟାଙ୍ଗ ଯୁବକ ପ୍ରଦୀପ କୁମାର ସେଠୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ୬୫% ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ପ୍ରଦୀପଙ୍କ ସହ ଅନ୍ୟ ଜଣେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦିବ୍ୟାଙ୍ଗ ହେଲେ ମଧ୍ୟ ଦୃଢ ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ବଳରେ ନିର୍ବାଚନ ଜିତି ଲୋକଙ୍କ ସେବା କରିବେ ବୋଲି ସେ ଆଶା ବାନ୍ଧିଛନ୍ତି। ପ୍ରଦୀପ +୨ ପାସ୍ କରିଥିବାବେଳେ ସ୍ଥାନୀୟ ଅଞ୍ଚଳର କେତେକ ଉତ୍ସାହୀ ଯୁବକଙ୍କ ସହିତ ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି। ଜଣେ ଦିବ୍ୟାଙ୍ଗ ହୋଇଥିଲେ ମଧ୍ୟ ପ୍ରଦୀପ ଭାଙ୍ଗି ନ ପଡି ନିର୍ବାଚନରେ ବିଜୟୀ ହେଲେ ନିଶ୍ଚିତ ଭାବେ ଲୋକଙ୍କ ସେବା କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି।

### କୃଷ୍ଣପ୍ରସାଦ ପଞ୍ଚାୟତରେ ଭାଜପାର ପ୍ରଚାର

**କୃଷ୍ଣପ୍ରସାଦ, ୬।୨(ଡି.ଏନ୍.ଏ.)**

ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ କୃଷ୍ଣପ୍ରସାଦ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଭାଜପା ପକ୍ଷରୁ ପ୍ରଚାର ଆରମ୍ଭ ହୋଇଛି। ସ୍ୱର୍ଗତ ଲୁଲୁ ମହାପାତ୍ରଙ୍କ ସୁକନ୍ୟା ଉପାସନା ମହାପାତ୍ର ଏବଂ ତାଙ୍କ ସ୍ୱାମୀ ଶୁଭ୍ରାଂଶୁ ଶେଖର ବିଶ୍ୱାଳଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ଓ କର୍ମୀମାନେ ଯୋଗଦେଇ କୃଷ୍ଣପ୍ରସାଦ ବ୍ଲକ ୯ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥୀ ଜୟରାମ ଦାସଙ୍କୁ ଭୋଟ ଦେବା ପାଇଁ ଗାଁ ଗାଁ ବୁଲି ପ୍ରଚାର କରିଥିଲେ। କୃଷ୍ଣପ୍ରସାଦ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ରୀତା ସିଂହ, ସମିତିସଭ୍ୟା ପ୍ରାର୍ଥିନୀ ଶାନ୍ତି ହିସାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏଥିରେ ମଣ୍ଡଳ ଭାଜପା ସଭାପତି ଦୀନବନ୍ଧୁ ଜେନା, ଯୁବନେତା ସୁଶାନ୍ତ ବୈରିଗଞ୍ଜନ, କୃଷ୍ଣପ୍ରସାଦ ପଞ୍ଚାୟତ ଭାଜପା ସଭାପତି ହରମୋହନ ମାନସିଂହ, ରାମଚନ୍ଦ୍ର ସେଠୀ, ସୁବାସଚନ୍ଦ୍ର ଗୌଡ୍ର, ସୀମାଞ୍ଚଳ ନାୟକ, ପ୍ରିୟବ୍ରତ ସିଂହସାମନ୍ତ, ସୁବ୍ରତ ପଣ୍ଡା ପ୍ରମୁଖ ସାମିଲ ଥିଲେ।

## ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ

### ଉତ୍କଳ ସ୍ପୋର୍ଟିଂ ବିଜୟୀ

**ଝାଁଳା,୬।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଶବର ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ୨୩ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଝାଁଳା ଅଞ୍ଚଳରେ ଆୟୋଜିତ ହୋଇଯାଇଛି। ଟୁର୍ନାମେଣ୍ଟର ପ୍ରଥମ ଦିନରେ ଜଟଣୀର ଉତ୍କଳ ସ୍ପୋର୍ଟିଂ ଭୁବନେଶ୍ୱର ଜେଡି ବୟଜ କ୍ଲବକୁ ୨/୦ ଗୋଲରେ ପରାସ୍ତ କରି ବିଜୟ ଲାଭ କରିଛି। ପ୍ରଥମାର୍ଦ୍ଧର ୨୦ ମିନିଟରେ ଉତ୍କଳ ସ୍ପୋର୍ଟିଂ ତରଫରୁ ରାଜା ଏକ ଗୋଲ୍ କରି ତାଙ୍କ ଦଳକୁ ଆଗରେ ରଖିଥିଲେ। ୨୭ ମିନିଟରେ ଆଶିଷ ବେହେରା ଆଉ ଏକ ଗୋଲ କରି ଦଳକୁ ଦ୍ୱିତୀୟ ଗୋଲ ଦେଇଥିଲେ। ଖେଳ ଶେଷ ପର୍ଯ୍ୟନ୍ତ ଭୁବନେଶ୍ୱର ଜେଡି ବୟଜ କ୍ଲବ ଗୋଲ ଦେଇ ନ ପାରିବାରୁ ଉତ୍କଳ ସ୍ପୋର୍ଟିଂ ବିଜୟୀ ହୋଇଥିଲା। ରାଜକିଶୋର ମହାନ୍ତି, ବିଦେଶୀ କୁମାର ନାୟକ, ସେଖାଓ୍ତ ଖାଁ ଓ ପ୍ରିୟବ୍ରତ ବାହିନୀପତି ଖେଳ ପରିଚାଳନା କରିଥିଲେ। ଏହି ଖେଳରେ ଡ. ସୂର୍ଯ୍ୟକାନ୍ତ ବେଉରା(କୃଷି ବିଭାଗ ପ୍ରଫେସର), ସାମାଜିକ କର୍ମୀ ସମୀର ବେହେରା ଅତିଥି ରୂପେ ଯୋଗଦେଇଥିଲେ।

## ବୃନ୍ଦାବତୀଙ୍କ ପୀଠ ଉତ୍ସବମୁଖର



ମା'ବୃନ୍ଦାବତୀଙ୍କ ପୀଠ ପରିସରରେ ହରିନାମ ଯଜ୍ଞ ଚାଲିଛି।

**ବେଗୁନିଆ,୬।୨(ଡି.ଏନ.ଏ)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲା ଗ୍ରାମସ୍ଥିତ ଗୁଡ଼ିଆ ସାହି ମଧ୍ୟରେ ଅବସ୍ଥିତ ଥିବା ମା'ବୃନ୍ଦାବତୀଙ୍କ ପୀଠ ପରିସରରେ ରବିବାରଠାରୁ ହରିନାମ ଯଜ୍ଞ ଆରମ୍ଭ ହୋଇଛି। ଫଳରେ ପୀଠ ସମେତ ଗ୍ରାମ ସମ୍ପୂର୍ଣ୍ଣ ଉତ୍ସବମୁଖର ହୋଇଛି। ଚଳିତବର୍ଷ ଯଜ୍ଞବେଦୀରେ ଅପୂର୍ବ ହରି ଓ ହରଙ୍କ ଭେଟକୁ ଦେଖି ଶ୍ରଦ୍ଧାଳୁମାନେ ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ପ୍ରକାଶ ଥାଉକି, ଗ୍ରାମବାସୀଙ୍କ ସାହାଯ୍ୟରେ ଅଷ୍ଟପ୍ରହର ନାମଯଜ୍ଞ ଆୟୋଜିତ ହୋଇଛି। ମା'ବୃନ୍ଦାବତୀଙ୍କ ପକ୍ଷରୁ ନିମନ୍ତ୍ରିତ ହୋଇ ପୀଠ ପରିସରକୁ ଗ୍ରାମର ଆରାଧ୍ୟ ଦେବତା ଦଧିବାମନ ଦେବ(ହରି) ଓ ଲୋକେଶ୍ୱରଦେବ(ହର) ଅତିଥି ରୂପେ ଆସି ପୂଜା ପାଉଛନ୍ତି। ଶ୍ରଦ୍ଧାଳୁମାନଙ୍କ ପକ୍ଷରୁ ବିଧି ମୁତାବକ ବାଜା, ବାଣ, ନାଚ ଓ ନାମ ସଂକୀର୍ତ୍ତନ ପଟୁଆରରେ ବିରାଜମାନ ହୋଇଛନ୍ତି। ପରେ ଶାଳାମଣ୍ଡନ ଓ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।

## କୁମାରବସ୍ତ୍ର ରାଇଜିଂ ଷ୍ଟାର ଚାମ୍ପିୟନ

### ବଡ଼ରଘୁନାଥପୁର କପ୍ କ୍ରିକେଟ ଟୁର୍ନାମେଣ୍ଟ

**ଝାଁଳା,୬।୨(ଡି.ଏନ୍.ଏ.)**

ଭୁବନେଶ୍ୱର ଉପକଣ୍ଠ ବଡ଼ରଘୁନାଥପୁର ଅଞ୍ଚଳରେ ୨୪ତମ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ରବିବାର ଫାଇନାଲ ମ୍ୟାଚରେ କୁମାରବସ୍ତ୍ର ରାଇଜିଂଷ୍ଟାର କ୍ରିକେଟ ଟିମ୍ କଳିଙ୍ଗ କ୍ରିକେଟ କ୍ଲବ ଖୋର୍ଦ୍ଧାକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ରାଇଜିଂ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୧୯୪ ରନ କରିଥିଲା। ଜବାବରେ କଳିଙ୍ଗ କ୍ରିକେଟ କ୍ଲବ ଖୋର୍ଦ୍ଧା ୭ ଉଇକେଟ ବିନିମୟରେ ୧୮୬ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ଏହି ମ୍ୟାଚରେ ମୁଖ୍ୟ ଅତିଥିଭାବେ ଜଟଣୀ ନିର୍ବାଚନ ମଣ୍ଡଳୀ ୮-ନଂ ଜୋନ୍ ଜିଲା ପରିଷଦ ଅଜିତ ସାମନ୍ତରାୟ, ପୂର୍ବତନ ସରପଞ୍ଚ ବୈକୁଣ୍ଠ ନାଥ ସାହୁ, ବିଜୟ ଚୌଧୁରୀ, ଅକ୍ଷୟ ଜେନା, ଗାନ୍ଧୀ ଜୟସିଂ, ସଂଯୁକ୍ତା ମହାନ୍ତି, ମୁରଲୀଧର ଜେନା, ଜୟପ୍ରକାଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍. ଡି ସୁଲେମାନ ମ୍ୟାନ ଅଫ ଦି ମ୍ୟାଚ ଓ ସ୍ୱାଧୀନ ପାଇକରାୟ ମ୍ୟାନ ଅଫ୍ ଦି ସିରିଜ କପ୍ ଅକ୍ତିଆର କରିଥିଲେ। ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୨୫ହଜାର ଓ ରନର୍ସଅପ ଟିମ୍‌କୁ ୨୦ହଜାର ଟଙ୍କା ପୁରସ୍କୃତ କରାଯାଇଥିଲା। ମ୍ୟାଚ ପରିଚାଳନା କରିଥିଲେ ପ୍ରଦୋଷ ବଳିୟାରସିଂ, ସୁଶୀଲ ବଳିୟାରସିଂ, ଖଗେଶ୍ୱର ସୁବୁଦ୍ଧି, ମୁଖ୍ୟ ଆୟୋଜକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା ମ୍ୟାଚ ସମ୍ପାଦନ କରାଯାଇଥିଲା।



ବଡ଼ରଘୁନାଥପୁର କପ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଉପସ୍ଥିତ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

## ଖବରଦାତା ରୋହିତଙ୍କୁ ଶହୀଦ ମାନ୍ୟତା ଦାବି

**ବେଗୁନିଆ, ୬।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରି ଅଞ୍ଚଳର କାର୍ଯ୍ୟରତ ଖବରଦାତା ରୋହିତ ବିଶ୍ୱାଳଙ୍କ ବିୟୋଗରେ ରବିବାର ଶୋକସଭା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ବେଗୁନିଆ ସାମ୍ବାଦିକ ସଂଘର ସଭାପତି ଶିବପ୍ରସାଦ ଷଡଙ୍ଗୀଙ୍କ ସଭାପତିତ୍ୱରେ ସ୍ଥାନୀୟ ମା'ବରମୂଳେଇଙ୍କ ପୀଠ ପରିସରରେ ଆୟୋଜିତ ସଭାରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବୈଦ୍ୟୁତିକ ଓ ଖବରକାଗଜର ଖବରଦାତାମାନେ ଉପସ୍ଥିତ ଥିଲେ। ରୋହିତଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। ଏହା ସହ ରୋହିତଙ୍କୁ ଶହୀଦ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଥିଲେ। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ୧୩ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଥିବା ରାଶିକୁ ବୃଦ୍ଧି କରାଯାଇ ୫୦ଲକ୍ଷ ଟଙ୍କା ରୋହିତଙ୍କ ପରିବାର ଲୋକଙ୍କୁ ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ। ଦୁର୍ଗାଚରଣ ଦାସ, ରଘୁନାଥ ସାହୁ, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ବିଷ୍ଣୁପ୍ରସାଦ କର, ସଞ୍ଜୀବ ସେଠୀ, ତ୍ରିଲୋଚନ ବାଘସିଂହ, ଚନ୍ଦନ ସୁନ୍ଦରାୟ, ଭାଗୀରଥି ଦଳସିଂହ ରାୟ ପ୍ରମୁଖ ସାମିଲ ହୋଇଥିଲେ।

### ପିଲାଙ୍କ ସଂକୀର୍ତ୍ତନରେ ଦର୍ଶକ ମନ୍ତ୍ରମୁଗ୍ଧ

**ଜଟଣୀ,୬।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ପଦନପୁର ପଞ୍ଚାୟତର ପଦନପୁର ଗ୍ରାମରେ ୨୧ତମ ବାର୍ଷିକ ସଂକୀର୍ତ୍ତନ ମହୋତ୍ସବ ଆୟୋଜିତ ହୋଇଯାଇଛି। ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ ଭାଗବତ ବାସୁଦେବଙ୍କ ପୀଠରେ ପଦନପୁର ସଂକୀର୍ତ୍ତନ ମଞ୍ଚ ପକ୍ଷରୁ ଆୟୋଜିତ ବାର୍ଷିକ ମହୋତ୍ସବରେ ବଡତୋଟା, ଭୀମପୁର, କୁମ୍ଭାରଖଟିଆ, ବକୋ ଏବଂ ପଦନପୁର ଅଞ୍ଚଳର ବହୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ଏହି ଅବସରରେ ଗାୟକ ପବିତ୍ର କୁମାର ଦାସ, ଶାନ୍ତିଲତା ଛୁଆଳସିଂ, ଦିବ୍ୟଦର୍ଶିନୀ ଭୋଳ, ଅଶ୍ୱିନୀ ସାମନ୍ତରାୟ, କାହ୍ନୁଚରଣ ଏବଂ କବିରାଜ ପାଇକରାୟ ପ୍ରମୁଖ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଚଳିତ ବର୍ଷ ଛୋଟ ଛୋଟ ପିଲାଙ୍କ ସଂକୀର୍ତ୍ତନ ପରିବେଷଣ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିବା ଦେଖିବାକୁ ମିଳିଥିଲା। ଏହି ମହୋତ୍ସବକୁ ଗ୍ରାମ ଓ ଆୟୋଜକ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ମହାରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି



**ଜଟଣୀ,୬।୨(ଡି.ଏନ୍.ଏ.)**

ଜଟଣୀ ନିକଟସ୍ଥ ପାତ୍ରପଡା ଜଗନ୍ନାଥପୁର ଶ୍ରୀଶ୍ରୀ ନାଗେଶ୍ୱର ମହାଦେବଙ୍କ ପୀଠରେ ସପ୍ତଦଶତମ ସାମ୍ବତ୍ସରିକ ଉତ୍ସବ ଓ ମହାରୁଦ୍ର ମହାଯଜ୍ଞ ରବିବାର ସମାପନ ହୋଇଯାଇଛି। ଗୁରୁବାର ଏହି ଉତ୍ସବ ଆୟୋଜିତ ହୋଇଥିବା ବେଳେ ରବିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ହୋଇଥିଲା। ଗୁରୁବାର ଅଙ୍କୁରାରୋପଣ, ଶୁକ୍ରବାର ଜଳଯାତ୍ରା, ସୂର୍ଯ୍ୟପୂଜା, ପଞ୍ଚକର୍ମ, ଗୋପୂଜା, ଶାଳା ପ୍ରବେଶ ଓ ଦେବତା ପୂଜା ଇତ୍ୟାଦି ଆୟୋଜିତ ହୋଇଥିଲା। ଶନିବାର ମହାସ୍ନାନ ଓ ଶୟନ, ଗୋପୂଜା ଏବଂ ଶାଳାପୂଜା ଆୟୋଜିତ ହୋଇଥିବା ବେଳେ ରବିବାର ପୂର୍ଣ୍ଣାହୁତି ତିଥିରେ ସୂର୍ଯ୍ୟପୂଜା, ଗୋପୂଜା, ସାକ୍ଷୀ ଗୋପୀନାଥ ଓ ରାଧାରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଏବଂ ବିଗ୍ରହ ପ୍ରାଣପ୍ରତିଷ୍ଠା ଇତ୍ୟାଦି ହୋଇଥିଲା। ଏହି ମହାରୁଦ୍ର ମହାଯଜ୍ଞରେ ଦେବେନ୍ଦ୍ର ବେହେରା ଓ ସବିତା ବେହେରା କର୍ତ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟ ପଣ୍ଡିତ ଭାବେ ସାକ୍ଷୀଗୋପାଳର ନୀଳାଦ୍ରି ବିହାରୀ ମିଶ୍ର ଯୋଗଦେଇ ମନ୍ତ୍ରପାଠ କରିଥିଲେ।

# ମଇଦାନରେ ୩ ଦଳର ନେତା, ଜମୁଛି ପ୍ରଚାର

**ଖୋର୍ଦ୍ଧା ଅଫିସ, ୬।୨**

ଖୋର୍ଦ୍ଧା ମାଟିରେ ୩୦ ଜୋନ ବିଶିଷ୍ଟ ଜିଲା ପରିଷଦ ଆସନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ଲଢେଇ ହେବ। କିଏ କାହାକୁ ପଛରେ ପକାଇବ ସେନେଇ ଚାଲିଛି ଅଙ୍କ କଷା। ପ୍ରାର୍ଥୀମାନେ ସୋସିଆଲ ମିଡିଆ ସମେତ ଘର ଘର ବୁଲି ପ୍ରଚାର ଚଳାଇଛନ୍ତି। ଧୀରେ ଧୀରେ ନିର୍ବାଚନୀ ପାଣିପାଗ ଉଷ୍ମ ହେଉଛି।

୨୦୧୨ ଓ ୨୦୧୭ରେ ଜିଲା ପରିଷଦ ଅଧ୍ୟକ୍ଷ ଆସନ ବିଜେଡି ହାତରେ ରହିଥିଲା। ଏଥର ମଧ୍ୟ ବିଜେଡି ଅଧ୍ୟକ୍ଷ ଆସନ ହାତେଇବା ପାଇଁ ଯୋଜନା କରି ଗୋଟି ଚଳାଉଛି। ୨୦୧୨ରେ ବିଜେଡି ୨୫ଟି ଏବଂ ୨୦୧୭ରେ ୨୦ଟି ସିଟ୍ ହାସଲ କରିଥିବା ବେଳେ ଭାଜପା ୧୦ଟି ଆସନ ପାଇଥିଲା। ତେବେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ଏଥର କିନ୍ତୁ ବାତାବରଣ ଭିନ୍ନ। ଭାଜପା ପୂର୍ବାପେକ୍ଷା ଅଧିକ ସିଟ୍ ପାଇପାରେ ବୋଲି ରାଜନୈତିକ ବିଶେଷଜ୍ଞ ଅନୁମାନ କରୁଛନ୍ତି। ପ୍ରାର୍ଥୀଙ୍କ ସପକ୍ଷରେ ସମ୍ପୃକ୍ତ ଦଳର ବରିଷ୍ଠ ନେତାମାନେ ପ୍ରଚାର ଚଳାଇଛନ୍ତି। ବିଜେଡି ଲାଗି ସ୍ଥାନୀୟ ବିଧାୟକ, ଭାଜପା ନିମନ୍ତେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସ ସକାଶେ ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ପ୍ରଚାର ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧାରେ ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର, ବେଗୁନିଆରେ ବିଧାୟକ ରାଜେନ୍ଦ୍ର ସାହୁ ପ୍ରଚାର ଜାରି ରଖିଛନ୍ତି। ୨୦୧୭ରେ ଚିଲିକା ନିର୍ବାଚନମଣ୍ଡଳୀରେ ଭାଜପା ୩ ଆସନ ଜିତିଥିଲା। ଏଥର ଗଡ଼ ବଞ୍ଚାଇବାକୁ ଉଦ୍ୟମ ଜାରି ରଖିଛି। ଭାଜପା ପ୍ରାର୍ଥୀ ପୃଥ୍ୱୀରାଜ ହରିଚନ୍ଦନ ଘନ ଘନ କର୍ମୀ ସମାବେଶ କରୁଛନ୍ତି। ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସମସ୍ତ ୬ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜିତିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପଟେ କଂଗ୍ରେସର ଟାଣୁଆ ନେତା ପ୍ରଦୀପ ସ୍ୱାଇଁ ମଧ୍ୟ ପ୍ରଚାରକୁ ଜୋରଦାର କରିଛନ୍ତି। ଜଟଣୀ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଏବଂ ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟଙ୍କ ପାଇଁ ଏହି ନିର୍ବାଚନ ମର୍ଯ୍ୟାଦାର ପ୍ରଶ୍ନ ହୋଇଛି।

ବିଜେଡି ଜିଲା ସଭାପତି ବିଭୂତି ବଳବନ୍ତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଭାବମୂର୍ତ୍ତି, ରାଜ୍ୟ ସରକାରଙ୍କ ଯୋଜନା, ମହିଳା ସଶକ୍ତୀକରଣ ଓ ଗ୍ରାମାଞ୍ଚଳ ଭିତ୍ତିଭୂମି ବିକାଶ ଉପରେ ଦଳ ଗୁରୁତ୍ୱ ଦେଉଛି। ବିଜେଡି ସବୁ ଆସନରେ ଜିତିବ। ସେହିପରି ଭାଜପା ନେତ୍ରୀ ତଥା ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନପ୍ରିୟତା, କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା, ଗ୍ରାମାଞ୍ଚଳ ବିକାଶ ପ୍ରତି ଗୁରୁତ୍ୱ ଦେଉଛୁ। ଗ୍ରାମାଞ୍ଚଳରେ ଭାଜପା ପ୍ରତି ଲୋକଙ୍କ ଆସ୍ଥା ରହିଛି। ଭାଜପା ପ୍ରାର୍ଥୀ ପୂର୍ବାପେକ୍ଷା ଅଧିକ ଆସନରେ ଜିତିବେ। ଅନ୍ୟପକ୍ଷରେ ଜଟଣୀ ବିଧାୟକ ସୁରେଶ ରାଉତରାୟ କହିଛନ୍ତି, ବିଜେଡି ଓ ଭାଜପା ଶାସନରେ ଜନତା ଅତିଷ୍ଠ ହେଲେଣି। ଚାଷୀ ସମସ୍ୟା, ଦରଦାମ୍ ବୃଦ୍ଧି, ନାରୀ ନିର୍ଯାତନା, ବେରୋଜଗାର ବଢିଛି। ବିକାଶ ଆଳରେ ହରିଲୁଟ ଚାଲିଛି। ଆବାସ ଯୋଜନା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ଶିଳ୍ପ କି ରୋଜଗାର କିଛି ନାହିଁ। ଗ୍ରାମାଞ୍ଚଳର ଯୁବକ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ଏସବୁ ଦୃଷ୍ଟିରୁ ଜନତା ଏଥର ପରିବର୍ତ୍ତନ ଚାହୁଁଛନ୍ତି। କଂଗ୍ରେସ ପ୍ରାର୍ଥୀ ବାଜିମାତ କରିବେ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ପରିବର୍ତ୍ତନ ଚାହୁଁଛନ୍ତି ଭୋଟର: କଂଗ୍ରେସ

**ଖୋର୍ଦ୍ଧା ଅଫିସ, ୬।୨**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆସନ୍ତା ୧୬ରେ ଟାଙ୍ଗୀ ଓ ବୋଲଗଡ଼ ଲାଗି ପ୍ରଥମ ପର୍ଯ୍ୟାୟ ମତଦାନ ହେବ। ଏଥିଲାଗି ହାତରେ ମାତ୍ର ଆଉ କେଇଟା ଦିନ ରହିଛି। କଂଗ୍ରେସ ପ୍ରାର୍ଥିନୀଙ୍କୁ ଜିତାଇବା ପାଇଁ ଦଳର ମହିଳା କର୍ମୀମାନେ ଅଣ୍ଟା ଭିଡ଼ିଛନ୍ତି। ରବିବାର ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩ନଂ. ଜୋନ୍ କଂଗ୍ରେସ ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ଖୁଣ୍ଟିଆଙ୍କ ପାଇଁ ରାଜ୍ୟ ମହିଳା କଂଗ୍ରେସର ବରିଷ୍ଠ ନେତ୍ରୀମାନେ ପ୍ରଚାର କରିଛନ୍ତି। ନିଜିଗଡ଼ ଟାପଙ୍ଗଠାରୁ ଏକ ବିଶାଳ ଶୋଭାଯାତ୍ରାରେ କଂଗ୍ରେସ ନେତାମାନେ ବାହାରି ଟାପଙ୍ଗ, ଝିଙ୍କିଝାରୀ ପ୍ରଭୃତି ଗାଁ ବୁଲି ପ୍ରଚାର କରିଥିଲେ। ରାଜ୍ୟ ମହିଳା କଂଗ୍ରେସର ଉପସଭାନେତ୍ରୀ କୁସୁମ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରଭାତୀ ପଟ୍ଟନାୟକ, ସମ୍ପାଦିକା ସୁଭଦ୍ରା ମିଶ୍ର, ଯୁବନେତା ଜିତେନ୍ଦ୍ର ପ୍ରଧାନ, ବିଭୂତି ହରିଚନ୍ଦନ, ପ୍ରଶାନ୍ତ ସାମନ୍ତସିଂହାର ପ୍ରମୁଖ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି ପ୍ରଚାର କରିଥିଲେ। ରାଜ୍ୟରେ ମହିଳା ସୁରକ୍ଷିତ ନୁହଁନ୍ତି। ନାରୀ ନିର୍ଯାତନା, ବେକାରୀ ସମସ୍ୟା ବଢିଚାଲିଛି। ଗ୍ରାମାଞ୍ଚଳରେ ବିକାଶ ଆଳରେ ଦୁର୍ନୀତିକୁ ପ୍ରଶ୍ରୟ ଦିଆଯାଉଛି। ଚାଷୀ ସମସ୍ୟା ଦ୍ୱିଗୁଣିତ ହୋଇଛି। ମହିଳା ମିଶନ ଶକ୍ତି ସଶକ୍ତୀକରଣ ଆଳରେ ସରକାର ଏହାକୁ ଭୋଟ ବ୍ୟାଙ୍କ ରାଜନୀତିରେ ପରିଣତ କରିଛନ୍ତି। ଯୋଜନା ପରେ ଯୋଜନା ଚାଲିଛି। ମାତ୍ର ଗ୍ରାମାଞ୍ଚଳରେ ଲୋକଙ୍କ ଆର୍ଥିକ ମାନଦଣ୍ଡରେ କୌଣସି ପରିବର୍ତ୍ତନ ଆସିପାରୁନାହିଁ। ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବା ବେଳେ ଶାସକ ଦଳ କର୍ମୀ, ନେତା ଏହାକୁ ହାତଉଛନ୍ତି। ସରକାରୀ ଅର୍ଥର ହରିଲୁଟ ଚାଲିଛି। ଜନତା ଜନାର୍ଦ୍ଦନ ସବୁ ଦେଖୁଛନ୍ତି। ଏବେ ଲୋକେ କହିଲେଣି ପରିବର୍ତ୍ତନ ଦରକାର। ତେଣୁ କଂଗ୍ରେସ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରାଇବାକୁ ସେମାନେ ଭୋଟରଙ୍କୁ ନିବେଦନ କରିଥିଲେ।

## ସଂକ୍ଷେପରେ

### ‘ରକ୍ତ ଦେଇ ଅନ୍ୟର ଜୀବନ ବଞ୍ଚାଇବା ଉଚିତ’

ପୁରୀ ଅଫିସ, ୬।୨: ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ୍ ପକ୍ଷରୁ ରବିବାର ପୁରୀ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଜିଲା ଶିକ୍ଷାଧିକାରୀ ମମତା ମିଶ୍ର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତି ବେହେରା, ଜିଲା ସ୍କାଉଟ୍ କମିଶନର ରମେଶ ଚନ୍ଦ୍ର ପଣ୍ଡା, ଗାଇଡ୍ କମିଶନର ରୂପଶ୍ରୀ ଛୋଟରାୟ, ଜିଲା ସ୍କାଉଟ୍ ଉପସଭାପତି ରଘୁନାଥ ମହାପାତ୍ର ଓ ରମେଶ ଚନ୍ଦ୍ର ବଳିୟାରସିଂହ, ସଦର ବ୍ଲକ ଶିକ୍ଷାଧିକାରୀ ସୁରେନ୍ଦ୍ର କୁମାର ଦାଶ, ସହକାରୀ ସ୍କାଉଟ୍ କମିଶନର ସୁଶିଲ କୁମାର ବ୍ରହ୍ମା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସମର୍ଥା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ବିଶ୍ୱାଳ ଏବଂ କଥାକାର ବଦ୍ରି ମିଶ୍ର ଯୋଗଦେଇଥିଲେ। ଜରୁରୀ ସମୟରେ ରକ୍ତ ଦେଇ ଅନ୍ୟର ଜୀବନ ବଞ୍ଚାଇବା ଉଚିତ ବୋଲି ଅତିଥିମାନେ କହିଥିଲେ। ୬୫ଜଣ ରକ୍ତ ଦାନ କରିଥିଲେ। ଆଚାର୍ଯ୍ୟ ହରିହର ରକ୍ତଭଣ୍ଡାରର ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡ. ଦୀପକ ସାହୁ, ସହଯୋଗୀ ଶ୍ରୀନିବାସ ମହାନ୍ତି, ମନୋରଞ୍ଜନ ଭୋଇ, ପ୍ରୀତିରଞ୍ଜନ ନାୟକ ରକ୍ତ ସଂଗ୍ରହ କରିଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ସ ସମ୍ପାଦକ ଦେବାଶିଷ ମିଶ୍ର, ମୀନାକ୍ଷି ମିଶ୍ର, ଜୁନିୟର ରେଡ୍‌କ୍ରସ୍ ସଂଯୋଜକ ବିଦ୍ୟାଧର ମିଶ୍ର, ଶ୍ରୀକ୍ଷେତ୍ର ରୋଭର୍ ସଙ୍ଗଠକ ରାଜେନ୍ଦ୍ର ନାରାୟଣ ହରିଚନ୍ଦନ, ଯୁଗ୍ମ ସମ୍ପାଦକ ରଘୁନାଥ ବେହେରା, ରାଜ୍ୟ ସଙ୍ଗଠକ ଅନିଲ୍ ମହାନ୍ତି, କବ୍‌ମାଷ୍ଟର ଅଜୟ କୁମାର ପଣ୍ଡା, ମହେନ୍ଦ୍ର ବିଶୋଇ, ପ୍ରଦୀପ କୁମାର ପ୍ରଧାନ, ଫ୍ଲକ୍ ଲିଡର ବୀଣାପାଣି ମିଶ୍ର, ସସ୍ମିତା ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

### ଖବରଦାତାଙ୍କ ଆତ୍ମାର ସଦ୍‌ଗତି କାମନା କରି ସମୂହ ଦୀପଦାନ

ପୁରୀ ଅଫିସ, ୬।୨: କଳାହାଣ୍ଡି ଜିଲା ଥୁଆମୂଳ ରାମପୁରରେ ଖବର ସଂଗ୍ରହ ପାଇଁ ଯାଇଥିବାବେଳେ ମାଓବାଦୀଙ୍କ ଲ୍ୟାଣ୍ଡଲାଇନ୍ ବିସ୍ଫୋରଣରେ ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ପାଇଁ ରବିବାର ପୁରୀ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଇଛି। ଏଥିରେ ପୁରୀ ସହରର ଖବରଦାତାମାନେ ଯୋଗଦେଇଥିଲେ। ମହାପ୍ରଭୁ ତାଙ୍କ ପରିବାରକୁ ଧୈର୍ଯ୍ୟ ଦିଅନ୍ତୁ ବୋଲି ଖବରଦାତାମାନେ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ରଣଜିତ୍ ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, ଶ୍ୟାମାକାନ୍ତ ପଟ୍ଟନାୟକ, ସଞ୍ଜୟ ମହାପାତ୍ର, ଶୈଳେନ୍ଦ୍ର ଆଚାର୍ଯ୍ୟ, ଜଗନ୍ନାଥ ବସ୍ତିଆ, ବିକ୍ରମ କେଶରୀ ଆଚାର୍ଯ୍ୟ ଓ ସୁନୀଲ କୁମାର ମହାନ୍ତି ପ୍ରମୁଖ ସାମିଲ ଥିଲେ।

### ସରପଞ୍ଚ ଆସନ ପାଇଁ ଲଢୁଛନ୍ତି ଦିବ୍ୟାଙ୍ଗ

କୃଷ୍ଣପ୍ରସାଦ,୬।୨(ଡି.ଏନ୍.ଏ.)- କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ରୂପେ ହରିଜନ ତଥା ଦିବ୍ୟାଙ୍ଗ ଯୁବକ ପ୍ରଦୀପ କୁମାର ସେଠୀ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ତାଙ୍କୁ ୬୫ ଶତକଡା ଦିବ୍ୟାଙ୍ଗ ପ୍ରମାଣପତ୍ର ମିଳିଛି। ପ୍ରଦୀପଙ୍କ ସହ ଅନ୍ୟ ଜଣେ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଦିବ୍ୟାଙ୍ଗ ହେଲେ ମଧ ଦୃଢ ଇଚ୍ଛା ଶକ୍ତି ଓ ଅଧ୍ୟବସାୟ ବଳରେ ନିର୍ବାଚନ ଜିତି ଲୋକଙ୍କ ସେବା କରିବେ ବୋଲି ସେ ଆଶା ବାନ୍ଧିଛନ୍ତି। ପ୍ରଦୀପ +୨ ପାସ୍ କରିଥିବାବେଳେ କେତେକ ଉତ୍ସାହୀ ଯୁବକଙ୍କ ସହିତ ପ୍ରଚାର କରୁଛନ୍ତି।

# ଆଗଉନି ସିଦ୍ଧମହାବୀର ଓଭରବ୍ରିଜ୍ କାମ

**ଜମି ଅଧିଗ୍ରହଣ ପ୍ରକ୍ରିୟା ସରିନି**

- ବିସ୍ଥାପିତଙ୍କ ମନକୁ ପାଉନି କ୍ଷତିପୂରଣ ରାଶି
- ପ୍ରଶାସନିକ ଅବହେଳାକୁ ଦୋଷ, ବଢୁଛି ଅସନ୍ତୋଷ

ପୁରୀ ଅଫିସ,୬।୨:

ପୁରୀ- କୋଣାର୍କ ରାସ୍ତାର ସିଦ୍ଧମହାବୀର ଛକଠାରେ ପ୍ରସ୍ତାବିତ ରେଲୱେ ଓଭରବ୍ରିଜ ନିର୍ମାଣ ନେଇ ଅନିଶ୍ଚିତତା ଲାଗିରହିଛି। ପ୍ରଶାସନ ପକ୍ଷରୁ ଏପର୍ଯ୍ୟନ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ସରିନାହିଁ। ଅନ୍ୟପଟେ ଉପଯୁକ୍ତ କ୍ଷତିପୂରଣ ବିନା ଜମି ଛାଡ଼ିବାକୁ ସ୍ଥାନୀୟ ବାସିନ୍ଦା ରାଜି ହେଉନାହାନ୍ତି। ଫଳରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ।

ପୁରୀ-କୋଣାର୍କକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଦେଇ ସିଦ୍ଧମହାବୀର ଛକଠାରେ ରେଳଲାଇନ ଅତିକ୍ରମ କରିଛି। ଲୋକେ ଏହି ରାସ୍ତା ଦେଇ ଯାତାୟାତ କରିବା ବେଳେ ବାରମ୍ବାର ଗହଳିରେ ଫସି ରହୁଛନ୍ତି। ଥରେ ରେଲୱେ ଗେଟ୍ ଖୋଲିବା ପରେ ପ୍ରାୟ ଅଧଘଣ୍ଟାରୁ ଅଧିକ ସମୟ ରାସ୍ତା ଜାମ୍ ରହୁଛି। ରେଲୱେ ପକ୍ଷରୁ ଏଠାରେ ଓଭରବ୍ରିଜ ନିର୍ମାଣ ନେଇ ସମସ୍ତ ପ୍ରସ୍ତୁତି ସରିଛି, ହେଲେ ଜମି ଅଧିଗ୍ରହଣ ସମସ୍ୟା ତୁଟୁନାହିଁ। ସେହିପରି ଏଠାରେ ଅଧିକାଂଶ ଜମି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ରହିଥିବାବେଳେ ବିସ୍ଥାପିତ ହେବାକୁ ଥିବା ବାସିନ୍ଦାଙ୍କୁ ପ୍ରଶାସନ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ମିଳୁ ନ ଥିବା ଅଭିଯୋଗ ହେଉଛି। ବିସ୍ଥାପିତ ହେବାକୁ ଥିବା ଗୌରୀମଣି ଜେନା କହିଛନ୍ତି, ୪ ବଖରା ଘର ସମ୍ପୂର୍ଣ୍ଣ ଓ ଆଉ ଏକ ବଖରା ଅର୍ଦ୍ଧେକ ଭାବେ ଭଙ୍ଗାଯିବ ବୋଲି ନୋଟିସ୍ ହୋଇଛି। ଦୋକାନ ଘରଟି ମଧ୍ୟ ଚାଲିଯିବ। ଏସବୁର ପ୍ରତିବଦଳରେ ୧୦ ଲକ୍ଷ ୮୧ ହଜାର ଟଙ୍କା ମିଳିବ। ଏହା ଉପଯୁକ୍ତ କ୍ଷତିପୂରଣ ରାଶି ନୁହେଁ। ଉପଯୁକ୍ତ କ୍ଷତିପୂରଣ ରାଶି ନ ମିଳିଲେ ବିସ୍ଥାପନକୁ ବିରୋଧ କରିବୁ। ଏ ନେଇ ସେ ଭୂଅର୍ଜନ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ଅଧିକାରୀମାନେ ସମସ୍ୟା ନ ବୁଝି ଓଲଟା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଘର ଖାଲି କରିବା ପାଇଁ ନାଲି ଆଖି ଦେଖାଉଛନ୍ତି ବୋଲି ଗୌରୀମଣି କହିଛନ୍ତି। ବାଲିଘାଟର ବାସିନ୍ଦା ସିଦ୍ଧାର୍ଥ ଜେନା କହିଛନ୍ତି, ଦିନକୁ ଅତିକମ୍‌ରେ ୫ଥର ଏହି ବାଟ ଦେଇ ଯିବା ଆସିବା କରିବାକୁ ପଡ଼େ। କୌଣସି ବିକଳ୍ପ ନ ଥିବାରୁ ରେଳଫାଟକ ଦେଇ ଯିବାକୁ ପଡୁଛି। ଏଭଳି ସ୍ଥଳେ କେବଳ ରେଳଫାଟକ ନିକଟରେ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛି। ଆନୁମାନିକ ଭାବେ ପ୍ରତି ୨୦ ମିନିଟ୍‌କୁ ଥରେ ରେଳଫାଟକ ବନ୍ଦ ହେଉଛି। ଏଥିଯୋଗୁ ଅଯଥା ସମୟ ନଷ୍ଟ ହେଉଛି। ଏ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ, ଉକ୍ତ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ବାବଦ କ୍ଷତିପୂରଣ ଏବଂ ଓଭରବ୍ରିଜ୍ କାମ ବାବଦକୁ ଓଡ଼ିଶା ଜାତୀୟ ରାଜପଥ ବିଭାଗ ପକ୍ଷରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୩୦ କୋଟି ୩୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏଥିରୁ ଜମି ଅଧିଗ୍ରହଣ ପାଇଁ ୬୬ କୋଟି ୭୨ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳ ହୋଇଥିଲା। ପରେ ଓଡ଼ିଶା ଜାତୀୟ ରାଜପଥ ବିଭାଗର ମୁଖ୍ୟଯନ୍ତ୍ରୀଙ୍କ ପକ୍ଷରୁ ପ୍ରକଳ୍ପରେ ସାମାନ୍ୟ ସଂଶୋଧନ କରାଯାଇ କେନ୍ଦ୍ର ସରକାରଙ୍କ ଅଧୀନ ଜାତୀୟ ରାଜପଥ ମନ୍ତ୍ରଣାଳୟକୁ ଚିଠି ଲେଖାଯାଇଥିଲା, ଯେଉଁଥିରେ ବ୍ରିଜ୍ ନିର୍ମାଣ ଓ ଜମି ଅଧିଗ୍ରହଣ ବାବଦକୁ ୧୪୧ କୋଟି ୦୪ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଥିଲା। ଏଥିରେ ଜମି ଅଧିଗ୍ରହଣ ବାବଦ ଖର୍ଚ୍ଚକୁ ୭୭ କୋଟି ୪୦ ଲକ୍ଷଟଙ୍କାକୁ ବୃଦ୍ଧି କରାଯାଇଛି। ଉକ୍ତ ପ୍ରକଳ୍ପକୁ କେନ୍ଦ୍ର ଭୂପୃଷ୍ଠ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇସାରିଛି। ଏଥିପାଇଁ ୧୩୭ କୋଟି ୬୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ପ୍ରଥମେ ୫୩ କୋଟି ୮୦ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପରେ ୨୦୨୧ରେ ପୁଣି ଅର୍ଥ ଅନୁମୋଦିତ ହୋଇଛି। ଏହା ସତ୍ତ୍ୱେ ପ୍ରଶାସନିକ ଅବହେଳା ଯୋଗୁ ବ୍ରିଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ ବୋଲି ଆର୍‌ଓବି କ୍ରିୟାନୁଷ୍ଠାନ କମିଟି ସଦସ୍ୟ ବିଶ୍ୱନାଥ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଭୂଅର୍ଜନ ବିଭାଗର ଅଧିକାରୀ ପି.କେ.ଜେନା କହିଛନ୍ତି, ମୋଟ ୨୪୦ ବ୍ୟକ୍ତି ଏହି ଜମି ଅଧିଗ୍ରହଣର ଅଂଶବିଶେଷ ହୋଇଥିବା ବେଳେ ୧୬୦ ଜଣଙ୍କୁ ନୋଟିସ୍ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଅନେକେ ଅଭିଯୋଗ ଦାଖଲ କରିଛନ୍ତି। ଅଭିଯୋଗ ସମାଧାନ ଲାଗି ଗୁରୁତ୍ୱ ଦିଆଯାଉଛି। ୬୦ ଜଣଙ୍କ ସମସ୍ୟାର ସମାଧାନ ସରିଛି। କେତେଜଣଙ୍କୁ ଅର୍ଥ ପଇଠ ସରିଥିବାବେଳେ ଆଉ କେତେଜଣଙ୍କୁ ପଇଠ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ୟମାନଙ୍କ ସମସ୍ୟା ଉପରେ ପ୍ରଶାସନ ଆଲୋଚନା କରି ନିଷ୍ପତ୍ତି ନେବ। ସେହିଭଳି ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ତୁରନ୍ତ ବ୍ରିଜ କାର୍ଯ୍ୟ ଆରମ୍ଭ ଲାଗି ପଦକ୍ଷେପ ନିଆଯିବ।



ଖବରଦାତା ରୋହିତ ବିଶ୍ୱାଳଙ୍କ ସ୍ମୃତିରେ ରବିବାର ପୁରୀ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ବିଜେଡି ପକ୍ଷରୁ ୧୧ ୱାର୍ଡରେ ପଦଯାତ୍ରା

ନିମାପଡ଼ା, ୬।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରତ୍ୟେକ ପଞ୍ଚାୟତର ଗାଁ, ସାହି, ବସ୍ତିରେ ପ୍ରଚାର କାର୍ଯ୍ୟ ଜୋର୍‌ଦାର ଚାଲିଛି। ଏହି ପରିପ୍ରେକ୍ଷୀରେ ବ୍ଲକର ତମ୍ପାଲୋ ପଞ୍ଚାୟତ ଅଧୀନ ୧୧ ୱାର୍ଡର ତମ୍ପାଲୋ, ପାଳଶ୍ରୀ, ଆଶପୂରଣ, ଚଢ଼େଇଗାଁ, ସୁଦରକ, ପୋଦନା, ଟୁଆଁସାହି, ନୂଆଗାଁ ଆଦି ଗ୍ରାମରେ ବିଜୁ ଜନତା ଦଳର ପ୍ରାୟ ୧ଶହ କର୍ମୀଙ୍କ ପଦଯାତ୍ରା ଓ ଭୋଟ ଭିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଦଳୀୟ ନେତୃବୃନ୍ଦ ଓ କର୍ମୀ ୨୧ନଂ. ଜୋନ୍‌ର ଜିଲା ପରିଷଦ ପ୍ରାର୍ଥିନୀ ସସ୍ମିତା ନାୟକ ଓ ତମ୍ପାଲୋ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ସସ୍ମିତା ଖଟୋଇ, ସମିତିସଭ୍ୟ ପ୍ରାର୍ଥିନୀ କବିତା ମଲ୍ଲିକଙ୍କ ସପକ୍ଷରେ ପ୍ରଚାର କରିଥିଲେ। ରଚିତାନନ୍ଦ ଖଟୋଇ, ଲିଙ୍ଗରାଜ ପଣ୍ଡା, ପୁରୁଷୋତ୍ତମ ରାଉତ, ଜଟାଧାରୀ ମହାନ୍ତି, ବଟକୃଷ୍ଣ ରାଉତ, ପ୍ରଭଞ୍ଜନ ଭୋଇ, କାହ୍ନୁଚରଣ ଭୋଇ, ପବିତ୍ର ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

## କଣ୍ଠଶିଳ୍ପୀଙ୍କ ସ୍ମୃତିରେ ହେବ ସଙ୍ଗୀତ ସନ୍ଧ୍ୟା

ପୁରୀ ଅଫିସ, ୬।୨:

କୋଭିଡ୍‌ରେ ପ୍ରାଣ ହରାଇଥିବା କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଆସନ୍ତା ଏପ୍ରିଲ ୯ ଓ ୧୦ ତାରିଖରେ ପୁରୀ ସାଂସ୍କୃତିକ ସମ୍ବଳ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ଆୟୋଜନ କରାଯିବ। ଏ ନେଇ ଉକ୍ତ ସଙ୍ଗଠନ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମହମ୍ମଦ ଅଜିଜ୍, ଚିତ୍ତ ଜେନା, ଏସ୍‌ପି ବାଲା ସୁବ୍ରମଣ୍ୟମ୍, ତପୁ ମିଶ୍ର, ଶାନ୍ତନୁ ମହାପାତ୍ର, ଅମରେନ୍ଦ୍ର ମହାନ୍ତି, ସରୋଜ ପଟ୍ଟନାୟକ ଏବଂ ଶାନ୍ତିରାଜ ଖୋସ୍‌ଲାଙ୍କ ସ୍ମୃତିରେ ଉକ୍ତ ସଙ୍ଗୀତ ସନ୍ଧ୍ୟା ଆୟୋଜନ ହେବ ବୋଲି ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି। ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ କାର୍ତ୍ତିକ କୁମାରଙ୍କ ତତ୍ତ୍ୱାବଧାନରେ କାର୍ତ୍ତିକ କୁମାର ନାଇଟ୍ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ସୁନାମଧନ୍ୟ କଳାକାରମାନେ ସଙ୍ଗୀତ ପରିବେଷଣ କରିବେ। ଏହି ଅବସରରେ ଜହ୍ନ ରାଇଜରେ ଜୀବନ ଗୀତର ପ୍ରଦର୍ଶନ ହେବ। ଖବରଦାତା ସମ୍ମିଳନୀରେ ଷଡ଼ଙ୍ଗୀଙ୍କ ସମେତ ସଭାପତି ଡ. ଶଙ୍କର୍ଷଣ ଦାଶ, ଗୀତିକାର ଗୁରୁ ଶତପଥୀ, ପ୍ରକାଶିନୀ ସାହୁ ଓ ଗୁରୁଶ୍ୟାମଳ ଭଟ୍ଟାଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ, ସ୍ୱାମୀ ଗିରଫ

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ଗୋପ,୬।୨(ଡି.ଏନ୍.ଏ.)

ଗୋପ ଥାନା ଗବଡିହ ଗ୍ରାମରୁ ରବିବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ରଜନୀ ଭୋଇ। କିନ୍ତୁ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ମୃତାଙ୍କ ମା’ ସଞ୍ଜୁ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ. ୪୦/୨୨) ରୁଜୁକରି ମୃତାଙ୍କ ସ୍ୱାମୀ ପ୍ରକାଶ ଭୋଇଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଚନ୍ଦନପୁର ଥାନା ଅଧୀନ ଗଙ୍ଗାନାରାୟଣପୁର ଗ୍ରାମର ସଞ୍ଜୁଙ୍କ ଝିଅ ରଜନୀ ୨୦୨୧ରେ ପ୍ରକାଶଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଯୌତୁକ ଦିଆଯାଇଥିଲା। କିନ୍ତୁ ବିବାହର ଅଳ୍ପଦିନ ପରେ ଅଧିକ ଯୌତୁକ ଦାବିରେ ଶ୍ୱଶୁର ଘର ପକ୍ଷରୁ ନିର୍ଯାତନା ଦେଉଥିବା ନେଇ ରଜନୀ ତାଙ୍କ ମା’ଙ୍କୁ କହିଥିଲେ। ଶନିବାର ରାତିରେ ପ୍ରକାଶ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିଲେ। ତେବେ ଘରକୁ ଫେରିବା ପରେ କିଛି କଥାକୁ ନେଇ ସ୍ତ୍ରୀ ରଜନୀଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ରଜନୀ ଗୋଟିଏ ଘରକୁ ଚାଲିଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ପ୍ରକାଶ ଦେଖିବା ବେଳକୁ ସେ ବେକରେ ରଶି ଲଗାଇ ଝୁଲୁଥିଲେ। ଘଟଣା ସମ୍ପର୍କରେ ପ୍ରକାଶ ରଜନୀଙ୍କ ବାପଘର ଓ ପୋଲିସକୁ ଜଣାଇଥିଲେ। ଖବର ପାଇ ତାଙ୍କ ମା’ ପହଞ୍ଚି ଝିଅକୁ ଦେଖିବା ପରେ ଶାଶୁଘର ଲୋକେ ଝିଅକୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଇଥିବା ନେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଆଶା, ଆଶଙ୍କାରେ ଜିଲା ପରିଷଦ ପ୍ରାର୍ଥୀ

**କଣାସ ବ୍ଲକ**

କଣାସ, ୬।୨(ସ୍ୱ.ପ୍ର.)

ଆସନ୍ତା ୧୬ତାରିଖରେ କଣାସ ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ମତଦାନ ହେବ। ଏହିଦିନ ପାଖେଇ ଆସୁଥିବା ହେତୁ ବ୍ଲକର ୩, ୪ ଓ ୫ ନମ୍ବର ଜିଲା ପରିଷଦ ଜୋନରେ ନିର୍ବାଚନ ଉଷ୍ମତା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ପ୍ରାର୍ଥୀମାନେ ଘର ଘର ବୁଲି ପ୍ରଚାର କରିବାରେ ସମସ୍ତ ଶକ୍ତି ଖଟାଇ ଦେଇଛନ୍ତି। ପ୍ରତ୍ୟେକ ଜୋନରେ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେବାର ନିଶ୍ଚିତ ହୋଇସାରିଛି। ହେଲେ ବ୍ଲକର କୌଣସି ଜୋନରେ କଂଗ୍ରେସ ଦଳର ପ୍ରାର୍ଥୀ ନ ଥିବାବେଳେ ସେହି ଭୋଟରମାନେ କେଉଁ ଦଳର ପ୍ରାର୍ଥୀଙ୍କ ସପକ୍ଷରେ ଯିବେ ତାହା କଳନା କରିବା ସମ୍ଭବ ହେଉନି। ତେଣୁ ଜିଲା ପରିଷଦ ପ୍ରାର୍ଥୀମାନେ ଆଶା, ଆଶଙ୍କାରେ ରହିଛନ୍ତି।

କଣାସ ବ୍ଲକର ୩ ନମ୍ବର ଜୋନରେ ୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଣତି ଜେନା ବିଜେଡି, ମୀନାକ୍ଷୀ ମିଶ୍ର ଭାଜପା, ତପସ୍ୱିନୀ ମହାରଥା ସିପିଆଇ(ଏମ୍) ଓ ସତ୍ୟଭାମା ମଲ୍ଲିକ ସ୍ୱାଧୀନ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଏହି ୩ ନମ୍ବର ଜୋନରେ ବିଜେଡି, ଭାଜପା ଓ କଂଗ୍ରେସ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୨୯,୦୧୪ ମତଦାନ ହୋଇଥିବା ବେଳେ ୫୪୧ଖଣ୍ଡ ନାକଚ ହୋଇଥିଲା। ବିଜେଡି ପ୍ରାର୍ଥୀ ୧୬,୩୬୯ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ଭାଜପା ୨ୟ ଓ କଂଗ୍ରେସ ୩ୟ ସ୍ଥାନରେ ରହିଥିଲେ। ସେହିପରି ୪ ନମ୍ବର ଜୋନରେ ୬ଜଣ ପ୍ରାର୍ଥୀ ରହିଛନ୍ତି। ଅଶୋକ ପ୍ରଧାନ ସିପିଆଇ (ଏମ୍‌ଏଲ), କରୁଣାକର ଦାସ ବିଏସ୍‌ପି, ଭୀମସେନ ପାଇକରାୟ ବିଜେଡି, ରାମଚନ୍ଦ୍ର ବେହେରା ସ୍ୱାଧୀନ, ସୌମ୍ୟକାନ୍ତ ବେହେରା ଏଏପି ଓ ସୌମ୍ୟରଞ୍ଜନ ବଳିଆରସିଂହ ଭାଜପାରୁ ନିର୍ବାଚନ ଲଢୁଛନ୍ତି। ଭାଜପା ପ୍ରାର୍ଥୀ ସୌମ୍ୟରଞ୍ଜନ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହଙ୍କ ପୁତ୍ର ହୋଇଥିବାବେଳେ ଭାଜପାର ବିଦ୍ରୋହୀ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି ରାମଚନ୍ଦ୍ର ବେହେରା। ଗତ ନିର୍ବାଚନରେ ୨୭୧୮୦ ମତଦାନ ହୋଇଥିବା ବେଳେ ୪୮୮ ଖଣ୍ଡ ନାକଚ ହୋଇଥିଲା। ୧୨୩୮୬ ଭୋଟ ପାଇ ବିଜେଡି ପ୍ରଥମ, ୨ୟରେ କଂଗ୍ରେସ ଏବଂ ୩ୟରେ ଥିଲା ଭାଜପା। ସେହିପରି ୫ ନମ୍ବର ଜୋନରେ ୫ ପ୍ରାର୍ଥୀ ଥିବାବେଳେ କରୁଣାକର ଦାସ ବିଏସ୍‌ପି, ଧନେଶ୍ୱର ସ୍ୱାଇଁ ସିପିଆଇ(ଏମ୍), ପ୍ରସନ୍ନ ପାଇକରାୟ ସ୍ୱାଧୀନ, ଲତାମଣି ଜଗଦ୍ଦେବ ଭାଜପା ଓ ଲିଙ୍ଗରାଜ ସ୍ୱାଇଁ ବିଜେଡି ପ୍ରାର୍ଥୀ ଭାବେ ଲଢ଼େଇ କରୁଛନ୍ତି। ଗତ ନିର୍ବାଚନରେ ୩୧,୪୯୫ ମତଦାନ ମଧ୍ୟରୁ ନାକଚ ହୋଇଥିଲା ୩୮୦ ଭୋଟ। ୧୪,୨୦୪ ଭୋଟ ପାଇ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଭାଜପା ପ୍ରାର୍ଥୀ ୨ୟ ଓ କଂଗ୍ରେସ ୩ୟରେ ରହିଥିଲା। ୨୦୧୭ ନିର୍ବାଚନ ପରିସଂଖ୍ୟାନରୁ ଜଣାପଡେ ୩ଟି ଜୋନରେ କଂଗ୍ରେସ ପଛୁଆ ଭାବେ ରହିଛି। ଚଳିତଥର ସ୍ୱାଧୀନ, ସିପିଆଇ(ଏମ୍), ସିପିଆଇ (ଏମ୍‌ଏଲ), ଏଏପି ଓ ବିଏସ୍‌ପିର ପ୍ରାର୍ଥୀମାନେ ବିଜେଡି ପାଇଁ ଚିନ୍ତାର କାରଣ ହୋଇଥିବା ବେଳେ ୪ ନମ୍ବର ଜୋନରେ ବିଦ୍ରୋହୀ ସ୍ୱାଧୀନ ପ୍ରାର୍ଥୀ ଭାଜପା ପାଇଁ କଣ୍ଟା ସଦୃଶ ପ୍ରତୀୟମାନ ହେଉଛି।




କନ୍ଧମାଳ ଜିଲା ଆମ୍ବପୋଡ଼ା ଗ୍ରାମର ଶିଶୁ ରାଜବୀର ରଣାଙ୍କ ଚିକିତ୍ସା ସହାୟତା ନିମନ୍ତେ ରବିବାର ପୁରୀର ପତିତପାବନ ସମାଜ ସେବା ଅନୁଷ୍ଠାନ ପକ୍ଷରୁ ଅର୍ଥ ସଂଗ୍ରହ କରାଯାଉଛି ।

## ‘ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ’ ଶୀର୍ଷକ ଆଲୋଚନାଚକ୍ର




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ପ୍ରତିଭା ।

**ପ୍ରଦୀପ୍ତ ମିଶ୍ରଙ୍କୁ ଶ୍ରୀରାଧାରମଣ ଶାନ୍ତି ପୁରସ୍କାର**

ପୁରୀ ଅଫିସ, ୬।୨:

ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାଧାରମଣ ଫାଉଣ୍ଡେଶନ୍‌ର ୩୨ତମ ପ୍ରତିଷ୍ଠା ଦିବସରେ ରବିବାର ଫକୀରମୋହନ ବିଦ୍ୟାମନ୍ଦିର ପରିସରରେ ‘ଶ୍ରୀକ୍ଷେତ୍ର ଶ୍ରୀଜଗନ୍ନାଥ’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ହରିଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ନିର୍ମଳାକୃତି ବିକାଶ ଟ୍ରଷ୍ଟର ଅଧ୍ୟକ୍ଷ ଦିଲୀପ କୁମାର ପଟ୍ଟନାୟକ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅଧିବକ୍ତା ଅବକାଶ ନନ୍ଦ, ଗବେଷକ ଉମେଶ ଚନ୍ଦ୍ର ଚିହ୍ନରା, ନୀଳମଣି ଗୁରୁ, ଆଶୁତୋଷ ମିଶ୍ର ଯୋଗ ଦେଇଥିଲେ। ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥ ପରମ୍ପରା ଓ ମହତ୍ତ୍ୱ ସମ୍ପର୍କରେ ଅତିଥିମାନେ ଆଲୋକପାତ କରଥିଲେ। ଏହି ପରିପ୍ରେକ୍ଷୀରେ ବୈଜ୍ଞାନିକ ଡ. ପ୍ରଦୀପ୍ତ ମିଶ୍ରଙ୍କୁ ଶ୍ରୀରାଧାରମଣ ଶାନ୍ତି ପୁରସ୍କାର, ଅବକାଶ ନନ୍ଦଙ୍କୁ ମଧୁସୂଦନ ସ୍ମୃତି ପୁରସ୍କାର ଓ ହରିଶଙ୍କର ମିଶ୍ରଙ୍କୁ ହରିପୁରୁଷ ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଶହେ ଜଣ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବିତରଣ କରାଯିବା ସହ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି।

## ପର୍ଯ୍ୟଟକଙ୍କ ସେବାରେ ଲାଗୁନି ପାନ୍ଥଶାଳା

- ପାଲଟିଛି ମଣ୍ଡପ
- ବାହାରେ ବିଶ୍ରାମ ନେଉଛନ୍ତି

ସାକ୍ଷୀଗୋପାଳ,୬।୨(ଡି.ଏନ୍.ଏ.)

ରାଜ୍ୟ ପର୍ଯ୍ୟଟନ ବିଭାଗ ଅନୁଦାନରେ ସାକ୍ଷୀଗୋପାଳ ମନ୍ଦିର ନିକଟରେ ନିର୍ମିତ ପାନ୍ଥଶାଳା ପର୍ଯ୍ୟଟକଙ୍କ ସେବାରେ ଲାଗୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଦୂରଦୂରାନ୍ତରୁ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ଆସୁଥିବା ତୀର୍ଥଯାତ୍ରୀ ଓ ପର୍ଯ୍ୟଟକ ଏଠାରେ ହଟହଟା ହେଉଛନ୍ତି। ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ମାୟାପୁର ଓ ଆସାମରୁ ଏକ ଟ୍ୟୁରିଷ୍ଟ ବସ୍ ଯୋଗେ ରବିବାର ସକାଳେ ୪ଶହ ତୀର୍ଥଯାତ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଦର୍ଶନ ପାଇଁ ଆସିଥିଲେ। ଦର୍ଶନ ପରେ ସେମାନେ ସାଙ୍ଗରେ ଆଣିଥିବା ଖାଦ୍ୟ ନେଇ ପାନ୍ଥଶାଳାକୁ ଯାଇଥିଲେ। ମାତ୍ର ସେଠାରେ ଏକ ମାଙ୍ଗଳିକ ଉତ୍ସବ ଚାଲିଥିଲା। ଅନ୍ୟ ଉପାୟ ନ ପାଇ ସେମାନେ ପାର୍ଶ୍ୱରେ ଥିବା ଏକ ଶୌଚାଳୟ ସଂଲଗ୍ନ ଅପରିଷ୍କାର ପଡ଼ିଆରେ ବସି ଭୋଜନ କରୁଥିବା ଦେଖିବାକୁ ମିଳିଥିଲା। ଏପରି ଅବ୍ୟବସ୍ଥା ନେଇ ସେମାନେ ଗଣମାଧ୍ୟମ ଜରିଆରେ ପୁରୀ ଜିଲାପାଳ ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏକ ପୁରାତନ ତୀର୍ଥସ୍ଥଳୀ ସାକ୍ଷୀଗୋପାଳରେ ପର୍ଯ୍ୟଟକଙ୍କୁ ସାଧାରଣ ସୁବିଧା ଯୋଗାଇ ଦେବାକୁ ଦାବି କରିଥିଲେ। ପର୍ଯ୍ୟଟକଙ୍କ ପାଇଁ ଉଦ୍ଦିଷ୍ଟ ସୁବିଧାରୁ ସେମାନଙ୍କୁ ବଞ୍ଚିତ କରିବା ଘଟଣାରେ ସେମାନେ ମନ୍ଦିର ପ୍ରଶାସନକୁ ଦାୟୀ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷ ଠିକଣା ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ଏଭଳି ଘଟଣା ଅନେକଥର ଘଟିଥିଲେ ମଧ୍ୟ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉଲ୍ଲେଖଥାଉ କି, ସାକ୍ଷୀଗୋପାଳ ମନ୍ଦିର ନିକଟରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଦୁଇଟି ପ୍ରାସାଦ ନିର୍ମାଣ କରାଯାଇ ରକ୍ଷଣାବେକ୍ଷଣ ପାଇଁ ଉକ୍ତ ମନ୍ଦିର ପ୍ରଶାସନକୁ ଦାୟିତ୍ୱ ଦିଆଯାଇଥିଲା। ଗୋଟିଏ ପାନ୍ଥଶାଳା ଓ ଅନ୍ୟଟି ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ନେଇ କଲ୍ୟାଣ ମଣ୍ଡପ ନିମନ୍ତେ ଉଦ୍ଦିଷ୍ଟ ରଖାଯାଇଛି। ପାନ୍ଥଶାଳାରେ ୭ଟି ସୁଟ୍‌ରେ ଡବଲ ବେଡ୍, ଗଦି, ଚେୟାର, ଟେବୁଲ, ଡ୍ରେସିଂ ଟେବୁଲ ଦିଆଯାଇଛି। ହେଲେ ଅଧିକାଂଶ ସମୟ ପାନ୍ଥଶାଳାରେ ଭୋଜି କାର୍ଯ୍ୟକ୍ରମ ହେଉଥିବାରୁ ପର୍ଯ୍ୟଟକମାନେ ଆସି ପାନ୍ଥଶାଳାରେ ଜାଗା ନ ପାଇ ବସ୍‌ଷ୍ଟାଣ୍ଡ, ରାସ୍ତାକଡ଼ ଓ ଶୌଚାଳୟ ଆଦି ଅତ୍ୟନ୍ତ ଅପରିଷ୍କାର ସ୍ଥାନରେ ଖାଦ୍ୟ ପ୍ରସ୍ତୁତ କରି ଭୋଜନ ଓ ବିଶ୍ରାମ ନେବାକୁ ବାଧ୍ୟ ହେଉଛନ୍ତି। ଏପରି କି ପାନ୍ଥଶାଳା ସମ୍ମୁଖ ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମର ଅଳିଆ ପଡ଼ିରହୁଥିବା ବେଳେ ତାହା ସଫା ହେଉ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ମନ୍ଦିର ପ୍ରଶାସନର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।



ଶୌଚାଳୟ ସମ୍ମୁଖରେ ପର୍ଯ୍ୟଟକମାନେ ବସି ଖାଉଛନ୍ତି ।

## ନିର୍ବାଚନ ପାଇଁ ପୋଲିସର ଫ୍ଲାଗମାର୍ଚ୍ଚ

କଟକ ସଦର/ ନିଶ୍ଚିନ୍ତକୋଇଲି,(ଡି.ଏନ.ଏ./ ସ୍ୱ.ପ୍ର.): ପଞ୍ଚାୟତ ନିର୍ବାଚନକୁ ଅବାଧ ଓ ଶାନ୍ତିଶୃଙ୍ଖଳାରେ କରାଇବା ପାଇଁ କିଶନ ନଗର ପୋଲିସ ପକ୍ଷରୁ ରବିବାର ସନ୍ଧ୍ୟାରେ କିଶୋର ନଗର ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସାଲେପୁର ଏସ୍‌ଡିପିଓ ବିମଳ ବାରିକ ଓ ଥାନା ଅଧିକାରୀ ସସ୍ମିତା ରଣାଙ୍କ ସମେତ ଏକ ପ୍ଲାଟୁନ୍ ଫୋର୍ସ ସାମନ୍ତରାପୁର, ହୁଲିପୁର, ବିଶ୍ୱାଳପଡ଼ା, ରାମଚନ୍ଦ୍ରପୁର ଅଞ୍ଚଳରେ ଫ୍ଲାଗମାର୍ଚ୍ଚ କରିଥିଲେ। ସେହିପରି ନିଶ୍ଚିନ୍ତକୋଇଲି ଥାନା ପୋଲିସ ପକ୍ଷରୁ ନିଶ୍ଚିନ୍ତକୋଇଲି, କଟିକଟା, ଅସୁରେଶ୍ୱର ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିରେ ସାଲେପୁର ଏସ୍‌ଡିପିଓ ବିମଳ କୁମାର ବାରିକ, ନିଶ୍ଚିନ୍ତକୋଇଲି ଆଇଆଇସି ଚିନ୍ମୟୀ ସାହୁଙ୍କ ସମେତ ପୋଲିସ କର୍ମଚାରୀ ସାମିଲ ଥିଲେ।

### ସଂକ୍ଷେପରେ

## ଚାକିରି କରାଇବାକୁ କହି ଠକେଇ, ଅଭିଯୁକ୍ତ ଗିରଫ

**କଟକ ଅଫିସ,୬।୨:** ଠକେଇ ଅଭିଯୋଗରେ ଜଗତ୍‌ପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଜଗତ୍‌ପୁର ଥାନା ଅନ୍ତର୍ଗତ ମହାଜନପୁର ଗ୍ରାମର ଶାଓ୍ୱନ ରାଉତ। ତାଙ୍କ ନିକଟରୁ ଏକ ବାଇକ୍ ଓ ସ୍ମାର୍ଟଫୋନ୍ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜଗତ୍‌ପୁର ଅଞ୍ଚଳରେ ଥିବା ଏକ ଘରୋଇ ବ୍ୟାଙ୍କରେ ଚାକିରି କରାଇ ଦେବାକୁ କହି ସତ୍ୟଜିତ୍ ସ୍ୱାଇଁଙ୍କଠାରୁ ଶାଓ୍ୱନ ୩ ଲକ୍ଷ ଟଙ୍କା ଠକି ନେଇ ଧରାଛୁଆଁ ଦେଇ ନ ଥିଲେ। ଏ ନେଇ ସତ୍ୟଜିତ୍ ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୫/୨୨) ରୁଜୁ କରିଥିଲା।

## ଗୋଷ୍ଠୀ ସଂଘର୍ଷ: ୮ ଆହତ

**କଣ୍ଟାପଡା,୬।୨(ଡି.ଏନ୍.ଏ.):** ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତରପାରି ରହମ୍ବା ଗ୍ରାମରେ ଶନିବାର ରାତିରେ କୌଣସି କାରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୮ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ହୃଦାନନ୍ଦ ମଲ୍ଲିକ, ସୁଦର୍ଶନ ଦାସ, ଭରତ ଦାସ, ସୁଦର୍ଶନ ମଲ୍ଲିକ, ସରସ୍ତୀ ମଲ୍ଲିକ, ପ୍ରଭାକର ଦାସ, ସାଗର ମଲ୍ଲିକ ଓ ବାଦଲ ମଲ୍ଲିକ। ଚିକିତ୍ସା ଲାଗି ସେମାନଙ୍କୁ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ୨ଟି ମାମଲା(ନଂ.୨୦,୨୧/୨୦୨୨) ରୁଜୁ କରିଛି। ଏଥିସହ ଉଭୟ ପକ୍ଷର ସନିଆ ମଲ୍ଲିକ, ଧୁନା ଦାସ, ଅନା ଦାସ ଓ ସୁଦର୍ଶନ ମଲ୍ଲିକ ଓ ପ୍ରଭାକର ମଲ୍ଲିକଙ୍କୁ ଗିରଫ କରିଛି।

## ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

**କଟକ ସଦର,୬।୨ (ଡି.ଏନ୍.ଏ.):** ୪୨ ମୌଜା ଥାନା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ମିତା ବେହେରା ନାମ୍ନୀ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ରବିବାର କାଳିଆ ନାୟକ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ଶନିବାର କୌଣସି କାରଣରୁ କାଳିଆ ଓ ତାଙ୍କର ଜଣେ ସହଯୋଗୀ ମିତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୨/୨୨) ରୁଜୁ କରିଥିଲା।

## ଦଧିବାମନଜୀଉଙ୍କ କାଞ୍ଚି କାବେରୀ ବେଶ

**ନିଶ୍ଚିନ୍ତକୋଇଲି,୬।୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତ କୋଇଲୋସ୍ଥିତ ପ୍ରସିଦ୍ଧ ଦଧିବାମନ ଜୀଉ ଶନିବାର ଶ୍ରୀପଞ୍ଚମୀ ଅବସରରେ କାଞ୍ଚି କାବେରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ଜୀଉଙ୍କ ମନ୍ଦିରରୁ ଚଳନ୍ତି ପ୍ରତିମା ମଦନମୋହନ, ମା' ଲକ୍ଷ୍ମୀ ସୁସଜ୍ଜିତ ବିମାନରେ ବସନ୍ତ ବଗିଚାରେ ପହଞ୍ଚିଥିଲେ। ସେଠାରେ ପ୍ରଥମ ଫଗୁଣର ପ୍ରଥମ ଫଗୁ ଖେଳିଥିଲେ ଶ୍ରୀମଦନମୋହନ ଓ ମା' ଲକ୍ଷ୍ମୀ। ସେଠାରେ ନୀତିକାନ୍ତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ସେଠାରୁ ଫଗୁଖେଳ ସାରି ମହାପ୍ରଭୁ ମନ୍ଦିରକୁ ବିଜେ କରିଥିଲେ।

## ଶତାୟୁ ବୃଦ୍ଧାଙ୍କ ପରଲୋକ

**ନିଶ୍ଚିନ୍ତକୋଇଲି,୬।୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଗ୍ରାମର ସ୍ୱର୍ଗତ ଭଜନି ପଣ୍ଡାଙ୍କ ସହଧର୍ମିଣୀ ତୁଳସୀଙ୍କ ବାର୍ଦ୍ଧକ୍ୟଜନିତ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୧୦୫ ବର୍ଷ ହୋଇଥିଲା। ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ନିଆଯାଇ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଥିଲା। ତାଙ୍କ ଅଣନାତି ମାନସ ମୁଖାଗ୍ନି ଦେଇଥିଲେ।

## ଖବରଦାତାଙ୍କ ବିୟୋଗରେ ଶୋକସଭା

**ଚୌଦ୍ୱାର,୬।୨(ଡି.ଏନ୍.ଏ.):** କଳାହାଣ୍ଡି ଜିଲା ମ. ରାମପୁର ବ୍ଲକ ଅଞ୍ଚଳରେ ଶନିବାର ଖବର ସଂଗ୍ରହବେଳେ ମାଓବାଦୀଙ୍କ ଦ୍ୱାରା ବିଛାଯାଇଥିବା ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଘଟିବାରୁ ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ଚୌଦ୍ୱାର ପ୍ରେସ୍ କ୍ଲବ୍ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ସଭାପତି ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ପ୍ରେସ୍‌କ୍ଲବ୍‌ରେ ଆୟୋଜିତ ଶୋକସଭାରେ ସମ୍ପାଦକ ରମେଶ ଚନ୍ଦ୍ର ସାମଲ, ଗଙ୍ଗାଧର ସାହୁ, ଉପଦେଷ୍ଟା ସୌରେନ୍ଦ୍ର ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଜିତ୍ ସ୍ୱାଇଁ, ଅଶୋକ କୁମାର ଦାସ, ଲକ୍ଷ୍ମୀଧର ଦାସ ପ୍ରମୁଖ ଯୋଗଦେଇ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହ ବିଶ୍ୱାଳଙ୍କ ପରିବାର ସଦସ୍ୟଙ୍କୁ କ୍ଲବ ତରଫରୁ ସମବେଦନା ଜଣାଯାଇଥିଲା।

# 'ବଜେଟରେ ବିତ୍ତୀୟ ନିବେଶକୁ ପ୍ରାଧାନ୍ୟ ଦିଆଯାଇଛି'

### ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ର

**କଟକ ଅଫିସ, ୬।୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମୟରେ ଅର୍ଥନୈତିକ ବିକାଶଠାରୁ ଆରମ୍ଭ କରି ସମସ୍ତ କ୍ଷେତ୍ରରେ ଭାରତ ସଫଳତାର ଶୀର୍ଷରେ ପହଞ୍ଚିଛି। ଚଳିତବର୍ଷ କେନ୍ଦ୍ର ସରକାର ସାଢ଼େ ୭ ଲକ୍ଷ କୋଟି ଟଙ୍କାର ବଜେଟ୍ ଆଣିଛନ୍ତି। ଏହା ଏକ ଜନକଲ୍ୟାଣକାରୀ, ସୁଦୂରପ୍ରସାରୀ ଓ ଆତ୍ମନିର୍ଭରଶୀଳ ବଜେଟ। ଗତ ୭୦ ବର୍ଷ ମଧ୍ୟରେ ଏହା ସବୁଠୁ ବଡ଼ ବଜେଟ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। କଟକ ସାରଳା ଭବନଠାରେ ରବିବାର ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବଜେଟ ସମ୍ପର୍କିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ମନ୍ତ୍ରୀ ବୈଷ୍ଣବ ଯୋଗଦେଇ କହିଥିଲେ, ଚଳିତ ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି। ଏହି ବଜେଟରେ ବିତ୍ତୀୟ ନିବେଶକୁ ବିଶେଷ ଭାବରେ ପ୍ରାଧାନ୍ୟ ଦିଆଯାଇଛି। ଫଳରେ ଦେଶର ନୂତନ ପ୍ରକଳ୍ପମାନ, ଭିତ୍ତିଭୂମିର ବିକାଶ, ନୂତନ ଶିଳ୍ପର ଅଭିବୃଦ୍ଧି, ସୂଚନା ଓ ପ୍ରଯୁକ୍ତି ସମେତ ଅନ୍ୟାନ୍ୟ କ୍ଷେତ୍ରର ବିକାଶ ହେବ। ଏହାଦ୍ୱାରା ରୋଜଗାର ବୃଦ୍ଧି ଘଟିବା ସହ ଏମ୍‌ଏସ୍‌ଏମ୍‌ଇ ସେକ୍ଟର ବିଶେଷ ଭାବରେ ଲାଭାନ୍ୱିତ ହେବ। ବିଭିନ୍ନ ସ୍ଥାନରେ ନୂଆ ରେଳ ଷ୍ଟେଶନ ପ୍ରତିଷ୍ଠା, ରେଳଲାଇନ୍ ନିର୍ମାଣ ସହ ରେଳଯାତ୍ରୀଙ୍କୁ ସମସ୍ତ ସୁବିଧା ପ୍ରଦାନ କରାଯାଇଛି ବୋଲି ସେ କହିଥିଲେ। ଏଥିସହ ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। କଟକ ନଗର ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ମୋଦିଙ୍କ ନେତୃତ୍ୱରେ ଭାରତର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ଭାଜପା ଜିଲା ସଭାପତି ପ୍ରକାଶ ବେହେରା, ନଗର ସଭାପତି ଲଲାଟେନ୍ଦୁ ବସ୍ତ୍ର, ବିନୋଦ ଦାଶ, ସଜ୍ଜନ ଶର୍ମାଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଆଲୋଚନାଚକ୍ରରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଅନ୍ୟମାନେ।

## କଂଗ୍ରେସ କର୍ମୀ ସମ୍ମିଳନୀ

**ଫୁଲନଖରା, ୬।୨ (ଡି.ଏନ୍.ଏ.)**

କଟକ ମହାନଗର ନିଗମ ଅନ୍ତର୍ଗତ ୫୮ନଂ. ୱାର୍ଡସ୍ଥିତ ମା' ସିନ୍ଦୁରେଇ ମନ୍ଦିର ପ୍ରାଙ୍ଗଣରେ କଂଗ୍ରେସ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ୫୮ନଂ. ୱାର୍ଡ କଂଗ୍ରେସ ସଭାପତି ଜନାର୍ଦ୍ଦନ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ କଟକ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଅନିଲ ବେଉରା ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଏହି ଅବସରରେ କଟକ ନଗର କଂଗ୍ରେସ ଉପସଭାପତି ସନ୍ତୋଷ ଲେଙ୍କା ଓ ସମ୍ପାଦକ ସାଗର ବେଉରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁର୍ଗାଚରଣ ନାୟକ, ନରେନ୍ଦ୍ର ଭଞ୍ଜ, ଚତୁର୍ଭୁଜ ମହାପାତ୍ର, ଚରଣ ବେହେରା, ଶୁକଦେବ ସାମନ୍ତରାୟ, ଶଙ୍କର ରାଉତ, ଶରତ ଜେନା, ରବୀନ୍ଦ୍ର ବେହେରା ଯୋଗଦେଇଥିଲେ।

## ଭୋଟରଙ୍କୁ ଧମକ: ୨ ପ୍ରାର୍ଥୀଙ୍କ ନାମରେ ମାମଲା

**ନିଶ୍ଚିନ୍ତକୋଇଲି, ୬।୨(ସ୍ୱ.ପ୍ର.)**

ନିର୍ବାଚନ ଅବାଧ ଓ ନିରପେକ୍ଷ କରିବାକୁ ଭୋଟରଙ୍କୁ କୌଣସି ପରିପ୍ରେକ୍ଷୀରେ ପ୍ରଭାବିତ କରାଯାଇପାରିବ ନାହିଁ ବୋଲି କମିଶନର କଡ଼ାକଡ଼ି ନିର୍ଦ୍ଦେଶନାମା ଜାରି କରିଛନ୍ତି। କିନ୍ତୁ ଦୁଇଜଣ ପ୍ରାର୍ଥୀ ଭୋଟ୍ ପାଇଁ ଭୋଟରଙ୍କୁ ଧମକ ଦେଇ ଭୟଭୀତ କରାଇଥିବା ନେଇ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ନଂ.୨୧/୨୨ରେ ଏକ ମାମଲା ରୁଜୁ ହୋଇଛି।

ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଞ୍ଚାୟତର ସମିତି ସଭ୍ୟ ପ୍ରାର୍ଥୀ ରୂପେ ବିଭୂତି ଭୂଷଣ ଦ୍ୱିବେଦୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତାଙ୍କ ସ୍ତ୍ରୀ ପୁଷ୍ପିତା ପଣ୍ଡା ନେମାଳ ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶନିବାର ସକାଳେ ନେମାଳ ପଞ୍ଚାୟତ ଯମୁନାପୁର ଗାଁର ଲକ୍ଷ୍ମୀଧର ପାତ୍ର କେନାଲ ବନ୍ଧରେ ଆସୁଥିଲାବେଳେ ଉଭୟ ସ୍ତ୍ରୀସ୍ୱାମୀ ତାଙ୍କୁ ରାସ୍ତା ଉପରେ ଅଟକାଇଥିଲେ। ନିର୍ବାଚନରେ କାହିଁକି ବିରୋଧ କରୁଛ ବୋଲି ଲକ୍ଷ୍ମୀଧରଙ୍କୁ ପଚାରିଥିଲେ। ପରେ ସେ ଏହି ଘଟଣାକୁ ଅସ୍ୱୀକାର କରିବାରୁ ଉଭୟ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ନିଜର ସୁରକ୍ଷା ନିମନ୍ତେ ଲକ୍ଷ୍ମୀଧର ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ଆଇଆଇସି ଉମେଶ ସାହୁଙ୍କ ସୂତ୍ରରୁ ପ୍ରକାଶ। ଏ ସମ୍ପର୍କରେ ବିଭୂତି ଓ ପୁଷ୍ପିତାଙ୍କ ଫୋନ୍‌କୁ ଯୋଗାଯୋଗ କରାଯାଇଥିଲେ ହେଁ ସେମାନେ ଗ୍ରହଣ କରି ନ ଥିଲେ।

## ଅଭିଯୁକ୍ତଙ୍କୁ ୩ ଦିନିଆ ରିମାଣ୍ଡରେ ନେଲା ପୋଲିସ

### ବେଆଇନ ଭାବେ ସରକାରୀ ଫ୍ଲାଟ୍ ବିକିବା ଘଟଣା

**କଟକ ଅଫିସ, ୬।୨**

କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ଅନ୍ଦରପୁରରେ ବସ୍ତିବାସିନ୍ଦାଙ୍କ ପାଇଁ ତିଆରି ଘରକୁ ବେଆଇନ ଭାବେ ବିକ୍ରି କରି ଲକ୍ଷାଧିକ ଟଙ୍କା ଠକିନେବା ଘଟଣାରେ ଗିରଫ ହୋଇଥିବା ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜା କରଣଙ୍କୁ ମଧୁପାଟଣା ପୋଲିସ ରବିବାର ୩ ଦିନିଆ ରିମାଣ୍ଡରେ ନେଇଛି। ଶନିବାର ତାଙ୍କୁ କୋର୍ଟଚାଲାଣ ପରେ ପୋଲିସ ରିମାଣ୍ଡ୍ ପାଇଁ ଆବେଦନ କରିଥିଲା। କଟକ ଏସ୍‌ଡିଜେଏମ୍ କୋର୍ଟରୁ ଅନୁମତି ଦେବା ପରେ ପୋଲିସ ରାଜାଙ୍କୁ ନେଇ ଅଧିକ ପଚରାଉଚରା ଚଳାଇଛି। ଅପରପକ୍ଷେ ସିଏମ୍‌ସି ପକ୍ଷରୁ ରବିବାର ରାଜାଙ୍କ ନାମରେ ସ୍ଥାନୀୟ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୭/୨୨) ରୁଜୁ କରିଛି। ଉକ୍ତ ଅଭିଯୋଗରେ ଦର୍ଶାଯାଇଛି, ରାଜା ସିଏମ୍‌ସିର ଅନ୍ଦରପୁରସ୍ଥିତ ଫ୍ଲାଟ୍‌ଗୁଡ଼ିକ ବେଆଇନ ଭାବେ ବିକ୍ରି କରିଛନ୍ତି। ରାଜା ବେଆଇନ ବିକ୍ରି ସମୟରେ ଲୋକଙ୍କୁ ଯେଉଁ ନୋଟାରି ଆଫିଡାଭିଟ୍ ଦେଇଥିଲେ, ସେଥିରେ ସିଏମ୍‌ସିର ନାମ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ସିଏମ୍‌ସି ୫୩ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟରଙ୍କ ସ୍ୱାମୀ ରାଜାଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିଲା। ଠକେଇର ଶିକାର ହୋଇଥିବା ଅନେକ ବସ୍ତିବାସିନ୍ଦାଙ୍କ ଅଭିଯୋଗ ପରେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି। ଗିରଫ ସମୟରେ ତାଙ୍କ ନିକଟରୁ ୧୪ ଲକ୍ଷ ୯୦ ହଜାର ଟଙ୍କା ଜବତ କରାଯାଇଥିଲା। ଉକ୍ତ ଟଙ୍କାକୁ ଆଗାମୀ ଦିନରେ ଠକେଇର ଶିକାର ହୋଇଥିବା ଲୋକଙ୍କୁ ଦେବା ପାଇଁ ପୋଲିସ ପ୍ରୟାସ କରିବ ବୋଲି ଜଣାପଡ଼ିଛି।

## ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଓଡ଼ିଆ ଝିଅଙ୍କୁ ସମ୍ବର୍ଦ୍ଧନା

**କଟକ ଅଫିସ, ୬।୨**

ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ବଲିଉଡ୍ କୋରିଓଗ୍ରାଫର ତଥା ଓଡ଼ିଆ ଝିଅ ରୋଜା ରଣାଙ୍କୁ କଟକ ନଗର ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରବିବାର କଟକ ଦେଉଳସାହିସ୍ଥିତ ମୋନାଲିସା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ରୋଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ବୀରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ କୁନା ତ୍ରିପାଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନୀ ରଣା, ଟଙ୍କଧର ରଣା, ଗୋପାଳ ଚନ୍ଦ୍ର ମିଶ୍ର, ସୁକାନ୍ତ ମହାନ୍ତି, ଅରବିନ୍ଦ ବେହେରା, ଲିଙ୍ଗରାଜ ସ୍ୱାଇଁ, ନିହାର ରଞ୍ଜନ ସାମନ୍ତରାୟ ଉପସ୍ଥିତ ଥିଲେ। ଧିରେନ୍ଦ୍ର କୁମାର ସିଲ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ: ଚର୍ଚ୍ଚିକା କ୍ଲବ ବିଜୟୀ

**ବାଙ୍କୀ,୬।୨(ସ୍ୱ.ପ୍ର.)**

ମା'ମଙ୍ଗଳା କ୍ରିକେଟ କ୍ଲବ ବେଦପୁର ଆନୁକୂଲ୍ୟରେ ଚାଲିଥିବା ଚଳିତବର୍ଷର କ୍ରିକେଟ ପ୍ରତିଯୋଗିତାର ୮ମ ଲିଗ୍ ମ୍ୟାଚ୍ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ରଣପୁର ଓ ମା'ଚର୍ଚ୍ଚିକା କ୍ରିକେଟ କ୍ଲବ ବାଙ୍କୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବ୍ଲୁ ଡାଇମଣ୍ଡ ଦଳ ଟସ୍ ଜିତି ବ୍ୟାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ୍ ସଂଗ୍ରହ କରିଥିଲା। ୯୦ ରନ ବିଜୟ ଲକ୍ଷ୍ୟକୁ ମା'ଚର୍ଚ୍ଚିକା ଦଳ ୧୧.୫ ଓଭରରେ ୨ ଉଇକେଟ ହରାଇ ସଂଗ୍ରହ କରିନେଇଥିଲା। ଯୁବ ବିଜେଡି ନେତା ଶ୍ରୀନିବାସ ବେହେରା ଅତିଥି ରୂପେ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ତାପସ ପଣ୍ଡା, ଆଶିଷ ବେହେରା ମ୍ୟାଚ ପରିଚାଳନା କରିଥିଲେ। ଶିଶିର ବେହେରା, ବାଦଲ ବେହେରା, କୀର୍ତ୍ତିରଞ୍ଜନ ବେହେରା, ଚିନ୍ମୟ ପଣ୍ଡା, ବିଶାଳ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।




ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ବିୟୋଗରେ ତିନିକୋଣିଆ ବଗିଚା ପୂଜା କମିଟି ଓ ଐକ୍ୟତା ସଙ୍ଗଠନ ପକ୍ଷରୁ ମହମବତି ଜାଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ନିର୍ବାଚନ ପରିଚାଳନା ପାଇଁ ତାଲିମ

**ବାଙ୍କୀ,୬।୨(ସ୍ୱ.ପ୍ର.)**

ବାଙ୍କୀ ଓ ଡମପଡ଼ା ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିଚାଳନା ପାଇଁ କର୍ମଚାରୀମାନଙ୍କୁ ଶେଷ ପର୍ଯ୍ୟାୟ ତାଲିମ ପ୍ରଦାନ କରାଯାଇଛି। ବାଙ୍କୀ କଲେଜ ଓ ଡମପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରବିବାର ବାଙ୍କୀ ବ୍ଲକରେ ୨ଶହ ଓ ଡମପଡ଼ା ବ୍ଲକରେ ୧୨୫ଜଣ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଡମପଡ଼ା ବ୍ଲକ ପକ୍ଷରୁ ବିଡିଓ ଶ୍ୟାମଳ ରାୟ, ଜିପିଇଓ ତ୍ରିନାଥ ଜେନା, ବିଇଓ ନରେନ୍ଦ୍ର କୁମାର ବେହେରା, ଏବିଇଓ ଗଦାଧର ପ୍ରଧାନ, ଅଶୋକ କୁମାର ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ପ୍ରଭାତ ରାଉତ, ବାଙ୍କୀ ବିଡିଓ ପ୍ରଦୀପ୍ତ କୁମାର ଶତପଥୀ, ଏବିଡିଓ ଶୁଚିସ୍ମିତା ନାୟକ, ବ୍ଲକ ଶିକ୍ଷାଧିକାରୀ ସନ୍ତୋଷ ସେଠୀ, ଜିପିଓ କୁମର ପ୍ରଧାନ ପ୍ରମୁଖ ତାଲିମ ପ୍ରଦାନ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଂଘବଦ୍ଧ ଆକ୍ରମଣ, ୨ ଗୁରୁତର

**ସାଲେପୁର, ୬।୨(ଡି.ଏନ.ଏ.)**

ସାଲେପୁର ଥାନା ଅଧୀନ ମିର୍ଜାପୁର ପଞ୍ଚାୟତ ମାତନଗର ଗାଁର ୪ ପରିବାର ସଦସ୍ୟଙ୍କ ସଂଘବଦ୍ଧ ଆକ୍ରମଣରେ ୨ ଗୁରୁତର ହୋଇଥିବାବେଳେ ୨ ଜଣ ଆହତ ହୋଇଥିବା ଅଭିଯୋଗ ହୋଇଛି। ମାତନଗର ଗାଁର ସାଇରା ବାନୁଙ୍କ ଅଭିଯୋଗ ମୁତାବକ, କୌଣସି କାରଣରୁ କିଛିଦିନ ହେବ ତାଙ୍କ ବାପା ସୟଦ ଇବ୍ରାର ଅଲ୍ଲୀଙ୍କ ଘରେ ରହୁଛନ୍ତି। ହେଲେ ଶନିବାର ସକାଳ ୬ଟାରେ ସେ ଘରେ ଶୋଇଥିବା ବେଳେ ହଠାତ୍ ୟୁନୁସ ବକ୍ସଙ୍କ ସ୍ତ୍ରୀ ରଜା ବିବି ତାଙ୍କ ଘର ସମ୍ମୁଖରେ ଠିଆ ହୋଇ ଭିତରକୁ ଅଳିଆ ଫୋପାଡ଼ିବା ସହ ଗାଳିଗୁଲଜ କରିଥିଲେ। ଏହାକୁ ସାଇରାଙ୍କ ପରିବାର ବିରୋଧ କରିବାରୁ ୟୁନୁସ ବକ୍ସ, ୟୁସୁଫ ବକ୍ସ, ମେହେମୁଦ ବକ୍ସ, ମାମୁଦ ବକ୍ସଙ୍କ ପରିବାର ଲୋକମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ସାଇରାଙ୍କ ବାପଘରର ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବଡ ବାପାଙ୍କ ପୁଅ ସୟଦ ମକ୍‌ସୁଦ ଅଲ୍ଲୀଙ୍କ ମୁଣ୍ଡ ଫାଟି ଯାଇଛି। ଆକ୍ରମଣରେ ମକ୍‌ସୁଦଙ୍କ ବାପା ମୁକ୍ତାର ଅଲ୍ଲୀ, ସାଇରା ଓ ତାଙ୍କ ବାପା ଆହତ ହୋଇଛନ୍ତି। ଗୁରୁତର ମକ୍ ସୁଦ ଓ ମୁକ୍ତାର ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସାଇରାଙ୍କ ଅଭିଯୋଗକ୍ରମେ ୧୭ଜଣଙ୍କ ନାମରେ ନଂ. ୪୯/୨୨ରେ ମାମଲା ରୁଜୁ ହୋଇଛି। ସେହିପରି ଇଲାଜ ବକ୍ସଙ୍କ ଅଭିଯୋଗକ୍ରମେ ୭ଜଣଙ୍କ ନାମରେ ୫୦/୨୨ରେ ମାମଲା ରୁଜୁ ହୋଇଛି।

## ଲତାଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା

**କଟକ ଅଫିସ/ବାଙ୍କୀ,୬।୨(ସ୍ୱ.ପ୍ର.)**

ବିଶିଷ୍ଟ କଣ୍ଠଶିଳ୍ପୀ ଲତା ମଙ୍ଗେସକରଙ୍କ ବିୟୋଗରେ କଟକ ଫିରିଙ୍ଗିବଜାର ପୂଜା କମିଟି ଏବଂ ଓଡ଼ିଶା ମେଲୋଡି ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଫିରିଙ୍ଗିବଜାର ପୂଜା କମିଟି ସମ୍ପାଦକ ନରେଶ ସାହୁ, ଓଡ଼ିଶା ମେଲୋଡି ଆସୋସିଏଶନ ସଭାପତି ନିଲୁ ମହାନ୍ତି, ସମ୍ପାଦକ ଶ୍ୟାମ କୁମାର, କଣ୍ଠଶିଳ୍ପୀ ଦୀପକ ବାଯୋରିଆ, ମହମ୍ମଦ ଆବିଦ୍, କୁସୁନ ମହାନ୍ତି, ବୀରେନ୍ଦ୍ର ଦାସ, ଅଞ୍ଜନ୍ ମାହାନା, ପ୍ରଦୀପ ମହାପାତ୍ର, ପ୍ରଭାତ ବୋଷ ଏବଂ ବିଶିଷ୍ଟ ଯୋଗ ଶିକ୍ଷକ କିଶୋର ସାଗର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଐକ୍ୟତା, ତିନିକୋଣିଆ ବଗିଚା ପୂଜା କମିଟି ଏବଂ କଟକର ଅନ୍ୟାନ୍ୟ ତେଲୁଗୁ ସଙ୍ଗଠନ ପକ୍ଷରୁ ଲତା ମଙ୍ଗେସକରଙ୍କ ଆତ୍ମାର ସଦ୍‌ଗତି କାମନା କରି ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ଶୋଭାଯାତ୍ରା ତିନିକୋଣିଆ ବଗିଚାଠାରୁ ବାହାରି ଗୌରୀଶଙ୍କର ପାର୍କ ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ଐକ୍ୟତା ସଙ୍ଗଠନ ସଭାପତି କୋନପଲ ଦୁର୍ଗାପ୍ରସାଦ, ସାଧାରଣ ସମ୍ପାଦକ କନୁରୀ ରାମାରାଓ, କୃଷ୍ଣଚନ୍ଦ୍ର ବେହେରା, ଇଭାଟୁରି ଶୁଭ୍ରମନ୍ୟମ୍, ସି.ଭି. ଶାସ୍ତ୍ରୀ, ବି. ଜଗନ୍ନାଥ ରାଓ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଅନୁଷ୍ଠାନ ପକ୍ଷରୁ ଲତା ମଙ୍ଗେସ୍‌କରଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ସୁନୀଲ କୁମାର ମିଶ୍ରଙ୍କ ସଭାପତିତ୍ୱ ସଭା ହୋଇଥିଲା। ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କାମଦେବ ମହାପାତ୍ର, ହୃଦାନନ୍ଦ ପ୍ରହରାଜ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ସତ୍ୟଜିତ ଦାସ ପ୍ରମୁଖ ଯୋଗଦାନ କରି ଶୋକ ପ୍ରକାଶ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ଖବର ସଂଗ୍ରହ ବେଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ମୃତ୍ୟୁ ଘଟିଥିବା ଧରିତ୍ରୀ ଖବରଦାତା ରୋହିତ ବିଶ୍ୱାଳଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ପୁରୀ ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶ୍ରୀମନ୍ଦିର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି।

## ଧାନ ସଂଗ୍ରହରେ ମନ୍ଥରତା: ଚାଷୀ ହତାଶ

**କଟକ ସଦର, ୬।୨ (ଡି.ଏନ୍.ଏ.)**

ଫେବୃୟାରୀ ପ୍ରଥମ ସପ୍ତାହ ମଧ୍ୟରେ କଟକ ସଦର ବ୍ଲକ ଅନ୍ତର୍ଗତ ୧୦ଟି ସେବା ସମବାୟ ସମିତି ଜରିଆରେ ମାତ୍ର ୨୮୦୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇପାରିଛି। ୨୦୨୧ ମସିହା ଏହି ସମୟରେ ପ୍ରାୟ ୩୪, ୮୦୦ କୁଇଣ୍ଟାଲ ଧାନ ପଞ୍ଜୀକୃତ ଚାଷୀମାନଙ୍କଠାରୁ କିଣାଯାଇଥିଲା। ଧାନ ସଂଗ୍ରହରେ ମନ୍ଥରତା ଯୋଗୁ ଚାଷୀମାନେ ହତାଶ ହୋଇପଡିଛନ୍ତି। କାରଣ ମାର୍ଚ୍ଚ ସୁଦ୍ଧା ଏହି ବ୍ଲକର ଚାଷୀମାନଙ୍କଠାରୁ ୭୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ମିଲରମାନେ ଏତିକି ପରିମାଣର ଧାନ କଟକ ସଦର ବ୍ଲକ ଅଞ୍ଚଳରୁ କିଣିବେ କି ନାହିଁ ସେନେଇ ସନ୍ଦେହ ସୃଷ୍ଟି ହୋଇଛି। କାରଣ ମିଲରମାନେ ଯେତିକି ଟଙ୍କା ସରକାରଙ୍କ ପାଖରେ ଜମା କରିବେ ତାହାର ୬ ଗୁଣ ଟଙ୍କାର ଧାନ ନେବେ। ଶେଷ ମୁହୂର୍ତ୍ତରେ ଟଙ୍କା ଜମା ନ କଲେ ଧାନ କିଣାଯାଇ ପାରିବନାହିଁ। ବର୍ଷା ଯୋଗୁ ପାଚିଲା ଧାନ ନଷ୍ଟ ହୋଇଥିବାରୁ ମିଲରମାନେ କୁଇଣ୍ଟାଲ ପିଛା ୩ କିଲୋ କାଟ ନେଉଛନ୍ତି। ଅନେକ ସ୍ଥାନରେ ଚାଷୀମାନଙ୍କଠାରୁ କୁଇଣ୍ଟାଲ ପିଛା ୩ରୁ ୫ କିଲୋ ଧାନ କାଟ ଆକାରରେ ରଖାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଚାଷୀମାନେ ମଣ୍ଡିରେ ଅଭିଯୋଗ କଲେ ମଧ୍ୟ ଶୁଣିବାକୁ କେହି ନାହାନ୍ତି। ସମସ୍ୟା ସମ୍ପର୍କରେ ଧାନ କ୍ରୟ ଦାୟିତ୍ୱରେ ଥିବା ଜିଲା ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର କହିଛନ୍ତି, ପ୍ରତି ପାଳିରେ ଯୋଗାଣ ନୀରିକ୍ଷକମାନେ ମଣ୍ଡିରେ ପହଞ୍ଚି ଉପସ୍ଥିତ ଚାଷୀମାନଙ୍କର ବୟାନ ରେକର୍ଡ କରିବାକୁ କୁହାଯାଇଛି। ସବୁ ଚାଷୀଙ୍କଠାରୁ ଧାନ କିଣିବା ପାଇଁ ଉଦ୍ୟମ କରାଯାଉଛି। ଏପର୍ଯ୍ୟନ୍ତ ଜିଲାର ୧୪ଟି ବ୍ଲକରୁ ୩ ଲକ୍ଷ ୮୦ ହଜାର କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ବୋଲି ମିଶ୍ର କହିଥିଲେ।